ଭିରେଶଲିଙ୍ଗମ

ଭି. ଆର. ନାରଲା

OR
891.482 4
V 519 N

V 519 N

INDIAN INSTITUTE
OF
ADVANCED STUDY
LIBRARY, SHIMLA



ବୀରେଶଲିଙ୍ଗମ

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜୁନ କୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାଶନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନି ଜଣ ଜ୍ୟୋତିଷ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଚାଲିଛନ୍ତି । ଅନୁମାନ, ଏହା ଭାରତର ଲିଖନ କଳାର ପ୍ରାଚୀନତମ ଚିତ୍ରରୂପ ।

ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

ବୀରେଶଲିଙ୍ଗମ

ଭି. ଆର. ନାର୍ଲା

ଅନୁବାଦ

ରତ୍ନାକର ଚଇନି

ସାହିତ୍ୟ ଅକାଦେମି

Veeresalingam : Translated into Oriya by Ratnakar Chaini from the same title in English by V.R N--'- Sahitya Akademi, New Delhi, 1990,

SAHITYA AKADEMI
REVISED PRICE Rs. 15.00

© ସାହିତ୍ୟ ଅକାଦେମି

OR
891.482 4
V 519 N

ପ୍ରଥମ ପ୍ରକାଶ ୧୯୯୦

ସାହିତ୍ୟ ଅକାଦେମି

ରବୀନ୍ଦ୍ର ଭବନ, ୩୫, ଫିରୋଜଶାହ ରୋଡ଼, ନୂଆଦିଲ୍ଲୀ ୧୧୦୦୦୧

ବିକ୍ରୟ କେନ୍ଦ୍ର :

'ସ୍ୱାତୀ', ମନ୍ଦିର ମାର୍ଗ, ନୂଆଦିଲ୍ଲୀ ୧୧୦୦୦୧

ଶାଖା ଅଫିସ :

ଜୀବନତାରା ଭବନ, ୨୩ ଏ / ୪୪ ଏକ୍ସ, ଡାଇମଣ୍ଡ ହାରବର ରୋଡ଼, କଲିକତା ୭୦୦୦୫୩

୨୯, ଏଲଡାମ୍ସ ରୋଡ଼, ତେୟନାମ୍ ପେଟ, ମାଡ୍ରାସ ୭୦୦୦୧୮

୧୭୨, ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦର, ବମ୍ବେ ୪୦୦୦୧୪

SAHITYA AKADEMI
REVISED PRICE Rs. 15.00

Indian Institute of Advanced Study
117825
31/12/04

ମୁଦ୍ରକ :

ପଦ୍ମାଳୟା ପ୍ରକାଶନୀ

ଶଙ୍କରପୁର, କଟକ ୭୫୩୦୦୧

Library IIAS, Shimla
OR 891.482 4 V 519 N
00117825

ଉପକ୍ରମଣିକା

ଆଧୁନିକ ଭାରତୀୟ ନବ ଜାଗରଣର ପ୍ରଥମ ଝଲକ ଅଷ୍ଟାଦଶ ଶତକର ଶେଷପାଦରୁ ହିଁ ଦେଖିବାକୁ ମିଳେ । ମାତ୍ର ପ୍ରକୃତରେ ଏହି ନବଚେତନା ତା'ର ଶକ୍ତି ଓ ଗତିଶୀଳତା ଲାଭ କଲା ଊନବିଂଶ ଶତକର ପ୍ରଥମାର୍ଦ୍ଧରୁ । ବଙ୍ଗଳା ଏ କ୍ଷେତ୍ରରେ ଅଗ୍ରଣୀ ଥିଲା । ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିର ଶକ୍ତିଶାଳୀ ପ୍ରଭାବ ଦ୍ୱାରା ଭାରତର ଏହି ପ୍ରଦେଶରେ ପ୍ରଥମେ ରକ୍ଷଣଶୀଳ ଅତୀତର ସମସ୍ତ ଶୃଙ୍ଖଳ ଛିନ୍ନ ହୋଇଥିଲା । ଏକ ଖୋଲା ମନ ନେଇ, ଉପନିଷଦ ଓ ବୌଦ୍ଧ ଚେତନାର ପ୍ରାଥମିକ ସ୍ମୃତିକୁ ସମ୍ବଳ କରି, ବଙ୍ଗଳାର ବୁଦ୍ଧିଜୀବୀମାନେ ପ୍ରତ୍ୟେକ ଧର୍ମାନ୍ଧତା ବିରୁଦ୍ଧରେ ପ୍ରଶ୍ନବାଚୀ ତୋଳିଲେ—ପ୍ରତ୍ୟେକ ପ୍ରତ୍ୟେକ ବିଶ୍ୱାସ ଓ ଧାରଣାକୁ ପରୀକ୍ଷା କଲେ, ପ୍ରତ୍ୟେକ ପ୍ରଥା ଓ ପରମ୍ପରାକୁ ନିରୀକ୍ଷା କଲେ । ଜାତୀୟ ପରମ୍ପରା ପାଇଁ ଯାହା-ସବୁ ଅସଙ୍ଗତ, ଅବକ୍ଷୟଧର୍ମୀ ଓ ପଶ୍ଚାତ୍‌ଗାମୀ ହୋଇ ପଡ଼ିଥିଲା, ସେ ସବୁକୁ କଠୋରଭାବେ ପରିତ୍ୟାଗ କଲେ । ତା'ଛଡ଼ା ସେମାନେ ପାଶ୍ଚାତ୍ୟ ଜଗତର ଯାହାକୁ ଯୁକ୍ତିସିଦ୍ଧ, ବିଜ୍ଞାନସମ୍ମତ, ଉଦାର ଓ ପ୍ରଗତିଶୀଳ ମନେକଲେ, ସେସବୁକୁ ସ୍ୱାଗତ କଲେ । ମାତ୍ର ଏକଥା ମଧ୍ୟ ସତ ଯେ କେତେକ ଏସବୁ ପ୍ରତି ଅତି ଆଗ୍ରହ ଦେଖାଇବାକୁ ଯାଇ ରକ୍ଷଣଶୀଳ ହିନ୍ଦୁ ଘରକୁ ଗୋମାଂସ ଫିଙ୍ଗିଥିଲେ ଏବଂ ନିଜେ ଅତ୍ୟଧିକ ମଦ୍ୟପାନରେ ବୁଡ଼ି ରହୁଥିଲେ । ସେମାନଙ୍କର ଏଭଳି କେତେକ ବ୍ୟତିକ୍ରମ ସତ୍ତ୍ୱେ, ସେମାନେ ବାସ୍ତବରେ ଥିଲେ ଏକ ନବ ପ୍ରଭାତର ଅଗ୍ରଗାମୀ ଦୂତ ।

ଏହି ନବଜାଗରଣ ବଙ୍ଗଳାରୁ ଆନ୍ଧ୍ରପ୍ରଦେଶକୁ ଆସିବାକୁ ବେଶ୍ କିଛି ବର୍ଷ ନେଇଥିଲା । ମାତ୍ର ଊନବିଂଶ ଶତାବ୍ଦୀର ଶେଷ ପାଦରେ ଏହା ଆନ୍ଧ୍ରରେ ପହଞ୍ଚିଲା ବେଳକୁ ଜଣେ ସାହସୀ ସମର୍ଥ ପୁରୁଷ କାଣ୍ଡୁକୁରି ବୀରେଶଲିଙ୍ଗମ୍‌ଙ୍କୁ ଭେଟିଲା । ବୀରେଶଲିଙ୍ଗମ୍ ବିଗତଦିନର ଅଭାବବୋଧକୁ ପୂରଣ କରିବା ପାଇଁ କେବଳ ରାଜା ରାମମୋହନ ରାୟଙ୍କ କାର୍ଯ୍ୟାବଳୀକୁ ହାତକୁ ନେଲେ ନାହିଁ—ସେ ଦେବେନ୍ଦ୍ରନାଥ ଠାକୁର, କେଶବ ଚନ୍ଦ୍ର ଓ ଶିବନାଥ ଶାସ୍ତ୍ରୀଙ୍କ ଭଳି ମହାନ୍ ଧର୍ମସଂସ୍କାରକଙ୍କ କାର୍ଯ୍ୟାବଳୀକୁ ମଧ୍ୟ ହାତକୁ ନେଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ କାର୍ଯ୍ୟକୁ ଆଗେଇ ନେବା ପାଇଁ ସେ ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ କଠିନ ପରିଶ୍ରମ କରିଥିଲେ । ନୂତନ ବଙ୍ଗଳା ଗଦ୍ୟ-ସାହିତ୍ୟର ବିକାଶ କ୍ଷେତ୍ରରେ ରାମମୋହନ ରାୟ ଓ ବିଦ୍ୟାସାଗରଙ୍କ ଭୂମିକା ସମ୍ବନ୍ଧରେ ସେ ଅବଗତ ନହୋଇ ସୁଦ୍ଧା ନୂତନ ଭାବ-ଚେତନା ପ୍ରକାଶ ପାଇଁ ସେ ତେଲୁଗୁ ନବ-ଗଦ୍ୟ-ଶୈଳୀର ପ୍ରାଣ-ପ୍ରତିଷ୍ଠାତା ହୋଇଥିଲେ । ପୁଣି ଏକାକୀ ବଙ୍କିମଚନ୍ଦ୍ର ଚଟ୍ଟାର୍ଜୀଙ୍କ

ଲେଖାର ପ୍ରଭାବରେ ଆସି ସେ ତେଲଗୁ ନୂତନ ସାହିତ୍ୟ ଧାରାର ଅଗ୍ରଣୀ ହୋଇ ଥିଲେ । ଏସବୁ ଥିଲା ଅତି-ମାନବର କାର୍ଯ୍ୟ; କିନ୍ତୁ ଏଗୁଡ଼ିକ ନିକଟରେ ସେ ଭାଙ୍ଗି ପଡ଼ି ନଥିଲେ । ସେ (ରଘୁପତି ଭେଙ୍କଟରତ୍ନମ୍‌ଙ୍କ ଭାଷାରେ) 'ଶତବାହୁ' ହୋଇ ଏକାଥରକେ ଏସବୁକୁ ଅଙ୍ଗୀକାର କରିନେଇଥିଲେ । ପରିଶେଷରେ ସେ ନିଜର ଶକ୍ତିଶାଳୀ ବ୍ୟକ୍ତିତ୍ୱ ବଳରେ ତାଙ୍କ ପରିପାର୍ଶ୍ୱର ଜନଜୀବନ ଉପରେ ଗଭୀର ପ୍ରଭାବ ବିସ୍ତାର କରିପାରିଥିଲେ । ସେ ସେମାନଙ୍କର ମଧ୍ୟ ଯୁଗୀୟ ଚିନ୍ତାଧାରାକୁ ଅପରାଇ ଦେଇଥିଲେ, ସେମାନଙ୍କ ଅଜ୍ଞତାକୁ କଶାଘାତ କରିଥିଲେ, ଏବଂ ସେମାନଙ୍କର ଅସଂଖ୍ୟ ଅନ୍ଧବିଶ୍ୱାସର ମୁଖା ଖୋଲି ଦେଇଥିଲେ । ସେ ସେମାନଙ୍କର ପୁରୁଣା ଚିନ୍ତାଧାରା ଓ ଜୀବନଧାରାକୁ ପରିବର୍ତ୍ତନ କରିବାପାଇଁ ଏକ ଆଧୁନିକ, ପ୍ରଗତିଶୀଳ ତଥା ମାନବୀୟ ପ୍ରାଣପ୍ରବାହ ସୃଷ୍ଟି କରିଥିଲେ । ରାଜାଜୀଙ୍କ ଭାଷାରେ :

> ବୀରେଶଲିଙ୍ଗମ୍ ଯଦି ଜୀବନଶକ୍ତି ଦେବାକୁ ଆବିର୍ଭୂତ ହୋଇ ନଥାନ୍ତେ, ତେବେ ଆନ୍ଧ୍ର ଦେଶ ଓ ଆନ୍ଧ୍ର ଲୋକେ ଆଜି ଯାହା ହୋଇଛନ୍ତି, ତାହା କଦାପି ହୋଇ ପାରି ନଥାନ୍ତେ । ସେ ଭାରତର ଜଣେ ମହାନ୍ ପୁରୁଷ, ଯାହାଙ୍କର ଗଭୀର ଅନ୍ତର୍ଦୃଷ୍ଟି, ଅସୀମ ସାହସ ଓ ସମୟୋପଯୋଗୀ ସାମର୍ଥ୍ୟ ଥିଲା । ସେ ଅସତ୍ୟ ବିରୁଦ୍ଧରେ ସଂଗ୍ରାମ କରୁଥିଲେ ଏବଂ ଆସୁରିକ ଶକ୍ତି ଧରି ପ୍ରଗତିକୁ ଅଗ୍ରଗାମୀ କରୁଥିଲେ ।

ରାଜାଜୀ ଯେଉଁ ଅଞ୍ଚଳକୁ ଆନ୍ଧ୍ର ଦେଶ ବୋଲି ଉଲ୍ଲେଖ କରିଛନ୍ତି, ବୀରେଶ-ଲିଙ୍ଗମ୍‌ଙ୍କ ଜୀବନକାଳ ଭିତରେ ତାହା ଥିଲା ପ୍ରାଚୀନ ମାନ୍ଦ୍ରାସ ପ୍ରେସିଡ଼େନ୍‌ସିର ଏକ ଅଂଶ ବିଶେଷ । ସମଗ୍ର ତାମିଲନାଡୁ, ମହୀଶୂର ଓ କେରଳର କେତେକାଂଶ ତାହାର ସୀମା ଭିତରେ ଥିଲା । ବୀରେଶଲିଙ୍ଗମ୍ କିଛି ବର୍ଷ ମାନ୍ଦ୍ରାଜରେ ଅବସ୍ଥାନ କରିଥିଲେ । ତା'ଛଡ଼ା ସେ ବରାବର ବାଙ୍ଗାଲୋର ଭ୍ରମଣରେ ଯାଉଥିଲେ । ତେଣୁ ସେ କେବଳ ତାଙ୍କ ନିଜ ଆନ୍ଧ୍ର ପ୍ରଦେଶକୁ ନୁହେଁ, ସମଗ୍ର ଦକ୍ଷିଣ ଭାରତକୁ ପ୍ରଭାବିତ କରିପାରିଥିଲେ । ମହାଦେବ ଗୋବିନ୍ଦ ରାଣାଡ଼େଙ୍କ ଭାଷାରେ—"ସେ ହେଉଛନ୍ତି ଦକ୍ଷିଣ ଭାରତର ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ।"

ଶୃଙ୍ଖଳାରେ ଓ ମନୋଭାବରେ ବୀରେଶଲିଙ୍ଗମ୍ ଥିଲେ ଜଣେ ବିଜ୍ଞ ବ୍ୟକ୍ତି । ସେ କେବଳ ତାଙ୍କର ସାହିତ୍ୟ ଜଗତରେ ସୀମିତ ନଥିଲେ । ତା' ହୋଇଥିଲେ ସେ ତାଙ୍କ ଜୀବନକାଳ ଭିତରେ ଯେଉଁ ମହାନ୍ ପରିବର୍ତ୍ତନ ଆଣି ପାରିଥିଲେ ତାହାର କାଣିଚାଏ ବି ସମ୍ଭବ ହୋଇପାରି ନଥାନ୍ତା । ସେ ପୂର୍ଣ୍ଣ ସଚେତନ ଥିଲେ ଯେ, ଉତ୍ତମ ଗୁଣ ସମ୍ପନ୍ନ ସାହିତ୍ୟ ହିଁ ସମାଜ ଉପରେ ସଶକ୍ତ ପ୍ରଭାବ ପକାଇ ପାରିବ । ସେଥିପାଇଁ ସେ ତାଙ୍କ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ସାହିତ୍ୟ-ସୃଷ୍ଟିରେ ବିନିଯୋଗ କରିଥିଲେ । ସେ ଅନୁଭବ କରିଥିଲେ ଯେ ତାଙ୍କ ସମସ୍ତ ଜଣେ ବୁଦ୍ଧିଜୀବୀଙ୍କ ସ୍ୱାହିବା ସଙ୍ଗେ

ସଙ୍ଗେ ଜଣେ କର୍ମଚାରୀଙ୍କୁ ଖୋଜୁଛି । ତେଣୁ ସେ ତାଙ୍କ ଡାଏରୀରେ ନିଜପାଇଁ ଉଲ୍ଲେଖ କରିଥିଲେ—"କେବଳ ପୁସ୍ତକ ପ୍ରକାଶ କରିବା ଏବେ ମୂଲ୍ୟହୀନ । ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀ ବିଷୟ ହେଉଛି ଆମେ ସତ୍ୟ ବୋଲି ମନେ କରୁଥିବା ପ୍ରତ୍ୟେକଟି ଭାବନାକୁ କାର୍ଯ୍ୟକାରୀ କରିବାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ, ସାହସ ଓ ପ୍ରସ୍ତୁତି ।" ତାଙ୍କ ବ୍ୟକ୍ତିତ୍ୱର ବିଶିଷ୍ଟ ଦିଗ ଥିଲା ଧାର୍ମିକ ଓ ସାମାଜିକ ସଂସ୍କାର ଆଣିବା କ୍ଷେତ୍ରରେ ସାହସ ଓ ସତ୍ୟ ବୋଲି ହୃଦବୋଧ ହେଉଥିବା କର୍ମକୁ କାର୍ଯ୍ୟକାରୀ କରିବାବେଳେ, ଆପଦ ବିପଦକୁ ସହି ଯିବାର ଧୈର୍ଯ୍ୟ । କାହା ସହିତ ସାଲିସ ନ କରି, ନିଜ ପ୍ରଗଲ୍‌ଭତାକୁ ସଂଯତ କରି ଓ ସକଳ ବିରୋଧ ଶକ୍ତିକୁ ପ୍ରତିହତ କରି ସେ ଅବିରାମ ଗତିରେ ଆଗେଇ ଚାଲିଥିଲେ ।

ବିରେଶଲିଙ୍ଗମ୍‌ଙ୍କ ଧାର୍ମିକ, ସାମାଜିକ କିମ୍ବା ଶିକ୍ଷାଗତ ଆଦର୍ଶର ମୌଳିକତା ସମ୍ବନ୍ଧରେ କେହି ହୁଏତ ପ୍ରଶ୍ନ ଉଠାଇ ପାରନ୍ତି, କିନ୍ତୁ ଏସବୁକୁ କାର୍ଯ୍ୟକାରୀ କରିବାର ତାଙ୍କ ଦକ୍ଷତା ସମ୍ବନ୍ଧରେ କେହି ଦ୍ୱିମତ ହେବେ ନାହିଁ । କାହାରି ଉଦ୍ଦେଶ୍ୟରେ ଅସମ୍ମାନ ପ୍ରଦର୍ଶନ ନକରି ଏକଥା କୁହାଯାଇ ପାରେ ଯେ ରାଜା ରାମମୋହନ ରାୟ କିମ୍ବା ଦେବେନ୍ଦ୍ରନାଥ ଠାକୁର, କେହି ତାଙ୍କର ବ୍ରାହ୍ମଣତ୍ୱର ପ୍ରତୀକ ଯଜ୍ଞୋପବୀତକୁ ପରିତ୍ୟାଗ କରି ପାରି ନ ଥିଲେ—ଯଦିଓ ସେମାନେ ହିନ୍ଦୁ ଧର୍ମର ବହୁ ବାହ୍ୟିକ ରୂଢ଼ି ପ୍ରଥାକୁ ତ୍ୟାଗ କରିଥିଲେ । ମାତ୍ର ବୀରେଶଲିଙ୍ଗମ୍‌ଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ତାଙ୍କ ମୃତ୍ୟୁ (ଖ୍ରୀ: ୧୯୧୯)ର ତେର ବର୍ଷ ପୂର୍ବରୁ ସେ ନିଜର ଯଜ୍ଞୋପବୀତ ବର୍ଜନ କରିବା ସଙ୍ଗେ ସଙ୍ଗେ ନିଜ ଜାତି ମଧ୍ୟ ତ୍ୟାଗ କରିଥିଲେ । ଏଭଳି ପଦକ୍ଷେପ ସେ ବହୁ ଆଗରୁ ନେଇ ପାରିଥାଆନ୍ତେ, ମାତ୍ର ତାଙ୍କର ଭୟ ଥିଲା ଯେ ତାହାର କୁପ୍ରଭାବ ତାଙ୍କର ବିଧବା ବିବାହ ଆନ୍ଦୋଳନ ଉପରେ ପଡ଼ିପାରେ ।

ତାଙ୍କ ଅଧ୍ୟବସାୟ ଓ ନିଷ୍ଠାର ଆଉ ଦୁଇଟି ଉଦାହରଣ ଏଠାରେ ଉଲ୍ଲେଖ କରାଯାଇପାରେ । ବିଦ୍ୟାସାଗର ତାଙ୍କ ମୃତ୍ୟୁ (ଖ୍ରୀ: ୧୮୯୧)ର ବହୁପୂର୍ବରୁ ନିଜେ ସୃଷ୍ଟି କରିଥିବା ବିଧବା ବିବାହ ଭଳି ସଂସ୍କାର ଉପରୁ ଆଗ୍ରହ କମାଇ ଦେଇଥିଲେ କେବଳ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ଉଦାସୀନତା ଓ ବିରୋଧୀମାନଙ୍କ ବିଷ ଦୃଷ୍ଟି ହେତୁ । ମାତ୍ର ବୀରେଶଲିଙ୍ଗମ୍ କେବଳ ଯେ କ୍ରମବର୍ଦ୍ଧିଷ୍ଣୁ ଉଦାସୀନତା ଓ ବିରୋଧୀ ଶକ୍ତିକୁ ମୁକାବିଲା କଲେ ତା ନୁହେଁ ବରଂ ବାଲ୍ୟ ବିଧବାଙ୍କ ସୁରକ୍ଷା ପାଇଁ ସେ ନିଜ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସାଲିସହୀନ ସଂଗ୍ରାମ ଚଳାଇଥିଲେ । ପୁଣି ସେ ଅନ୍ୟ ଏକ ଅବସରରେ ନିଜକୁ ରାଣାଡ଼େଙ୍କ ଠାରୁ ଅଧିକ ସାହସୀ ପ୍ରମାଣିତ କରିଥିଲେ । ଖ୍ରୀଷ୍ଟିଆନ୍ ମିସନାରୀଙ୍କ ତରଫରୁ ଆୟୋଜିତ ହୋଇଥିବା ଏକ ଟି' ଭୋଜିରେ ଯୋଗଦାନ କରିଥିବାରୁ ରାଣାଡ଼େଙ୍କୁ ଜାତିରୁ ବହିଷ୍କାର କରିବାର

ଧମକ ଦିଆଯିବା ଯୋଗୁଁ ସେ ପ୍ରାୟଶ୍ଚିତ କରିଥିଲେ । ମାତ୍ର ଏହାର ଠିକ୍ ବିପରୀତ
ଘଟଣା ଦେଖିବାକୁ ମିଳିଥିଲା ବୀରେଶଲିଙ୍ଗମ୍‌ଙ୍କ କ୍ଷେତ୍ରରେ । ବିରୁପାକ୍ଷ ପୀଠରେ
ଶଙ୍କରାଚାର୍ଯ୍ୟ ତାଙ୍କୁ ଜାତିରୁ ବହିଷ୍କାର କରିବାର ଆଦେଶ ଦେବାରୁ ସେ ସେହି
କାଗଜ ଖଣ୍ଡିକୁ ତାଙ୍କ ମୁହଁ ଉପରକୁ ଫିଙ୍ଗି ଦେଇଥିଲେ ।

ବୀରେଶଲିଙ୍ଗମଙ୍କ ସପକ୍ଷରେ ଯୁକ୍ତି କରି ତାଙ୍କୁ ବିଦ୍ୟାସାଗର, ରାମ-
ମୋହନ ରାୟ, ଦେବେନ୍ଦ୍ର ନାଥ କିମ୍ବା ରାଣାଡ଼େଙ୍କଠାରୁ ବଡ଼ ମନୀଷୀ ବୋଲି ଦାବ
କରିବା ମୋର ଉଦ୍ଦେଶ୍ୟ ନୁହେଁ । ଏକଥା ଶୁଣିଥିଲେ ସେ ହୁଏତ ଉତ୍ତ୍ୟକ୍ତ ହୋଇ
ଏହାକୁ ତୀବ୍ର ଭାବେ ଖଣ୍ଡନ କରି ଥାଆନ୍ତେ । ବାସ୍ତବରେ ସେ ନିଜକୁ ଏହି ମହା-
ମନୀଷୀମାନଙ୍କର ବିଶ୍ୱସ୍ତ ଅନୁଗାମୀ ବୋଲି ଭାବୁଥିଲେ । ମୌଳିକ ଚିନ୍ତା ଓ ବୁଦ୍ଧି-
ମତ୍ତାରେ ସେ ଯଦିଓ ଏମାନଙ୍କଠାରୁ କିଛି କମ୍ ସ୍ତରରେ ଥିଲେ, ତଥାପି ସେ
ସେହି ବରେଣ୍ୟ ଅଗ୍ରଜମାନଙ୍କଠାରୁ ଅଧିକ ଦୃଢ଼ମନା ଥିଲେ । ପ୍ରତ୍ୟେକ ପରି-
ସ୍ଥିତିରେ ସେ ସର୍ବଦା ନିଜ ସାହସ ଓ ବିଶ୍ୱାସର ବଳିଷ୍ଠ ପରିଚୟ ଦେଉଥିଲେ
ରାଣାଡ଼େ ନିଜ ଜୀବନର ଶ୍ରେଷ୍ଠ ଶ୍ରେଷ୍ଠ ତ୍ରୁଟି ଗୁଡ଼ିକୁ ଠିକ୍ ବୋଲି ପ୍ରମାଣ କରିବ
ପାଇଁ ତାଙ୍କ ବନ୍ଧୁ କେ. ଟି. ତେଲଙ୍ଗଙ୍କ ପାଖକୁ ଏକ ପତ୍ରରେ ଲେଖିଥିଲେ—
"କେତେକ ବିଷୟ ଅଛି, ଯେଉଁଥିରୁ ଆମେ ଅଲଗା ହୋଇ ରହିବା ଉଚିତ । କି
କେବଳ ଅଲଗା ହେବା ଉଦ୍ଦେଶ୍ୟରେ ସବୁ ଘଟଣାଠାରୁ ଅଲଗା ହୋଇ ରହିବ
ଆଦୌ ଯୁକ୍ତି ସଙ୍ଗତ ନୁହେଁ ।" କିନ୍ତୁ ବୀରେଶଲିଙ୍ଗମ ସାନବଡ଼ ସବୁ ଘଟଣାରେ
ଥିଲେ ସାଲିସହୀନ ବ୍ୟକ୍ତି । ସେ ଭାଙ୍ଗି ଯିବେ ପଛେ, ନଇଁବେ ନାହିଁ । ସେ ଶାରୀରି
ରୁଗ୍‌ଣ ଓ ଦୁର୍ବଳ ଥିଲେ । ତଥାପି ଯେଉଁ ଘଟଣାରେ ହୃଦବୋଧ ହେଉଥିଲ
ସେଠି ସେ ଥିଲେ ଇସ୍ପାତ ଭଳି କଠିନ ।

ଅର୍ଦ୍ଧ-ଶତାବ୍ଦୀରୁ ଅଧିକ କାଳ ସେ ଦକ୍ଷିଣ ଭାରତର ରଙ୍ଗମଞ୍ଚରେ ଜଣେ
ପରାକ୍ରମୀ ପୁରୁଷ ହିସାବରେ ସାଧାରଣ ଜୀବନ କ୍ଷେତ୍ରରେ ଅପ୍ରତିଦ୍ୱନ୍ଦ୍ୱୀ ନାୟ
ଥିଲେ । ତା ସତ୍ତ୍ୱେ ବି ସେ ଐତିହାସିକମାନଙ୍କଠାରୁ ତାଙ୍କର ନାଯ୍ୟ ସମ୍ମାନ ପା
ପାରି ନାହାନ୍ତି । ଏସ୍. ନଟରାଜନ୍ ତାଙ୍କ 'ଏ ସେଞ୍ଚୁରୀ ଅଫ୍ ସୋସିଆଲ୍ ରିଫର୍ମ
ଇନ୍ ଇଣ୍ଡିଆ' ଗ୍ରନ୍ଥରେ ବିଶେଷ ଗୁରୁତ୍ୱ ନ ଦେଇ ତାଙ୍କ ନାମ ଦୁଇଥର ମା
ଉଲ୍ଲେଖ କରିଛନ୍ତି । 'ଇଣ୍ଡିଆନ୍ ନେସନାଲିଜମ୍ ଆଣ୍ଡ ହିନ୍ଦୁ ସୋସିଆଲ୍ ରିଫର୍ମ
ନାମକ ଅନ୍ୟ ଏକ ସଦ୍ୟତମ ଗ୍ରନ୍ଥରେ ଚାର୍ଲସ୍ ଏଚ୍. ହେମସାଥ ତାଙ୍କ ସମ୍ବନ୍ଧରେ
କେବଳ ଗୋଟିଏ ବାକ୍ୟ ଲେଖିଛନ୍ତି । ଏପରିକି ଆଧୁନିକ ଭାରତୀୟ ସାହିତ୍ୟ
ଇତିହାସକାରମାନେ ତାଙ୍କୁ ଯଥାର୍ଥ ନ୍ୟାୟ ଦେଇ ନାହାନ୍ତି ।

ତେବେ କାହିଁକି ତାଙ୍କପ୍ରତି ଏଭଳି ଅବହେଳା ? ତା ହେଲେ କ
ତାଙ୍କ ଲେଖାଗୁଡ଼ିକ ତାଙ୍କ ମାତୃଭାଷା ତେଲୁଗୁରେ ଲିଖିତ ହୋଇଥିବା ଯୋଗୁ

ଏହା ଯଦି ବ୍ରାହ୍ମୀୟ ସ୍ତରରେ ସ୍ୱୀକୃତି ପାଇବାର ପ୍ରତିବନ୍ଧକର କାରଣ ହୋଇ-ଥାଏ, ତେବେ ବିଦ୍ୟାସାଗରଙ୍କ କ୍ଷେତ୍ରରେ ତାହା ଘଟିଲା ନାହିଁ କାହିଁକି ? ତାଙ୍କର ତ ପ୍ରାୟ ସବୁ ଲେଖା ବଙ୍ଗଳାରେ । ତା' ହେଲେ କ'ଣ ଏଇଥିପାଇଁ ଯେ, ସେ ଜଣେ ମହାନ୍ ଲେଖକ ରୂପେ ପରିଗଣିତ ହେବାରେ ପଛରେ ପଡ଼ି ଯାଇଛନ୍ତି ? କିମ୍ବା ଯେଉଁ ସଂସ୍କାର ଗୁଡ଼ିକ ପାଇଁ ସେ ସଂଘର୍ଷ କରିଥିଲେ ତା'ହା ଆଉ ଜୀବନ୍ତ ସମସ୍ୟା ହୋଇ ରହି ନାହିଁ ବୋଲି ? ତେବେ ଏହି କାରଣ ଯୋଗୁଁ ଅନ୍ୟାନ୍ୟ ସଂସ୍କାରକମାନେ ଅବହେଳିତ ହେଲେ ନାହିଁ କାହିଁକି ? ଅତଏବ ଏହାର କାରଣ ଖୋଜିବା ପାଇଁ ଆମକୁ ଅନ୍ୟ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ।

ସ୍ପଷ୍ଟତଃ କହିବାକୁ ଗଲେ, ଏହା ଆନ୍ଧ୍ରବାସୀଙ୍କର ନଗ୍ନ କୃତଘ୍ନତା, ଯଦିଓ ସେମାନେ କହନ୍ତି : "ବୀରେଶଲିଙ୍ଗମ୍ ଆବିର୍ଭୂତ ହୋଇ ଯଦି ସେମାନଙ୍କୁ ଜୀବନୀଶକ୍ତି ଦେଇ ନ ଥାନ୍ତେ, ତେବେ ସେମାନେ ଆଜି ଯାହା ହୋଇ ପାରିଛନ୍ତି, ତାହା କେବେ ହୋଇ ପାରି ନ ଥାନ୍ତେ ।"

ଏପରିକି ସେମାନେ କେବେ ବି ଏକଥା ଖୋଲାଖୋଲି ସ୍ୱୀକାର କରି ନାହାନ୍ତି ଯେ ସେମାନେ ଏହି ମହା-ମନୀଷୀଙ୍କ ନିକଟରେ କେତେ ଋଣୀ । ଅନ୍ୟାନ୍ୟ ଭାଷା କଥା ପଛକୁ ଥାଉ ଏବେ ମଧ୍ୟ ତେଲୁଗୁ ଭାଷାରେ ତାଙ୍କର ପ୍ରକୃତ ବ୍ୟାଖ୍ୟାତ୍ମକ ଜୀବନୀ ଲେଖା ହୋଇ ନାହିଁ । ତାଙ୍କ ଜୀବନକୁ କେନ୍ଦ୍ରକରି ତିନୋଟି ପୁସ୍ତକ ଲେଖାଯାଇଥିଲେ ମଧ୍ୟ ସେଥିରୁ ଗୋଟିଏ ହେଲେ 'ଜୀବନୀ' ପଦବାଚ୍ୟ ନୁହେଁ । ପ୍ରଥମଟି ଗୋଟିଏ ଅଖ୍ୟାତ ପଲ୍ଲୀର ଅପ୍ରସିଦ୍ଧ ସ୍କୁଲ୍ ଶିକ୍ଷକ ତୋଲେଟି ଭେଙ୍କଟ ସୁବାରାଓଙ୍କ ଦ୍ୱାରା ଲିଖିତ । ଏହା ୧୮୯୭ ମସିହା ପାଖାପାଖି ମୁଦ୍ରିତ ହୋଇଥିଲା ଓ କେତେକ ପରିବର୍ତ୍ତନ ଓ ପରିବର୍ଦ୍ଧନ ସହ ୧୯୧୧ ମସିହାରେ ପୁନଃମୁଦ୍ରିତ ହୋଇଥିଲା । ଏହା ଏକ ଅପରିପକ୍ୱ ଓ ସୌଖିନ୍ ଲେଖା । କେ. ସଥାଗୋପା-ଲ୍ରାୟାଲୁଙ୍କ ଦ୍ୱାରା ଲିଖିତ ଦ୍ୱିତୀୟ ଗ୍ରନ୍ଥଟି ମଧ୍ୟ ଏକ ପୁରୁଣା ପ୍ରକାଶନ ଏବଂ ଠିକ୍ ସେହିଭଳି ଅପରିପକ୍ୱ । ତୃତୀୟଟି ପଦ୍ୟରେ ଲିଖିତ ଓ କୌଣସି ଗୁଣରେ ଉନ୍ନତ ନୁହେଁ । ଏହାର ଲେଖିକା ହେଉଛନ୍ତି କେ ସୀତାମ୍ମା, ଯିଏକି ବୀରେଶଲିଙ୍ଗମ୍-ଙ୍କର ଶିଷ୍ୟା ଓ ଅନୁଗାମିନୀ । ତାଙ୍କର ସମସ୍ତ ଶ୍ରଦ୍ଧା ଓ ସମ୍ମାନ ସତ୍ତ୍ୱେ ସେ ବୀରେଶ ଲିଙ୍ଗମ୍‌ଙ୍କ ଜୀବନର ବାସ୍ତବ ଚିତ୍ର ଅଙ୍କନ କରିପାରି ନାହାନ୍ତି କେବଳ ବିଶିଷ୍ଟ ପ୍ରତିଭାର ଅଭାବ ହେତୁ । ୧୯୧୧ ମସିହାରେ ରାଜମହେନ୍ଦ୍ରୀରୁ ପ୍ରକାଶିତ ଏବଂ ଜେ· ଗୁରୁନାଥମ୍‌ଙ୍କ ଦ୍ୱାରା ଲିଖିତ କ୍ଷୀଣକାୟ ଇଂରାଜୀ ଗ୍ରନ୍ଥଟି ବିଷୟରେ ଅଧିକ ନ କହିବା ଭଲ । ବୀରେଶଙ୍କ ସହକର୍ମୀ ରାୟାଶାମ ଭେଙ୍କଟସିବୁଡ଼ୁ ତେଲୁଗୁରେ ଏକ କ୍ଷୁଦ୍ର ସ୍ମୃତିଚାରଣ ଗ୍ରନ୍ଥ ରଚନା କରିଛନ୍ତି । ଏଥିରେ ବୀରେଶଙ୍କ ପ୍ରଶଂସା ଅପେକ୍ଷା ନିନ୍ଦା ବେଶି । ସେ ତାଙ୍କ ଗ୍ରନ୍ଥରେ କହିଛନ୍ତି, ବୀରେଶଲିଙ୍ଗମ୍ ଭୀଷଣ ବଦରାଗୀ ଓ

ସନ୍ଦେହ ଥିବାରୁ ତାଙ୍କ ଭଳି ଉତ୍ତମ ସଚ୍ଚୋଟ ଘନିଷ୍ଠ ବନ୍ଧୁମାନଙ୍କ ସହ ମଧ୍ୟ ସୁସମ୍ପର୍କ ରଖି ପାରି ନ ଥିଲେ । ବୀରେଶଙ୍କ ପ୍ରକୃତ ଜୀବନଧାରା ସହିତ ତାଳ ଦେଇ ଚାଲି ନ ପାରି ଅନେକେ ତାଙ୍କୁ କ୍ରୋଧୀ ଅପରିଣାମଦର୍ଶୀ ବୋଲି କହିଛନ୍ତି ।

ତାଙ୍କ ପାଇଁ କିଛି କରା ନ ଗଲେ ସୁଦ୍ଧା, ତାଙ୍କର 'ସ୍ୱୀୟଚରିତ୍ରାମୁ' (ଆତ୍ମଜୀବନୀ)କୁ ଅଧିକରୁ ଅଧିକ ଭାଷାରେ ଅନୁବାଦ କରାଯିବା ଦରକାର । ତେଲୁଗୁରେ ଏହା ଏପ୍ରକାରର ପ୍ରଥମ ଗ୍ରନ୍ଥ ହିସାବରେ କେବଳ ନୁହେଁ; ବାସ୍ତବରେ ଏହା ଏକ ଡିଛମାନର ଆତ୍ମଜୀବନୀ । ଯେତେ ଯେତେ ଏହାକୁ ପଢ଼ାଯିବ, ସେତେ ସେତେ ଏହା ପାଠକର ମନରାଜ୍ୟରେ ଆସନ ଜମାଇ ବସିବ । ଏ ଯାବତ୍ ଇଂରାଜୀରେ ଏନ୍. ସି. ନରସିଂହାଚାର୍ଯ୍ୟଙ୍କ ଦ୍ୱାରା ଏହି ଗ୍ରନ୍ଥର କିଛି ଅଂଶ ଅନେକ ବର୍ଷ ତଳେ ଅନୂଦିତ ହୋଇ ବମ୍ବେରୁ ପ୍ରକାଶିତ ହୋଇଥିଲା । ଏହା ଏବେ ଦୁଷ୍ପ୍ରାପ୍ୟ ହୋଇଗଲାଣି । ନିକଟରେ ବୀରେଶଲିଙ୍ଗମ୍‌ଙ୍କ ଉପରେ ଦୁଇଟି ଗ୍ରନ୍ଥ ପ୍ରକାଶିତ ହୋଇଛି; ଗୋଟିଏ ତେଲୁଗୁରେ ଓ ଅନ୍ୟଟି ଇଂରାଜୀରେ ଯାହାକି ଜଷ୍ଟିସ୍ ଏ. ସମ୍ବାଶିବ ରାଓଙ୍କ ଦ୍ୱାରା ସମ୍ପାଦିତ । ଏହା ବୀରଶାଙ୍କ ଜନ୍ମ ଶତବାର୍ଷିକୀ ଖଣ୍ଡ ହିସାବରେ ଆତ୍ମପ୍ରକାଶ କରିଛି । ଏଥିରେ ସ୍ଥାନ ପାଇଥିବା ଲେଖାଗୁଡ଼ିକ ଅସଂଲଗ୍ନ ଓ ପୁନରାବୃତ୍ତି ଦୋଷଯୁକ୍ତ, ଯାହାକି ଏଭଳି ଗ୍ରନ୍ଥରେ ହେବା ସ୍ୱାଭାବିକ । ତଥାପି ଏଗୁଡ଼ିକ ସୁପାଠ୍ୟ ।

ସାହିତ୍ୟ ଏକାଡେ଼ମୀର ନିର୍ଦ୍ଦେଶନା ଅନୁସାରେ ମୁଁ ଏହି ଗ୍ରନ୍ଥରେ ବୀରେଶଲିଙ୍ଗମ୍‌ଙ୍କୁ ଭାରତୀୟ ସାହିତ୍ୟର ନିର୍ମାତା ହିସାବରେ ସୀମିତ ରଖିବି । ଏଭଳି ସୀମିତ ପରିବେଶରେ ଯେତେ ଅଳ୍ପ ହେଉନା କାହିଁକି, ମୁଁ ବୀରେଶଲିଙ୍ଗମ୍‌ଙ୍କ ପୂର୍ଣ୍ଣାଙ୍ଗ ତଥା ଏକାନ୍ତ ସତ୍ୟ ସ୍ୱରୂପ ଉପସ୍ଥାପନ କରିବାପାଇଁ ଚେଷ୍ଟା କରିବି । ତାହା ଯଦି ହୋଇପାରିଲା ତେବେ ଜାଣିବି ମୋ ଶ୍ରମ ସାର୍ଥକ ହୋଇଛି ।'

ଜୀବନର ପୂର୍ବାହ୍ଣ ଓ ସଂଘର୍ଷ

ସୀରେଶଲିଙ୍ଗମଙ୍କ 'ଆତ୍ମଜୀବନ' ଦୁଇଟି ଭାଗରେ ବିଭକ୍ତ । ପ୍ରତିଟି ଭାଗ ପ୍ରାୟ ପାଞ୍ଚ ଶହ ପୃଷ୍ଠାର । ଏଥିରୁ ତାଙ୍କ ଘାତପ୍ରତିଘାତମୟ ଜୀବନର କେତେକ ବିବରଣୀ ମିଳେ । ମୋଟମୋଟି ଭାବରେ ତାଙ୍କ ମୃତ୍ୟୁର ଛଅବର୍ଷ ପୂର୍ବର କାହାଣୀ, ଅର୍ଥାତ୍ ୧୯୧୩ ମସିହା ପର୍ଯ୍ୟନ୍ତ ଘଟଣା ଏଥିରେ ଲିପିବଦ୍ଧ ହୋଇଛି । ଏଥିରେ ଅନାବଶ୍ୟକ ତଥ୍ୟମାନ ବହୁସ୍ଥାନ ଅଧିକାର କରିଛି । ତଥାପି ତାଙ୍କ ବାଲ୍ୟ ଜୀବନର ଉଲ୍ଲେଖନୀୟ ଘଟଣାବଳୀକୁ ଏଠାରେ ସଂକ୍ଷେପରେ ବିଶ୍ଳେଷଣ କରିବାର ପ୍ରଚେଷ୍ଟା କରାଯାଇଛି ।

ସେ ରାଜମହେନ୍ଦ୍ରୀ (ସଂଶୋଧନକରି 'ରାଜମହେନ୍ଦ୍ରଭରମ' ବୋଲି କୁହାଯାଇପାରେ) ରେ ୧୮୪୮ ମସିହା ଅପ୍ରେଲ ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ସୁବ୍‌ବା ରାୟୁଡୁ ଥିଲେ ଶୈବ ସଂପ୍ରଦାୟର ଜଣେ ଦରିଦ୍ର ବ୍ରାହ୍ମଣ । ତାଙ୍କ ମାତାଙ୍କ ନାମ ପୁନ୍ନାମ୍ମା । ତାଙ୍କ ସମୟର ଅନ୍ୟାନ୍ୟ ସ୍ତ୍ରୀଲୋକଙ୍କ ଭଳି ସେ ଥିଲେ ଅଶିକ୍ଷିତା । ଚିରଦିନ ସେ ବ୍ୟାଧି ଓ ଅନ୍ଧବିଶ୍ୱାସର ନିଷ୍ଠୁର କବଳରେ ନିପୀଡ଼ିତ ହୋଇଥିଲେ । ତାଙ୍କର ଏକମାତ୍ର ସନ୍ତାନ ସୀରେଶଲିଙ୍ଗମ୍ ମାଆଙ୍କର ରୋଗର ଯଥାର୍ଥ ଉତ୍ତରାଧିକାରୀ ଥିଲେ; ଅବଶ୍ୟ ତାଙ୍କର ଭୂତ ଓ ପ୍ରେତ ବା କାଳିସୀ ଆଦି ଭୟର ଅଧିକାରୀ ନ ଥିଲେ । ଜନ୍ମରୁ ସେ ଅଜୀର୍ଣ୍ଣ ରୋଗ ଭୋଗ କରୁଥିଲେ । ତା'ଛଡ଼ା ଭୟଙ୍କର ଅଣ୍ଡା,ଛାଙ୍କ ଓ ମୂର୍ଚ୍ଛା ରୋଗର ସେ ଥିଲେ ଚିର ସହଚର । ତାଙ୍କ ଜୀବନ ପ୍ରବାହର ଆଦ୍ୟ ପାଦରୁ ଶ୍ୱାସ ରୋଗ ତାଙ୍କୁ କାବୁ କରି ସାରିଥିଲା । ସେ ଛଅମାସର ହୋଇଥିଲା ବେଳେ ତାଙ୍କୁ ବସନ୍ତରୋଗ ଆକ୍ରାନ୍ତ କରିଥିଲା । ତାହା ଏତେ ଭୟଙ୍କର ହୋଇଥିଲା ଯେ, ତାଙ୍କ ପରିବାରର ସମସ୍ତେ ତାଙ୍କ ଜୀବନର ଆଶା ଛାଡ଼ି ଦେଇଥିଲେ । ମୋଟ ଉପରେ କହିବାକୁ ଗଲେ, ୧୮୬୦ ମସିହା ପର୍ଯ୍ୟନ୍ତ ଏପରି କୌଣସି ଗୋଟିଏ ବର୍ଷ ଛାଡ଼ି ଯାଇନାହିଁ, ଯେଉଁ ବର୍ଷ ସେ ରୋଗଗ୍ରସ୍ତ ନ ହୋଇଛନ୍ତି । ଏହି ସମୟ ମଧ୍ୟରେ ସେ ତିନିଥର ବୁଡ଼ି ଯାଉ ଯାଉ ଆଶ୍ଚର୍ଯ୍ୟଜନକ ଭାବରେ ଅଳ୍ପକେ ରକ୍ଷା ପାଇଥିଲେ ।

ସୀରେଶଲିଙ୍ଗମଙ୍କ ଜନ୍ମ ସମୟକୁ ତାଙ୍କ ପିତା ସୁବ୍‌ବା ରାୟୁଡୁ ଅବଶ୍ୟ ଗରିବ ଥିଲେ; କିନ୍ତୁ ତା ପୂର୍ବରୁ ତାଙ୍କର ସୁଖରେ ଦିନ କଟି ଯାଉଥିଲା । ସମକାଳୀନ ମାନଦଣ୍ଡ ଅନୁସାରେ ତାଙ୍କ ପୂର୍ବଜ ବହୁତ ଧନୀ ଥିଲେ । ସେମାନଙ୍କ ଭିତରୁ କେତେ ଜଣ ଜମିଦାରଙ୍କର ଦେୱାନ୍ କାର୍ଯ୍ୟ ବି କରୁଥିଲେ । ସେମାନଙ୍କୁ ଜାଗିର

ମିଳୁଥିଲା । ସେମାନେ ସୁଶିକ୍ଷିତ ଥିଲେ ଏବଂ କଳା ଓ ସାହିତ୍ୟର ପୂଜାରୀ ଥିଲେ । ତାଙ୍କ ପିତାଙ୍କର ଅବିବେକୀ ଅପରିଣାମ ଦର୍ଶୀ ବଦାନ୍ୟତା ଯୋଗୁଁ ଏବଂ ପ୍ରତ୍ୟେକ ଲୋକଙ୍କୁ ଉପହାର ଓ ଦାନ ଦେବା କାରଣରୁ ହିଁ ସୁବ୍ବାରାୟୁଡୁ ଓ ତାଙ୍କ ବଡ଼ଭାଇ ଭେଙ୍କଟରତ୍ନଙ୍କୁ ଅତି ନିର୍ମମ ଦାରିଦ୍ର୍ୟ ଭୋଗିବାକୁ ପଡ଼ିଥିଲା । ତେଲୁଗୁ ସାହିତ୍ୟରେ ଦକ୍ଷତା ଓ ସୁଶିକ୍ଷା ତଥା ଇଂରେଜୀରେ ଚଳନୀୟ ଜ୍ଞାନ ସତ୍ତ୍ୱେ କେତେ ବର୍ଷଯାଏ ଦୁଇଭାଇ ଚାକିରୀ ଖୋଜି ନଥିଲେ । ଅପରନ୍ତୁ ନିଜ ପୈତୃକ ଭବନର ଆଖପାଖରେ ଥିବା ବିଶାଳ ଭୂମିର କିଛି କିଛି ତଥା ପୈତୃକ ଗହଣାଗାଣ୍ଠି ଓ ରୂପା ବାସନକୁ ବିକ୍ରୟକରି ଗୁଜୁରାଣ ମେଣ୍ଟାଉଥିଲେ । ଯେତେବେଳେ ସେହି ବିରାଟ ଅଟ୍ଟାଳିକାଟିକୁ ଛାଡ଼ି ତାଙ୍କ ପାଖରେ ଆଉ କିଛି ହେଲେ ବିକି କରିବାକୁ ରହିଲାନାହିଁ, ସେତେବେଳେ ସେମାନେ ନିକଟବର୍ତ୍ତୀ ସହରକୁ ଯାଇ ଚାକିରୀ ଖୋଜିବାକୁ ଲାଗିଲେ । ଭାଗ୍ୟକୁ କାକିନାଡ଼ାର ଏକ ସରକାରୀ କାର୍ଯ୍ୟାଳୟରେ ସାଧାରଣ ବେତନରେ ସୁବ୍ବାରାୟୁଡୁଙ୍କୁ ଏକ କିରାଣି ଚାକିରୀ ମିଳିଗଲା । ସେଠାରେ କାମକରିବା ସମୟରେ ଅଳ୍ପ ସମୟ ପାଇଁ ସେ ବେମାର ପଡ଼ିଲେ ଓ ଅଳ୍ପବୟସରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ପରିବାର ଉପରେ ଏହି ବଜ୍ରପାତ ହେଲା ବେଳକୁ ବୀରେଶଲିଙ୍ଗମଙ୍କ ଚାରି ବର୍ଷ ବି ପୂରି ନଥିଲା ।

ପିତାଙ୍କର ଏହି ଅଭାବନୀୟ ଓ ଆକସ୍ମିକ ମୃତ୍ୟୁ ପୁନ୍ନମ୍ମାଙ୍କ ସ୍ଥିତିକୁ ବଡ଼ ଜଟିଳ କରି ପକାଇଲା । ଦେଢ଼ଶୁର ଭେଙ୍କଟରତ୍ନମଙ୍କର ତାଙ୍କ ପ୍ରତି ସହାନୁଭୂତି ଥିଲା, ଦୁଃଖରେ ବି ସେ ସମଭାଗୀ ହେଉଥିଲେ । ମାତ୍ର ନିଜର ସୀମିତ ସାମର୍ଥ୍ୟ ହେତୁ ପୁନାମ୍ମା କିମ୍ବା ତାଙ୍କ ପୁତ୍ରଙ୍କୁ ସେ ଅଧିକ ସହାୟତା ଦେଇ ପାରୁ ନ ଥିଲେ । ଆଧୁନିକ ଶିକ୍ଷା ଦେଇ ପାରିବାର କୌଣସି ପନ୍ଥା ଦେଖି ନ ପାରି ପୁନ୍ନମ୍ମା ନିଜ ପୁତ୍ରକୁ ଗୋଟିଏ ପରେ ଗୋଟିଏ ପୁରୁଣାକାଳିଆ ପାଠଶାଳାକୁ ପଠାଇଲେ । ପ୍ରଥମ ପାଠଶାଳାଟି ଗୋଟିଏ ମନ୍ଦିର ଭିତରେ ଚାଲୁଥିଲା; ସେଠି ଥିଲେ ଜଣେ ଖନା ଶିକ୍ଷକ । ଦ୍ୱିତୀୟ ପାଠଶାଳାଟି ଗୋଟିଏ ଖୋଲା ଗୃହାଙ୍ଗନରେ ଚାଲୁଥିଲା; ଯେଉଁଠି ଥିଲେ ଜଣେ କୁଜା ଶିକ୍ଷକ । ଦ୍ୱିତୀୟ ପାଠଶାଳାଟି ପ୍ରଥମଟିଠାରୁ ଗୋଟେ ପ୍ରକାର ଭଲ ଥିଲା । ଏଠିକାର ଶିକ୍ଷକ ଜଣକ ତେଲୁଗୁ ଓ ସେ କେତେକ ବିଶିଷ୍ଟ ଲୋକପ୍ରିୟ ମହାକାବ୍ୟକୁ ପଢ଼ାଇ ବୀରେଶଲିଙ୍ଗମଙ୍କର ଅଧ୍ୟୟନ ପିପାସାର ବଳିଷ୍ଠ ଭିତ୍ତି ସ୍ଥାପନ କରି ଦେଇଥିଲେ । ପ୍ରାଥମିକ ଶିକ୍ଷା ସମାପ୍ତ କରିବାପରେ ପୁନାମ୍ମା ନିଜ ପୁତ୍ରକୁ କୌଣସି ସରକାରୀ ଚାକିରୀ ନିମିତ୍ତ ଆବଶ୍ୟକ ଯୋଗ୍ୟତା ପ୍ରାପ୍ତ କରିବାର ଶିକ୍ଷା ଦେବା ସମୟ ଆସିଯିବା କଥା ଚିନ୍ତାକଲେ । ପରିଶେଷରେ ରେଭିନ୍ୟୁ ଅଫିସରେ କିରାଣି କାମ କରୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ପାଖକୁ ଅଭ୍ୟାସ କରିବା ନିମିତ୍ତ ତାଙ୍କୁ ପଠାଇଥିଲେ । ଏହି ଭଦ୍ର ଲୋକଙ୍କ ନିକଟରେ ବୀରେଶଲିଙ୍ଗମ୍ ଦୁ'ବର୍ଷ କାମ କଲେ । ଯାହା କିଛି ଅବସର ସମୟ ମିଳୁଥିଲା, ବୀରେଶଲିଙ୍ଗମ ନିଜ

ବଡ଼ ବାପାଙ୍କଠାରୁ ଗଣିତ ଓ ଇଂରାଜୀ ଶିଖୁଥିଲେ; ଏବଂ ତାଙ୍କ ପରିବାରର ଜଣେ ବନ୍ଧୁ ପଣ୍ଡିତଙ୍କଠାରୁ ସଂସ୍କୃତ ଶିକ୍ଷା କରୁଥିଲେ ।

ଏହିଭଳି ପରିଶ୍ରମ କରୁଥିବା ସମୟରେ ସନ ୧୮୬୦ ମସିହାରେ ଭାଗ୍ୟ ବୀରେଶ ଲିଙ୍ଗମ୍‌ଙ୍କ ପକ୍ଷ ପ୍ରସନ୍ନ ହେଲା । ପୁନ୍ନମ୍ମା ତାଙ୍କର ପୂର୍ବ ବିଚାରଧାରା ବଦଳାଇ ଦେଲେ । 'ପୁଅ ଶୀଘ୍ର ରୋଜଗାର କରି ଆଣି ଦେଉ, ତାହା ଯେତେ କମ୍ ହେଉ ପଛେ'—ଏକଥା ସେ ଆଉ ଚିନ୍ତା କଲେ ନାହିଁ । ସେ ବୀରେଶ-ଲିଙ୍ଗମ୍‌ଙ୍କୁ ଉଚ୍ଚ ଶିକ୍ଷା ପାଇଁ ସରକାରୀ ଜିଲ୍ଲା ସ୍କୁଲକୁ ପଠାଇଦେଲେ । ଏହି ଘଟଣା ବାସ୍ତବରେ ତାଙ୍କ ଜୀବନରେ ଏକ ପରିବର୍ତ୍ତନ ଆଣିଥିଲା ।

ସ୍ମରଣଶକ୍ତି ତୀବ୍ର ହୋଇଥିବା ହେତୁ ସେ ଯାହା କିଛି ଥରେ ପଢ଼ୁଥିଲେ ତାହା ତାଙ୍କର କଣ୍ଠସ୍ଥ ହୋଇ ଯାଉଥିଲା । ଅଦମ୍ୟ ପ୍ରୟାସ ଯୋଗୁଁ ବୀରେଶଲିଙ୍ଗମ କ୍ଲାସରେ ପ୍ରଥମ ହେଲେ । ଫଳରେ ସେ ସମସ୍ତ ପୁରସ୍କାର ପାଇଲେ ଓ କେତେକ ଛାତ୍ରବୃତ୍ତି ଲାଭ କଲେ । ସ୍କୁଲରେ ସମସ୍ତେ ତାଙ୍କୁ 'ଅଲୌକିକ ବାଳକ' ବୋଲି ଡାକିଲେ । କେବଳ ପଢ଼ାରେ ସେ ପ୍ରତିଭାବାନ୍ ନଥିଲେ, ଚରିତ୍ର କ୍ଷେତ୍ରରେ ମଧ୍ୟ ସେ ଥିଲେ ଆଦର୍ଶ । ପରିଦର୍ଶନରେ ଆସିଥିବା ସ୍କୁଲ ଇନ୍‌ସପେକ୍ଟର ଯେତେ-ବେଳେ 'ସର୍ବୋତ୍ତମ ଛାତ୍ର' ନିମିତ୍ତ ପୁରସ୍କାର ଘୋଷଣା କଲେ, ସେତେବେଳେ ସର୍ବସମ୍ମତ କ୍ରମେ ତାହା ବୀରେଶଲିଙ୍ଗମ୍‌ଙ୍କୁ ହିଁ ଦିଆଗଲା ।

ସେ କେଉଁ ଉପାଦାନରେ ଗଢ଼ା, ତାହା ତାଙ୍କ ବାଲ୍ୟ ଜୀବନର ଦୁଇଟି ବିଶେଷ ଘଟଣାରୁ ଜଣା ପଡ଼ିଯାଏ । ତେଲୁଗୁର ପ୍ରଖ୍ୟାତ କାଳଜୟୀ ରଚନା 'ବସୁଚରିତ' ପଢ଼ିବାକୁ ଇଚ୍ଛା ହେବାରୁ ବୀରେଶଲିଙ୍ଗମ୍ ତାଙ୍କ ଆଟୁଘରେ ଜମା ହୋଇ ରହିଥିବା ତାଳପତ୍ରର ଅନେକ ପୋଥିକୁ ତନ୍ନତନ୍ନ କରି ଖୋଜିଲେ, ମାତ୍ର ତାଙ୍କ ଶ୍ରମ ବୃଥା ହେଲା । ଅନେକ ଭାବି ଚିନ୍ତି ମାଆଙ୍କ ପାଖକୁ ଯାଇ ସେ ଏହି ପୁସ୍ତକ କିଣିବା ପାଇଁ ଅନୁନୟ ହୋଇ ଅନୁମତି ଭିକ୍ଷା କଲେ । ମାଆ ପଚାରିଲେ — ସେ ବହିଟି କ'ଣ ପାଠ୍ୟପୁସ୍ତକ ? ବୀରେଶଲିଙ୍ଗମ୍ ନାସ୍ତିସୂଚକ ଉତ୍ତର ଦେବାରୁ ମାଆ ବିରକ୍ତ ହୋଇ ଉଠିଲେ । ପୁସ୍ତକଟିର ମୂଳରୁ ଚୂଳ ପର୍ଯ୍ୟନ୍ତ ପଢ଼ିବାର ତୀବ୍ର ଇଚ୍ଛାକୁ ଦମନ କରି ନ ପାରିବାରୁ ସେ ଗୋଟାଏ ବାଟ ଖୋଜି ବାହାର କଲେ । ନିଜ ପକେଟ-ଖର୍ଚ୍ଚରୁ ବଞ୍ଚିଥିବା ଗୋଟିଏ ଆଠଣି ତାଙ୍କ ପାଖରେ ଥିଲା । ତା' ସହିତ ମାଆ ସ୍କୁଲ ଦରମା ଜମା କରିବାପାଇଁ ଦେଇଥିବା ଆଉ ଏକ ଆଠଣିକୁ ଏକାଠି କଲେ । ତାକୁ ଧରି ସେ ସ୍ଥାନୀୟ ଜଣେ ପୁସ୍ତକ ବିକ୍ରେତାଙ୍କ ପାଖକୁ ଗଲେ ଏବଂ ସେତିକ ପୁସ୍ତକର ଦାମ ବାବଦକୁ ଅଗ୍ରୀମ ଦେବା ସଙ୍ଗେ ସଙ୍ଗେ ପ୍ରସ୍ତାବ ଦେଲେ ଯେ, ଅବଶିଷ୍ଟ ତିନି ଟଙ୍କାକୁ ସେ ଛଅଟି କିସ୍ତିରେ ଜମା କରିଦେବେ । ପୁସ୍ତକ ବିକ୍ରେତା ଏହି ପ୍ରସ୍ତାବରେ ସ୍ୱୀକୃତ ଜଣାଇବା ସଙ୍ଗେ ସଙ୍ଗେ ସତର୍କ କରାଇ-

ଦେଲା ଯେ, ଯେ ପର୍ଯ୍ୟନ୍ତ ପୁସ୍ତକର ପୂର୍ଣ୍ଣ ମୂଲ୍ୟ ସେ ଜମା ନ କରିଛନ୍ତି ସେ ପର୍ଯ୍ୟନ୍ତ ସେ ପୁସ୍ତକକୁ ଦୋକାନ ବାହାରକୁ ନେଇ ପାରିବେ ନାହିଁ । ହଁ, ଦୋକାନ ଭିତରେ ବସି ସେ ଏହି ପୁସ୍ତକକୁ ପଢ଼ିପାରିବେ । ଏହି ସାମାନ୍ୟ କୃପା ନିମିତ୍ତ ବୀରେଶ ବହୁତ କୃତଜ୍ଞ ହେଲେ ଏବଂ ଅନେକ ସମୟରେ ସ୍କୁଲକୁ ନ ଯାଇ 'ବସୁଚରିତ'ର କ୍ଲିଷ୍ଟ ପାଠ୍ୟାଂଶକୁ ଅଧିକାରକୁ ଆଣିବା ପାଇଁ ନିଜର ସମସ୍ତ ସମୟ ବ୍ୟୟ କରିବାକୁ ଲାଗିଲେ । ପ୍ରାୟ ମାସେ ଖଣ୍ଡେ ପରେ ଯେତେବେଳେ ପୁନ୍ନମ୍ମା ଜାଣିଲେ ଯେ ବୀରେଶ ସ୍କୁଲରେ ଅନୁପସ୍ଥିତ ରହୁଛି, ସେ ତାଙ୍କୁ ତାହାର କାରଣ ପଚାରିଲେ । ବୀରେଶଲିଙ୍ଗମ୍ ସାଙ୍ଗେ ସାଙ୍ଗେ ଆଖିରୁ ଲୁହ ଝରାଇବାକୁ ଲାଗିଲେ ଏବଂ ଅସଲ କଥା କହିଦେଲେ । ପିଲାର ପଢ଼ିବାର ଆଗ୍ରହ ଦେଖି ମାତୃହୃଦୟ ଦ୍ରବୀଭୂତ ହୋଇଗଲା । ତା'ପରେ ସେ ନିଜର ସ୍ୱଳ୍ପ ଆୟରୁ ପୁସ୍ତକର ଅବଶିଷ୍ଟ ଦାମ୍ ଦେଇ ନିଜ ପୁଅକୁ 'ବସୁଚରିତ' ପୁସ୍ତକର ନ୍ୟାଯ୍ୟ ଅଧିକାରୀ କରିଦେଲେ ।

ଅନ୍ୟ ଉଦାହରଣଟି ଭିନ୍ନ ରକମର ହେଲେ ବି, ଏହା ଅଧିକ ଉଲ୍ଲେଖନୀୟ । ଇଂରାଜୀ ଭାଷାର ଶିକ୍ଷକ ଥିବା ନିଜର ପ୍ରଧାନ ଶିକ୍ଷକଙ୍କ ଅଯୋଗ୍ୟତାରେ ଅସନ୍ତୁଷ୍ଟ ହୋଇ ତଥା ଛାତ୍ରମାନଙ୍କ ପ୍ରତି ତାଙ୍କର କଠୋର ଓ ଅଭଦ୍ର ବ୍ୟବହାରରେ କ୍ଷୁବ୍ଧ ହୋଇ ବାର ବର୍ଷର କିଶୋର ବୀରେଶଲିଙ୍ଗମ୍ ତାଙ୍କର ବଦଳି ନିମିତ୍ତ ଆବେଦନ ପତ୍ର ଦାଖଲ କରିଥିଲେ ଏବଂ ତାଙ୍କ ବିରୁଦ୍ଧରେ ସଫଳ ହରତାଳ କରାଇଥିଲେ । କିଛି ଦିନ ଭିତରେ ପ୍ରଧାନ ଶିକ୍ଷକଙ୍କର ବଦଳି ହୋଇଗଲା ଓ ଅଧିକ ଯୋଗ୍ୟବ୍ୟକ୍ତି ତାଙ୍କ ସ୍ଥାନରେ ନିଯୁକ୍ତି ପାଇଲେ । ଏଥିରୁ ବୀରେଶଲିଙ୍ଗମ୍ଙ୍କ ବ୍ୟକ୍ତିତ୍ୱର ପ୍ରଭାବ ସ୍ପଷ୍ଟ ରୂପରେ ମିଳେ । ଆଗକୁ ଅଗ୍ରସର ହୋଇ ଅନେକ ସାମାଜିକ କୁରୀତି ଓ ଅତ୍ୟାଚାର ବିରୁଦ୍ଧରେ ସଂଘର୍ଷ କରିଥିବା ନାୟକ ରୂପେ ସେ ଏହିଠାରୁ ଦୃଷ୍ଟି ଆକର୍ଷଣ କରିଥିଲେ ।

କୁସଙ୍ଗରେ ପଡ଼ି କିଶୋର ଅବସ୍ଥାରେ ସେ ଏକ ଭୁଲ୍ କାମ କରିଥିଲେ; ସେ ତାସ ଖେଳିବା ଆରମ୍ଭ କରି ଦେଇଥିଲେ । ଅତି ନିରୀହ ଢଙ୍ଗରେ ତେନ୍ତୁଳି ମଞ୍ଜିକୁ ବାଜି ରଖି ଏହି ଖେଳ ଆରମ୍ଭ କରିଥିଲେ । ତା'ପରେ ତେନ୍ତୁଳି ମଞ୍ଜି ଜାଗାରେ କଉଡ଼ି ଓ କଉଡ଼ି ଜାଗାରେ ପାହୁଲା (ପୁରୁଣାକାଳିଆ କ୍ଷୁଦ୍ର ମୁଦ୍ରା) ବାଜି ରଖାଗଲା । କଉଡ଼ି ସେତେବେଳେ କ୍ଷୁଦ୍ରତମ ମୁଦ୍ରା ରୂପେ ବ୍ୟବହୃତ ହେଉଥିଲା । ଦଶଟି କଉଡ଼ିରେ ଗୋଟିଏ ପାହୁଲା ହେଉଥିଲା । ଖୁବ୍ ଶୀଘ୍ର ଏହି ଖେଳରେ ବୀରେଶଙ୍କୁ କୁଶଳତା ମିଳିଗଲା ଏବଂ ଧନ ଟଙ୍କା ଲାଭ ମିଳିଗଲା । ଗୋଟିଏ ବିଜୟରେ ଲାଲାୟିତ ହୋଇ ଦିନେ ନିଜ ସାଥୀମାନଙ୍କ ସଙ୍ଗରେ ଜଣେ ନାଚବାଲୀ ଘରକୁ ଯାଇ ଖେଳିବା ପାଇଁ ବୀରେଶଲିଙ୍ଗମ୍ ସ୍ୱୀକୃତି ପ୍ରଦାନ କରିଦେଲେ । ଏହି ବଦନାମ ଜାଗାରେ ଅନ୍ୟ ଦିନ ଏକ ବୈଠକରେ ନାଚବାଲୀ ନିଜେ ସେମାନଙ୍କ

ସଙ୍ଗରେ ଖେଳିବାକୁ ଗୃହିଲି । ଵୀରେଶଲିଙ୍ଗମଙ୍କୁ ଏହା ଗଭୀର ଆଘାତ ଦେଲା ଓ ସେ ସ୍ଥିର କରିନେଲେ ଯେ, ଜୀବନରେ ଆଉ କେବେ ତାଙ୍କ ଉପରେ ହାତ ଲଗାଇବେ ନାହିଁ ।

ସେକାଳର ପ୍ରଚଳିତ ପ୍ରଥା ଅନୁସାରେ, ତେର ବର୍ଷ ଧରି ଵୀରେଶଲିଙ୍ଗମଙ୍କ ମାତା ଓ ବଡ଼ବାପା ତାଙ୍କ ପାଇଁ ଯୋଗ୍ୟ ବୋହୂ ସନ୍ଧାନରେ ଲାଗିଥିଲେ । ବହୁତ ଖୋଜିବାପରେ ଖ୍ରୀ:୧୮୬୭ ରେ ପାଖ ଗାଁର ଗୋଟିଏ ଝିଅକୁ ସେମାନେ ପସନ୍ଦ କଲେ । ଝିଅଟିର ଅସଲ ନାଁ ଥିଲା ବାପ ମ୍ମା । କିନ୍ତୁ ଵୀରେଶଲିଙ୍ଗମଙ୍କ ମାଆ ତାହାକୁ ଅଧିକ ଓଜସ୍ୱୀ ନାମ 'ରାଜ୍ୟଲକ୍ଷ୍ମୀ' ରୂପେ ପରିବର୍ତ୍ତନ କରିଦେଲେ । ତାଙ୍କୁ ସେତେବେଳେ ଖୁବ୍ ବେଶି ହେଲେ ତେର ବର୍ଷ ହୋଇଥିଲା ଏବଂ ତାଙ୍କ ପତ୍ନୀ ନଅ ବର୍ଷରେ ପଦାର୍ପଣ କରିଥିଲେ । ଦୁହିଙ୍କ ଭିତରୁ ଜଣେ କେହି ହେଲେ ଜାଣି ନଥିଲେ ବିବାହର ପ୍ରକୃତ ଅର୍ଥ କ'ଣ ! ସେମାନେ ଭାବିଥିଲେ, ଏହା ମଉଜ-ମଜଲିସ, ହସ-ଖୁସି ଓ ଖାଇବା-ପିଇବାର ଏକ ଶୁଭ ଅବସର । ସତ କହିବାକୁ ଗଲେ, ବାସ୍ତବରେ ତାହା ଥିଲା ସେହିଭଳି ଏକ ଉତ୍ସବ । କରଜରେ ଆସିଥିବା ଟଙ୍କାରେ ନୂଆ ଲୁଗା ଓ ଅଳଙ୍କାର କିଣା ଯାଇଥିଲା; ମନ ଖୁସି ହେଲା ଭଳି ଭୋଜି ଦିଆଯାଇଥିଲା । ଗୋଟିଏ ପାଲିଙ୍କି ଅଣାଯାଇଥିଲା ଓ ଶୋଭାଯାତ୍ରା (ପ୍ରସେଶନ) ବାହାର କରାଯାଇଥିଲା । ସବୁଠୁଁ ବଡ଼ କଥା ହେଲା ସେ ସମସ୍ତର ସବୁଠାରୁ ଅଧିକ ଓ ଏକାନ୍ତ ଆବଶ୍ୟକ ସାଜସଜ୍ଜାର ବସ୍ତୁ ନାଚପାର୍ଟିର ବ୍ୟବସ୍ଥା ହୋଇଥିଲା । ବାସ୍ତବରେ ଦୁଇଟି ନାଚଦଳ ଭଡ଼ାରେ ବନ୍ଦୋବସ୍ତ ହୋଇଥିଲା— ଗୋଟିଏ ବର ପକ୍ଷର ଓ ଅନ୍ୟଟି କନ୍ୟା ପକ୍ଷର ।

ବିବାହର ବର୍ଷକ ପରେ ରାଜଲକ୍ଷ୍ମୀ ବସନ୍ତ ଦ୍ୱାରା ଆକ୍ରାନ୍ତ ହେଲେ; ତା'ପର ବର୍ଷ ଵୀରେଶଲିଙ୍ଗମ୍ ସାଂଘାତିକ ବେମାର ପଡ଼ିଲେ । ଏହା ସହିତ ତାଙ୍କ ମାଆ ଓ ବଡ଼ମାଆଙ୍କ ଭିତରେ ମୁଣ୍ଡ ଟେକିଥିବା ଝଗଡ଼ା ଭୀଷଣ ରୂପ ଧାରଣ କଲା । ମାଆଙ୍କ ପ୍ରତି ଅସୀମ ଶ୍ରଦ୍ଧା ଥିବା ସତ୍ତ୍ୱେ ବି ନିଜ 'ଆତ୍ମକଥା'ରେ ଵୀରେଶଲିଙ୍ଗମ୍ ଲେଖିଛନ୍ତି ଏଇ ଘୃଣ୍ୟ ଲଢ଼େଇରେ ତାଙ୍କ ମାଆଙ୍କର ଦୋଷ ଥିଲା ଅଧିକ । ତାଙ୍କ ମାଆ ବଡ଼ ବଦରାଗୀ ଥିଲେ ଓ ନିହାତି ଶ୍ରେଷ୍ଠ ସାମାନ୍ୟ ଘଟଣାରେ ସେ କ୍ରୋଧାନ୍ୱିତା ହୋଇ ଯାଉଥିଲେ । ଏହା ଛଡ଼ା ସେ ମଧ୍ୟ ଥିଲେ ଖୁବ୍ ସ୍ୱାଭିମାନିନୀ । ଅତ୍ୟନ୍ତ ଦରିଦ୍ରାବସ୍ଥାରେ ବି ସେ ଅନ୍ୟର ସହାୟତାକୁ ଗ୍ରହଣ କରୁ ନଥିଲେ । ବଡ଼ବାପା ଭେଙ୍କଟ-ରତ୍ନମ୍ ଯେତେବେଳେ ଦେଖିଲେ ଆଉ କୌଣସି ପ୍ରକାରେ ମିଳାମିଶା କରିବା ସମ୍ଭବ ନୁହେଁ, ସେ ଗୋଟିଏ ଭଲ ପ୍ରସ୍ତାବ ଦେଲେ । ସେମାନଙ୍କ କୋଠ ସମ୍ପତ୍ତିରୁ ଯାହା କିଛି ଅବଶିଷ୍ଟ ଥିଲା, ତାହାକୁ ଯଥାରୀତି ଦୁଇଭାଗରେ ବାଣ୍ଟି ଦିଆଯାଉ । ତାଙ୍କର ନିଜର କିଛି ସନ୍ତାନସନ୍ତତି ନ ଥିଲେ, ଓ ସେ ଵୀରେଶଲିଙ୍ଗମଙ୍କୁ ବହୁତ ଶ୍ରଦ୍ଧା

କରୁଥିଲେ । ତାଙ୍କୁ ଅତ୍ୟନ୍ତ ଦୁଃଖ ଲାଗିଲା ଯେ ସେ ବୀରେଶଙ୍କ ଅଭିଭାବକ ହୋଇ ପାରିଲେ ନାହିଁ । ଭାଗବଣ୍ଟାର ଦସ୍ତାବିଜ ପ୍ରସ୍ତୁତ ସରୁ ନ ସରୁଣୁ ହତାଶ ଓ ଭଗ୍ନମନେ ବଲ ନେଇ ସେ ଚିରଦିନ ପାଇଁ ଆଖି ବୁଜି ଦେଲେ । ସେ ଯାହାହେଉ, ଏହା ତାଙ୍କ ପାରିବାରିକ ଦୁଃଖର ଶେଷ ପରିଣତି ନଥିଲା । ପୈତୃକ ଘରର ଏକ ଅଂଶକୁ ଶ୍ରୀମତୀ ଭେଙ୍କଟରତ୍ନମ୍ ବିକ୍ରି କରିଦେବା ପରେ ଆଉ ଏକ ଝଗଡ଼ା ମୁଣ୍ଡ ଟେକିଲା । ଦୁନାମ୍ମାଙ୍କ ଦ୍ୱାରା କଚେରୀରେ ଏକ ନ୍ୟାୟଯୁଦ୍ଧ ଆରମ୍ଭ ହେଲା । ପ୍ରଥମେ ତଳ କୋର୍ଟରେ ଓ ପରେ ଅପିଲ କରି ମଧ୍ୟ ତାହା ତାଙ୍କ ବିରୁଦ୍ଧରେ ହିଁ ଗଲା । ଫଳରେ ମକଦ୍ଦମା ଖର୍ଚ୍ଚ ବାବଦକୁ ରାଜ୍ୟଲକ୍ଷ୍ମୀଙ୍କର ସମସ୍ତ ଅଳଙ୍କାର ବନ୍ଧକ କରିବାକୁ ପଡ଼ିଥିଲା ।

ଏହି ସମୟରେ ପରିବାରର ମାସିକ ଆୟ ଥିଲା ତିରିଶଟଙ୍କା, ଯାହା ଘରର ଗୋଟିଏ ଅଂଶ ଭଡ଼ା ଦେବାପରେ ମିଳୁଥିଲା । ଜୀବନ-ନିର୍ବାହର ସ୍ତର ବହୁତ ତଳକୁ ଖସିଯିବା କାରଣରୁ ଏହି ଅଳ୍ପ ସମ୍ବଳରେ ମାଆ, ପୁଅ ଓ ବୋହୂ କୌଣସି ପ୍ରକାରେ ନିଜ ଗୁଜୁରାଣ ମେଣ୍ଟାଉଥିଲେ । ସବୁଥର ଭଳି ବୀରେଶଲିଙ୍ଗମ୍ ବାରମ୍ବାର ବ୍ୟାଧିଗ୍ରସ୍ତ ହୋଇ ପଡ଼ୁଥିବାରୁ ଅଧ୍ୟୟନରେ ତାଙ୍କର ଭୀଷଣ ବାଧା ଆସୁଥିଲା । ମାତ୍ର ସେ ଇସ୍ପାତ ଭଳି ଦୃଢ଼-ନିଶ୍ଚିତ ହୋଇଥିବାରୁ ପଢ଼ାରେ ଅଗ୍ରସର ହୋଇ ପାରୁଥିଲେ । ଶେଷକୁ ସେ ଖ୍ରୀ: ୧୮୬୮ରେ ମାଟ୍ରିକ୍ୟୁଲେସନ ପରୀକ୍ଷା ଦେଲେ ଓ ସେଥିରେ ସେ ଅକୃତକାର୍ଯ୍ୟ ହେଲେ । ଖ୍ରୀ: ୧୮୬୯ରେ ସେ ଦ୍ୱିତୀୟ ଥର ପରୀକ୍ଷା ଦେଇ ପାରିଲେ ନାହିଁ, କାରଣ ସେଇ ପୂରା ବର୍ଷଟି ସେ ବେମାର ପଡ଼ିଲେ । ତା'ପର ବର୍ଷ ସେ ପ୍ରାଇଭେଟ ଛାତ୍ର ହିସାବରେ ପରୀକ୍ଷା ଦେଲେ ଏବଂ ପାସ୍ କଲେ ।

ସାଧାରଣ ପରୀକ୍ଷାରେ ଫେଲ୍ ହେବା ଓ ପାସ୍ କରିବା ମଧ୍ୟରେ ଜଣେ ସ୍ଥାନୀୟ ଓକିଲଙ୍କ ଇଂରାଜୀ ପତ୍ରାଳାପ ଭାର ସମ୍ଭାଳିବା ପାଇଁ ବୀରେଶଲିଙ୍ଗମ୍ ରାଜି ହେଲେ । ସକାଳେ ତିନିଘଣ୍ଟା କାମ କରିବା ପାଇଁ ତାଙ୍କୁ ମାସିକ ତିରିଶ ଟଙ୍କା ମିଳୁଥିଲା । ମାତ୍ର ମାଲିକର ରକ୍ଷିତାମାନଙ୍କ ସହ କାର୍ଯ୍ୟାଳୟରେ ଅବାଞ୍ଛନୀୟ ପ୍ରେମ-ବ୍ୟାପାର ଓ ଖୋଲା ଅଶ୍ଳୀଳତା ହେତୁ ବୀରେଶଲିଙ୍ଗମ୍ ଗୋଟିଏ ମାସ ପରେ ଏ କାମ ଛାଡ଼ିଦେବାକୁ ବାଧ୍ୟହେଲେ । ତା'ପରେ ଦୁଇଜଣ ଇଂରେଜଙ୍କୁ ତେଲୁଗୁ ପଢ଼ାଇବାର କାମ ସେ ପାଇଗଲେ । ଏ କାମ ତାଙ୍କୁ ଖୁବ୍ ଭଲ ଲାଗିଲା ।

ତେଲୁଗୁ ଅଧ୍ୟୟନ କରୁଥିବା ଏହି ଦୁଇଜଣ ବିଦେଶୀଙ୍କ ଭିତରୁ ଜଣେ ଥିଲେ ମିଷ୍ଟର ବାରୋ, ଯିଏ କି ତାଙ୍କ ପ୍ରିୟ ବିଦ୍ୟାଳୟ 'ସରକାରୀ ଜିଲ୍ଲା ହାଇସ୍କୁଲ'ର ପ୍ରଧାନ ଶିକ୍ଷକ ଥିଲେ । ଅଳ୍ପ ବୟସ୍କ ନିଜର ଏହି ଶିକ୍ଷକଙ୍କ ପ୍ରତି ପ୍ରସନ୍ନହୋଇ, ମାଟ୍ରିକ ପାସ୍ କରିବା ମାତ୍ରେ, ମିଷ୍ଟର ବାରୋ ତାଙ୍କୁ ମାସିକ ପଚିଶଟଙ୍କା ଦରମାରେ ସହକାରୀ ଶିକ୍ଷକ ପଦରେ ନିଯୁକ୍ତ କରି ଦେଲେ । ଏହା ଅସ୍ଥାୟୀ ଚାକିରି ହୋଇ-

ଥିବା ହେତୁ ସେ କେବଳ ବର୍ଷକ ପାଇଁ ଏହି କାର୍ଯ୍ୟରେ ରହି ପାରିଥିଲେ । ଏହି କାଳରେ ବୀରେଶଲିଙ୍ଗମ୍‌ଙ୍କର ଆକାଂକ୍ଷା ଥିଲା ଓକିଲାତି ପାସ କରିବା । ତେଣୁ ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ସେ ୧୮୭୧ ମସିହାରେ 'କ୍ରିମିନାଲ ହାୟର ଗ୍ରେଡ଼' ପରୀକ୍ଷା ଦେଇ ପାସ୍ କରିଗଲେ । ତା' ପର ବର୍ତ୍ତୀ ବର୍ଷମାନଙ୍କରେ ସେ ଆଉ ଦୁଇଟି ପରୀକ୍ଷା ଦେଇ କୃତକାର୍ଯ୍ୟ ହେଲେ । ସେ ଗୁଡ଼ିକ ହେଲା—ଅନୁବାଦ (ନିମ୍ନ ଶ୍ରେଣୀସ୍ଥ) ତଥା ସାରାଂଶ ଲିଖନ । ସେ ଯଦି ଚାହିଁ ଥାଆନ୍ତେ ଆଉ ଟିକେ ପରିଶ୍ରମ କରି ଓକିଲାତି ଆରମ୍ଭ କରିଥାଆନ୍ତେ କିମ୍ବା ବିଚାରପତି ରୂପେ ସ୍ଥାନ ପାଇପାରି-ଥାଆନ୍ତେ । ମାତ୍ର ଓକିଲ ଓ ବିଚାରପତି ପେଶାର ଗୌରବପୂର୍ଣ୍ଣ ନାମରେ କଳଙ୍କ ଆଣି ଦେଉଥିବା ନିମ୍ନ ନୈତିକ ସ୍ତର ହିଁ ତାଙ୍କୁ ଅଧ୍ୟାପନା କ୍ଷେତ୍ରରେ ରହିବା ପାଇଁ ବାଧ୍ୟ କଲା ।

କୋରଙ୍ଗୀର ଇଂଲିଶ ସ୍କୁଲରେ, ମାସିକ ତିରିଶ ଟଙ୍କା ବେତନରେ, ସନ ୧୮୭୨ରେ, ତାଙ୍କର ହେଡ଼ମାଷ୍ଟର ପଦରେ ନିଯୁକ୍ତି ହେଲା । ଖୁବ୍ ଅଳ୍ପଦିନ ଭିତରେ ସେଠାରେ ଜଣେ ଆଦର୍ଶ ଶିକ୍ଷକ ହିସାବରେ ତାଙ୍କର ଖ୍ୟାତି ବ୍ୟାପିଗଲା । କିଛି ବର୍ଷ ଭିତରେ ତାହାଠାରୁ ବଡ଼ ଅନୁଷ୍ଠାନର କାର୍ଯ୍ୟଭାର ସମ୍ଭାଳିବା ପାଇଁ ତାଙ୍କୁ ଆମନ୍ତ୍ରଣ କରାଗଲା । ତାହା ଥିଲା ଧବଳେଶ୍ୱରମ୍‌ର 'ଆଙ୍ଗ୍ଲୋ ଭର୍ଣ୍ଣାକୁଲର ସ୍କୁଲ' । ଏଠି ତାଙ୍କର ମାସିକ ବେତନ ଥିଲା ଚଉରାଳିଶି ଟଙ୍କା । ଏହି ନୂଆ ପଦବୀରେ ଦୁଇବର୍ଷ ରହିବା ପରେ ସେ ଇସ୍ତଫା ଦେଇଦେଲେ । କାରଣ ସେ ସମାଜସେବା ନିମିତ୍ତ ନିଜକୁ ମୁକ୍ତ ରଖିବା ପାଇଁ ଚାହିଁଥିଲେ । ନିଜ ମସ୍ତିଷ୍କରେ କେତେ ଯୋଜନାକୁ ପୁଞ୍ଜୀଭୂତ କରି ସେ ରାଜମହେନ୍ଦ୍ରୀ ଫେରିଲେ । କିନ୍ତୁ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କର ପରାମର୍ଶକ୍ରମେ ସେ ତତ୍କାଳୀନ ସ୍ଥାନୀୟ ଗଭର୍ଣ୍ଣମେଣ୍ଟ ଆର୍ଟସ୍ କଲେଜର ଦ୍ୱିତୀୟ ତେଲୁଗୁ ପଣ୍ଡିତ ପଦ ଗ୍ରହଣ କଲେ । ପୂର୍ବ ବେତନ ଠାରୁ ଏଠି କମ୍ ମିଳୁଥିଲା; ମାସକୁ କେବଳ ପଚିଶ ଟଙ୍କା । ତଥାପି ସେ ଏହି ପଦରେ ରହି କାମ କରିବାକୁ ଲାଗିଲେ ଅନେକ ବର୍ଷ । ନିଜ ଦୃଷ୍ଟିକୋଣ ଅନୁସାରେ ଆଗାମୀ ବଂଶଧରମାନଙ୍କୁ ଗଠନ କରିବା ଦିଗରେ ସେ ଏଠାରେ ପୂର୍ଣ୍ଣ ପ୍ରାଣରେ ଲାଗି ପଡ଼ିଲେ ।

ପ୍ରାଥମିକ ସୃଜନ ପ୍ରୟାସ

ପିଲାଦିନରୁ ତେଲୁଗୁର ସର୍ବୋତ୍ତମ କାବ୍ୟ 'ନନ୍ନୟ'ରୁ ଆରମ୍ଭ କରି 'ସୁରନ୍ନ' ପର୍ଯ୍ୟନ୍ତ ପଢ଼ିଥିବା ହେତୁ କବି ଭାବରେ ପରିଚିତ ହେବାର ଆକାଂକ୍ଷା ବୀରେଶଲିଙ୍ଗମ୍‌ଙ୍କ ଭିତରେ ସଜୀବ ହୋଇ ରହିଥିଲା । ଏହି କାରଣରୁ ସେ ଛନ୍ଦ-ଶାସ୍ତ୍ରକୁ ଗଭୀର ଭାବରେ ଅଧ୍ୟୟନ କରିବା ଆରମ୍ଭ କରିଦେଇଥିଲେ । କୋଡ଼ିଏ ବର୍ଷ ବୟସ ହେଲାବେଳକୁ ସେ ଏ ବିଷୟରେ ବେଶ୍ ଦକ୍ଷତା ହାସଲ କରିସାରିଥିଲେ ଏବଂ ଦୁଇଟି 'ଶତକ' ରଚନା କରିଥିଲେ ।

ସାହିତ୍ୟର ଏହି ବିଭାବ, 'ଶତକ', ଅନ୍ୟ ଭାଷାରେ ବୋଧହୁଏ ସେତେ ବିକାଶ ଲାଭ କରିନାହିଁ, ଯେତେ ତେଲୁଗୁରେ ହୋଇପାରିଛି । ମାତ୍ର ଏହା କେବଳ ତାଙ୍କର ନିଜସ୍ୱ ସମ୍ପତ୍ତି ନୁହେଁ । ଉଦାହରଣ ସ୍ୱରୂପ ସଂସ୍କୃତରେ ଭର୍ତ୍ତୃହରିଙ୍କ ଶତକ ରହିଛି । କୀଥ୍‌ଙ୍କ ମତ ଅନୁସାରେ—

> ସେଗୁଡ଼ିକ ତିନୋଟି ସଂକଳନ ମାଧ୍ୟମରେ ଆମର ହସ୍ତଗତ ହୁଅନ୍ତି । ପ୍ରତ୍ୟେକେ ନିୟମାନୁଯାୟୀ ଏକ ଶହ ପଦଯୁକ୍ତ, ବିଭିନ୍ନ ଛନ୍ଦାଶ୍ରିତ, ପ୍ରେମ ଚରିତରେ ଚର୍ଚ୍ଚିତ, ଦୈହିକ କାମନା ବର୍ଜିତ ଏବଂ ବିଜ୍ଞ ବ୍ୟବହାରକୁ ନେଇ ରଚିତ ।

ତେଲୁଗୁ 'ଶତକ' ମାନଙ୍କର ରୂପ କିଛିଟା ଭିନ୍ନ । କେତୋଟି ବ୍ୟତିକ୍ରମ ଛାଡ଼ିଦେଲେ, ଏହି ଶତକ ସବୁ ଗୋଟିଏ ଛନ୍ଦରେ ରଚିତ । ସାଧାରଣତଃ ପଦସବୁ ଚାରି ଧାଡ଼ିର ଏବଂ ଶେଷ ଧାଡ଼ିଟି ଘୋଷା ଧର୍ମୀ । ଏହି ଘୋଷାରେ କବିଙ୍କ ଆରାଧ୍ୟ ଦେବୀ ବା ଦେବତାଙ୍କୁ ସମ୍ବୋଧନ ହୋଇଥାଏ କିମ୍ବା ନିଜ ଅଭିଭାବକ ବା ନିଜ ପାଇଁ ହୋଇଥାଏ । ଅଧିକାଂଶ ଶତକ ଭକ୍ତିପ୍ରଧାନ ବା ପ୍ରବଚନ ଧର୍ମୀ ।

ତେଲୁଗୁ ସାହିତ୍ୟର ପ୍ରାରମ୍ଭିକ କାଳରେ ହିଁ 'ଶତକ'ର ଆବିର୍ଭାବ ଘଟିଥିଲା । ବାସ୍ତବରେ ଏକାଦଶରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ କାବ୍ୟର ବିକାଶ ସଙ୍ଗେ ସଙ୍ଗେ 'ଶତକ'ର ସମାନ୍ତରାଳ ବିକାଶ ଘଟିଥିଲା । ଛ' ଶହରୁ ସାତ ଶହ ଶତକର ହସ୍ତଲିଖିତ ପ୍ରତିଲିପି ଏବେ ମଧ୍ୟ ଦେଖିବାକୁ ମିଳେ । ତା' ଛଡ଼ା ଏହା ବହୁ ସଂଖ୍ୟାରେ ପ୍ରକାଶିତ ହୋଇ ସାରିଛି । ତେଲୁଗୁ-ଶତକ ଲେଖକଙ୍କ ମଧ୍ୟରେ ବେମନ୍ନାଙ୍କ ପ୍ରଭାବ ସର୍ବାଧିକ । ଅନ୍ୟଗୁଡ଼ିକ ଭଳି ଏହା କେବଳ ଶହେଟି ଛନ୍ଦର ନୁହେଁ, ବରଂ ପ୍ରାୟ ତିନି ହଜାର ଛନ୍ଦରେ ସେ ଏହା ରଚନା କରିଛନ୍ତି । ସେ ଥିଲେ ସମାଜ ସଂସ୍କାରକ—ମୂର୍ତ୍ତି ପୂଜା, ଜାତି ଭେଦ ତଥା ନିଜ ସମୟର ସକଳ

ପ୍ରକାରର କୁସଂସ୍କାର ବିରୁଦ୍ଧରେ ସେ ସ୍ୱରଉତ୍ତୋଳନ କରିଥିଲେ । ବୀରେଶଲିଙ୍ଗମ୍-ଙ୍କର ଆଧୁନିକ କାଳର କେମନ୍ତା ହେବାକୁ ଇଚ୍ଛା ଥିଲା । ମାତ୍ର ସେ ଯୁବାବସ୍ଥାରେ ଲେଖିଥିବା ଶତକ ଦୁଇଟି ନିହାତି ପରମ୍ପରାବାଦୀ ଥିଲା—ଶୈଳୀ କିମ୍ବା କଥ୍ୟାଂଶରେ ନୂତନତାର ଝଙ୍କାର ନ ଥିଲା । ଭବିଷ୍ୟତର ପ୍ରତିମା ପୂଜା ବିରୋଧକାରୀ ଏହି କବି ନିଜ ସହରସ୍ଥ ଦୁଇ ମନ୍ଦିରର ମୁଖ୍ୟ ଦେବତାଙ୍କୁ ଏହି ଶତକ ଦୁଇଟିକୁ ଅର୍ପଣ କରିଥିଲେ । ଏଥିରେ ପୁରାତନ ଢଙ୍ଗରୁ ମୁକ୍ତ ହେବା ଭଳି ଲେଶ ମାତ୍ର ଯଦି କିଛି ଥାଏ ତ ତାହା ହେଉଛି ଏସବୁ ବର୍ଗବଦ୍ଧ ନ ହେବା । ଜନ୍ମରୁ ଶୈବ ହେବା ସତ୍ତ୍ୱେ ବି ନିଜର ଦ୍ୱିତୀୟ ଶତକରେ ବୀରେଶଲିଙ୍ଗମ୍ ବିଷ୍ଣୁଙ୍କର ସ୍ତୁତି କରିଛନ୍ତି । ପ୍ରକୃତରେ ଏହା ସତ୍ୟ ଯେ, ନିଜ 'ଆତ୍ମକଥା'ରେ ଏହି ଉଦାର ଦୃଷ୍ଟିକୋଣ ପାଇଁ ସେ ଅଭିନନ୍ଦନକୁ ଅପେକ୍ଷା ରଖିଛନ୍ତି । କିନ୍ତୁ ତାଙ୍କର ଗୋଟିଏ ବି ଶତକ ପ୍ରକାଶ ପାଇ ପାରିନାହିଁ, କାରଣ ସେ ସେଗୁଡ଼ିକୁ ନିର୍ଲିପ୍ତ ଭାବରେ କେଉଁଠି ହଜାଇ ଦେଇଥିଲେ । ନିଜ କିଶୋରାବସ୍ଥାର ରଚନାର କିଛି ଆସ୍ୱାଦନ କରାଇବା ପାଇଁ ସେ ନିଜ ସ୍ମୃତିର ସହାୟତାରେ ଗୋଟିଏ ଶତକର ପଦଟିଏ ତାଙ୍କ 'ଆତ୍ମକଥା'ରେ ଦୁଇ ଥର ଉଦ୍ଧାର କରିଛନ୍ତି । ମାତ୍ର ଦୁଇଥର ଉଲ୍ଲେଖ କରିଥିଲେ ମଧ୍ୟ ଏହି ପଦଟି ନିହାତି ପ୍ରଭାବହୀନ ମନେହୁଏ !

ସୃଜନାତ୍ମକ ସୃଷ୍ଟି କ୍ଷେତ୍ରରେ ବୀରେଶଲିଙ୍ଗମ୍‌ଙ୍କର ପରବର୍ତ୍ତୀ ପଦକ୍ଷେପ ଅଧିକ ଉନ୍ନତ ହୋଇ ପାରିନଥିଲା । ସ୍ୱତନ୍ତ୍ର ବା ସାହସପୂର୍ଣ୍ଣ ଢଙ୍ଗରେ ଚିନ୍ତାକରି ନ ପାରିବା କାରଣରୁ ସେ ଭାବିଲେ, ପାଣ୍ଡିତ୍ୟ ହିଁ କବିତା; ଯୁକ୍ତି ହିଁ କଳା ଏବଂ କାବ୍ୟପ୍ରେମ ହିଁ କାବ୍ୟଦୃଷ୍ଟି । ତାଙ୍କ ପ୍ରତି ନ୍ୟାୟ ପ୍ରଦାନ କଲେ କହିହେବ ଯେ, ତାଙ୍କ ସମସ୍ତର ନିୟମ ପ୍ରତି ସେ ଯଥାର୍ଥଭାବେ ସଚେତନ ରହି ଏ କଥା କହିଛନ୍ତି ।

ସୂରନ୍ନା ବୟସ୍କ ପୀଢ଼ିର ଅନ୍ତିମ ମହାନ୍ କବି ଥିଲେ । ତାଙ୍କରି ସହିତ ତେଲୁଗୁର କାଳଜୟୀ ସାହିତ୍ୟର ସର୍ଜନାତ୍ମକ ଯୁଗର ପରିସମାପ୍ତି ଘଟିଥିଲା । 'କଳାପୂର୍ଣ୍ଣୋଦୟମ୍' ଭଳି ଅପୂର୍ବ କଥାବସ୍ତୁର ପରିକଳ୍ପନା-କାରୀ, ମୌଳିକ ଚିନ୍ତାକାରୀ, ତଥା ଏହି କୃତିକୁ କାଳଜୟୀ କାବ୍ୟରୂପ-ଦାତା ସୁରନ୍ନା ମଧ୍ୟ ଶବ୍ଦ ପ୍ରୟୋଗର ଚାତୁରୀ ପ୍ରଦର୍ଶନ କରିବାର ଲୋଭ ସମ୍ବରଣ କରି ପାରି ନାହାନ୍ତି । ତାଙ୍କର 'ରାଘବପାଣ୍ଡବୀୟମ୍' ରେ ଏକା ସାଙ୍ଗରେ ଦୁଇଟି କଥାବସ୍ତୁ ପ୍ରକାଶିତ ହୋଇଛି । ଗୋଟିଏ ଦିଗରେ ଏହା ରାମକଥା ଓ ଅନ୍ୟ ଦିଗରେ ପାଣ୍ଡବଙ୍କ କଥା ପ୍ରକଟ କରିଅଛି । ଗୋଟିଏ ପ୍ରକାରର ଶବ୍ଦାବଳୀ ପ୍ରୟୋଗ କରି ଦୁଇଟି ଭିନ୍ନ କାହାଣୀ ବର୍ଣ୍ଣନା କରିବା କଣ୍ଡରୁଦ୍ଧକାରୀ କଳାଚାତୁରୀ ହୋଇପାରେ; କିନ୍ତୁ ତାହା ଉତ୍ତମ କଳା ନୁହେଁ କି ଉତ୍ତମ କବିତା ନୁହେଁ । ସୁରନ୍ନାଙ୍କୁ ଅତିକ୍ରମ

କରଯିବାର ମନୋଭାବଧର କେତେକ ଅନ୍ୟ କବି ଭିନ-ଭିନୋଟି କାହାଣୀକୁ ଏକ ସୂତ୍ରରେ ବାନ୍ଧିବାକୁ ଚେଷ୍ଟା କରିଛନ୍ତି ।

ଅଷ୍ଟାଦଶ ଶତାବ୍ଦୀର ପ୍ରାୟ ମଧ୍ୟଭାଗରୁ ଆରମ୍ଭ ହୋଇଥିବା ତେଲୁଗୁ କବିତାର ଅବକ୍ଷୟ ଯୁଗୀୟ ପଥଭ୍ରଷ୍ଟତାର କୌଣସି ଅନ୍ତ ନ ଥିଲା । 'ବନ୍ଧକବିତ୍ୱମ୍' ଓ 'ଗର୍ଭକବିତ୍ୱମ୍'ର ଏହି ସମୟରେ ଯଥେଷ୍ଟ ପ୍ରଚଳନ ଥିଲା । ପ୍ରଥମ ପ୍ରକାର ପଦ୍ୟ ରଚନାବେଳେ ଜ୍ୟାମିତିକ ଶୈଳୀରେ ମଝିରେ ଶବ୍ଦ ଗୁନ୍ଥାଯାଇ ଆଡ଼-ତେରେଛା ରେଖାମାନ ସୃଷ୍ଟି କରାଯାଏ । ଦ୍ୱିତୀୟ ପ୍ରକାର ଶୈଳୀରେ ଗୋଟିଏ ପଦ ଅନ୍ୟ ଗୋଟିଏ ପଦ ସହିତ ଯୋଡ଼ି ହୋଇଗଲେ ପ୍ରଥମର ଛନ୍ଦ ଦ୍ୱିତୀୟରେ ସମ୍ପୂର୍ଣ୍ଣ ଅଲଗା ହୋଇଯାଏ । ଏଥିରେ କେବଳ ଅଲଗା ଅଲଗା ସ୍ତରର ଅର୍ଥ ପ୍ରକାଶର ପ୍ରୟାସ କରାଯାଏ; କିମ୍ବା କେବଳ ନିଜର ଶବ୍ଦ ଶକ୍ତି ପ୍ରଦର୍ଶନ ବା ଛନ୍ଦମାନଙ୍କ ଉପରେ ନିଜର ଅଧିକାର ପ୍ରଦର୍ଶନ କରାଯାଏ ।

ସମଗ୍ର କବିତାରୁ ତେଲୁଗୁ ବ୍ୟତୀତ ଅନ୍ୟ ଭାଷାରୁ ଆଗତ ଶବ୍ଦମାନଙ୍କୁ ବହିଷ୍କାର କରି, ଦୂରପୂର ଓଷ୍ଠ୍ୟ ବର୍ଣ୍ଣକୁ ପରିହାର କରି, ସାରା କବିତାକୁ ଗୋଟିଏ ବା ଦୁଇଟି ଶବ୍ଦରେ ରଚନା କରିବାର ଶୈଳୀ ଘୃଣାସ୍ପଦ ହେଲେ ବି ଏଭଳି ଆଉ କିଛି କଳାକୌଶଳ ଥିଲା, (ବିଲକ୍ଷଣତା ସମ୍ଭବତଃ ଅଧିକ ଉପଯୁକ୍ତ ଶବ୍ଦ ହେବ) ଯାହା ମୌଳିକ କବିତା ନାମରେ ନାମିତ ହୋଇ ଯାଉଥିଲା ।

ସେ କାଳରେ ପ୍ରଚଳିତ ଫେସନର ଶିକାର ହୋଇ ବୀରେଶଲିଙ୍ଗମ୍ ଏହି-ଭଳି ଢଙ୍ଗରେ ନିଜର ଅଧିକାଂଶ କବିତା ରଚନା କରିବାର ପ୍ରୟାସ କଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେ ଅତି ସହଜରେ ବନ୍ଧ, ଗର୍ଭ ଓ ଚିତ୍ରକାବ୍ୟ ଶୈଳୀରେ ଅନେକ କବିତା ଲେଖି ସେଥିରେ ସଫଳତା ଲାଭକଲେ । ପୁଣି ଏହାଠାରୁ ଜଟିଳ ଛନ୍ଦ ପ୍ରୟୋଗରେ ମଧ୍ୟ ସେ ନିଜକୁ ସିଦ୍ଧହସ୍ତ ବୋଲି ପ୍ରମାଣ କଲେ । ପୋନ୍ନିକଣ୍ଟି ତେଲଗନାର୍ଯ୍ୟ ଓ କୁଚିମଞ୍ଚି ତିମ୍ମକବି, ଏଇ ଦୁଇ ପୁରାତନ କବିଙ୍କୁ ନିଜର ଆଦର୍ଶ ମାନିନେଇ 'ବୀରେଶଲିଙ୍ଗମ୍ କେବଳ ତେଲୁଗୁ ଶବ୍ଦାବଳୀ ପ୍ରୟୋଗ କରି ରାମାୟଣ ଓ ମହାଭାରତ କାହାଣୀ ବର୍ଣ୍ଣନା କଲେ । ଅନ୍ୟ କେତେକ ରଚନାରେ ସେ ସମଗ୍ର ଓଷ୍ଠ୍ୟବର୍ଣ୍ଣକୁ ପରିହାର କରିଲେ । ଆଉ କେତେକ ଲେଖାରେ ସେ ମଝିରେ ମଝିରେ ଅଲଗା ଭାବରେ ଗଦ୍ୟର ବର୍ଣ୍ଣନା ଦେଲେ । ତେଲୁଗୁ କବିମାନେ ଅଧିକାଂଶ ଏଭଳି ଖଣ୍ଡବର୍ଣ୍ଣନାର ସାହାଯ୍ୟ ନିଅନ୍ତି, ଯଦ୍ୱାରା ପଦ୍ୟାତ୍ମକ ବର୍ଣ୍ଣନାରେ କାହାଣୀର ଛିନ୍ନଗୁଡ଼ା ଅଂଶ ଗୁଡ଼ିକ ଠିକ୍‌ରୂପେ ଗୁନ୍ଥି ହୋଇଯାଏ । ବୈଶିଷ୍ଟ୍ୟ ପ୍ରଦର୍ଶନ ନିମିତ୍ତ ଏ ସମସ୍ତ କଳା-କୌଶଳକୁ ନିଜର ଏକ ରଚନାରେ ସେ ପ୍ରୟୋଗ କରିଥିଲେ ଓ ତାହାକୁ 'ଶୁଦ୍ଧ-ଆନ୍ଧ୍ର-ନିର୍ବଚନ-ନିରୋଷ୍ଠ୍ୟ-ନୈଷଧମ୍' ନାମ ଦେଇଥିଲେ । ଏଡ଼େ ବଡ଼ ନାମକୁ ଛୋଟ ଛୋଟ ଖଣ୍ଡରେ ବିଭକ୍ତ ନ କଲା ପର୍ଯ୍ୟନ୍ତ ଉଚ୍ଚାରଣ କରିବା କଠିନ ବ୍ୟାପାର ।

ପରବର୍ତ୍ତୀ କାଳରେ ସେ ଶୁଦ୍ଧବାଦୀ ହୋଇଗଲେ; କିନ୍ତୁ ଜୀବନର ଏହି ପର୍ଯ୍ୟାୟରେ ସେ କେତେକ ଯୌନଧର୍ମୀ କବିତା ରଚନା କରିଥିଲେ । ସେ ସମୟର ପ୍ରଚଳିତ ମାନଦଣ୍ଡ ଓ ଧାରଣା ଅନୁସାରେ ଯୌନଧର୍ମୀ ଭାବୁଲତା ବ୍ୟତୀତ କୌଣସି କବିତା ରଚିତ ହୋଇ ପାରୁ ନ ଥିଲା ।

ଏହା ପୂର୍ବରୁ ସେ ଆଉ ଗୋଟିଏ ବିଷୟରେ ଆକର୍ଷିତ ହୋଇଥିଲେ । ଆଶୁ କବିତା ରଚନା କରିବା ବୋଧହୁଏ ଆନ୍ଧ୍ର ଲୋକଙ୍କର ଏକ ବିଶେଷ ଗୁଣ । ଏହା ପୁଣି ଦୁଇ ପ୍ରକାରର —'ଅଷ୍ଟାବଧାନମ୍' ଓ 'ଶତାବଧାନମ୍' । ପ୍ରଥମ ପ୍ରକାର ଶୈଳୀରେ ବ୍ୟକ୍ତିକୁ ଏକାସାଙ୍ଗରେ ଆଠ ପ୍ରକାରର ବୌଦ୍ଧିକ ପ୍ରକ୍ରିୟା ଅବ-ଲମ୍ବନରେ କବିତା ରଚନା କରି ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼େ । ଦ୍ୱିତୀୟ ପ୍ରକାର ଶୈଳୀରେ ଶହେ ବ୍ୟକ୍ତିଙ୍କଦ୍ୱାରା ତତ୍କାଳରେ ଦିଆଯାଇଥିବା ବିଷୟ ଉପରେ ଛନ୍ଦ ଆବଦ୍ଧ କରି ଶହେ ପଦ ରଚନା କରିବାକୁ ହୁଏ । ଏଥିରେ ପ୍ରଥମ ପଦର ପ୍ରଥମ ପଂକ୍ତିରୁ ଆରମ୍ଭ କରି ଶହେ ପଦ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରଥମ ପଂକ୍ତି ରଚନା କରିବା ପରେ ପ୍ରଥମ ପଦର ଦ୍ୱିତୀୟ ପଂକ୍ତିରୁ କ୍ରମଶଃ ସମଗ୍ର ପଦର ଦ୍ୱିତୀୟ ପଂକ୍ତିକୁ ପୂର୍ଣ୍ଣ କରିବାକୁ ହୁଏ । ସାହିତ୍ୟିକ କଳା-କୌଶଳର ଏହା ସବୁଠାରୁ ମନ୍ଦ ଉଦାହରଣ । ମାତ୍ର ଦୁଃଖର କଥା, ଆଜି ପର୍ଯ୍ୟନ୍ତ କୌଣସି କୌଣସି ସ୍ଥାନରେ ଏହାକୁ ସାହିତ୍ୟିକ ପ୍ରତିଭାର କଷଟି ପଥର ରୂପେ ବିଚାର କରାଯାଉଛି । ଖାରେଶଲିଙ୍ଗମ୍ ଦୁଇ ବା ତିନି ଥର 'ଅଷ୍ଟାବଧାନମ୍' ରଚନା କରିଛନ୍ତି; କିନ୍ତୁ କେବଳ ଶିରପୀଡ଼ା ବ୍ୟତୀତ ଅନ୍ୟ କିଛି ନ ମିଳିବାରୁ ସେ ଏହାକୁ ପରିତ୍ୟାଗ କଲେ ।

ପଦ୍ୟ ରଚନା କ୍ଷେତ୍ରରେ ସେ ଅନ୍ୟମାନଙ୍କ ତୁଳନାରେ ସୁଦକ୍ଷ ଥିଲେ । ସେଥିପାଇଁ ପଣ୍ଡିତମାନଙ୍କଠାରୁ 'କୁଶଳ କବି'ର ପ୍ରଶଂସା ଲାଭ କରିବା କିଛି ଆଶ୍ଚର୍ଯ୍ୟ କଥା ନ ଥିଲା । ମାନ୍ଦ୍ରାଜର ପତ୍ରିକା 'ଦି ପବ୍ଲିକ ଓପିନିଅନ୍' (ଜନମତ) ତାଙ୍କର 'ଉତ୍ତର ରାମାୟଣମ୍' ପୁସ୍ତକର ସମୀକ୍ଷା କରି 'ସୁନ୍ଦର ପଦ୍ୟ', 'ସଠିକ୍ ମାପି-ଚୁପି ଶବ୍ଦ ପ୍ରୟୋଗ ଓ ଶୁଦ୍ଧ ତେଲୁଗୁ ଭାଷାର ଅଭିରୁଚି', 'କାବ୍ୟାତ୍ମକ ପ୍ରତିଭା' ଏବଂ ତାହାର 'ଉଚ୍ଚ କୋଟୀର ପ୍ରବାହମୟତା ଓ ରୁଚିକର ଶୈଳୀ'ର ଭୂୟସୀ ପ୍ରଶଂସା କରିଥିଲା ।

ଜୀବନର କୌଣସି ମୁହୂର୍ତ୍ତରେ ସେ କବିତା ରଚନାର ଏହି ପ୍ରାରମ୍ଭିକ କର୍ମକୁ କେବେ ଅସ୍ୱୀକାର କରି ନ ଥିଲେ କିମ୍ବା ସେଥିପାଇଁ ଲଜ୍ଜାବୋଧ କରି ନ ଥିଲେ । ରଚନାକାଳକୁ ଦୃଷ୍ଟିପଥକୁ ଆଣି ସେ ଭାବୁଥିଲେ ତାଙ୍କର କବିତାଗୁଡ଼ିକ ଖୁବ୍ ଉଚ୍ଚକୋଟୀର । ମାତ୍ର ତାଙ୍କ ଅନ୍ତରର ଗଭୀରତମ ପ୍ରଦେଶରେ ନିଜ

ସୃଷ୍ଟିର ସଠିକ କାବ୍ୟକତା ସମ୍ବନ୍ଧରେ ଘୋର ଅସନ୍ତୋଷ ଥିଲା । ସନ ୧୮୮୭ରେ ପ୍ରକାଶିତ ଏକ ରଚନାରେ ସେ ହିନ୍ଦୁ କଳା ଜଗତର ଦେବୀ ସରସ୍ୱତୀ ଓ ଦେବର୍ଷି ନାରଦଙ୍କ ମଧ୍ୟରେ ବାର୍ତ୍ତାଳାପ କରାଇଛନ୍ତି, ଯେଉଁଥିରେ ସେମାନେ କହନ୍ତି—'ଶବ୍ଦର ଧ୍ୱନିରେ, କିମ୍ବା ତତ୍ତ୍ୱସହିତ ଜଡ଼ିତ କଳା-କୈବଲ୍ୟରେ, ସଙ୍କୀର୍ଣ୍ଣ କଳ୍ପନାରେ, ପୁରାତନ ସମୃଦ୍ଧ ଗୌରବରେ, କିମ୍ବା ବାହ୍ୟ ପରିଚ୍ଛନ୍ନତାରେ, ଅଥବା ନକଲି ସାଜସଜ୍ଜାରେ ପ୍ରକୃତ କବିତା ସୃଷ୍ଟି ହୁଏ ନାହିଁ ।' ଏହା ସ୍ପେନ୍ସରଙ୍କ ଦ୍ୱାରା ରଚିତ "ଟିଅର୍ସ ଅଫ୍ ଦ ମିଉଜ୍‌ସ" (ବାକ୍‌ଦେବୀଙ୍କ ଅଶ୍ରୁ) ର ସ୍ମୃତି ରୋମନ୍ଥନ କରାଏ । ନିଷ୍ଠା ଓ ସନ୍ତାପରେ ଭରା ପଂକ୍ତିରୁ ସ୍ପଷ୍ଟ ଜଣାପଡ଼େ ଯେ, ଏହି ସମୟକୁ ବୀରେଶଲିଙ୍ଗମ୍ ଯଥାର୍ଥ କବିତାର ସ୍ୱରୂପ ଓ ଆତ୍ମାକୁ ଚିହ୍ନି ସାରିଥିଲେ । ମାତ୍ର ଏହି ନୂତନ ଜ୍ଞାନ ଓ ଦୃଷ୍ଟିକୋଣ ନେଇ କବିତା ରଚନା କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା ।

ପରମ୍ପରାଗତ କବିତା ସହିତ ବୀରେଶଲିଙ୍ଗମ୍ ପାରମ୍ପରିକ ଶୈଳୀର ଅନେକ ଗଦ୍ୟ ରଚନା କରିଥିଲେ । ସେ ସମ୍ବନ୍ଧରେ ପରବର୍ତ୍ତୀ ପର୍ଯ୍ୟାୟରେ ବିସ୍ତୃତ ଭାବେ ଆଲୋଚନା କରାହେବ । ଏବେ ଆମେ ଏକପ୍ରକାର କଷ୍ଟକର ପୁନର୍ଜନ୍ମ ଲାଭ କରୁଥିବା ନୂତନ ବୀରେଶଲିଙ୍ଗମ୍‌ଙ୍କ ପ୍ରତି ଟିକିଏ ଦୃଷ୍ଟିପାତ କରିବା ।

□□□

ପୁନର୍ଜନ୍ମ

ବିଶ୍ୱାସ କରାଯାଏ, ତିନି ଉଚ୍ଚ ଜାତିର ବ୍ୟକ୍ତିମାନଙ୍କର ଜନ୍ମ ଦୁଇଥର ହୋଇଥାଏ । ଦ୍ୱିତୀୟ ଜନ୍ମ ସେତିକବେଳେ ହୁଏ, ଯେତେବେଳେ ଯଜ୍ଞୋପବୀତ ସଂସ୍କାର ପରେ ତାଙ୍କୁ ଗାୟତ୍ରୀ ମନ୍ତ୍ରର ଦୀକ୍ଷା ଦିଆଯାଏ । ବ୍ରାହ୍ମଣ ମାତା-ପିତାର ସନ୍ତାନ ବୀରେଶଲିଙ୍ଗମ୍‌ଙ୍କର ଯଜ୍ଞୋପବୀତ ଧାରଣ ସାତ ବର୍ଷ ବୟସରେ ହୋଇଥିଲା । ମାତ୍ର କେହି ଯଦି ତାଙ୍କୁ ପଚାରି ଥାଆନ୍ତା ଯେ, ଆପଣଙ୍କର ଦ୍ୱିତୀୟ ଜନ୍ମ କେବେ ହେଲା, ତେବେ ସେ ସାତବର୍ଷ ବୟସ କଥା ନ କହି ନିଶ୍ଚୟ କୋଡ଼ିଏ ବା ଏକୋଇଶି ବର୍ଷ କଥା କହିଥାଆନ୍ତେ ।

କିଶୋରାବସ୍ଥାରେ ନିଜ ପୀଢ଼ିର ଅଧିକାଂଶ ବାଳକଙ୍କଠାରୁ ସେ ବହୁ ପରିମାଣରେ ନିଷ୍ଠାବାନ୍ ଓ ଉଗ୍ରରକ୍ଷଣଶୀଳ ଥିଲେ । ସକାଳେ, ଦି ପ୍ରହରରେ ଓ ସନ୍ଧ୍ୟାରେ—ଦିନକୁ ତିନିଥର ସେ ଗାୟତ୍ରୀ ଜପ କରୁଥିଲେ । ବିଶେଷ ଅବସରରେ ସେ ହଜାରେ ଥର ଜପ କରୁଥିଲେ । ବିଧିପୂର୍ବକ ଗୋଦାବରୀ ନଦୀରେ ସ୍ନାନ କରି ସୂର୍ଯ୍ୟାସ୍ତ ସମୟରେ ସେ ସ୍ଥାନୀୟ ଶିବାଳୟକୁ ଯାଉଥିଲେ । ସେ କାଳର ରୀତି ଅନୁସାରେ ପବିତ୍ରତା ଆଣିବା ନିମିତ୍ତ କପାଳ ଓ କାନ୍ଧରେ ଭସ୍ମ ବିଲେପନ କରୁଥିଲେ । ଶିବରାତ୍ରି ଦିନ ସେ ଉପବାସ କରୁଥିଲେ ଓ ସାରା ରାତି ଉଜାଗର ରହୁଥିଲେ । ଜୀବନର ଏହି ମୁହୂର୍ତ୍ତରେ ବୈଦିକ ଓ ଅନ୍ୟ ମନ୍ତ୍ରମାନଙ୍କର ଫଳୋତ୍ପାଦକତା ଉପରେ ତାଙ୍କର ଅତୁଟ ବିଶ୍ୱାସ ଥିଲା । କଠିନ ତପସ୍ୟା କରି ଜୀବନର 'ସଞ୍ଜୀବନୀ ପାଇବାକୁ' ସେ ଆଶା କରୁଥିଲେ । ପୁରାଣ ବର୍ଣ୍ଣିତ ଋଷିମାନେ ଥିଲେ ତାଙ୍କର ଆଦର୍ଶ । ନିଜର ତିନି ବନ୍ଧୁଙ୍କଠାରେ ସେ ଏହି ଆକାଂକ୍ଷା ଜାଗ୍ରତ କରାଇ ହିମାଳୟ ଯାଇ ଦୈବୀଶକ୍ତି ଲାଭ କରିବାପାଇଁ ଆଗ୍ରହ ସୃଷ୍ଟି କରିଥିଲେ । ଯେତେବେଳେ ସେମାନେ ଯାତ୍ରା ପାଇଁ ପ୍ରସ୍ତୁତ ହୋଇଗଲେ ଓ ଯିବାପାଇଁ ତାଙ୍କ ଉପରେ ଜୋର୍ ଦେଲେ, ସେତେବେଳେ ବୀରେଶଲିଙ୍ଗମ୍ ସାହସ ହରାଇ ବସିଲେ ଓ ସେମାନଙ୍କଠାରୁ ଅଲଗା ହୋଇଗଲେ । ଏହାସତ୍ତ୍ୱେ ଅନ୍ୟମାନେ ନିଜ ନିଜ ଘରୁ ଚାଲିଗଲେ ଓ କିଛି ଅସଫଳ ଦୁଃସାହସିକତା ପରେ ପୁଣି ଘରକୁ ଫେରି ଆସିଥିଲେ ।

ଆମେ ଠିକ୍‌କରି ଜାଣିନୁ, କେବେ ସେ ନିଜସ୍ୱ ଧାର୍ମିକ ମତବାଦରୁ ଦୂରେଇ ଗଲେ । ଏହା ଆମକୁ ଜଣା ନାହିଁ ଯେ, ତାଙ୍କଠାରେ କିପରି ପ୍ରଥମ କରି ବିପ୍ଳବର ବୀଜ ରୋପିତ ହେଲା । ନିଜ 'ଆତ୍ମକଥା'ରେ ସେ ଏ ସମ୍ବନ୍ଧରେ କିଛି ମଧ୍ୟ ଉଲ୍ଲେଖ

କଣନାହାନ୍ତି । ତଥାପି ସେ କେବଳ ନିଜ ଜୀବନ କ୍ଷେତ୍ରରେ ନୁହେଁ, ଆନ୍ଧ୍ରପ୍ରଦେଶର ଇତିହାସକୁ ମଧ୍ୟ ନିଶ୍ଚିତ ରୂପେ ଏକ ନୂଆ ମୋଡ଼ ଦେଲେ । ସେ ଯାହାହେଉ, 'ଆତ୍ମକଥା'ରେ ଇତସ୍ତତଃ ଥିବା ଶ୍ରେଷ୍ଠ ଶ୍ରେଷ୍ଠ ସନ୍ଦର୍ଭମାନଙ୍କରୁ ଜଣାପଡ଼େ, ସେ ଯେତେବେଳେ କେଶବଚନ୍ଦ୍ରଙ୍କ ସଂକଳିତ ଭାଷଣ ସବୁକୁ ପଢ଼ୁଥିଲେ, ସେତିକିବେଳେ କେତେକ ପ୍ରଚଳିତ ପ୍ରଥା ଓ ବିଶ୍ୱାସ ସମ୍ବନ୍ଧରେ ତାଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ସେହି ସମୟରେ ମଛଲୀପଟ୍ଟନମ୍‌ରୁ ବଦଳି ହୋଇ ଆସିଥିବା ଶିକ୍ଷକ ଡ. ଲକ୍ଷ୍ମୀନରସିଂହମ୍‌ଙ୍କ ସହିତ ତାଙ୍କର ସୌହାର୍ଦ୍ଦ୍ୟ ବଢ଼ିଲା । ତାଙ୍କଠାରୁ ସେ କେଶବଚନ୍ଦ୍ର ସେନଙ୍କ ଉପଦେଶାବଳୀ ତଥା ରାମମୋହନ, ଦେବେନ୍ଦ୍ରନାଥ ଓ ଅନ୍ୟ ବ୍ରାହ୍ମ ମତବାଦୀ ନେତାଙ୍କ ସମ୍ବନ୍ଧରେ ଜାଣିବାକୁ ପାଇଲେ, ଯେଉଁମାନେ ଉପନିଷଦୀୟ ଏକେଶ୍ୱରବାଦର କେତେକାଂଶକୁ ପୁନରୁଦ୍ଧାର ଓ ଆଉ କେତେକାଂଶକୁ ପୁନର୍ବ୍ୟାଖ୍ୟା କରିଥିଲେ । ଏହି ନୂତନ ବିଶ୍ୱାସବୋଧରେ ଅନୁପ୍ରାଣିତ ହୋଇ ମୁଷ୍ଟିମେୟ ସହଯୋଗୀଙ୍କ ସହିତ ସେ ରୁଦ୍ଧଦ୍ୱାର କୋଠରୀ ଭିତରେ ମିଳାମିଶା କରୁଥିଲେ, ଯଦ୍ୱାରା ଯଥାର୍ଥ ଭାବରେ ନିଜ ଭିତରେ ଆଲୋଚନା କରାଯାଉଥିଲା । ତାଙ୍କ ରହସ୍ୟମୟ ବୈଠକ ବିଷୟରେ କୌଣସି ସୂତ୍ରରୁ ପ୍ରକଟ ହୋଇଗଲା । ଲୋକଙ୍କୁ ଥଟ୍ଟା ପରିହାସ କରିବାକୁ ଖୋରାକ ମିଳିଗଲା । ରାସ୍ତାରେ ଯିବା ସମୟରେ ବରାବର ତାଙ୍କୁ ଲୋକେ 'ମିଟିଂବାଲା' କହି ଟିକ୍‌କାରି ମାରୁଥିଲେ । ତଥାପି ରୁଦ୍ଧଦ୍ୱାର ଗୃହରେ ବୈଠକ ଜାରି ରହିଲା ଓ ତନ୍ମଧ୍ୟରୁ ଆଧୁନିକ ଆନ୍ଧ୍ରର ଜନକ ନବ ବୀରେଶଲିଙ୍ଗମ୍‌ଙ୍କର ଆବିର୍ଭାବ ଘଟିଲା ।

ଥରେ ଯଦି ସେ କୌଣସି ନୂତନ ପଥରେ ପାଦ ଦେଉଥିଲେ, ତେବେ ସେ ଆଉ ଲେଉଟିବାର ନାଁ ଧରୁ ନଥିଲେ । 'ଦି' ପାଦ ଆଗକୁ ଓ ପାଦେ ପଛକୁ' ପକାଇବା ତାଙ୍କ ସ୍ୱଭାବ ବିରୁଦ୍ଧ ଥିଲା । ଆରମ୍ଭରୁ ସେ ଜାଣି ନେଉଥିଲେ ଯେ ଯାତ୍ରା ଦୀର୍ଘ ଓ ଦୁଃସାଧ୍ୟ ହେବ; ତାଙ୍କୁ କେତେ ପ୍ରତିବନ୍ଧକର ମୁକାବିଲା କରିବାକୁ ହେବ; ଏବଂ ଏପରି ବି ହୋଇପାରେ, ତାଙ୍କୁ ଏକାକୀ ସାରା ସଂସାର ସାମ୍ନାରେ ଠିଆ ହେବାକୁ ପଡ଼ିବ । ସେ ଏକଥା ମଧ୍ୟ ଜାଣିଥିଲେ ଯେ, ଏହି ସଂଘର୍ଷ ମଣିଷଙ୍କ ସହିତ କମ୍, କିନ୍ତୁ ସେମାନଙ୍କ ମନ ସହିତ ଅଧିକ, ଯାହା ଯୁଗ ଯୁଗ ଧରି ଜଡ଼ତାର ମୂଳପିଣ୍ଡ ହୋଇ ରହିଛି । ସେ ତାହା ମଧ୍ୟ ଜାଣି ଯାଇଥିଲେ ଯେ, ତାଙ୍କର ଆଉ କେବେ ଆରାମ କରିବା ବା ଟିକେ ବିଶ୍ରାମ କରିବାର ଆଶା ରଖିବା ଅନୁଚିତ । ତଥାପି ଏହି ସମସ୍ତ ଘଟଣା ତାଙ୍କୁ ତିଳେହେଲେ ବିଚଳିତ କରି ନଥିଲା । ବରଂ ଏହି ଲକ୍ଷ୍ୟ ତାଙ୍କୁ ସଂଘର୍ଷ କରିବାକୁ ଓ ବିଜୟୀ ହେବାକୁ ପ୍ରେରଣା ଦେଲା । ସେ ସର୍ବଦା ଆଗକୁ ଆଗେଇ ଚାଲିଲେ ଏବଂ ଏକା ସାଙ୍ଗରେ ବହୁମୁଖୀ ସଂଗ୍ରାମ କରିବାକୁ ଲାଗିଲେ ।

ଆଧୁନିକ ସାହିତ୍ୟ ସୃଷ୍ଟି ପାଇଁ ନୂତନ ପ୍ରବଚନର ଦରକାର ନାହିଁ, କିନ୍ତୁ

ନୂତନ ସାହିତ୍ୟିକ ଟେକ୍‌ନିକ୍‌, ବା ନୂତନ ଭାବ ଓ ଶୈଳୀର ଆବଶ୍ୟକତା ନାହିଁ; ଏମାନେ ସାହିତ୍ୟର ଆବଶ୍ୟକ ଅଙ୍ଗ ଏବଂ ଆଧୁନିକ ସାହିତ୍ୟର ଆବିର୍ଭାବରେ ଏଗୁଡ଼ିକର ଭୂମିକା ଗୌରବମୟ । ମାତ୍ର ଆଧୁନିକ ସାହିତ୍ୟ ପାଇଁ କ'ଣ ଆବଶ୍ୟକ, ତାହା ତାହାର ଅନ୍ତିମ ଅନ୍ୱେଷଣରୁ ଜଣାପଡ଼େ । ଆଧୁନିକ ସାହିତ୍ୟପାଇଁ ଦରକାର— ନୂତନ ଆବେଗ, ନୂତନ ଦୃଷ୍ଟି, ହୃଦୟକୁ ଆଲୋଡ଼ିତ କଲାଭଳି ନୂତନତା; ଯାହା ନୂତନ ଗତିମାନ ଓ ସଙ୍ଗଠିତ ଜୀବନର ଦର୍ଶନ ଆଡ଼କୁ ଟାଣି ନେଇଯାଇପାରେ । ଯଦି ଏହିସବୁ ତହିଁରେ ଥାଏ, ତେବେ ପ୍ରତ୍ୟେକ ଜିନିଷ ବିନା ଭ୍ରମରେ ଗ୍ରହଳ ଆସିପାରେ । ନିଜର ପରମ୍ପରାବାଦୀ ବନ୍ଧନକୁ ଢିଲାକରି, ଏହିଭଳି ନବଜନ୍ମ ନେଇ, ବୀରେଶଲିଙ୍ଗମ ନିଜପାଇଁ ଜୀବନର ନୂତନ ଦର୍ଶନ ଗଢ଼ି ତୋଳିଲେ । ଏହା ହିଁ ତାଙ୍କୁ ଆଧୁନିକ ସାହିତ୍ୟ ସୃଜନ ପଥରେ ଆଗେଇ ନେଲା । ଏହି ସାହିତ୍ୟ ନିଜ ପରିବେଶ ଓ ବିଷୟ ବିନ୍ୟାସରେ ନୂଆ ଥିଲା; ଉଦ୍ଦେଶ୍ୟ ଓ ପ୍ରୟୋଗରେ ମଧ୍ୟ ଥିଲା ନୂଆ । ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ତାଙ୍କୁ ସମ୍ପୂର୍ଣ୍ଣ ନୂଆ ଢାଞ୍ଚାର ଗଦ୍ୟ ସର୍ଜନା କରିବାକୁ ପଡ଼ିଲା ।

ଆଧୁନିକ ଗଦ୍ୟ-ସ୍ରଷ୍ଟା

ଅନ୍ୟ ଭାରତୀୟ ଭାଷାର ସାହିତ୍ୟ ଭଳି ତେଲୁଗୁ ସାହିତ୍ୟରେ ଗଦ୍ୟର ସ୍ୱାଭାବିକ ଆବିର୍ଭାବ ଆଧୁନିକ କାଳ ପର୍ଯ୍ୟନ୍ତ ହୋଇ ନଥିଲା । ଚମ୍ପୂରେ ହିଁ ପ୍ରଥମେ ଏହାର ଉପଯୋଗ ହେଉଥିଲା । ଚମ୍ପୂ ଏଭଳି ଏକ କାବ୍ୟରଚନା ଶୈଳୀ ଯେ, ଯେଉଁଥିରେ ମଝିରେ ମଝିରେ ଗଦ୍ୟଖଣ୍ଡ ସଂଯୁକ୍ତ ହୋଇଥାଏ । ବର୍ଣ୍ଣନା କରିବାପାଇଁ ହେଉ, କିମ୍ବା ଦୁଇ ବଡ଼ ବଡ଼ ପଦ୍ୟ ଖଣ୍ଡକୁ ସଂଯୋଗ କରିବା ନିମିତ୍ତ ହେଉ, ଚମ୍ପୂରେ ଏହାର ପ୍ରୟୋଗ ହେଉଥିଲା । ଏହା ଅତ୍ୟନ୍ତ କୃତ୍ରିମ, ଅନୁପ୍ରାସ ପ୍ରଧାନ ଓ ଅଳଙ୍କାର ଯୁକ୍ତ ହେଉଥିଲା ଏବଂ ଯେତେଦୂର ସମ୍ଭବ ଏହା ମଣିଷର ନିତିଦିନିଆ କଥିତ ଭାଷା ଠାରୁ ଭିନ୍ନ ଧରଣର ଥିଲା । ଏହା ଅଧିକରୁ ଅଧିକ ଗ୍ରାହକତାର ଉଦ୍ଦେଶ୍ୟ ନରଖି ଅଳଙ୍କରଣର ଲକ୍ଷ୍ୟ ପୋଷଣ କରୁଥିଲା । ସାହିତ୍ୟର ମାଧ୍ୟମ ରୂପେ ଗଦ୍ୟର ସ୍ଥାନ ଏତେ ନିମ୍ନରେ ଥିଲା ଯେ, ଛନ୍ଦଗ୍ରନ୍ଥ ଓ ଶବ୍ଦକୋଷ ମଧ୍ୟ ପଦ୍ୟରେ ରଚନା କରାଯାଉଥିଲା । ଏହିଭଳି କଳା ସ୍ଥାପତ୍ୟର ଟେକ୍‌ନିକ୍, ସଙ୍ଗୀତ ଓ ନୃତ୍ୟ, ଚିକିତ୍ସା ତଥା ଅନ୍ୟ ବୈଜ୍ଞାନିକ ବିଷୟର ପ୍ରବନ୍ଧ ମଧ୍ୟ ପଦ୍ୟରେ ଲେଖା ହେଉଥିଲା ।

ମୁଦ୍ରଣ ଯୁଗ ପୂର୍ବରୁ ସ୍ୱଭାବତଃ ଗଦ୍ୟର ସ୍ଥିତି ବଡ଼ ଅସ୍ୱାଭାବିକ ଥିଲା । ସାହିତ୍ୟିକ ଓ ଅନ୍ୟ ଗ୍ରନ୍ଥମାନ ରଚନା କରିବା ବହୁ ମନ୍ଥର ଓ ଶ୍ରମପୂର୍ଣ୍ଣ ବ୍ୟାପାର ଥିଲା । ସାଧାରଣତଃ ପୁସ୍ତକ ସୌଖିନ୍ ବସ୍ତୁ ଥିଲା ଓ ସମ୍ପନ୍ନ ବ୍ୟକ୍ତିମାନେ ହିଁ ଏହାକୁ ଖରିଦ କରିପାରୁଥିଲେ । ଏ ପରିସ୍ଥିତିରେ ଯେଉଁ ବ୍ୟକ୍ତି କିଛି ଶିଖିବାକୁ ଇଚ୍ଛା କରୁଥିଲା, ତାକୁ ସମଗ୍ର ବିଷୟକୁ ମୁଖସ୍ଥ କରିବାକୁ ପଡ଼ୁଥିଲା । ମନେ ରଖିବାପାଇଁ ଗଦ୍ୟ ଅପେକ୍ଷା ପଦ୍ୟ ସର୍ବଦା ସହଜ ହେଉଥିଲା । ଅନ୍ୟ କାରଣ ଅପେକ୍ଷା ବିଶେଷକରି ଏଇଥି ଯୋଗୁଁ ସାହିତ୍ୟିକ ମାଧ୍ୟମରୂପେ ଗଦ୍ୟର ବିକାଶ ପଥରେ ବାଧା ସୃଷ୍ଟି ହୋଇଥିଲା ।

ତେଲୁଗୁକୁ ଲୋକପ୍ରିୟ ସାହିତ୍ୟ ମାଧ୍ୟମରୂପେ ବିକଶିତ କରିବା ଦିଗରେ ପ୍ରଥମ ଦୃଢ଼ ପ୍ରୟାସ କରିଥିଲେ ଖ୍ରୀଷ୍ଟିଆନ୍ ପାଦ୍ରୀମାନେ ଓ ଇଂରେଜ ନାଗରିକମାନେ । ଉଲ୍ଲେଖନୀୟ କଥା ହେଉଛି, ଏମାନେ ମାଡ୍ରାସରେ ପ୍ରଥମେ ତେଲୁଗୁ ମୁଦ୍ରଣାଳୟ ସ୍ଥାପନ କଲେ । ପ୍ରଥମଥର ପାଇଁ ଖ୍ରୀ: ୧୮୫୨ ରେ ପ୍ରକାଶିତ ତାଙ୍କର 'ତେଲୁଗୁ-ଇଂରେଜୀ-ଶବ୍ଦକୋଷ'ର ମୁଖବନ୍ଧରେ ସି.ପି. ବ୍ରାଉନ ଲେଖିଛନ୍ତି—

> ତେଲୁଗୁ ଲୋକଙ୍କ ଦ୍ୱାରା ଏହା (ମୁଦ୍ରଣ କାର୍ଯ୍ୟ) ୧୮୦୭ ମସିହା ପାଖାପାଖି ଆରମ୍ଭ ହୋଇଥିଲା । ମାତ୍ର ୧୮୩୦ ପର୍ଯ୍ୟନ୍ତ ଏ

କ୍ଷେତ୍ରରେ ଖୁବ୍ କମ୍ ପ୍ରଗତି ହୋଇଥିଲା । ୧୮୩୫ ମସିହା ବେଳକୁ କେତେକ ତେଲୁଗୁ ଓ ସଂସ୍କୃତ କବିତା ମାଡ୍ରାସରେ ଛପାଗଲା । ଏ ଯାବତ୍ ହିନ୍ଦୁମାନଙ୍କ ଦ୍ୱାରା ପରିଚାଳିତ ତେଲୁଗୁ ମୁଦ୍ରଣାଳୟ-ମାନଙ୍କରେ କେତେଗୁଡ଼ିଏ ଗ୍ରନ୍ଥ ପ୍ରକାଶ ପାଇଛି । ଇଂରେଜ-ମାନଙ୍କ ଦ୍ୱାରା ପରିଚାଳିତ ମୁଦ୍ରଣାଳୟକୁ ଛାଡ଼ି ଆଠଗୋଟି ଏଭଳି ମୁଦ୍ରଣାଳୟ ଏବେ କାମ କରୁଛି ।

ପ୍ରଥମ ତେଲୁଗୁ ପୁସ୍ତକର ମୁଦ୍ରଣ କାଳ ୧୮୩୫ ମସିହା ବୋଲି ଉଲ୍ଲେଖ କରିବା ଦ୍ୱାରା ସମ୍ଭବତଃ ମିଷ୍ଟର ସି. ପି. ବ୍ରାଉନ୍ ଭୁଲ୍ କରିଛନ୍ତି । ଆମେ ଜାଣୁ, ଉଇଲିୟମ୍ ବ୍ରାଉନ୍‌ଙ୍କ ଦ୍ୱାରା ସଙ୍କଳିତ A Vocabulary of Gentoo and English (ଗେଣ୍ଟୁ ଓ ଇଂରେଜୀ ଶବ୍ଦକୋଷ) ଏହାର ବହୁ ଆଗରୁ ସନ ୧୮୧୮ରେ ପ୍ରକାଶିତ ହୋଇଥିଲା । ଏ. ଡି. କ୍ୟାମ୍ପବେଲଙ୍କ ଦ୍ୱାରା ପ୍ରସ୍ତୁତ କରା ଯାଇଥିବା ଗ୍ରନ୍ଥ—A Dictionary of the Teloogoo Language, commonly termed the Gentoo ସନ ୧୮୨୧ରେ ପ୍ରକାଶ ପାଇଥିଲା । ନିର୍ଦ୍ୱିଧାରେ କୁହାଯାଇପାରେ ଯେ, ଏଗୁଡ଼ିକ ଦ୍ୱିଭାଷିକ ପୁସ୍ତକ; କିନ୍ତୁ ଏହି ପୁସ୍ତକ-ଗୁଡ଼ିକ ପ୍ରକାଶ ପାଇବା ସମୟରେ ବା କିଛିଟା ଆଗରୁ କିଛି ନା କିଛି ତେଲୁଗୁ ପୁସ୍ତକ ନିଶ୍ଚିତ ଭାବେ ପ୍ରକାଶିତ ହୋଇଥିବ । ଏହା ମଧ୍ୟ ସମ୍ଭବ ଯେ, ଏଭଳି ପ୍ରକାଶିତ ପ୍ରଥମ ତେଲୁଗୁ ପୁସ୍ତକ ବାଇବେଲର ତେଲୁଗୁ ଅନୂଦିତ ଗ୍ରନ୍ଥ ହୋଇପାରେ ।

ଭାଷାରେ ଯଥାର୍ଥ ଦକ୍ଷତା ନ ଥିବା ହେତୁ ବିଦେଶୀ ମିସନାରୀ ଓ ନାଗରିକମାନେ ଏ ଦିଗରେ ଅଧିକ କାର୍ଯ୍ୟ କରିପାରି ନ ଥିଲେ । ଏମାନଙ୍କ ଦ୍ୱାରା ପ୍ରକାଶିତ ବାଇବେଲର ଗଦ୍ୟାନୁବାଦ ଓ ସ୍କୁଲ ପାଠ୍ୟ-ପୁସ୍ତକମାନ ବଡ଼ ନିମ୍ନ ସ୍ତରର ଥିଲା । ବଙ୍ଗଳାରେ ରାମମୋହନ ଓ ବିଦ୍ୟାସାଗର ଏ କାର୍ଯ୍ୟକୁ ଯେଭଳି ଅଗ୍ରଗତି କରାଇଥିଲେ, ଯଦି ସେଭଳି ଏଠାରେ ହୋଇ ପାରି ଥାଆନ୍ତା, ତେବେ ତେଲୁଗୁ ଗଦ୍ୟ ବହୁ ଶୀଘ୍ର ଆହୁରି ବିକଶିତ ହୋଇପାରି ଥାଆନ୍ତା । ଦୁର୍ଭାଗ୍ୟକୁ ଏହି ସନ୍ଧିମୁହୂର୍ତ୍ତରେ ଯେଉଁ ବ୍ୟକ୍ତି ପଦାର୍ପଣ କଲେ ସେ ଥିଲେ ଚିନ୍ନୟା ସୁରୀ, ଯିଏ ବିଦ୍ୟା-ଦାମ୍ଭିକ ପଣ୍ଡିତ ଥିଲେ; ତା' ଛଡ଼ା ସେ ଥିଲେ ଏକ ପ୍ରେରଣାହୀନ ମସ୍ତିଷ୍କର ବ୍ୟକ୍ତି ।

ଆଦର୍ଶ ଗଦ୍ୟ ସୃଷ୍ଟି କରିବାର ଇଚ୍ଛାଧରି ଚିନ୍ନୟା ସୁରୀ 'ନୀତି ଚନ୍ଦ୍ରିକା' ରଚନା କଲେ । ଏହା 'ପଞ୍ଚତନ୍ତ୍ର' ଓ 'ହିତୋପଦେଶ'ର ପ୍ରଥମ ଦୁଇଭାଗ ଉପରେ ଆଧାରିତ । ସମକାଳୀନ ଗଦ୍ୟ-ଶୈଳୀର ନିମ୍ନ ପ୍ରଣୟନ ପାଇଁ ସେ

ବ୍ୟାକରଣ ମଧ୍ୟ ରଚନା କଲେ । ପ୍ରଭାବଶାଳୀ ପଦବୀରେ ଥିବା ହେତୁ (ସେ ମାଡ୍ରାସ ପ୍ରେସିଡେନ୍‌ସୀ କଲେଜର ପ୍ରଥମ ତେଲୁଗୁ ପଣ୍ଡିତ ଥିଲେ) ତାଙ୍କର 'ନୀତି ଚନ୍ଦ୍ରିକା' ଓ 'ବ୍ୟାକରଣ' ଗ୍ରନ୍ଥକୁ ପାଠ୍ୟପୁସ୍ତକ ରୂପେ ମନୋନୀତ କରିଯାଇଥିଲା । ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ଏହି ଗ୍ରନ୍ଥ ଦୁଇଟି ବରାବର ତେଲୁଗୁ ଗଦ୍ୟର ବିକାଶ ପଥରେ ବାଧା ସୃଷ୍ଟି କରି ଆସିଥିଲା ।

ଚିନ୍ନୟା ସୁରୀଙ୍କ ତତ୍‌କାଳୀନ ତେଲୁଗୁ ଗଦ୍ୟର ନମୁନା ରୂପେ ବିବେଚନା କରି ଯାଉଥିଲା । ତାଙ୍କର ବିଷାକ୍ତ ପ୍ରଭାବର ଅଧୀନ ହୋଇ ବହୁ କୃତ୍ରିମ, ଫର୍ମୁଲାପକା ଦାନ୍ତ-ଭଙ୍ଗା ଗଦ୍ୟ ଲେଖାଗଲା । ତାହା ଅପରିପକ୍ୱ ଓ ଶୁଖିଲା ମାଂସ ଭଳି କଠିନ ହୋଇ ପଡ଼ୁଥିଲା । ଶବ୍ଦକୋଷର ବିନା ସାହାଯ୍ୟରେ ଏହାକୁ ହଜମ କରିବା ସହଜସାଧ୍ୟ ନ ଥିଲା । କୋକ୍‌କଣ୍ଡା ଭେଙ୍କଟରତ୍ନମ ଚିନ୍ନୟା ସୁରୀଙ୍କର ଜଣେ ଅତି ମନ୍ଦ ଅନୁକରଣକାରୀ । ତାଙ୍କଠାରୁ ଅଧା ଭାଗ ଅନୁକରଣକାରୀ ହେଉଛନ୍ତି ବୀରେଶଲିଙ୍ଗମ୍ । ଅନ୍ୟ ଜଣକ ସେହି କାମରେ ଲାଗିଥିବା କଥା ନ ଜାଣି, ଦୁହେଁ ସଂସ୍କୃତର 'ବିଗ୍ରହ-ତନ୍ତ୍ର' ଓ 'ପଞ୍ଚତନ୍ତ୍ରର' ଚତୁର୍ଥ ଖଣ୍ଡକୁ ଏକ ସମୟରେ ଅନୁବାଦ କରିଥିଲେ । ତହିଁରୁ କୋକ୍‌କଣ୍ଡାଙ୍କ ଅନୁବାଦ ପ୍ରଥମେ ମୁଦ୍ରିତ ହେଲା । ଏହାକୁ ପଢ଼ିବା ପରେ ବୀରେଶଲିଙ୍ଗମ୍‌ଙ୍କୁ ଯେତେବେଳେ ଅନୁଭୂତ ହେଲା ଯେ, ତାଙ୍କ ଅନୁବାଦ ତାହାଠାରୁ ଅଧିକ ସରଳ ଓ ସୁନ୍ଦର, ସେତେବେଳେ ସେ ତାହାକୁ ପ୍ରକାଶ କରାଇଲେ । ଏହାଦ୍ୱାରା ଦୁହିଁଙ୍କ ଭିତରେ ଯଥାର୍ଥରେ ଲଢ଼େଇ ଆରମ୍ଭ ହୋଇଗଲା । ପରିହାସ କରିବା ଅଭିପ୍ରାୟରେ କୋକ୍‌କଣ୍ଡା ନିଜର 'ଆନ୍ଧ୍ରଭାଷା ସଞ୍ଜୀବନୀ'ର ବିଶେଷ ସଂଖ୍ୟା ବାହାର କଲେ—'ହାସ୍ୟବର୍ଦ୍ଧିନୀ' । ଏହାର ପ୍ରତିବାଦ କରିବା ଉଦ୍ଦେଶ୍ୟରେ ବୀରେଶଲିଙ୍ଗମ୍ ନିଜ ପତ୍ରିକା 'ବିବେକବର୍ଦ୍ଧିନୀ'ର ବିଶେଷ ସଂଖ୍ୟା 'ହାସ୍ୟ ସଞ୍ଜୀବନୀ' ନାମରେ ପ୍ରକାଶ କଲେ । ହାସ୍ୟ-ବ୍ୟଙ୍ଗ ପତ୍ରିକା ବୋଲାଉ-ଥିଲେ ମଧ୍ୟ ଏ ଦୁଇଟି ପତ୍ରିକାରେ ଜଣେ ଅନ୍ୟ ଜଣକ ଉଦ୍ଦେଶ୍ୟରେ ଅଗ୍ନି ବର୍ଷା କରୁଥିଲେ । କିଛି ଦିନ ଭିତରେ ହାସ୍ୟର ପରଦା ହଟିଗଲା ଏବଂ ଦୁହେଁ ବ୍ୟକ୍ତିଗତ ଲଢ଼ାଇର ନିକୃଷ୍ଟତମ ପର୍ଯ୍ୟାୟରେ ପହଞ୍ଚିଗଲେ । ମାତ୍ର ପରିଶେଷରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପ୍ରତି ଦୃଷ୍ଟି ଆକର୍ଷଣ କରିବାରେ ସାହାଯ୍ୟ କଲା – "କେଉଁଟି ଭଲ ଗଦ୍ୟ ଶୈଳୀ ?"

ଦୁଇ ଲେଖକଙ୍କ ମଧ୍ୟରେ ସନ ୧୮୭୪ରେ ଆରମ୍ଭ ହୋଇଥିବା ମଲ୍ଲଯୁଦ୍ଧ ବେଶ୍ କେଇ ମାସ ଚାଲିଲା ଓ ଲୋକେ ନୀରବ ଦର୍ଶକ ହୋଇ ରହିଥିଲେ । ଶେଷକୁ ବୀରେଶଲିଙ୍ଗମ୍‌ଙ୍କୁ ହିଁ ବିଜୟର ସ୍ୱାଦ ମିଳିଲା । ଏ ଦୁଇଟି ମଧ୍ୟରୁ ତାଙ୍କଦ୍ୱାରା କରିଯାଇଥିବା 'ବିଗ୍ରହତନ୍ତ୍ରର'ର ଅନୁବାଦ ଉତ୍ତମ ବିବେଚିତ ହେଲା । ପାଠ୍ୟ-ପୁସ୍ତକ ରୂପେ ସ୍ୱୀକୃତି ପାଇବା ଫଳରେ ସାରା ଜୀବନରେ କେବେ ଏତେ ଟଙ୍କା

ଦେଖିନଥିବା, ହଜାରେ ଟଙ୍କା ସେ ପାଇଲେ । ଏହି ଅପ୍ରତ୍ୟାଶିତ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ତାଙ୍କ ଭିତରେ ସ୍ୱାତନ୍ତ୍ର୍ୟ-ବୋଧ ଜାତ କରାଇଲା । 'ଆତ୍ମକଥା'ର ବର୍ଣ୍ଣନା ଅନୁସାରେ, ସେ ଯେତେବେଳେ ଏତେ ପରିମାଣର ଅର୍ଥକୁ ହାତରେ ଧଇଲେ, ତାଙ୍କର ମନେ ହେଲା ଏଇ ଅର୍ଥ ସହାୟତାରେ ଆରାମରେ ସେ ସରକାରୀ ଚାକିରି ଛାଡ଼ି ଲେଖକଗିରି କରି ପାରିବେ ।

ଏହି ସମୟକୁ ପଣ୍ଡିତ ବୀରେଶଲିଙ୍ଗମ୍‌ର ପ୍ରତିବିମ୍ବ ପୃଷ୍ଠଭୂମିରୁ ଦୂରେଇ ଯାଉଥିଲା ଏବଂ ମାନବ ସମାଜର କଲ୍ୟାଣ ନିମିତ୍ତ ପ୍ରେରିତ ଏକ ବ୍ୟକ୍ତିତ୍ୱର ପ୍ରତିବିମ୍ବ ଉଦିତ ହୋଇ ଆସୁଥିଲା । ଏହି ନୂତନ ବୀରେଶଲିଙ୍ଗମ୍‌ଙ୍କ ସାମ୍ନାରେ ସଂସ୍କାର ମାଧ୍ୟମ ରୂପେ ତାଙ୍କ ଗଦ୍ୟର ପ୍ରଭାବଶାଳିତା ସମ୍ବନ୍ଧରେ ଘୋର ସଂଶୟ ଜାତ ହୋଇଥିଲା । ସେ ନିଜକୁ ନିଜେ ପ୍ରଶ୍ନ କରୁଥିଲେ : 'ଭାଷାର ଉଦ୍ଦେଶ୍ୟ କ'ଣ ?' ଉତ୍ତର ପାଇବା ପାଇଁ ତାଙ୍କୁ ଡେରି ଲାଗି ନ ଥିଲା : ଭାଷାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଚିନ୍ତାର ଧାରାକୁ ସଂଚାର କରିବା । ଭାଷାର ପ୍ରୟୋଗ ଯେତେ ସରଳ ଓ ସ୍ପଷ୍ଟରୂପେ କରାହେବ, ଏହି ଚିନ୍ତା ଧାରାର-ସଂଚାର ସେତେ ଶକ୍ତିଶାଳୀ ହେବ ।'

'ଆତ୍ମକଥା'ରେ ବର୍ଣ୍ଣିତ ଏଇ ପ୍ରଶ୍ନୋତ୍ତରରୁ ହିଁ ତେଲୁଗୁ ସାହିତ୍ୟ ଇତିହାସର ବାଗମୋଡ଼ ଦେଖିବାକୁ ମିଳେ । ଯଦି କାହାକୁ ପ୍ରଶ୍ନ କରାଯାଏ ଯେ ତେଲୁଗୁରେ ଆଧୁନିକ ଲେଖା କେବେଠାରୁ ଆରମ୍ଭ ହେଲା ତେବେ ସେ ବିନା ଦ୍ୱିଧାରେ ଏ କଥା କହି ଉଠିବ ଯେ, ବୀରେଶଲିଙ୍ଗମ୍ ଯେଉଁଦିନ ଭାଷାର ଉଦ୍ଦେଶ୍ୟ ସମ୍ବନ୍ଧରେ ନିଜକୁ ନିଜେ ପ୍ରଶ୍ନ କରିଥିଲେ ସେହିଦିନୁ ହିଁ ଆଧୁନିକତାର ଜନ୍ମ ।

ବୀରେଶଲିଙ୍ଗମ୍ ନିଜର କୃତ୍ରିମ ଓ ପୁରାତନ ଗଦ୍ୟ-ଶୈଳୀର ଅନୁପଯୋଗିତା ଅନୁଭବ କରିବା ପରେ ତାହାକୁ ସଂପୂର୍ଣ୍ଣ ପରିତ୍ୟାଗ କରିଥିଲେ ଏବଂ ପୁରାପୁରି ନୂତନ ଶୈଳୀର ଗଦ୍ୟ ରଚନା କଲେ । ପ୍ରତ୍ୟେକ ନବ ପ୍ରବର୍ତ୍ତକଙ୍କ କ୍ଷେତ୍ରରେ ଘଟୁଥିବା ଭଳି ବୀରେଶଲିଙ୍ଗମ୍‌ଙ୍କ ଲକ୍ଷ୍ୟ ପଥରେ ଅନେକ ବାଧାବିଘ୍ନ ମୁଣ୍ଡ ଟେକିଥିଲା । ଭାଷାର ନିଜସ୍ୱ ଗୁଣ ଓ ଶକ୍ତିରେ କୌଣସି ପ୍ରକାର ଆଘାତ ନ କରି ସେ ଅଭ୍ୟନ୍ତର ସମସ୍ତ ଧାରାରେ ପରିବର୍ତ୍ତନ ଆଣି ପାରିଥିଲେ । କୃତ୍ରିମତାର ଦୈନ୍ୟ ଓ ନୀରସତାର ଅତଳ ସାଗରରୁ ସେ ସମ୍ପୂର୍ଣ୍ଣ ମୁକ୍ତ ହୋଇ ପାରିଥିଲେ । ତାଙ୍କୁ ତୁଚ୍ଛତା ବ୍ୟତୀତ ସ୍ପଷ୍ଟତା ଏବଂ ଗତାନୁଗତିକତା ବିନା ଭଙ୍ଗପ୍ରବଣତା ଆଣିବାକୁ ପଡ଼ିଥିଲା । ପୁରୁଣା ଶବ୍ଦର ନୂଆ ଅର୍ଥ ଓ ପୁରୁଣା ପ୍ରୟୋଗର ନୂଆ ମହତ୍ତ୍ୱ ଦେବାକୁ ହୋଇଥିଲା ଏବଂ ଆବଶ୍ୟକତା ଅନୁସାରେ ନୂଆ ନୂଆ ଶବ୍ଦ ଗଢ଼ିବାକୁ ପଡ଼ିଥିଲା । ମୋଟ ଉପରେ ନବଯୁଗର ଆବଶ୍ୟକତାର ପରିପୂରଣ ପାଇଁ ନୂତନ ଅସ୍ତ୍ର ଓ ନୂତନ ପ୍ରସାଧନର ଦରକାର ଥିଲା । ସେ ଯେତେବେଳେ ଏହି କାର୍ଯ୍ୟ ହାତକୁ ନେଲେ, ତାଙ୍କୁ ସେଥିରେ ଅଧିକ ସଫଳତା ମିଳିଲା ଏବଂ ତା' ସହିତ ମିଳିଲା ଶାଶ୍ୱତ ଖ୍ୟାତି ।

ନୂତନ ଗଦ୍ୟ-ଶୈଳୀର ନିର୍ମାତା ଭାବରେ ତାଙ୍କର ଉଚ୍ଚକୋଟୀର ସଫଳତା ନିମିତ୍ତ ତାଙ୍କୁ ତୁରନ୍ତ ସ୍ୱୀକୃତି ମିଳିଲା ଏବଂ ତାଙ୍କର ଭୂରିଭୂରି ପ୍ରଶଂସା କରାହେଲା ! ତାଙ୍କର ଦୁଇଟି ପୁସ୍ତକର ସମୀକ୍ଷା କରି ସନ ୧୮୭୮ରେ 'ହିନ୍ଦୁ' ଉଲ୍ଲେଖ କରିଥିଲା :

"ଏ ଯାବତ୍ ଅଭିଯୋଗ ହୋଇ ଆସୁଥିଲା ଯେ, ଭାରତୀୟ ସାହିତ୍ୟରେ ଭଲ ଉପଯୋଗୀ ପୁସ୍ତକର ଅଭାବ ରହିଛି; ଏବଂ ଯାହା କିଛି ଅବା ଅଛି, ତାହା ସାଧାରଣ ପାଠକର ଦୃଷ୍ଟିରେ ପଡ଼ିପାରୁ ନାହିଁ; ସେଗୁଡ଼ିକର ଶୈଳୀ କୃତ୍ରିମ ଓ କଠିନ ହୋଇଥିବା ହେତୁ ଅଳ୍ପ ଯୋଗ୍ୟତା ସମ୍ପନ୍ନ ବିଦ୍ୟାର୍ଥୀଙ୍କ ଲାଗି କଷ୍ଟକର ହୋଇପଡ଼ୁଛି । ଶବ୍ଦ-ଜାଲର ମନ୍ଦିରରେ ବିଚାର ଭାବନାକୁ ବଳି ଚଢ଼େଇବା କାମ କେତେକ ସ୍ଥଳରେ କିଛି ପରିମାଣରେ କମ୍ କରାଯାଇ ପାରିଛି—ବିଶେଷ କରି ତେଲୁଗୁ ସାହିତ୍ୟରେ 'ସ୍କୁଲ୍ ବୁକ୍ ସୋସାଇଟି' ତରଫରୁ ପ୍ରକାଶିତ ପୁସ୍ତକମାନଙ୍କରେ । ମାତ୍ର ଆମର ଭୟ ହେଉଛି ଯେ, ଏହି ପୁସ୍ତକଗୁଡ଼ିକରେ ବିପରୀତ ପ୍ରକାରର ପ୍ରମାଦ ଦେଖା ଯାଉଅଛି । ସରଳତାକୁ ଦୃଷ୍ଟିରେ ରଖି ଏଥିରେ ବ୍ୟାକରଣର ମୂଳ ସିଦ୍ଧାନ୍ତଗୁଡ଼ିକୁ ପରିହାର କରାଯାଉଛି; ଏପରିକି ସ୍ଥଳ ବିଶେଷରେ ଭାଷାର ମୂଳରୂପକୁ ତ୍ୟାଗ କରାଯାଉଛି ।··· ତେଣୁ ଏହା ଆନନ୍ଦର ସହିତ କୁହାଯାଇ ପାରେ ଯେ, ଶ୍ରୀମାନ୍ କନ୍ଦୁକୁରି ବୀରେଶଲିଙ୍ଗମ୍ ପାନ୍ତୁଲୁ ଏହି ଦୁଇଟିର ମଧ୍ୟମ ପନ୍ଥାକୁ ନିଜର କରିପାରିଛନ୍ତି । ତାଙ୍କ ଶୈଳୀ ରୁଚିଶୀଳ ଓ କଥନଧର୍ମୀ; ତାହା କଠିନ ବା କଷ୍ଟସାଧ୍ୟ ନୁହେଁ; କିମ୍ବା ପ୍ରାଣହୀନ, ଦୁର୍ବଳ ବା ପ୍ରଭାବହୀନ ନୁହେଁ । ତାଙ୍କ ରଚନାରେ ଗୋଟାଏ ପ୍ରବାହ ରହିଛି, ଯାହାକି 'ସ୍କୁଲ୍ ବୁକ୍ ସୋସାଇଟି'ର ପୁସ୍ତକରେ ଦେଖିବାକୁ ମିଳେ ନାହିଁ ।··· ଆମେ ଭାବି ପାରି ନ ଥିଲୁ ଯେ, ଚିନ୍ନୟା ସୁରୀଙ୍କ 'ନୀତିଚନ୍ଦ୍ରିକା'ର ପରିଶିଷ୍ଟ ରୂପେ ଲେଖାଯାଇଥିବା 'ବିଗ୍ରହମ୍'ର ରଚୟିତା ନିଜର ପ୍ରାଚୀନ ଧାରା ପରିହାର କରି ତେଲୁଗୁ ସାହିତ୍ୟରେ ପୁରାପୁରି ନୂତନ ଧାରା ସୃଷ୍ଟି କରି ପାରିବେ । ସେଥିପାଇଁ, ଆମକୁ ସ୍ୱୀକାର କରିବାକୁ ହେବ ଯେ, ସମୀକ୍ଷା ପାଇଁ ଆସିଥିବା ଏହି ପୁସ୍ତକ ଦୁଇଟିକୁ ଦେଖି ଆଶ୍ଚର୍ଯ୍ୟ-ଚକିତ ହେଉଛୁଁ ।"

ଆଜିକାଲି ସେ କାଳରେ ନିଜର ଶାଳୀନ ବିଚାରଧାରା ପାଇଁ ଦକ୍ଷିଣରେ ପ୍ରସିଦ୍ଧି ଲାଭ କରିଥିବା, ଏହି ଇଂରାଜୀ ଦୈନିକ ପତ୍ରିକା, ତାହାର ଦୀର୍ଘ ସମୀକ୍ଷାର ଶେଷକୁ ମତ ଦେଇଥିଲା: "ଆମେ ଆମ ନିଜ ମନ ଭିତରେ ଯେତେବେଳେ ତେଲୁଗୁ ସାହିତ୍ୟର ଇତିହାସର ସେହି କାଳକୁ କଳ୍ପନା କରିବା, ସେତେବେଳେ ଲକ୍ଷ୍ୟ କରିବା ଏ ଜାତି ବଡ଼ ଗର୍ବର ସହିତ

ଅତୀତକୁ ଦୃଷ୍ଟିପାତ କରି ସେହି ବ୍ୟକ୍ତିଟିର ସୃଷ୍ଟିକୁ କପରି ମୂଲ୍ୟାୟନ କରିବ—ଯିଏ ଅଶିକ୍ଷିତ ଜନସମାଜ ଓ ନିର୍ବିକାର ଜନତା ମଝିରେ ଥିବା ଇଂରେଜି ଶିକ୍ଷା ପ୍ରତି ରୁଚିରଖିଥିବା ଦେଶବାସୀଙ୍କ ଠାରୁ ନିଜକୁ ଅଲଗା କରି ଆଧୁନିକ ତେଲୁଗୁ ସାହିତ୍ୟର ଶିଳାନ୍ୟାସ କରିଥିଲେ—ଯେଉଁ କାଳରେ ଇଂରେଜି ପଢ଼ିବା ଲାଭଦାୟକ ଓ ଭାରତୀୟ ଭାଷା ପଢ଼ିବା ହାନିକାରକ ବୋଲି ମନେ କରାଯାଉଥିଲା; ସେହି ବ୍ୟକ୍ତି ନିଜ ମାତୃଭାଷାରେ ନିହିତ ପ୍ରକାଶ-ଶକ୍ତିର ବିକାଶ କରାଇ, ତହିଁରେ ସମ୍ପତ୍ତି ଆଣି, ପୂର୍ଣ୍ଣତା ଆଡ଼କୁ ଅଗ୍ରସର କରାଇ ପାରିଥିଲେ” ।

ସମାଜ-ସଂସ୍କାର ସହିତ ନବ-ଗଦ୍ୟ-ଶୈଳୀର ପ୍ରବର୍ତ୍ତନ କ୍ଷେତ୍ରରେ ବୀରେଶଲିଙ୍ଗମ୍ ଥିଲେ ଦକ୍ଷିଣ ଭାରତର ‘ଈଶ୍ୱରଚନ୍ଦ୍ର ବିଦ୍ୟାସାଗର’ । ଏହି ଦୁଇଟି ଦିଗରେ ରାମମୋହନ ରାୟ ବିଦ୍ୟାସାଗରଙ୍କ କାର୍ଯ୍ୟକୁ ଲାଘବ କରିଦେଇଥିଲେ । ବିଦ୍ୟାସାଗରଙ୍କ ଆବିର୍ଭାବର ବହୁ ପୂର୍ବରୁ ସେ ବଙ୍ଗଳାରେ ସମାଜ-ସଂସ୍କାର କାର୍ଯ୍ୟକୁ ନିଜ ହାତକୁ ନେଇ ସାରିଥିଲେ ଏବଂ ସତୀପ୍ରଥା ବିଲୋପ ପାଇଁ ଆନ୍ଦୋଳନ ଆରମ୍ଭ କରି ସାରିଥିଲେ । ସାମାଜିକ ଓ ଧାର୍ମିକ ନବ-ଚିନ୍ତାଧାରାର ପ୍ରବର୍ତ୍ତନ ନିମିତ୍ତ ସେ ବଙ୍ଗଳାରେ ନୂତନ ଗଦ୍ୟଶୈଳୀ ପ୍ରୟୋଗ କରିଥିଲେ; କିନ୍ତୁ ବିଦ୍ୟାସାଗରଙ୍କର ଠିକ୍ ବିପରୀତ ପରିବେଶରେ ବୀରେଶଲିଙ୍ଗମ୍‌ଙ୍କୁ ମୂଳରୁ ହିଁ କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିଥିଲା । ତଥାପି ତାଙ୍କୁ ଏ ଦିଗରେ କିଛି କମ୍ ସଫଳତା ମିଳି ନଥିଲା । କିଛି ସମୟପାଇଁ ଯଦି ଆମେ ବୀରେଶଲିଙ୍ଗମ୍‌ଙ୍କ କାର୍ଯ୍ୟକୁ ଆଧୁନିକ ତେଲୁଗୁ ଗଦ୍ୟ ନିର୍ମାତା ଭାବରେ ସୀମିତ ରଖି, ନିମ୍ନ ଉଦାହରଣରୁ ‘ବିଦ୍ୟାସାଗର’ ସ୍ଥାନରେ ‘ବୀରେଶଲିଙ୍ଗମ୍’ ଓ ‘ବଙ୍ଗଳା’ ସ୍ଥାନରେ ‘ତେଲୁଗୁ’ ଶବ୍ଦ ପ୍ରୟୋଗ କରିବା, ତେବେ ରବୀନ୍ଦ୍ରନାଥଙ୍କ ଏହି ପ୍ରଶସ୍ତି ସହିତ ଏକମତ ହେବା ନ୍ୟାୟସଙ୍ଗତ ମନେହେବ :

“ବିଦ୍ୟାସାଗର ଆଧୁନିକ ବଙ୍ଗଳା ଗଦ୍ୟର ପ୍ରଥମ ସୃଜନଶୀଳ କଳାକାର ଥିଲେ । ଏହା ସତ ଯେ, ବଙ୍ଗଳା ଗଦ୍ୟ ବିଦ୍ୟାସାଗରଙ୍କ ଆବିର୍ଭାବ ପୂର୍ବରୁ ନିଜର ସାହିତ୍ୟିକ ଯାତ୍ରା ଆରମ୍ଭ କରି ଦେଇଥିଲା । ମାତ୍ର ସେ ହିଁ ପ୍ରଥମ ଲେଖକ, ଯିଏ ଆମକୁ କହିଦେଲେ ବଙ୍ଗଳା ଭାଷାକୁ କିଭଳି କଳାତ୍ମକ ଢଙ୍ଗରେ ପ୍ରୟୋଗ କରାଯାଇପାରିବ । ତାଙ୍କ ଆଗରୁ ଆମ ଭାଷା ଥିଲା ଅନୁଶାସନ-ହୀନ ଜନତା ଭଳି, ଯାହା ଲେଖକଙ୍କର ନିୟନ୍ତ୍ରଣ ବାହାରେ ଥିଲା । ସେ ତାହାକୁ ନିୟନ୍ତ୍ରଣ କଲେ ଏବଂ ଶବ୍ଦମାନଙ୍କୁ ଯଥାର୍ଥ ଭାବେ ସଜ୍ଜିତ କରି, ବିଭିନ୍ନ ପଦ୍ଧତିରେ ତାହାକୁ ବିଭକ୍ତ କରି, ଅର୍ଥ ଓ ଧ୍ୱନିକୁ ସଂଯୋଗ କରି, ତାହାକୁ ସରଳ ଓ ସ୍ୱାଭାବିକ ଭାବେ ଗତିଶୀଳ କରାଇ ତଥା ତାହାର ଉପଯୋଗିତାକୁ ଅନେକ ପରିମାଣରେ ବଢ଼ାଇ ଆମ ଭାଷାରେ ନୂତନ ଶୃଙ୍ଖଳା ପ୍ରତିଷ୍ଠା କଲେ । ବିଦ୍ୟାସାଗରଙ୍କର ଏହି ମହାନ୍ ପ୍ରବର୍ତ୍ତନ

କାର୍ଯ୍ୟ ପରେ, ବଙ୍ଗଳା ସାହିତ୍ୟର ଅନେକ ସେନାପତି ଶବ୍ଦର ଶୃଙ୍ଖଳିତ ସୈନିକ-ମାନଙ୍କୁ ଜ୍ଞାନର ନବ ନବ ରାଜ୍ୟମାନଙ୍କୁ ଆଜି ସଫଳତା ପୂର୍ବକ ନେଇଯାଇପାରୁଛନ୍ତି ମାତ୍ର ଆମକୁ ଏହି ନୂତନ ପଥର ଗୌରବ ସର୍ବ ପ୍ରଥମେ ତାଙ୍କୁ (ବିଦ୍ୟାସାଗରଙ୍କୁ) ହିଁ ଦେବାକୁ ପଡ଼ିବ, ଯିଏ ଭାଷାକୁ କଳାକାରର ନିୟନ୍ତ୍ରଣାଧୀନ କରିବାପାଇଁ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେଇଗଲେ" ।

ନିଃସନ୍ଦେହରେ କୁହାଯାଇପାରେ, ତେଲୁଗୁ ଗଦ୍ୟ ବର୍ତ୍ତମାନ ଅପେକ୍ଷାକୃତ ଭାବେ ସମୃଦ୍ଧ । ଏଥିରେ ଅଧିକ ରଙ୍ଗ ଅଛି, ଲୟ ଅଛି; ଅଧିକ ବିବିଧତା ଅଛି ଏବଂ ଓଜଗୁଣ ଅଛି । ତା' ସତ୍ତ୍ୱେ ଯେଉଁମାନେ କେବଳ ନିଜ ବୋକାମିରୁ ବୀରେଶଲିଙ୍ଗମ୍‌ଙ୍କ ପ୍ରତି ନାସିକା କୁଞ୍ଚନ କରନ୍ତି, ଓ କହନ୍ତି ତାଙ୍କ ଗଦ୍ୟରେ କେବଳ ସମତା, ସାବଲୀଳତା ଓ ସ୍ପଷ୍ଟତା ଗୁଣ ଅଛି ସେମାନେ ଭୁଲି ଯାଆନ୍ତି ଯେ, ଏଇ ମହାନ୍ ପ୍ରବର୍ତ୍ତକଙ୍କ କାନ୍ଧ ଉପରେ ସେମାନେ ଠିଆ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ଅନ୍ୟ ଏକ କ୍ଷେତ୍ରରେ, ବିଜ୍ଞାନ ଜଗତର ମହାମନିଷ ପ୍ରଫେସର ନିଉଟନ୍ ବିନମ୍ରତା ସହ ନିଜର ପୂର୍ବସୂରୀଙ୍କ ପାଖରେ ଋଣୀଥିବା କଥା ସ୍ୱୀକାର କରିଛନ୍ତି । ସେ ଏକଦା କହିଥିଲେ—"ମୁଁ ଅନେକ ମହାନ୍ ବ୍ୟକ୍ତିଙ୍କ କାନ୍ଧ ଉପରେ ଠିଆହୋଇ ଥିବା ହେତୁ ଡେକାର୍ଟଙ୍କ ଠାରୁ ବହୁ ଆଗକୁ ଦେଖି ପାରିଛି" ।

□□□

ସଂଗ୍ରାମେ ସହସ୍ରବାହୁ

ବୀରେଶଲିଙ୍ଗମ୍‌ଙ୍କର ସାହିତ୍ୟ କୃତିର ମହତ୍ତ୍ୱ ଓ ତାହାର ସର୍ବବ୍ୟାପି ପ୍ରଭାବର ବାସ୍ତବ ମୂଲ୍ୟାଙ୍କନ କରିବା ପୂର୍ବରୁ, ସଂସ୍କାରକ ରୂପେ ତାଙ୍କର କାର୍ଯ୍ୟାବଳୀ ସମ୍ବନ୍ଧରେ ସମ୍ୟକ୍ ଧାରଣା କରିବା ଲାଗି ଆମକୁ ଏଠାରେ ଟିକେ ଅଟକିବାକୁ ହେବ । ପ୍ରକୃତରେ ଦେଖିବାକୁ ଗଲେ, ତାଙ୍କ କାର୍ଯ୍ୟର ଏହି ଦୁଇଟି ଦିଗ, ଗୋଟିଏ ଅନ୍ୟଟିର ପରିପୂରକ ଥିଲା । ସଂସ୍କାର ନିମନ୍ତେ ତାଙ୍କର ଉତ୍ସାହ, ତାଙ୍କ ରଚନାବଳୀରେ ଅଗ୍ନି ଭରି ଦେଇଥିଲା ଏବଂ ସେଗୁଡ଼ିକୁ ପ୍ରଜ୍ୱଳିତ ଓ ଆଲୋକଦୀପ୍ତ କରିଥିଲା । ଅନ୍ୟ ପକ୍ଷରେ ତାଙ୍କର ସାବଲୀଳତା, ସାମର୍ଥ୍ୟ ଓ ଲେଖନୀ ଚଳାଇବାର ଦକ୍ଷତା ତାଙ୍କୁ ସାମାଜିକ ତଥା ଅନ୍ୟାନ୍ୟ କୁସଂସ୍କାର ବିରୁଦ୍ଧରେ ଅଭିଯାନ ଚଳାଇବାକୁ ଅପୂର୍ବ ପ୍ରେରଣା ଦେଇଥିଲା ।

ଊନବିଂଶ ଶତାବ୍ଦୀର ଶେଷ ପାଦରେ ଯେଉଁ ଶତ୍ରୁମାନଙ୍କ ସହିତ ବୀରେଶଲିଙ୍ଗମ୍‌ଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା, ସେମାନେ କେଡ଼େ ବଳବାନ୍ ଓ କ୍ରୂର ଥିଲେ, ଏକଥା ଗଣତାନ୍ତ୍ରିକ ସମ୍ବିଧାନ ଓ ବ୍ୟାପକ ସାମାଜିକ ବିଧାନ ଥିବା ସ୍ୱାଧୀନ ଭାରତରେ ଜନ୍ମଲାଭ କରିଥିବା ବ୍ୟକ୍ତିମାନଙ୍କ ପକ୍ଷରେ ବୁଝି ପାରିବା ଯେ ନିଶ୍ଚୟ କଷ୍ଟକର, ଏଥିରେ ସନ୍ଦେହ ନାହିଁ । ସେକାଳରେ ପ୍ରତ୍ୟେକ ଘରର କୋଣ-ଅନୁକୋଣରେ ସେମାନଙ୍କର ଭୂତ ବସା ବାନ୍ଧିଥିଲେ ଏବଂ ପ୍ରତ୍ୟେକ ଗଳି-ମୁଣ୍ଡରେ ସେମାନଙ୍କର ଗୁଣିଆ ଥିଲେ । ସେ ସମୟରେ ନାରୀମାନଙ୍କୁ ଶିକ୍ଷାଦେବା ବିପଦ ସଙ୍କୁଳ କାର୍ଯ୍ୟ ରୂପେ ପରିଗଣିତ ହେଉଥିବାରୁ କୌଣସି ସୁସ୍ଥମନରେ ଲୋକ ଏଥିରେ ହାତ ଦେବାକୁ ପସନ୍ଦ କରୁନଥିଲେ । କାରଣ ପତ୍ନୀକୁ ପଢ଼ାଇବାରେ କାହିଁକି ଏପରି ନ ହୋଇପାରେ ଯେ, ସେ ଗୁପ୍ତ ପତ୍ର ଲେଖି ଅବୈଧ ପ୍ରଣୟୀମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିପାରେ ? ବାଲ୍ୟ ବିବାହ ସେକାଳର ପ୍ରଚଳିତ ପ୍ରଥା ଥିଲା; ଏପରିକି କୋଳର ଶିଶୁକୁ ମଧ୍ୟ ବିବାହ କରି ଦିଆଯାଉଥିଲା । ବେଳେବେଳେ ଗର୍ଭସ୍ଥ ଶିଶୁମାନଙ୍କର ମଧ୍ୟ ନିର୍ବନ୍ଧ ସ୍ଥିର କରାଯାଉଥିଲା । ପିଲା-କନ୍ୟାକୁ ଖୋଲା-ଖୋଲି ଭାବେ ନିଲାମରେ କିଣିନେବା ଏକ ସାଧାରଣ କଥା ଥିଲା । ବାର୍ଦ୍ଧକ୍ୟରେ ଥରଥର ହେଉଥିବା ବ୍ୟକ୍ତି ମଧ୍ୟ ଲଜ୍ଜାହୀନ ଭାବରେ ଦ୍ୱିତୀୟ, ତୃତୀୟ କିମ୍ବା ଚତୁର୍ଥ ପତ୍ନୀ ଗ୍ରହଣ କରି ପାରୁଥିଲା, ଯଦି ସେ କୌଣସି ଅଭାଗିନୀର ପିତାକୁ ପ୍ରଚୁର ଅର୍ଥ ଲାଞ୍ଚ ଦେଇ ପାରୁଥିଲା । କିନ୍ତୁ ଏହାର ବିପରୀତ ଦିଗରେ, ଯଦି କୌଣସି ସ୍ତ୍ରୀର ସ୍ୱାମୀଙ୍କର ଦେହାନ୍ତ ଘଟୁଥିଲା, ତେବେ ସେ କୌଣସି ଅବସ୍ଥାରେ ବି ଦ୍ୱିତୀୟ ବିବାହ କରି ପାରୁ ନଥିଲା । ସେ ରଜସ୍ୱଳା ନ ହୋଇଥିବା ବାଳିକା ହେଉ ପଛକେ, କିମ୍ବା ଶିଶୁ

ଅବସ୍ଥା ଅତିକ୍ରମ କରି ନଥିବା ଝିଅ ହୋଇଥାଉ, ତାକୁ ସାରା ଜୀବନ ବିଧବା ରୂପେ ସମସ୍ତ ବିତାଇବାକୁ ପଡୁଥିଲା—ମୁଣ୍ଡ ଲଣ୍ଡାକରି, ଚୂଡ଼ି ଓ ଆଭୂଷଣ ପରିତ୍ୟାଗ କରି, କେବଳ ଧଳା ଲୁଗା ପିନ୍ଧି ଏବଂ ଦିନକୁ ଥରେ ମାତ୍ର ଭୋଜନ କରି ଜୀବନ କଟିବାକୁ ହେଉଥିଲା । ବିବାହ ବଜାରରେ ଦଲାଲି କରି ଜୀବିକା ନିର୍ବାହ କରିବା ସମ୍ମାନିତ ବ୍ୟବସାୟ ରୂପେ ବିବେଚିତ ହେଉଥିଲା । ରକ୍ଷିତା ରଖିବା ବଡ଼ ପଣର ପ୍ରତୀକ ଥିଲା । ନାଚପାର୍ଟି ବିନା କୌଣସି ଉତ୍ସବ ପାଳନ କରାଯାଉ ନଥିଲା । କେତେକ ଜାତି ଓ ଉପଜାତି ଲୋକଙ୍କୁ ପଂକ୍ତି ଭୋଜନରେ ଯୋଗଦେବା ନିଷିଦ୍ଧ ଥିଲା । ସମୁଦ୍ର ପାରି ଯାତ୍ରା କରିବା ଅର୍ଥ ଥିଲା ସାମାଜିକ ବାଛନ୍ଦର ମୁହାଁମୁହିଁ ହେବା । କେତେକ ମଣିଷଙ୍କୁ ଛୁଇଁଲେ ଛୁଆଁ ଦୋଷ ଲାଗୁଥିଲା । ଖୋଲାଖୋଲି ଲାଞ୍ଚ ଦିଆଯାଉଥିଲା ଏବଂ ନିଆଯାଉଥିଲା; ଏପରିକି ନ୍ୟାୟ-ବିଭାଗ ଏଥିରୁ ମୁକ୍ତ ନଥିଲା । ମୋଟ ଉପରେ ସେକାଳର ସମାଜ ଆତ୍ମାହୀନ, ଅଯୌକ୍ତିକ, ନିର୍ଦ୍ଦୟ ଓ ବିକୃତ ଚିନ୍ତାଧାରାର ସମାଜ ଥିଲା । ସେତେବେଳେ ଦୁଇ ଦୁଇଟି ଧାରାର ବିଚାର ଓ ଦୁଇ ଦୁଇଟି ଧାରାର ବ୍ୟବହାର ପ୍ରଚଳିତ ଥିଲା—ପୁରୁଷଙ୍କ ପାଇଁ ନୈତିକ ମୂଲ୍ୟର ଗୋଟିଏ ଧାରା ତ ସ୍ତ୍ରୀଲୋକ ମାନଙ୍କ ପାଇଁ ଆଉ ଗୋଟିଏ ଧାରା; ଉଚ୍ଚ ବର୍ଗର ଲୋକମାନଙ୍କପାଇଁ ଗୋଟିଏ ପ୍ରକାର ବ୍ୟବହାର ତ ଅନ୍ୟମାନଙ୍କ ପାଇଁ ଭିନ୍ନ ରକମର ବ୍ୟବହାର । ସେ କାଳର ବାତାବରଣ ହିଁ ଦମନକାରୀ ଥିଲା; ଏହା ମୁକ୍ତ ବିଚାରଧାରା ଓ ମାନବିକ ଭାବ ଫଲ୍‌ଗୁର ପଥରୋଧ କରୁଥିଲା । ଏହିଭଳି ଭାବେ ପତିତ ସମାଜ ଓ ତାହାର ପ୍ରତିକୂଳ ପରିବେଶ ତଥା ବର୍ବରତା ବିରୁଦ୍ଧରେ ବୀରେଶଲିଙ୍ଗମ୍‌ଙ୍କୁ ସଂଗ୍ରାମ କରିବାକୁ ପଡ଼ିଥିଲା ।

ସମାଜ ସଂସ୍କାରର ଗୁରୁ ଦାୟିତ୍ୱ ବହନ କରିବାର ପ୍ରେରଣା ଓ ଶକ୍ତି, ବୀରେଶଲିଙ୍ଗମ୍‌ଙ୍କୁ କୌଣସି ବ୍ୟକ୍ତିଗତ କାରଣରୁ କିମ୍ବା କୌଣସି କଟୁତିକ୍ତ ଅନୁଭୂତିରୁ ମିଳି ନଥିଲା । ରାଜା ରାମମୋହନ ରାୟଙ୍କ ବିଷୟରେ କୁହାଯାଇପାରେ ଯେ, ସମ୍ଭବତଃ ପିଲାଦିନେ କୌଣସି ଭୟାବହ ଘଟଣା ଦେଖିଥିବା ହେତୁ, ସେ ଅମାନୁଷିକ ସତୀ-ପ୍ରଥା ବିରୁଦ୍ଧରେ ପରବର୍ତ୍ତୀ କାଳରେ ସ୍ୱର ଉତ୍ତୋଳନ କରିଥିଲେ । ପରେ ତାଙ୍କ ବଡ଼ଭାଇ ଜଗମୋହନଙ୍କ ଅକାଳ ବିୟୋଗ ହୋଇଯିବା ଯୋଗୁଁ ତାଙ୍କର ପତ୍ନୀ ଆପଣାକୁ ଚିତାନଳରେ ଝାସ ଦେଇଥିଲେ । ଏପରି ପଦକ୍ଷେପ ନେବାପାଇଁ ତାଙ୍କୁ ଜବରଦସ୍ତି କରାଯିବା କଥା ତ ଦୂରର କଥା, କେହି ତାଙ୍କୁ ସୂଚନା ସୁଦ୍ଧା ଦେଇନଥିଲେ । ଅତ୍ୟଧିକ ଆସକ୍ତିର କାରଣରୁ, ପତିଙ୍କ ଦେହାନ୍ତ ପରେ ନିଜ ଜୀବନ ଦୀପକୁ ସମାପ୍ତ କରିଦେବା ପାଇଁ ସେ ସ୍ଥିର କରି ନେଇଥିଲେ । ଅନୁମାନ କରାଯାଇ ପାରେ ଯେ ରାମମୋହନଙ୍କର ସତୀ ପ୍ରଥାକୁ ନିର୍ମୂଳ କରିବାର ପ୍ରତିଜ୍ଞା ଲାଗି ଏହି ଦୁଇଟି ଦୁଃଖଦାୟକ ଘଟଣାହିଁ ମୁଖ୍ୟ ରୂପରେ ଦାୟୀ ।

ଏହି ଭଳି ଏକ ପ୍ରେରଣା-ଶକ୍ତି ବିଦ୍ୟାସାଗରଙ୍କ ଜୀବନରେ ମଧ୍ୟ କାର୍ଯ୍ୟ କରିଥିବାର ଦେଖାଯାଏ । କଲିକତାର ସଂସ୍କୃତ କଲେଜରେ ପଢୁଥିବା ସମୟରେ ତାଙ୍କ ପ୍ରଫେସର, ଯାହାଙ୍କୁ ସେ ଖୁବ୍ ସମ୍ମାନ କରୁଥିଲେ ସେ ପତ୍ନୀଙ୍କ ଦେହାନ୍ତ ପରେ ସଙ୍ଗେ ସଙ୍ଗେ ଗୋଟିଏ ଶ୍ରେଷ୍ଠ ବାଳିକାକୁ ବିବାହ କରି ନେଇଥିଲେ । ଦ୍ୱିତୀୟ ବିବାହ ପରେ ବୟସ୍କ ପ୍ରଫେସର ଅଧିକ ସମୟ ପର୍ଯ୍ୟନ୍ତ ବଞ୍ଚିରହି ପାରିନଥିଲେ; ଆଉ ବିଚାରୀ ସେହି ବାଳିକାଟିର ବୈଧବ୍ୟ ଯନ୍ତ୍ରଣା ଦେଖି ବିଦ୍ୟାସାଗରଙ୍କ ମନରେ ଗଭୀର ଆଘାତ ଲାଗିଥିଲା । ଏହି ଦୁଃଖ ଦାୟକ ଘଟଣାର କିଛି ଦିନ ପରେ ସେ ସାପ୍ତାହିକ ଛୁଟିରେ ନିଜ ଗ୍ରାମକୁ ଗଲେ । ଯେତେବେଳେ ସେ ଗ୍ରାମରେ ଥିଲେ, ତାଙ୍କର ମାଆ ପଡ଼ୋଶୀ ଘରୁ ଏକ କୋମଳମତି, ପତ୍ନୀସଦୃଶୀ ସୁନ୍ଦରୀ ବାଳିକାକୁ ଧରି ବିଦ୍ୟାସାଗରଙ୍କୁ ଅଶ୍ରୁଳ ନୟନରେ ପ୍ରଶ୍ନ କରିଥିଲେ, 'ତୁ ଯେଉଁ ଶାସ୍ତ୍ର ସବୁ ପଢୁଛୁ, ସେଥିରେ ଏହି ଝିଅ ପରୀକୁ ବୈଧବ୍ୟ ଯନ୍ତ୍ରଣାରୁ ମୁକ୍ତ କରିବାପାଇଁ କ'ଣ କିଛି ନିୟମ ନାହିଁ ?'

ଏପରି ସିଧାସଳଖ, ବ୍ୟକ୍ତିଗତ ବା ପାରିବାରିକ ଯନ୍ତ୍ରଣାଯୁକ୍ତ ଉଦାହରଣ ବୀରେଶଲିଙ୍ଗମ୍‌ଙ୍କ ଜୀବନରେ ଆଦୌ ଦେଖିବାକୁ ମିଳେନାହିଁ । କେବଳ ସେକାଳରେ ଘଟୁଥିବା ଘଟଣାବଳୀ ଓ ତତ୍କାଳୀନ ସାମାଜିକ ନ୍ୟାୟର ଯେଉଁ ଆଦର୍ଶାବଳୀ ତାଙ୍କ ଉପରେ ପ୍ରଭାବ ପକାଇ ପାରିଥିଲା, ସେଇଥିରୁହିଁ ସେ ଏପରି ପଦକ୍ଷେପ ନେବାପାଇଁ ନିଜକୁ ପ୍ରସ୍ତୁତ କରିଥିଲେ । ଏହିପରି ଭାବରେ ନିଜର ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ବ୍ୟକ୍ତି ମାନଙ୍କ ଅପେକ୍ଷା ସେ ଅଧିକ ଦୃଢ଼ ଚେତା ଓ ନିରନ୍ତର ସଂଘର୍ଷକାରୀ ସଂସ୍କାରକ ଥିଲେ । ଯେଉଁ କାରଣ ଗୁଡ଼ିକ ଲାଗି ସେ ଅସ୍ତ୍ର ଉତ୍ତୋଳନ କରିଥିଲେ, ତାହା ଥିଲା ଅନେକ । ତାଙ୍କର କର୍ମ କ୍ଷେତ୍ର ଥିଲା ଏକେଶ୍ୱରବାଦଠାରୁ ଆଧୁନିକତା ପର୍ଯ୍ୟନ୍ତ-ତନ୍ମଧ୍ୟରେ ସ୍ଥାନ ପାଇଥିଲା ମୂର୍ତ୍ତିପୂଜା ବର୍ଜନ, ଭୂତପ୍ରେତଙ୍କ ପ୍ରତି ଅକାରଣ ଭୟର ରହସ୍ୟ ଉଦ୍‌ଘାଟନ, ନାରୀ ଶିକ୍ଷା ଓ ବିଧବା ବିବାହ ନିମନ୍ତେ ଓକିଲାତି କରିବା, ନାଚ ପାର୍ଟିଗୁଡ଼ିକର ନିନ୍ଦା, ଅଛୁଆଁଙ୍କ ସହିତ ଉତ୍ତମ ବ୍ୟବହାର, ଉଚ୍ଚ ଜାତିଙ୍କର ସ୍ୱାଭିମାନ ବିରୁଦ୍ଧରେ ସ୍ୱର ଉତ୍ତୋଳନ, ସରକାରୀ ପଦବୀରେ ଲାଞ୍ଚଖୋର ମାନଙ୍କ ନିଗ୍ରହକରଣ, ତଥା ଏହିପରି ଅନେକ ଗୁଡ଼ିଏ ବିଷୟ । ସଂକ୍ଷେପରେ କହି-ବାକୁ ଗଲେ, ଅଧିକତର ସୁସ୍ଥ, ନିର୍ମଳ ଓ ନ୍ୟାୟୋଚିତ ଜୀବନ ଯାପନ କରିବାପାଇଁ ତାଙ୍କର ସଂଘର୍ଷ ଖୁବ୍ ବ୍ୟାପକ ଥିଲା ।

ବୀରେଶଲିଙ୍ଗମ୍‌ଙ୍କର ପ୍ରାରମ୍ଭିକ ଖଣ୍ଡଯୁଦ୍ଧ ହେଲା ଅନ୍ଧବିଶ୍ୱାସ ସହିତ ଏବଂ ତାହାର ଆରମ୍ଭ ହେଲା ତାଙ୍କ ନିଜ ଘରୁ । କଦଳୀ ଗଛ ଗଣ୍ଡିରୁ ଯଦି ଭଣ୍ଡା ବାହାରିଲା ତେବେ ତାକୁ ତୁରନ୍ତ କାଟି ପକାଇବା ଦରକାର, ନଚେତ୍ ଅନିଷ୍ଟ

ହେବ—ଏହି ବିଷୟରେ ତାଙ୍କୁ ଚେତାବନୀ ଦିଆଯାଇଥିଲା । ମାତ୍ର ୱାରେଣଲିଙ୍ଗମ୍ ଏଭଳି ଗଛକୁ ବଢ଼ିବାକୁ ଓ ଫଳିବାକୁ ଦେଲେ ଏବଂ ଆଗ୍ରହର ସହିତ ତାହାର ଫଳ ଖାଇଲେ । ତାଙ୍କୁ ପୁଣି ଆହୁରି ସତର୍କ କରି ଦିଆଯାଇଥିଲା ଯେ, ଘରେ ମହୁଫେଣା ହେଲେ, ତାକୁ ଆରମ୍ଭରୁ ଭାଙ୍ଗି ନଦେଲେ, ତା ମାଧ୍ୟମରେ ଦୁର୍ଭାଗ୍ୟ ପ୍ରବେଶ କରେ । ସେ କିନ୍ତୁ ମହୁଫେଣାକୁ ବଢ଼ିବାକୁ ଦେଲେ ଏବଂ ତହିଁରୁ ମହୁ ସଂଗ୍ରହ କରି ଆନନ୍ଦରେ ଖାଇଲେ । ପ୍ରଥମପଦା ଦିନ ନୂତନ ନିଯୁକ୍ତିକୁ ଗ୍ରହଣ କରିବାକୁ ପଡ଼ିବାରୁ ତାଙ୍କ ମାଆ ଚିଡ଼ି ଉଠିଥିଲେ ଏବଂ କହିଥିଲେ—'ଏସବୁ ଜାଣିଶୁଣି କରି ସର୍ବନାଶକୁ ବରଣ କରିବା କଥା' । ମାତ୍ର ସେ ଅଡ଼ି ବସି ଯେହିଦିନ କୋରଙ୍ଗି ଯାଇ ହେଡ଼ମାଷ୍ଟର ଦାୟିତ୍ୱ ଗ୍ରହଣ କରିଥିଲେ । ଜୀବନର ବାକି ସମୟତକ ଆନନ୍ଦପୂର୍ବକ ସେ ଏବଂ ପ୍ରତ୍ୟେକ ଅନ୍ଧବିଶ୍ୱାସକୁ ମୁକାବିଲା କରିଥିଲେ ଏବଂ ଏହିଭଳି କାର୍ଯ୍ୟରେ ତାଙ୍କୁ ସବୁବେଳେ ସଫଳତା ମିଳିଥିଲା । ଉଦାହରଣ ସ୍ୱରୂପ ମାଡ୍ରାସରେ ରହିଥିବା ବେଳେ ନିଜ ବଗି ପାଇଁ ଗୋଟେ ଅଳ୍ପ ଦାମରେ ମିଳୁଥିବା ଭଲ ଘୋଡ଼ା କିଣି ଆଣିଥିଲେ । ଘୋଡ଼ାର କୁଞ୍ଚକୁଞ୍ଚିଆ କେଶଗୁଡ଼ି କିଣିବା ଲୋକ ପ୍ରତି ବିପଦ ଆଣିପାରେ ଏହି ବିଶ୍ୱାସରେ କେହି ଘୋଡ଼ାପାଇଁ ନିଲାମ ଡାକିବାକୁ ସାହାସ କଲେ ନାହିଁ, ଏଇ ଘୋଡ଼ା କିଣିବା ତାଙ୍କପାଇଁ କେବଳ ଏକ ଶୁଭଙ୍କର ଘଟଣା ହେଲା ନାହିଁ । ବରଂ ସେ ଘୋଡ଼ାଟି ତାଙ୍କର ମିତ୍ର ଓ ରକ୍ଷକ ହେଲା । ଦିନେ ରାତିରେ କଚୁଆନ୍ ଗାଡ଼ି ଚଳାଉଥିବା-ବେଳେ ଶୋଇପଡ଼ିବା ସତ୍ତ୍ୱେ ବି ଏହି ଘୋଡ଼ା ୱାରେଣଲିଙ୍ଗମ୍ଙ୍କୁ ବିପଜ୍ଜନକ ଜନଗହଳି ରାସ୍ତା ଅତିକ୍ରମ କରାଇ ନିରାପଦରେ ଘରେ ଆଣି ପହଞ୍ଚାଇ ଦେଇଥିଲା ।

ତାଙ୍କର ଦ୍ୱିତୀୟ ମୁକାବିଲା ହୋଇଥିଲା ଗୁଣିଆମାନଙ୍କ ସହିତ । ନିଜର ସନ୍ତାନହୀନ ହେବା ରୋଗକୁ ଭୂତର ପ୍ରକୋପ ବୋଲି କହି ୱାରେଣଲିଙ୍ଗମ୍ଙ୍କ ମାଆ ଗୋଟିଏ ପରେ ଗୋଟିଏ ଗୁଣିଆଙ୍କୁ ଡକାଉଥିଲେ ଏବଂ ସେମାନେ ତାଙ୍କଠାରୁ ଖୁବ୍ ପଇସା ଝିଙ୍କାଇ ନେଉଥିଲେ । ୱାରେଣଲିଙ୍ଗମ୍ଙ୍କର ସେମାନଙ୍କ ସହିତ କେତେଥର ଝଗଡ଼ା ହେଲା । ସେମାନଙ୍କ ଭିତରୁ ଜଣେ ଅନ୍ୟମାନଙ୍କଠାରୁ ଅଧିକ ହଇରାଣ କରାଉଥିଲା । ଚିଲମ ଟାଣିବା ପାଇଁ ଦରକାର କରୁଥିବା ପଇସା ଯେତେବେଳ ଯାଏ ପୂରଣ କରି ନ ଯାଏ, ସେ ଭୟଦେଖାଇ କହେ ଯେ, ତା'ର ଭୟଙ୍କର ଯାଦୁବିଦ୍ୟା ଦ୍ୱାରା ସେ ୱାରେଣଲିଙ୍ଗମ୍ଙ୍କୁ ମାରିଦେବ । ମାତ୍ର ଘଟଣାଟି ବିପରୀତ ଘଟିଲା । ସେ ନିଜେ ଯାଦୁବିଦ୍ୟା ସାଧନ କରୁ କରୁ ଶକ୍ତ ବେମାରରେ ପଡ଼ିଲା ଏବଂ ମୃତ୍ୟୁମୁଖରୁ ତାକୁ ରକ୍ଷାକରିବା ପାଇଁ ୱାରେଣଲିଙ୍ଗମ୍ଙ୍କୁ ହିଁ ପ୍ରଯତ୍ନ କରିବାକୁ ହେଲା । ସଫଳ ସଂସ୍କାରକ ହୋଇଥିବା ହେତୁ ସେ ବହୁଦିନର ଯୁକ୍ତିକରି ନିଜ ମାଆଙ୍କୁ ଭୟରୁ ମୁକ୍ତକରି

ପାରିଥିଲେ । ୨୨ ସେପ୍ଟେମ୍ବର ସନ ୧୮୭୮ରେ ନିଜ ପୁତ୍ରକୁ ଗଭୀର ଦୁଃଖରେ ପକାଇ, ମୃତ୍ୟୁବରଣ କରିବାର ଦୁଇବର୍ଷ ଆଗରୁ, ସେ ଭୂତ-ପିଶାଚଙ୍କ ସ୍ଥିତି ସମ୍ବନ୍ଧୀୟ ବିଶ୍ୱାସ ପରିତ୍ୟାଗ କରିଥିଲେ ।

ଅନ୍ୟ ଯେଉଁ ସାମୁଖ୍ୟ ତାଙ୍କୁ ତୁରନ୍ତ ଖୋଲିବାକୁ ହେଲା—ତାହା ଥିଲା ଅନୈତିକ ଯୌନଜୀବନ· ବିରୁଦ୍ଧରେ ଯାହା ଗୁପ୍ତ କିମ୍ବା ଲଜ୍ଜାକର ବିଷୟ ନ ଥିଲା ଓ ସମ୍ପୂର୍ଣ୍ଣ ଖୋଲାଖୋଲି ଭାବରେ ଅଲାଜୁକ ଢଙ୍ଗରେ ଚାଲିଥିଲା । ପୁରୁଷ ପାଇଁ ଅତିରିକ୍ତ ନାରୀ ସଂସର୍ଗ ନ ରଖିବା, ପୁରୁଷପଣିଆ ପ୍ରତି ଶଙ୍କାର ବିଷୟ ବୋଲି ବିବେଚିତ ହେଉଥିଲା । ତେଣୁ ଚଳିବାର ସୁବିଧା ଥାଉ ବା ନ ଥାଉ, ରକ୍ଷିତା ରଖିବା ପ୍ରତ୍ୟେକଙ୍କ ପାଇଁ ଆବଶ୍ୟକ ହୋଇ ପଡ଼ିଥିଲା । ନିଜର ବଡ଼ପଣ ପ୍ରଦର୍ଶନ ପାଇଁ କେତେକ ଲୋକ ଦୁଇ ତିନୋଟି ଲେଖାଁ ରକ୍ଷିତା ରଖୁଥିଲେ । ଓକିଲ ବା ନ୍ୟାୟାଧୀଶ, ଡାକ୍ତର ବା ଔଷଧ-ବିକ୍ରେତା, ସରକାରୀ ଅଫିସର କିମ୍ବା ବ୍ୟବସାୟୀ—କୌଣସି ଶ୍ରେଣୀୟ ଲୋକେ ଏହି ନିୟମରୁ ବ୍ୟତିକ୍ରମ ନ ଥିଲେ । ବ୍ୟବସାୟ ନିମିତ୍ତ ଦେଖା-ସାକ୍ଷାତ ପାଇଁ, ସରକାରୀ ହେଉ, ବା ବେସରକାରୀ ହେଉ ବିଶେଷକରି ଏହି ରକ୍ଷିତାମାନଙ୍କ ଘରେ ସ୍ଥିର କରାଯାଉଥିଲା । କାରଣ ଏହି ସ୍ତ୍ରୀଲୋକମାନେ 'ଦେବଦାସୀ' ସମ୍ପ୍ରଦାୟର ଥିଲେ; ଯେଉଁମାନେ ନୃତ୍ୟଗୀତରେ ପ୍ରବୀଣା ଥିଲେ ଏବଂ ଲମ୍ପଟ ସାଥୀମାନଙ୍କୁ ନେଇ ନାଚପାର୍ଟିର ବନ୍ଦୋବସ୍ତ କରି ପାରୁଥିଲେ । ନିମନ୍ତ୍ରଣ ଦ୍ୱାରା ଯେଉଁ ଅତିଥିମାନେ ଏହି ନାଚପାର୍ଟିରେ ଯୋଗ ଦେଉଥିଲେ, ଆଶା କରା ଯାଉଥିଲା ଯେ ସେମାନେ ନାଚବାଲୀକୁ ପଇସା ଦେବେ । ଯଦି କେହି ଏଭଳି ଜାଗାରେ ଅର୍ଥଦାନ କରୁ ନ ଥିଲା, ସେ ଉଚ୍ଚ ପଦାଧିକାରୀଙ୍କ କୃପାଦୃଷ୍ଟିରୁ ବଞ୍ଚିତ ହେଉଥିଲା । ଏହି କୁପ୍ରଥା ବହୁ ବ୍ୟାପକ ଭାବେ ପ୍ରସାରିତ ହୋଇଥିଲା ଓ ଗଭୀର ସ୍ଥିତି ପ୍ରତିଷ୍ଠା କରିଥିଲା । ମାତ୍ର ଏହା ବୀରେଶଲିଙ୍ଗମ୍‌ଙ୍କ ସହିତ ମୁକାବିଲା କରି ପାରି ନ ଥିଲା । ତାଙ୍କର ସୁବ୍ୟବସ୍ଥିତ ଆନ୍ଦୋଳନର ପୂର୍ଣ୍ଣରୂପ ଜାଣିବାକୁ ହେଲେ ତାଙ୍କ ଆତ୍ମକଥା 'ପଢ଼ିବା' ଆବଶ୍ୟକ ।

କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଜାତିକୁ ପେଶାଦାର ବେଶ୍ୟା ବୋଲି ନିନ୍ଦା କରାଯାଉଥିବା ଅମାନୁଷିକତା ସମ୍ବନ୍ଧରେ ବୀରେଶଲିଙ୍ଗମ୍ ସଚେତନ ଥିଲେ । ହେଲେ ଅନ୍ୟ ସମସ୍ୟାର ସମାଧାନରେ ଲିପ୍ତ ରହିବା ଫଳରେ ଏମାନଙ୍କୁ ସାହାଯ୍ୟ କରିବାଲାଗି ତାଙ୍କୁ ସମୟ ମିଳି ନ ଥିଲା । ଏକଦା ନିଜ ସହରର କେତେକ ବନ୍ଧୁଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ ପାଇଁ ସେ ନିଜ ପତ୍ନୀଙ୍କ ସାଙ୍ଗରେ ଯାଉଥିଲାବେଳେ ଦେଖିଲେ, ମୁହଁ ସାରା ରକ୍ତ ଜୁଡ଼ୁବୁଡ଼ୁ ହୋଇଥିବା ଗୋଟିଏ ଦେବଦାସୀର କେଶା-କର୍ଷଣ କରି ତା'ର ରଖୁଆଳ ରାଗରେ ଜର୍ଜର ହୋଇ ତାକୁ ବିଚ୍ ରାସ୍ତାରେ ଟାଣି

ଟାଣି ନେଉଥିଲା । ଏହି ଲହୁଲୁହାଣ ଦୃଶ୍ୟରେ ବିବ୍ରତ ହୋଇ ରାଜ୍ୟଲକ୍ଷ୍ମୀ ତାଙ୍କ ପତିଙ୍କ ଆଡ଼କୁ ମୁହଁ ବୁଲାଇ ଅନୁରୋଧ କଲେ—''ଏହି ବିଚାରୀମାନଙ୍କୁ ଉଦ୍ଧାର କରିବା ପାଇଁ କ'ଣ ଆମେ କିଛି କରି ପାରିବା ନାହିଁ ?'' ଦୀର୍ଘଶ୍ୱାସ ଛାଡ଼ି ବୀରେଶଲିଙ୍ଗମ୍ ତାଙ୍କ ପତ୍ନୀଙ୍କୁ କହିଲେ—''ହଁ, ଠିକ୍, କିନ୍ତୁ 'ଗୋଟା ନିଆଁ ଯୁଦ୍ଧ କରିବା ପାଇଁ ଆମର କଅଣ ଆଉ ବୟସ ଅଛି !'' ପରବର୍ତ୍ତୀ ବର୍ଷମାନଙ୍କରେ ତାଙ୍କ ବନ୍ଧୁ ତଥା ସହଯୋଗୀ ସାର୍ ରଘୁପତି ଭେଙ୍କଟରତ୍ନମ୍ ଦେବଦାସୀମାନଙ୍କୁ ଏହି ନର୍କମାରୁ ବାହାର ଆସିବାକୁ ସାହାଯ୍ୟ କରିଥିଲେ;—ଯେଉଁଥିରେ କି ବର୍ଷ ବର୍ଷ ଧରି ପଡ଼ି ରହି ସନ୍ତୁଳ ହେବାକୁ ପରମ୍ପରାପନ୍ଥୀ ସମାଜ ସେମାନଙ୍କୁ ବାଧ୍ୟ କରିଥିଲା ।

କିନ୍ତୁ ବୀରେଶଲିଙ୍ଗମ୍‌ଙ୍କର ଏକ ପ୍ରାଥମିକ ଆନ୍ଦୋଳନ ଥିଲା ସରକାରୀ ସ୍ତରର ଲାଞ୍ଚ ଓ ଭ୍ରଷ୍ଟାଚାର ବିରୁଦ୍ଧରେ । ଅନେକ ସମୟରେ ସେ ନିଜେ ଏକାକୀ ସଂଗ୍ରାମ କରିବାପାଇଁ ଠିଆ ହୋଇ ଯାଉଥିଲେ । ରାଜମହେନ୍ଦ୍ରୀରେ ଆରମ୍ଭ କରାଯାଇଥିବା ଏହିଭଳି ଏକ ସଂଘର୍ଷର କେତେକ ନାଟକୀୟ ମୋଡ଼ ଓ ପଟ୍ଟ ପରିବର୍ତ୍ତନ ପରେ ପ୍ରାପ୍ତ ପରିଣାମ ହେଲା—ଜିଲା ମୁନ୍‌ସଫ୍‌ଙ୍କୁ ଚାକିରୀରୁ ବରଖାସ୍ତ କରାଯିବା ପରେ ସମ୍ଭବତଃ ନିଜ ହାତରେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ; ତାଙ୍କ ସହିତ ସହଯୋଗିତା କରିଥିବା ସରକାରୀ ଓକିଲଙ୍କର ଆତ୍ମହତ୍ୟା; ସିରସ୍ତାଦାରଙ୍କ ପଦଚ୍ୟୁତି ତଥା ଶେଷରେ ପାଗଲଖାନାରେ ଭର୍ତ୍ତି ହେବା ଏବଂ ରେକର୍ଡ଼ କିପର (ଅଭିଲେଖପାଳ)ଙ୍କୁ ଅଭିଯୁକ୍ତ କରାଯାଇ ଦଣ୍ଡବିଧାନ । ଏହାପରେ ଅନେକ ବର୍ଷ ଧରି ଯେଉଁ ସରକାରୀ କର୍ମଚାରୀଙ୍କ ରେକର୍ଡପତ୍ରରେ ସାମାନ୍ୟ ତ୍ରୁଟିବିଚ୍ୟୁତି ଦେଖା ଯାଉଥିଲା, ସେମାନେ ବୀରେଶଲିଙ୍ଗମ୍‌ଙ୍କ ନାମ ଶୁଣିବାମାତ୍ରେ ଆତଙ୍କିତ ହୋଇ ଉଠୁଥିଲେ ।

ସବୁଠାରୁ ଦୀର୍ଘକାଳ ଧରି ଚାଲିଥିବା ତାଙ୍କ ସଂଘର୍ଷ ହେଲା—ନାରୀମାନଙ୍କୁ ଶିକ୍ଷା ପାଇବାର ଅଧିକାର ଦେବା ଓ ବିଧବାଙ୍କର ପୁନଃ ବିବାହ କରାଇବା । ଏଥିରୁ ଦ୍ୱିତୀୟଟି ସ୍ୱୟଂ ଏକ କାହାଣୀ; ତେଣୁ ତାକୁ ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନ କରିବାର ଅଭିଳାଷ ରଖି, ନାରୀ ଶିକ୍ଷା ସମ୍ବନ୍ଧୀୟ ତାଙ୍କର ପ୍ରବର୍ତ୍ତନକାରୀ କାର୍ଯ୍ୟକୁ ଏଠାରେ ଉପସ୍ଥାପନ କରାଯାଉଛି ।

ନିଜେ ନିଜେ ଭାବିପାରିବାର କ୍ଷମତା ଆସିବା ପରଠାରୁ ବୀରେଶଲିଙ୍ଗମ୍ ନାରୀଶିକ୍ଷାକୁ ଦୃଢ଼ଭାବେ ସମର୍ଥନ କରୁଥିଲେ । ତାଙ୍କ ମତରେ, ସମାଜର ପ୍ରାଣକେନ୍ଦ୍ର ନାରୀକୁ ଯେ ପର୍ଯ୍ୟନ୍ତ ଉଚିତ ଶିକ୍ଷାରୁ ବଞ୍ଚିତ କରି ରଖାଯାଇଛି, ସେ ଯାଏ ଜ୍ଞାନଦାନ ଓ ବିକାଶର ସମସ୍ତ କଥା ମୂଲ୍ୟହୀନ ଓ ବେକାର । ସେ ଦୃଢ଼ତାର ସହ କହୁଥିଲେ

ଯେଉଁଦିନଠାରୁ ନାରୀର ମର୍ଯ୍ୟାଦା ନିମ୍ନସ୍ତରର କରି ଦିଆଯାଇଛି, ସେହିଦିନଠାରୁ ଭାରତର ପତନ ଆରମ୍ଭ ହୋଇଛି । ସମ୍ବାଦପତ୍ରମାନଙ୍କରେ ତାଙ୍କର ଅନେକ ପ୍ରାରମ୍ଭିକ ଲେଖାମାନ ଏହି ସମ୍ପର୍କରେ ଲେଖା ଯାଇଥିଲା । ସେହିଦିନଠାରୁ 'ଆନ୍ଧ୍ର-ଭାଷା ସଞ୍ଜୀବନୀ' ଓ 'ପୁରୁଷାର୍ଥ ପ୍ରଦାୟିନୀ' ଏହି ଦୁଇ ପତ୍ରିକାରେ ନାରୀମାନଙ୍କୁ ଶିକ୍ଷାଦେବା ଶ୍ରେୟସ୍କର କି ନା, ଏ ବିଷୟରେ ବିବାଦ ଲାଗିରହିଥିଲା । ଏହି ଝଗଡ଼ା ଭିତରକୁ ବୀରେଶଲିଙ୍ଗମ୍ ନିଜ ସ୍ୱଭାବଗତ ଉତ୍ସାହଧରି ଲମ୍ଫ ପ୍ରଦାନ କଲେ । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଅନ୍ୟ ବିବାଦ ଭଳି ଏଥିରେ ମଧ୍ୟ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ ସେଇ କୋକ୍କୋଣ୍ଡା ।

ବୀରେଶଲିଙ୍ଗମ୍ ପରବର୍ତ୍ତୀ କାଳରେ ଯେତେବେଳେ ନିଜର ପତ୍ରିକା ପ୍ରକାଶ କଲେ, ସେତେବେଳେ ସେ କେବଳ ନାରୀ-ଶିକ୍ଷା ପ୍ରସଙ୍ଗକୁ ବିସ୍ତୃତ କଲେ ନାହିଁ, ବରଂ ତାଙ୍କ ବିରୋଧୀମାନଙ୍କ ସମ୍ବନ୍ଧରେ ଅନେକ ପ୍ରହସନ ଓ ବ୍ୟଙ୍ଗରଚନା ପ୍ରକାଶ କଲେ । ସେମାନଙ୍କ ଜୋତାକୁ ସେଇମାନଙ୍କ ମୁଣ୍ଡ ଉପରେ ଥୋଇ, ସେମାନଙ୍କର ଯୁକ୍ତିକୁ ଓଲଟାଇ, ହାସ୍ୟ-ବ୍ୟଙ୍ଗର ଗମ୍ଭୀରତା ମଧ୍ୟରେ କେବଳ ପୁରୁଷଙ୍କୁ ଶିକ୍ଷାଦେବା ଦ୍ୱାରା ଘଟୁଥିବା କ୍ଷତି ବିଷୟରେ ସେ ଇଙ୍ଗିତ କଲେ । ପ୍ରେସରେ ଲେଖାଲେଖି ବ୍ୟତୀତ ସେ ନିଜର ଅତିପ୍ରିୟ ବିଷୟକୁ ମଜବୁତ୍ କରିବା ପାଇଁ ଭାଷଣ ମଞ୍ଚକୁ ମଧ୍ୟ ଯଥାଯଥ ଭାବରେ ଉପଯୋଗ କଲେ ।

ଧବଳେଶ୍ୱରମ୍‌ରେ ପ୍ରଧାନଶିକ୍ଷକ କାମ କରୁଥିବା ସମୟରେ ତାଙ୍କର-କେତେକ ବନ୍ଧୁ ଓ ହିତାକାଂକ୍ଷୀ ତାଙ୍କଠାରୁ ପ୍ରେରଣା ଲାଭକରି ସନ ୧୮୭୪ ସେପ୍‌ଟେମ୍ବର ମାସରେ ଗୋଟିଏ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କଲେ । ଆନ୍ଧ୍ର-ପ୍ରଦେଶରେ ଏଭଳି ବିଦ୍ୟାଳୟ ସମ୍ଭବତଃ ଏହା ପ୍ରଥମ ଥିଲା । ଏ ଯାଏ ବାଳିକାମାନଙ୍କ ସ୍କୁଲ କେବଳ ନାଚ ବାଲି ଝିଅମାନଙ୍କପାଇଁ ଥିଲା ଯେଉଁଠି ସେମାନଙ୍କୁ ଉତ୍ତେଜନା-କାରୀ ସଙ୍ଗୀତ, ନୃତ୍ୟ ଓ ଅନ୍ୟ ପ୍ରଲୋଭନକାରୀ କଳାମାନ ଏଭଳି ଶିକ୍ଷା ଦିଆ-ଯାଉଥିଲା ଯେ, ଯାହା ତାଙ୍କର ପେଶା ନିମିତ୍ତ ପରେ କାମରେ ଆସୁଥିଲା ।

ସାତବର୍ଷ ପରେ ରାଜମହେନ୍ଦ୍ରୀରେ ମହିଳାଙ୍କ ଶିକ୍ଷା ନିମିତ୍ତ ସ୍କୁଲ ଖୋଲିବା ଦିଗରେ ବୀରେଶଲିଙ୍ଗମ୍ ସାହାଯ୍ୟ କଲେ । ଏହି ସମୟରେ ସେ କେବଳ ନାରୀମାନଙ୍କ ସେବାର୍ଥେ 'ସତୀ ହିତ ବୋଧିନୀ' ନାମକ ମାସିକ ପତ୍ରିକା ପ୍ରକାଶ କରିଥିଲେ । କେବଳ ତିନି ବର୍ଷ ଚାଲିଲେ ମଧ୍ୟ ଏହି ପତ୍ରିକା ଇତିହାସ ସୃଷ୍ଟି କଲା । ଏହି ପତ୍ରିକାର ସ୍ତମ୍ଭରେ ସେ ଧାରାବାହିକ ରୂପେ ତାଙ୍କର ସତ୍ୟବତୀ ଓ ଚନ୍ଦ୍ରମତୀର କାହାଣୀମାନ, ଭାରତୀୟ ତଥା ବିଦେଶୀୟ ପ୍ରସିଦ୍ଧ ନାରୀମାନଙ୍କର ଜୀବନୀ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲୋକପ୍ରିୟ ସୂଚନା, ପଦ୍ୟରେ ନୀତିବାକ୍ୟ ଓ ଆହୁରି

ଅନେକ ଧରଣର ଲେଖା ପ୍ରକାଶ କଲେ, ଯାହା କେବଳ ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ।

ନିଜର ସ୍ୱାଭାବିକ ଚରିତ୍ରଗତ ସଂହତି ଯୋଗୁ ନିଜର ନାରୀଶିକ୍ଷା ଅଭିଯାନ ଶୁରୁ କରିବା ଆଗରୁ, ସେ ପ୍ରଥମେ ପତ୍ନୀ ରାଜ୍ୟଲକ୍ଷ୍ମୀଙ୍କୁ ଶିକ୍ଷିତ କଲେ । ପତିଙ୍କ ସହ ରହିବା ନିମିତ୍ତ ୧୮୬୧ ସାଲରେ ଆସିଲାବେଳେ ସେ ନିରକ୍ଷର ଥିଲେ । ବୀରେଶ-ଲିଙ୍ଗମ୍ ତାଙ୍କୁ ଏଭଳି ପରିଶ୍ରମ ଓ ନିଷ୍ଠାର ସହ ପଢ଼ାଇଲେ ଯେ, କେତୋଟି ବର୍ଷ ମଧ୍ୟରେ ସେ ବିଧବାମାନଙ୍କର ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରିପାରିଲେ ଓ ଯେଉଁ ବିଧବାମାନେ ପୁନର୍ବିବାହ କରିବାକୁ ସେମାନଙ୍କର ସହାୟତା ଓ ସୁରକ୍ଷା ପ୍ରାର୍ଥନା କରୁଥିଲେ ସେମାନଙ୍କୁ ସାହାଯ୍ୟ କରିପାରିଲେ । ପରବର୍ତ୍ତୀ କାଳରେ ରାଜ୍ୟଲକ୍ଷ୍ମୀ କେତେକ ଭକ୍ତିପ୍ରଧାନ ଗୀତ ମଧ୍ୟ ରଚନା କରିଥିଲେ । ଏହି ଗୀତମାନଙ୍କରେ ସାହିତ୍ୟିକ ବୈଶିଷ୍ଟ୍ୟ ନଥାଉ ପଛେ, କିନ୍ତୁ ଏକଥା ପ୍ରମାଣିତ ହେଲା ଯେ, ସାଧାରଣ ଲୋକଠାରୁ ତାଙ୍କର ତେଲୁଗୁ ଭାଷାରେ ଦକ୍ଷତା ଅଧିକ ଥିଲା ।

ଜଣେ ଶିକ୍ଷାବିଦ୍ ହିସାବରେ ବୀରେଶଲିଙ୍ଗମ୍‌ଙ୍କ ଶ୍ରମ କେବଳ ନାରୀଶିକ୍ଷା କ୍ଷେତ୍ରରେ ସୀମିତ ନ ଥିଲା । ସେ ଜାଣିଥିଲେ ଯେ ଉପରକୁ ଉଠିବାକୁ ହେଲେ ଭାରତରେ ଶିକ୍ଷାର ପ୍ରସାର ସାର୍ବଜନୀନ ହେବା ଦରକାର, ସମାଜର ପ୍ରତ୍ୟେକ ସ୍ତରକୁ ତାହାର ବିସ୍ତାରିତ ହେବା ଉଚିତ । ସେଥିପାଇଁ ସେ ଭିକ୍ଷାକରି, ଉଧାର ନେଇ ତଥା ବିଭିନ୍ନ ଉପାୟରେ ଟଙ୍କା ସଂଗ୍ରହ କରି ବିଭିନ୍ନ ପ୍ରକାରର ଶିକ୍ଷାସଂସ୍ଥା-ମାନ ଖୋଲିଲେ, ଯେଉଁଠି ବୟସ୍କା ମହିଳାମାନେ ଦିନ ସ୍କୁଲରେ, ଶ୍ରମିକମାନେ ରାତ୍ରି ସ୍କୁଲରେ ଓ ହରିଜନମାନେ ଅବୈତନିକ ବିଦ୍ୟାଳୟରେ ଶିକ୍ଷାଲାଭ କରିବା ସମ୍ଭବ ହେଲା ।

ସଦ୍‌ଶିକ୍ଷା ଓ ସମ୍ପୂର୍ଣ୍ଣ ଶିକ୍ଷା ବିଷୟରେ ତାଙ୍କର ବିଚାରଧାରା ନିଜ ସମୟ-ଠାରୁ ବହୁତ ଆଗରେ ଥିଲା । ତାଙ୍କ ମତାନୁସାରେ, ଏଭଳି ଶିକ୍ଷା ଯାହା ମୁକ୍ତ ଓ ନିର୍ଭୟ ବିଚାରକୁ ପୋଷଣ ନ କରେ, ଯାହା ନୈତିକ ମୂଲ୍ୟବୋଧ ଓ ସାମାଜିକ ନ୍ୟାୟ ସମ୍ବନ୍ଧରେ ଜ୍ଞାନ ନ ଦିଏ, ଯାହା ବ୍ୟକ୍ତିକୁ ନିଜ ଆଦର୍ଶ ଲାଗି କଷ୍ଟ ସହିବାକୁ ପ୍ରସ୍ତୁତ ନ କରାଏ, ତାହା ବାସ୍ତବ ଶିକ୍ଷା ନୁହେଁ । ତାଙ୍କ ମତାନୁସାରେ, ସତ୍ ଓ ସମ୍ପୂର୍ଣ୍ଣ ଶିକ୍ଷା ଯେଉଁଠୁ ମିଳୁନା କାହିଁକି, ତାହା କର୍ମଭିତ୍ତିକ ଏବଂ ତାହା ଲଳିତ କଳାକୁ ବି ଉପେକ୍ଷା କରେ ନାହିଁ । ନିଜ ଚିନ୍ତାଧାରାକୁ ପ୍ରତ୍ୟକ୍ଷ ରୂପଦେବାପାଇଁ ସେ 'ବିଧବା ଗୃହ'ର ସଦସ୍ୟାମାନଙ୍କୁ ଶିକ୍ଷାଦେବାପାଇଁ ସିଲେଇ ଶିଖିଥିବା ମହିଳା ନିଯୁକ୍ତ କରିଥିଲେ; ଜଣେ ଡ୍ରଇଂ ଶିକ୍ଷକ ନିଯୁକ୍ତ କରିଥିଲେ, ଯିଏ ସେମାନଙ୍କୁ ଚିତ୍ରକଳା ସମ୍ବନ୍ଧୀୟ ପ୍ରାଥମିକ ଶିକ୍ଷା ଦେଇପାରିବ, ଓ ନିଜର ପତ୍ନୀଙ୍କୁ ସେମାନଙ୍କୁ ସଙ୍ଗୀତ ଶିଖାଇବାର ଦାୟିତ୍ୱ ଅର୍ପଣ କରିଥିଲେ ।

ଆରମ୍ଭରୁ ଲୋକମାନେ ଯେତେବେଳେ ସ୍ତ୍ରୀ-ଶିକ୍ଷାକୁ ବିରୋଧ କରୁଥିଲେ, ସେତେବେଳେ ସେ ବାଳିକାମାନଙ୍କ ପାଇଁ ଅଲଗା ସ୍କୁଲ ସ୍ଥାପନ କରିବାକୁ ପ୍ରୋତ୍ସାହନ ଦେଉଥିଲେ । ଅନୁଭୂତିରୁ ଯେତେବେଳେ ଜଣାଗଲା ଯେ, ଶିକ୍ଷୟିତ୍ରୀମାନେ ନାରୀଙ୍କୁ ଶିକ୍ଷାଦାନ କରିବା ଅଧିକ ସୁବିଧାଜନକ ସେ ଅଧିକରୁ ଅଧିକସଂଖ୍ୟକ ମହିଳାଙ୍କୁ ଶିକ୍ଷକ ପ୍ରଶିକ୍ଷଣ ସ୍କୁଲ ବା କଲେଜରେ ଭର୍ତ୍ତିହେବା ଦିଗରେ ସାହାଯ୍ୟ ଦେବା ଆରମ୍ଭ କରିଦେଲେ । ଯେତେବେଳେ ନାରୀ-ଶିକ୍ଷା ପ୍ରତି ବିରୋଧର ତୀବ୍ରତା କମି ଆସିଲା ସେ ସହଶିକ୍ଷାର ପ୍ରୟୋଗ ଆରମ୍ଭ କଲେ । ଆନ୍ଧ୍ର ପ୍ରଦେଶର ସେ ପ୍ରଥମ ବ୍ୟକ୍ତି ଥିଲେ, ଯିଏ ରାଜମହେନ୍ଦ୍ରୀଠାରେ ନିଜେ ଖୋଲିଥିବା ହାଇସ୍କୁଲରେ ବାଳିକାମାନଙ୍କୁ ପ୍ରବେଶ ଅଧିକାର ଦେଇଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ, ଯୁବକମାନଙ୍କର ନାରୀ ଜାତି ପ୍ରତି ଆଦର ଭାବ ଜାଗ୍ରତ କରିବା ନିମିତ୍ତ ଏଭଳି ପଦକ୍ଷେପ ଏକାନ୍ତ ଆବଶ୍ୟକ ।

ଅନ୍ୟ କ୍ଷେତ୍ର ଭଳି ଏ କ୍ଷେତ୍ରରେ ମଧ୍ୟ ବିଦ୍ୟାସାଗରଙ୍କୁ ନିଜର ଆଦର୍ଶ ମାନି ବୀରେଶଲିଙ୍ଗମ୍ ପ୍ରତ୍ୟେକ ଦିଗରେ ଶିକ୍ଷା-ପ୍ରସାର କରିବା ଲାଗି ନିରନ୍ତର ପ୍ରୟାସ କଲେ । ଏ କ୍ଷେତ୍ରରେ ତାଙ୍କର ସବୁଠୁ ବଡ଼ ସଫଳତା ରାଜମହେନ୍ଦ୍ରୀର 'ଥେଇଷ୍ଟିକ୍ ହାଇସ୍କୁଲ' ଯାହାର ସ୍ଥାପନା ଦିଗରେ ସେ ମୁଖ୍ୟ ଦାୟିତ୍ୱ ନେଇଥିଲେ । ତାଙ୍କ ପ୍ରତି ଶ୍ରଦ୍ଧା ଥିବା ହେତୁ ପିଠାପୁରମ୍‌ର ମହାରାଜା ସ୍କୁଲର ଘର, ଆସବାବପତ୍ର ଓ ଅନ୍ୟାନ୍ୟ ଜିନିଷପାଇଁ ସତୁରି ହଜାର ଟଙ୍କା ଦାନ ଦେଇଥିଲେ । ମହାରାଜା ମଧ୍ୟ ଆଉ ଏକ ପଦକ୍ଷେପ ନେଇଥିଲେ । କାର୍ଯ୍ୟକାରୀ ସମିତିକୁ ପ୍ରଭାବିତ କରି ସେ ଏହି ସ୍କୁଲର ନାମକରଣ ବୀରେଶଲିଙ୍ଗମଙ୍କ ନାମାନୁସାରେ ନାମିତ କଲେ ଏବଂ ଏହା ସେ ବୀରେଶଲିଙ୍ଗମ୍‌ଙ୍କ ଅଜାଣତରେ ହିଁ କରିଥିଲେ ।

□□□

ଦୀର୍ଘ ଲଂଫ

ବିଶାଖାପଟ୍ଟନମ୍ ନିବାସୀ, ପ୍ରସିଦ୍ଧ ବିଦ୍ୱାନ ମହାମହୋପାଧ୍ୟାୟ ପରବସ୍ତୁ ଭେଙ୍କଟ ରଙ୍ଗାଚାରୀଲୁ ସନ ୧୮୭୫ରେ ବିଧବାଙ୍କ ପୁନର୍ବିବାହ ସପକ୍ଷରେ ତେଲୁଗୁରେ ପ୍ରଥମ ପୁସ୍ତକ ପ୍ରକାଶ କଲେ । ନିଜର ପୂର୍ବବର୍ତ୍ତୀ କଳହକୁ ଭୁଲିଯାଇ ମାନ୍ଦ୍ରାଜର କୋକ୍‌କୋଣ୍ଡା ଭେଙ୍କଟ ରତ୍ନମ୍ ଏ ବିଷୟରେ ଲେଖି ତତ୍‌କ୍ଷଣାତ ବୀରେଶଲିଙ୍ଗମ୍‌ଙ୍କ ଦୃଷ୍ଟି ଆକର୍ଷଣ କଲେ ଏବଂ ମତ ଦେଲେ ଯେ ଏପରିକି ବୀରେଶଲିଙ୍ଗମ୍‌ଙ୍କ ପାଇଁ ମଧ୍ୟ ଏ ନୂତନ ଚିନ୍ତାଧାରା ଅତୀବ ବିରକ୍ତିଜନକ ବୋଲି କହିବାକୁ ହେବ । ବେଲ୍ଲାରୀର ଧର୍ମାବରମ୍ କୃଷ୍ଣମାଚାରୀଲୁ, ଯିଏ କି ପରବର୍ତ୍ତୀ କାଳରେ ପ୍ରସିଦ୍ଧ ନାଟ୍ୟକାର ଭାବେ ଖ୍ୟାତି ଲାଭ କରିଥିଲେ, ସେ ମଧ୍ୟ କୋକ୍‌କୋଣ୍ଡାଙ୍କ ସହିତ ସହମତ ହେଲେ । ଠିକ୍ ଭାବେ ଜଣାନାହିଁ, ବୀରେଶଲିଙ୍ଗମ୍ ଏହାର କି ଉତ୍ତର ଦେଲେ ଏବଂ ଯଦିବା ଦେଲେ, କ'ଣ ଉତ୍ତର ଦେଲେ ?

ରଙ୍ଗାଚାରୀଲୁଙ୍କ ପୁସ୍ତକ ପ୍ରକାଶ ପାଇବାର କିଛି କାଳ ଆଗରୁ, ଜବରଦସ୍ତି ଲଦି ଦିଆଯାଉଥିବା ବୈଧବ୍ୟ ଦଶା ବିଷୟକ ଅନ୍ୟାୟ ଓ ତଦ୍‌ଜନିତ ଦୁଃଖ ଓ ଅନୈତିକତା ଆଡ଼କୁ ଟାଣି ହୋଇଯାଉଥିବା ଅବସ୍ଥା ସମ୍ବନ୍ଧରେ ବୀରେଶଲିଙ୍ଗମ୍ ଧ୍ୟାନ ଦେଇ ଚିନ୍ତା କରୁଥିଲେ । ସାର୍ ରଘୁପତି ଭେଙ୍କଟରତ୍ନମ୍, ଯେପରି ଲେଖିଥିଲେ, ଏହା ଏକ ବିଶାଳ ସାମାଜିକ ପ୍ରଶ୍ନ—ପ୍ରତ୍ୟେକ ଛଅଟି ହିନ୍ଦୁ ନାରୀଙ୍କ ଭିତରେ ଗୋଟିଏ ବିଧବାର ସମସ୍ୟା । ବୀରେଶଲିଙ୍ଗମ୍‌ଙ୍କ ଆଗରେ ଏହା ଥିଲା ଗୋଟିଏ ବିରାଟ ଆହ୍ୱାନ । ତଥାପି ସେ ଏହାର ମୁକାବିଲା କରିବାପାଇଁ ଟିକିଏ ଚିନ୍ତାରେ ପଡ଼ି ଯାଇଥିଲେ । ତାଙ୍କର କେତେକ ସହକର୍ମୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନୁଭୂତି ସୁଖକର ବା ବିଶ୍ୱାସପ୍ରଦ ନ ଥିଲା । ବିପଦର ସାମାନ୍ୟତମ ସୂଚନା ମିଳିବା ସାଙ୍ଗେ ସାଙ୍ଗେ ଏହି ବାକ୍ୟବୀରମାନେ ମୂଷାଭଳି ନିଜ ନିଜ ସାମାଜିକ ଖୋଳ ଭିତରକୁ ପଶିଯାଉ ଥିଲେ । ଯେଉଁ ଅଳ୍ପ କେତେକ ହାତଗଣତି କର୍ମୀ ତାଙ୍କ ସହିତ ଥିଲେ, ବଡ଼ ବିପଦର ମୁହାଁ ମୁହିଁ ହେଲେ, ସେମାନେ କ'ଣ କରିବେ ଜଣା ନ ଥିଲା । ଏଥିପାଇଁ ତରବର ହେଲେ ସଫଳତାର ରାସ୍ତା ବନ୍ଦ ହୋଇଯିବନି ତ ?

ଏହିଭଳି ସେ ଯେତେବେଳେ ଏ ଘଟଣାକୁ ତାଙ୍କ ମନେ ମନେ ମାପଚୁପ କରୁଥିଲେ, ସେତିକିବେଳେ ମାନ୍ଦ୍ରାଜରେ କେତେକ ବିଶିଷ୍ଟ ନାଗରିକ, ଯେଉଁମାନଙ୍କ ମଧ୍ୟରେ ଥିଲେ ଦେବାନ ବାହାଦୁର ଆର. ରଙ୍ଗନାଥ ରାଓ ଓ

ପି ଚେଞ୍ଚଲ ରାଓ, ସନ ୧୮୭୪ରେ 'ବିଧବା ପୁନର୍ବିବାହ ସଙ୍ଘ' ଆରମ୍ଭ କରିଦେଲେ । ବୀରେଶଲିଙ୍ଗମ୍ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିଲେ ଯେ, ସେମାନେ ତାଙ୍କ ସହ ସମ୍ପର୍କ ସ୍ଥାପନ କରିବେ; କିନ୍ତୁ ସେମାନେ ତାଙ୍କୁ ଉପେକ୍ଷା କଲେ । ଏ ଘଟଣା ତାଙ୍କୁ ଆଘାତ ଦେଲା, କିନ୍ତୁ ସେ ନିଜର ଠିକଣା ସମୟ ପାଇଁ ଅପେକ୍ଷା କରି ରହିଲେ । ଖୁବ୍ ଆଡ଼ମ୍ବରରେ ଆରମ୍ଭ ହୋଇଥିବା ମାନ୍ଦ୍ରାଜର ଏହି ସଙ୍ଘର କାର୍ଯ୍ୟ ଦୁଇଟି ବର୍ଷ ଭିତରେ ନିର୍ବାପିତ ହୋଇଗଲା । ଏହି ଘଟଣା ବୀରେଶଲିଙ୍ଗମଙ୍କୁ ଆହୁରି ଅଧିକ ଆଶ୍ୱସ୍ତ କରିଦେଲା ଯେ, ତାଙ୍କ ସହିତ ନିହାତି କମ୍‌ରେ ଅଧିଡ଼ଜନ ସାହସୀ ଓ ବିଶ୍ୱସ୍ତ ସହଯୋଗୀ ନ ହେବା ପର୍ଯ୍ୟନ୍ତ ତାଙ୍କର ଏ ଦିଗରେ କୌଣସି ପଦକ୍ଷେପ ନେବା ଉଚିତ ନୁହେଁ ।

୧୮୭୮ ସାଲ ବେଳକୁ ତାଙ୍କର ହୃଦ୍‌ବୋଧ ହେଲା ଯେ, ତାଙ୍କ ପାଖରେ ଅଧ ଡଜନ ପାଖାପାଖି ବିଶ୍ୱସ୍ତ ସହଯୋଗୀ ହୋଇଗଲେଣି । ସେ କିନ୍ତୁ ଅପେକ୍ଷା କଲେ ଯେ ତାଙ୍କ ବନ୍ଧୁମାନେ ପ୍ରଥମେ ଏ ଦିଗରେ ପଦକ୍ଷେପ ନିଅନ୍ତୁ ଏବଂ ତାଙ୍କ ଉପରେ ନେତୃତ୍ୱ ନେବାପାଇଁ ଚାପ ପକାନ୍ତୁ । ସେପ୍‌ଟେମ୍ବର ପ୍ରଥମ ସପ୍ତାହରେ ବନ୍ଧୁମାନେ ଯେତେବେଳେ ତାହା ହିଁ କଲେ, ସେ ସେପ୍ଟେମ୍ବର ଆଠ ତାରିଖକୁ ସହମତ ହୋଇ ପ୍ରସ୍ତାବ ଦେଲେ 'ସଙ୍ଘ ସଂସ୍କରଣ ସମାଜମ' (ସମାଜ ସଂସ୍କାରସଂଘ) ସ୍ଥାପନା କରାଯାଉ । ବାସ୍ତବରେ ସେହିଦିନ ଠାରୁ ଦକ୍ଷିଣ ଭାରତର ସମାଜ ସଂସ୍କାର କାର୍ଯ୍ୟ ପ୍ରଗତି ଆଡ଼କୁ ଦୀର୍ଘ ପାହୁଣ୍ଡ ପକାଇଲା ।

ପ୍ରାଚୀନ ଧର୍ମଶାସ୍ତ୍ର, ମନୁ, ପରାଶର, ଗୌତମ ଓ ଆପସ୍ତମ୍ବ ଆଦିଙ୍କ ବିଧାନ ମାନଙ୍କରେ ବୀରେଶଲିଙ୍ଗମ୍‌ଙ୍କର ବିଶ୍ୱାସ ନ ଥିଲା । ପ୍ରତ୍ୟେକ ଯୁଗ ନିଜର ସାମାଜିକ ବିଧାନ ସବୁକୁ ଯୁଗ ସହିତ ତାଳ ଦେଇ ନୂଆ ଭାବେ ତିଆରି କରିବାପାଇଁ ସେ ଯୁକ୍ତି କଲେ । ଅପରିବର୍ତ୍ତନୀୟ ନିୟମ କେବଳ ପ୍ରକୃତିର ଅଛି, ମାନବ-ସମାଜର ନାହିଁ । ତାଙ୍କର ଦୃଢ଼ ମତ ଥିଲା ଯେ, ଯେକୌଣସି ସମାଜ ହେଉନା କାହିଁକି, ତାହା ଯଦି ସମୟର ପରିବର୍ତ୍ତନ ଅନୁଯାୟୀ ନିଜ ମୂଳ ଢାଞ୍ଚା ଓ ତାହାକୁ ନିୟନ୍ତ୍ରଣ କରୁଥିବା ସିଦ୍ଧାନ୍ତ ଗୁଡ଼ିକୁ ନ ବଦଳାଏ, ତେବେ ତାହା ନିଶ୍ଚିତ ରୂପେ ବଦ୍ଧ ପଲ୍ୱଳ ପରି ହୋଇଯିବ । କିନ୍ତୁ ସେ ଏକଥା ବି ଜାଣି ଥିଲେ ଯେ ଅଧିକାଂଶ ଲୋକଙ୍କୁ ନିଜ ଦୃଷ୍ଟିକୋଣ ଅନୁରୂପ ମତାମତ ମାନି ନେବାପାଇଁ ପ୍ରାଚୀନ ଶାସ୍ତ୍ରମାନଙ୍କରୁ ବିଧବା-ପୁନର୍ବିବାହ ନିମିତ୍ତ ଅକାଟ୍ୟ ଯୁକ୍ତି ସବୁ ବାହାର କରିବା ଦରକାର । ରାଘବାଚାରିଲୁଙ୍କ ପୁସ୍ତକରେ ଏ ବିଷୟରେ ସବିଶେଷ ଉଲ୍ଲେଖ ନ ଥିଲା । କିନ୍ତୁ ଶାସ୍ତ୍ରରେ ବିଧବା ପୁନର୍ବିବାହ କରିବାର ଅନୁମତି ଦିଆଯାଇଥିବା କଥା ପ୍ରମାଣ କରିବାପାଇଁ ବିଦ୍ୟାସାଗର ଅଧ୍ୟାୟ ପରେ ଅଧ୍ୟାୟ ଉଦ୍ଧୃତ କରିଥିବା କଥା ତାଙ୍କୁ ଜଣାଥିଲା । କିନ୍ତୁ ସେ ସବୁ ତଥ୍ୟକୁ ସେ

ଉପଯୋଗ କରି ପାରିଲେ ନାହିଁ କାରଣ ସେ ସବୁକୁ ସେ ହୁଏତ ସହଜରେ ପାଇ-ପାରିଲେ ନାହିଁ ଓ ସେସବୁ ବଙ୍ଗଳା ଭାଷାରେ ଲେଖା ଥିଲା, ଯାହା ତାଙ୍କପାଇଁ ପରିଚିତ ଭାଷା ନଥିଲା । ତେଣୁ ଯାହା ଅଳ୍ପ କିଛି ସାମଗ୍ରୀ ସ୍ଥାନୀୟ ଭାବରେ ମିଳିଲା ସେ ତାହାରି ସାହାଯ୍ୟ ନେଲେ । ତାକୁ ସମ୍ବଳ କରି ସେ ଏକ ଭାଷଣ ପ୍ରସ୍ତୁତ କଲେ ଏବଂ ସନ ୧୮୭୯ ଅଗଷ୍ଟ ୩ ତାରିଖ ଦିନ ଗୋଟିଏ ସଭାରେ ସେ ତାକୁ ପଢ଼ିଲେ । ତଦ୍ୱାରା ପ୍ରାଚୀନପନ୍ଥୀଙ୍କ ଶିବିରଧାରା ଉପରେ ସତେ ଯେମିତି ଏକ ବୋମା ବିସ୍ଫୋରଣ ହେଲା ଏବଂ ତାହାର ପ୍ରତିଧ୍ୱନି ଆନ୍ଧ୍ର ପ୍ରଦେଶର ସୁଦୂର ଅଞ୍ଚଳରେ ମଧ୍ୟ ଗୁଞ୍ଜରି ଉଠିଲା । ଏହା ସ୍ତିମିତ ହେବା ପୂର୍ବରୁ ସେ ଅକ୍ଟୋବର ୧୨ ତାରିଖରେ ତାଙ୍କର ଦ୍ୱିତୀୟ ଆକ୍ରମଣ କଲେ । ପ୍ରାଚୀନ ପନ୍ଥୀ ଦଳର ପ୍ରତିନିଧିତ୍ୱ କରୁଥିବା କୋକ୍‌କୋଣ୍ଡା ଭେଙ୍କଟରତ୍ନମ, ବେଦମ ଭେଙ୍କଟରାୟ ଶାସ୍ତ୍ରୀ, ଦାସୁ ଶ୍ରୀରାମୁଲୁ ଏବଂ ଅନ୍ୟମାନେ ଏ ଆହ୍ୱାନକୁ ମୁକାବିଲା କରିବାପାଇଁ ଜବାବର ଗୋଳା ବର୍ଷଣ ଆରମ୍ଭ କରିଦେଲେ । ଦୁଇଆଡ଼ୁ ବଡ଼ ବଡ଼ ତୋପ ସବୁ ଗର୍ଜନ କରି ଉଠିଲା ।

ଆଉ କିଛି ଗୋଳାବାରୁଦ ଜମାକରିବାପାଇଁ ବୀରେଶଲିଙ୍ଗମ୍ କଲିକତା, ବମ୍ବେ ଓ ବନାରସର ପୁସ୍ତକାଳୟମାନଙ୍କରେ 'ଧର୍ମଶାସ୍ତ୍ର'ର କପିମାନ୍ ଯୋଗାଡ଼ କରିବାପାଇଁ ବରାଦଦେଲେ । ତା ସାହାଯ୍ୟରେ ସେ ନିଜ ସପକ୍ଷରେ କ୍ଷେତ୍ର ପ୍ରସ୍ତୁତ କଲେ ଏବଂ ରାଜମହେନ୍ଦ୍ରୀ, କାକିନଡ଼ା ଏବଂ ଅନ୍ୟାନ୍ୟ ସହରରେ ଏହି ସମ୍ପର୍କରେ ବିଭିନ୍ନ ସାର୍ବଜନୀନ ବାଦବିସମ୍ବାଦରେ ଭାଗନେଲେ । ଯୁକ୍ତିଦ୍ୱାରା ତାଙ୍କୁ ପରାସ୍ତ କରି ନପାରିବାରୁ ବିରୋଧିଦଳ ତାଙ୍କୁ ଅଶ୍ରାବ୍ୟ ଗାଳି ଗୁଲଜ ଦେବାକୁ ଆରମ୍ଭ କଲେ ଓ ଗଣ୍ଡଗୋଳ ଆରମ୍ଭ କରି ପ୍ରତିବନ୍ଧକ ସୃଷ୍ଟି କରିବାକୁ ଆରମ୍ଭ କଲେ । ତାଙ୍କ ଘୋଷଣା ଆନ୍ଦୋଳନ ସମୟରେ ଦୁଇଥର—ଥରେ ରାଜମହେନ୍ଦ୍ରୀରେ ଓ ଆଉଥରେ କାକିନଡ଼ାରେ—ଓ ପରେ ମାଡ୍ରାଜରେ ମଧ୍ୟ ତାଙ୍କୁ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏହି ସମସ୍ତ ସଙ୍କଟ ସମୟରେ ତାଙ୍କର ଛାତ୍ର ମାନେହିଁ ତାଙ୍କୁ ରକ୍ଷା କରିବାପାଇଁ ଆଗରେ ଆସି ଛିଡ଼ା ହୋଇଯାଇଥିଲେ । ଯଦି ଏହି ଛାତ୍ରମାନେ ତାଙ୍କ ସ୍ୱରପକ୍ଷେ ରକ୍ଷକଙ୍କ ଭଳି ଘେରି ରହି ନ ଥାନ୍ତେ, ତେବେ ନିଜର ଲକ୍ଷ୍ୟ ପୂରଣରେ ବୀରେଶଲିଙ୍ଗମ୍ ଏତେ ଅଧିକ ସଫଳତା ହାସଲ କରିପାରି ନଥାନ୍ତେ । ନିଜ 'ଆତ୍ମକଥା'ରେ ସେ ଏହି ସାହାଯ୍ୟ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି ।

ସମ୍ବାଦପତ୍ର ଓ ଭାଷଣ ମଞ୍ଚରେ କରିଥିବା ଦୁଇବର୍ଷର ଅବିଶ୍ରାନ୍ତ ଆନ୍ଦୋଳନ ପରେ ବୀରେଶଲିଙ୍ଗମ୍‌ଙ୍କର ହୃଦବୋଧ ହେଲା, ଏଣିକି କଥା ସହିତ କାର୍ଯ୍ୟ ନ କଲେ ତାଙ୍କର ସମସ୍ତ କାର୍ଯ୍ୟକ୍ରମ ନିସ୍ତେଜ ହୋଇ କ୍ରମେ ଶେଷ ହୋଇଯିବ । କେତେକ ଆଡୁ ଲୁଚିଛପା ଖବର ତାଙ୍କ ପାଖକୁ ଆସିଲା ଯେ, କେତେକ ଯୁବତୀ

ବିଧବା ପୁନଃର୍ବିବାହ କରିବା ପାଇଁ ଆଗ୍ରହୀ ଏବଂ ସେହିଭଳି କେତେକ ଯୁବକ ମଧ୍ୟ ବିଧବାଙ୍କୁ ବିବାହ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । କେବଳ ଅଭାବ ଥିଲା ଆର୍ଥିକ ସହାୟତାର ଓ ସେଥିପାଇଁ କାକିନଡ଼ାର ପି. ରାମକୃଷ୍ଣାୟ୍ୟା ଆଗେଇ ଆସିଥିଲେ । ଏହି 'ପାପକର୍ମ' ପାଇଁ ତାଙ୍କୁ ଗୈରିକ ବସ୍ତ୍ର ପିନ୍ଧି ଭସ୍ମ ବିଲେପିତ ହେବାକୁ ପଡ଼ିଥିଲା । ନିରୀହ ହେଲେ ମଧ୍ୟ ସେ ଭଲଲୋକ ଥିଲେ ଏବଂ ପରୋକ୍ଷଭାବେ ବିଭିନ୍ନ ଘଟଣାରେ ସେ ପ୍ରାୟ ତିରିଶ ହଜାର ଟଙ୍କା ଏହି କାର୍ଯ୍ୟ ପାଇଁ ସାହାଯ୍ୟ ସ୍ୱରୂପ ପଠାଇଥିଲେ ।

ଆର୍ଥିକ ସହାୟତା ସମ୍ବନ୍ଧରେ ବୀରେଶଲିଙ୍ଗମ୍ ଆଶ୍ୱସ୍ତ ହେଲା ପରେ ତାଙ୍କ ବାଲଚରମାନଙ୍କୁ ଏକ କିଶୋରୀ ବିଧବାର ମାଆଙ୍କ ନିକଟକୁ ପଠାଇଥିଲେ, ଯାହାଙ୍କ ବିଷୟରେ ଖବର ମିଳିଥିଲା ଯେ ସେ ନିଜ ଝିଅକୁ ତା' ଉପରେ ବଳାତ୍କାରରେ ଲଦି ଦିଆଯାଇଥିବା ବୈଧବ୍ୟର ଜୀବନ୍ତ ସମାଧିରୁ ଉଦ୍ଧାର କରିବା ପାଇଁ ଆଗ୍ରହୀ ଥିଲେ । ସମସ୍ତ ପ୍ରତିବନ୍ଧକର ମୁକାବିଲା କରି ତାଙ୍କର ଲୋକମାନେ ଅନ୍ଧକାରର ଆବରଣ ତଳେ ଏକ ସୁଦୂର ଅଗମ୍ୟ ଗାଁରୁ ଝିଅଟିକୁ ନେଇ ଆସି ଦୀର୍ଘପଥ କ୍ଲାନ୍ତିକର ଯାତ୍ରାପରେ ଶେଷରେ ରାଜମହେନ୍ଦ୍ରୀରେ ପହଞ୍ଚିଥିଲେ । ବିଶାଖାପାଟଣାରେ ପୁଲିସ କାମ କରୁଥିବା ବୀରେଶଲିଙ୍ଗମ୍‌ଙ୍କର ଜଣେ ପୂର୍ବତନ ଛାତ୍ରର ଖୁବ୍ ନିକଟରେ ପତ୍ନୀ ବିୟୋଗ ଘଟିଥିଲା ଓ ତାଙ୍କହିଁ ଆନ୍ଧ୍ର ପ୍ରଦେଶର ଉଚ୍ଚ ଶ୍ରେଣୀର ପ୍ରଥମ ବିଧବା ବିବାହ ପାଇଁ ବର ଭାବରେ ବଛାଗଲା । (ସାଧାରଣ ଭାବରେ ଅନେକ ନ ଜାଣିଥିଲେ ମଧ୍ୟ ଆନ୍ଧ୍ର ପ୍ରଦେଶର ନୀଚ ଶ୍ରେଣୀର ଜାତିମାନଙ୍କ ମଧ୍ୟରେ ବିଧବା ବିବାହ ପ୍ରାୟ ଚାଲୁଥିଲା ।)

ଗୋଟିଏ ଦିଗରେ ଅଭୂତପୂର୍ବ ଆନନ୍ଦୋଲ୍ଲାସ ଏବଂ ଅନ୍ୟ ଦିଗରେ ତୀବ୍ର ବିରୋଧ ମଧ୍ୟରେ ୧୮୮୧ ସାଲ ଡ଼ିସେମ୍ବର ୧୧ ତାରିଖରେ ବୀରେଶଲିଙ୍ଗମ୍‌ଙ୍କ ନିଜ ଘରେ ଏ ବିବାହ ସମ୍ପନ୍ନ ହେଲା । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହାକୁ ବାଧାଦେବା ପାଇଁ ସମସ୍ତ ପ୍ରଚେଷ୍ଟା କରାଯାଇଥିଲା । ଦୁଃସାହସୀ ପ୍ରାଚୀନପନ୍ଥୀମାନେ ତାଙ୍କ ଘର ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ; କିନ୍ତୁ ଘରର ଦ୍ୱାରରେ ଓ ଘର ଚାରିପାଖ ରାସ୍ତାରେ ଛାତ୍ର ଓ ପୋଲିସମାନେ କଡ଼ା ପହରା ଦେଇ ସେମାନଙ୍କୁ ପ୍ରତିହତ କରିଥିଲେ । ଏହିଭଳି ଭାବରେ ହାରିଯାଇ କିନ୍ତୁ ସେମାନେ ପ୍ରତିହିଂସା ସ୍ୱରୂପ ପ୍ରାୟ ଏକତିରିଶଟି ପରିବାରକୁ ଜାତିଆଣ ବାହାର କରିଦେଲେ ।

ଏହି ବିଶେଷ ଘଟଣା ସହିତ ତାଳ ଦେଇ ଖୁବ୍ ଜାକ୍‌ଯମକରେ ବିବାହ ସମ୍ପନ୍ନ ହୋଇଗଲା । ବ୍ୟାଣ୍ଡବାଲାଙ୍କୁ ଡରାଇବା ପ୍ରଯତ୍ନକୁ ବ୍ୟର୍ଥ କରିବାପାଇଁ ବ୍ୟାଣ୍ଡ୍ ବାଲା ପ୍ରତ୍ୟେକଙ୍କୁ (ସେମାନେ ଅଧିକାଂଶ ନାପିତ ସମ୍ପ୍ରଦାୟର) ମନ ମୁତାବକ ପାରିଶ୍ରମିକ ଦିଆଯାଇଥିଲା । ସେପରିହି ରାନ୍ଧୁଣିଆ ବ୍ରାହ୍ମଣ ଓ ପାଣି

ଆଣିବାବାଲାଙ୍କୁ ମୋଟା ଟଙ୍କା, ସ୍ଥାୟୀ ଚାକିରି ଓ କମ୍ ସୁଧରେ ଟଙ୍କା ଉଧାର ଦେବାର ପ୍ରଲୋଭନରେ ବଶ କରାଯାଇଥିଲା । ଏହି ସମସ୍ତ ଆମୋଦ ପ୍ରମୋଦ ମଧ୍ୟରେ କେବଳ ଗୋଟିଏ କଥା ବୀରେଶଲିଙ୍ଗମ୍‌ଙ୍କ ମନରେ ଦୁଃଖ ଦେଇଥିଲା, ସେ ହେଲା ନାଚପାର୍ଟିର ଆୟୋଜନ । ତାଙ୍କର ସହକର୍ମୀମାନେ, ଏପରିକି ବିବାହ ଖର୍ଚ୍ଚ ବହନ କରିଥିବା ରାମକୃଷ୍ଣୟ୍ୟା ମଧ୍ୟ ଯୁକ୍ତି କଲେ ଯେ, ନାଚପାର୍ଟି ବିନା ଏତେ ବଡ଼ ସମାରୋହର ମୂଲ୍ୟ କମିଯିବ । କୁଣ୍ଠାର ସହିତ ବୀରେଶଲିଙ୍ଗମ୍ ଏଥିରେ ରାଜି ହୋଇଥିଲେ, ମାତ୍ର ସେ ସ୍ପଷ୍ଟ କରି ଦେଇଥିଲେ ଯେ, କୌଣସି ଅବସ୍ଥାରେ ବି ନାଚପାର୍ଟି ତାଙ୍କ ଘର ପାଖକୁ ଆସିବ ନାହିଁ ।

ଏହା ପରେ ଦ୍ୱିତୀୟ ବିଧବା-ବିବାହ ଖୁବ୍ ଶୀଘ୍ର ସମ୍ପନ୍ନ ହେଲା । ପ୍ରଥମ ବିବାହର ପନ୍ଦରଦିନ ପରେ ଏହି ବିବାହଟି ହୋଇଥିଲା । କିନ୍ତୁ ପ୍ରାୟ ବର୍ଷକ ପରେ, ୧୮୮୨ସାଲ ଅକ୍ଟୋବର ୨୨ ତାରିଖରେ, ତୃତୀୟ ବିବାହଟି ହୋଇପାରିଥିଲା । ପ୍ରଥମ ବିବାହ ଭଳି ଦ୍ୱିତୀୟ ବିବାହ ପାଇଁ ବିଧବା ବାଳିକା ସହ ଯୋଗାଯୋଗ ସ୍ଥାପନ କରି ତାକୁ ତାହାର ସତର୍କ ଅଭିଭାବକଙ୍କ କବଳରୁ ମୁକ୍ତ କରାଇବାରେ, ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପ୍ରାୟ କୋଡ଼ିଏଟି ବିବାହ ସମ୍ପନ୍ନ ହେବା ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ଯଥେଷ୍ଟ ବୁଦ୍ଧି ଓ କୌଶଳ ପ୍ରୟୋଗ କରିବାକୁ ହେଉଥିଲା । ତଥାପି ଏହି ବିବାହ ସବୁ ପ୍ରାୟ ନିୟମିତ ବ୍ୟବଧାନରେ ସମ୍ପନ୍ନ ହୋଇଥିଲା । ବୀରେଶଲିଙ୍ଗମ୍ ୧୮୯୨ ସାଲରେ ନିଜ ନିବାସସ୍ଥଳ ରୂପେ ଅସ୍ଥାୟୀ ଭାବରେ ମାନ୍ଦ୍ରାଜକୁ ବାଛିଲେ । ସେତେବେଳକୁ ଏଭଳି ବିବାହର ସଂଖ୍ୟା ଅଣତିରିଶ ହୋଇ ସାରିଥିଲା । ତାଙ୍କର ମାନ୍ଦ୍ରାଜ ଅବସ୍ଥାନ କାଳରେ ଆଉ ଦଶଟି ବିବାହ କରାଯାଇଥିଲା; ଅବଶିଷ୍ଟ ପରେ ସମ୍ପନ୍ନ ହେଲା । ଏହି ସଂସ୍କାରକୁ ବ୍ୟାପକ ରୂପ ଦେବାପାଇଁ ବୀରେଶଲିଙ୍ଗମ୍ ନିଜେ, କିମ୍ବା ନିଜର ସହଯୋଗୀ ବନ୍ଧୁମାନଙ୍କ ଦ୍ୱାରା ବିଜୟନଗରମ୍ ଓ ବେଲ୍ଲାରି, ଗୁଣ୍ଟୁରୁ ଓ ବାଙ୍ଗାଲୋର ଭଳି ଦୂରଦୂରାନ୍ତର ସ୍ଥାନମାନଙ୍କରେ ବିଧବା-ବିବାହ ସମ୍ପନ୍ନ କଲେ । ଏହାକୁ ସ୍ଥାୟୀତ୍ୱ ଦେବାପାଇଁ ପ୍ରଥମେ ମାନ୍ଦ୍ରାଜରେ ଓ ପରେ ରାଜମହେନ୍ଦ୍ରୀରେ ସେ 'ବିଧବା ଗୃହ' ସ୍ଥାପନ କଲେ ।

ସମାଜ-ସଂସ୍କାରକ ଭାବେ ବୀରେଶଲିଙ୍ଗମ୍‌ଙ୍କର ଏହି ବିରାଟ ସଫଳତା ପାଇଁ ଯାହାର ସହଯୋଗ ସବୁଠୁଁ ଅଧିକ ସ୍ମରଣୀୟ, ସେ ହେଲେ ତାଙ୍କ ପତ୍ନୀ ରାଜ୍ୟଲକ୍ଷ୍ମୀ । ସର୍ବଦା ସମକାଳୀନ ସମାଜର କୁପ୍ରଥା ବିରୁଦ୍ଧରେ ସଂଗ୍ରାମ କରୁଥିବା ସ୍ଥିତାବସ୍ଥା ବିରୋଧୀ ସ୍ୱାମୀଙ୍କର ଅନୁଗାମୀ ହେବା ଓ ସଜ୍ଞାନରେ ତାଙ୍କୁ ସମର୍ଥନ କରିବା ସହଜ ବ୍ୟାପାର ନ ଥିଲା । ବୀରେଶଲିଙ୍ଗମଙ୍କଠାରେ ପ୍ରଜ୍ଜ୍ୱଳିତ ହେଉଥିବା ବିଶ୍ୱାସ ବା ତାଙ୍କର ଅଦମ୍ୟ ଉତ୍ସାହ ରାଜ୍ୟଲକ୍ଷ୍ମୀଙ୍କର ପ୍ରକୃତିଗତ ନ ଥିଲା । ତା'ଛଡ଼ା ତାଙ୍କର ଶିକ୍ଷା ମଧ୍ୟ ସୀମିତ ଥିଲା ଓ ତାଙ୍କର ପ୍ରାରମ୍ଭିକ ପୃଷ୍ଠଭୂମି ମଧ୍ୟ

ପରମ୍ପରା ପତ୍ନୀ ଥିଲ । ସ୍ୱଭାବତଃ ସେ ଅନ୍ୟମାନଙ୍କଠାରୁ ଦୂରେଇ ରହୁଥିଲେ ଓ କୌଣସି ପ୍ରତିଷ୍ଠା ବା କୀର୍ତ୍ତି ପାଇଁ ତାଙ୍କର କାମନା ନ ଥିଲ, କିନ୍ତୁ ସେ ସ୍ୱାମୀଙ୍କ ନିକଟରେ ପାହାଡ଼ ପରି ଶକ୍ତ ହୋଇ ଛିଡ଼ା ହୋଇଥିଲେ ଓ ତାଙ୍କର ସମସ୍ତ କଥା ଓ କାମକୁ ହସ ହସ ମୁହଁରେ ସମର୍ଥନ କରୁଥିଲେ ।

ଗୋଟିଏ ଦୃଷ୍ଟିରୁ ଦେଖିଲେ ରାଜ୍ୟଲକ୍ଷ୍ମୀଙ୍କର ଦାୟିତ୍ୱ ଖୁବ୍ ବେଶୀ ଥିଲ । ଆଶ୍ରୟ ଖୋଜୁଥିବା ଅଳ୍ପବୟସର ଅସହାୟା ବିଧବାମାନଙ୍କୁ ଆଶ୍ରୟ ଦେବା ବୀରେଶଲିଙ୍ଗମ୍‌ଙ୍କ ପକ୍ଷରେ ହୁଏତ ସହଜ ଥିଲ । କିନ୍ତୁ ରାଜ୍ୟଲକ୍ଷ୍ମୀ ସେମାନଙ୍କୁ ଖାଇବା ପିଇବାକୁ ଦେଉଥିଲେ, ସେମାନଙ୍କର ଲୁଗାପଟାର ଯତ୍ନ ନେଉଥିଲେ, ଓ ସେମାନଙ୍କୁ ସାନ୍ତ୍ୱନା ଦେଉଥିଲେ । ସତେ ଯେପରିକି ସେ ସେମାନଙ୍କର ମାଆ । ସାମାଜିକ ବାଚ୍ଛନ୍ଦ କାରଣରୁ ଚାକରାଣୀମାନେ କୌଣସି ପୂର୍ବ ସୂଚନା ନ ଦେଇ ତାଙ୍କ ଘରର କାମ ଛାଡ଼ି ଦେଉଥିଲେ । ତାଙ୍କର ଦୈନନ୍ଦିନ କାମରେ ଅନ୍ୟାନ୍ୟ ପ୍ରକାର ସାହାଯ୍ୟ ମଧ୍ୟ ସେତେବେଳେ ଯଥେଷ୍ଟ ନ ଥିଲ । କୌଣସି ପ୍ରକାର ସାହାଯ୍ୟ ବିନା ତାଙ୍କୁ ସର୍ବଦା ଗୋଟିଏ କ୍ରମବର୍ଦ୍ଧିଷ୍ଣୁ ପରିବାରର ଦାୟିତ୍ୱ ସମ୍ଭାଳିବାକୁ ହେଉଥିଲ, ଯାହାର ସଦସ୍ୟ ଥିଲେ ବିଭିନ୍ନ ସ୍ଥାନରୁ ଆସିଥିବା ବିଚିତ୍ର ବ୍ୟକ୍ତିମାନେ । କଳ୍ପନା କରାଯାଇ ପାରେ ଯେ ଏହି ଲୋକମାନଙ୍କର ପ୍ରକୃତି ଜଟିଳ ନ ହେଲେ ବି ନିଶ୍ଚିତ ଭାବରେ ବିଭିନ୍ନ ସ୍ୱଭାବର ଥିଲ । ନିଜେ ନିଜକୁ ଦୟା କରୁଥିବା ଗୋଟିଏ ବିଧବା ନାରୀର ଦାୟିତ୍ୱ ଯଥେଷ୍ଟ; ରାଜ୍ୟଲକ୍ଷ୍ମୀଙ୍କୁ ଏହିପରି ଡଜନ ଡଜନ ବିଧବାଙ୍କୁ ସମ୍ଭାଳିବାକୁ ପଡ଼ିଥିଲ । ଏକଥା ଆଜି ବିଚିତ୍ର ମନେ ହୋଇ ପାରେ, କିନ୍ତୁ ଯେଉଁ ବିଧବାମାନଙ୍କୁ ସେ ବିବାହ କରାଇଥିଲେ, ସେମାନଙ୍କର ଲମ୍ବା ଚଉଡ଼ା ଦାବୀ-ତାଲିକା କ୍ରମାଗତ ଆସୁଥିଲ । ପାରିବାରିକ ଜୀବନ ପ୍ରତିଷ୍ଠାପାଇଁ ଦିଆଯାଇଥିବା ପ୍ରାଥମିକ ସହାୟତାରେ ସନ୍ତୁଷ୍ଟ ନ ହୋଇ, ଅନେକ ସ୍ଥଳରେ ସେମାନେ ମାସିକ ବୃତ୍ତି ତଥା ପ୍ରତ୍ୟେକ ଶିଶୁ-ଜନ୍ମ ହେବାପରେ ଅତିରିକ୍ତ ସାହାଯ୍ୟ ଦାବୀ କରୁଥିଲେ । ଯେଉଁମାନଙ୍କ ପାଇଁ ଏହି ଖ୍ୟାତନାମା ଦମ୍ପତି ଅପମାନ ସହିଥିଲେ, କଷ୍ଟ ପାଇଥିଲେ ଓ ତ୍ୟାଗ କରିଥିଲେ ସେହିମାନେ ହିଁ ଅନେକ ସମୟରେ କୃତଘ୍ନତା ପ୍ରଦର୍ଶନ କରିବାକୁ ଗ୍ରାହ୍ୟ ନ ଥିଲେ ଓ ଅଶ୍ରାବ୍ୟ ଗାଳିମାନ ଦେଉଥିଲେ । ଯଦି ଅନ୍ୟକେହି କମ୍ ସାହସୀ ସ୍ତ୍ରୀ ଓ କମ୍ ଶ୍ରଦ୍ଧାବତୀ ପତ୍ନୀ ହୋଇଥାଆନ୍ତା, ତେବେ ସେ ନିଜର ସ୍ପଷ୍ଟ ବ୍ୟବହାର ଓ ଶ୍ରଦ୍ଧା ପ୍ରଦର୍ଶନରେ କେବେହେଲେ ସ୍ଥିର ରହି ପାରି ନଥାନ୍ତା । ନିଶ୍ଚିତଭାବେ ବୀରେଶଲିଙ୍ଗମ୍ ମର୍ଯ୍ୟାଦାବାନ୍ ଉଦାର ବ୍ୟକ୍ତି ଥିଲେ; ମାତ୍ର ନିଜର ମୌନ ଓ ଶାଳୀନ ବ୍ୟବହାରରେ ରାଜ୍ୟଲକ୍ଷ୍ମୀ ଥିଲେ ତାଙ୍କଠାରୁ ଅଧିକ ମର୍ଯ୍ୟାଦା-ଶାଳୀ ଓ ଉଦାର ।

□ □ □

ଆଧୁନିକ ତେଲୁଗୁ ସାମ୍ବାଦିକତାର ପ୍ରତିଷ୍ଠାତା

'ଡେଂଜରସ ଇଷ୍ଟେଟ୍' ଗ୍ରନ୍ଥରେ ଫ୍ରାନ୍ସିସ୍ (ପରେ ଲର୍ଡ଼) ଉଇଲିୟମ୍ ଡାନିଏଲ୍ ଡିଫୋଙ୍କ ବିଷୟରେ ଲେଖିଛନ୍ତି :

> ଜଣେ ସାଧାରଣ ବ୍ୟକ୍ତି ଯାହା କିଛି ହେବା ଉଚିତ ବୋଲି କୁହାଯାଇ ପାରେ, ଏହି ଅସାଧାରଣ ବ୍ୟକ୍ତି ତାହାହିଁ ହେଲେ—ଆଧୁନିକ ସାମ୍ବାଦିକତାର ପ୍ରତିଷ୍ଠାତା···ପରେ···ସେ ସେଇଆ ହେଲେ, ଯାହା କିଛି ଜଣେ ମନୀଷୀ ହେବା ସମ୍ଭବ ବୋ'ଲି କୁହାଯାଇପାରେ—ସେ ହେଲେ ଇଂରାଜୀ ଉପନ୍ୟାସର ଜନକ ।

ବୀରେଶଲିଙ୍ଗମ୍ ମଧ୍ୟ, 'ଜଣେ ସାଧାରଣ ବ୍ୟକ୍ତି ଯାହା କିଛି ହେବା ସମ୍ଭବ ବୋଲି କୁହାଯାଇପାରେ', ହେଲେ ଆଧୁନିକ ତେଲୁଗୁ ସାମ୍ବାଦିକତାର ପ୍ରାଣ ପ୍ରତିଷ୍ଠାତା ଓ ତେଲୁଗୁ ଉପନ୍ୟାସର ଜନକ । ଏହି ଦ୍ୱିବିଧ କୃତିତ୍ୱ ବ୍ୟତୀତ ସେ ହେଲେ ଆହୁରି ଅନେକ କିଛି । ସେ ତେଲୁଗୁର ପ୍ରଥମ ନାଟ୍ୟକାର, ପ୍ରଥମ ବ୍ୟଙ୍ଗ-କାର, ପ୍ରଥମ ଜୀବନୀକାର, ପ୍ରଥମ ଆତ୍ମଜୀବନୀ ଲେଖକ, ପ୍ରଥମ ସାହିତ୍ୟ-ଇତିହାସ-କାର, ପ୍ରଥମ ବିଜ୍ଞାନ-ଲେଖକ, ଏବଂ ପ୍ରଥମ ନାରୀ ଓ ଶିଶୁ-ସାହିତ୍ୟ ଲେଖକ ।

ଡିଫୋ ଓ ବୀରେଶଲିଙ୍ଗମ୍‌ଙ୍କ ମଧ୍ୟରେ ଆଉ ଯେଉଁ ସାଧାରଣ କଥାର ସାଦୃଶ୍ୟ ଥିଲା, ତାହା ହେଉଛି, ସ୍ପଷ୍ଟ, ବଳିଷ୍ଠ ଗଦ୍ୟ ପ୍ରତି ସେମାନଙ୍କର ଆଗ୍ରହ । ଉତ୍ତମ ଶୈଳୀ ସମ୍ବନ୍ଧରେ ସେ ଡିଫୋଙ୍କ ବ୍ୟାଖ୍ୟାକୁ ଆକ୍ଷରିକ ସମର୍ଥନ କରି ପାରି-ଥାଆନ୍ତେ । ଡିଫୋ କହିଥିଲେ :

> ଭାଷାର ଉତ୍ତମ ଶୈଳୀ ବିଷୟରେ ଯଦି ମୋତେ କେହି ମୋର ମତ କ'ଣ ବୋଲି ପ୍ରଶ୍ନକରେ ମୁଁ ଉତ୍ତର ଦେବ ଯେ, ଯେଉଁ ଭାଷାରେ ଜଣେ ବ୍ୟକ୍ତି ପାଞ୍ଚଶହ ବ୍ୟକ୍ତିଙ୍କ ସହ କଥା ହୁଏ, ଯେଉଁଥିରେ ସମାଜର ବିଭିନ୍ନ ଶ୍ରେଣୀର ଓ ବିଭିନ୍ନ ଯୋଗ୍ୟତାର ଲୋକଥିବେ, ମୂର୍ଖ ଓ ଜଣାଶୁଣା ପାଗଳ ବ୍ୟତୀତ ଓ ସେ ଭାଷା ସମସ୍ତଙ୍କର ବୋଧଗମ୍ୟ ହୋଇଥିବ ।

ଅନ୍ୟାନ୍ୟ ବ୍ୟାପାରରେ ସେ ଦୁହିଁଙ୍କ ଭିତରେ ଆକାଶ-ପାତାଳ ତଫାତ୍ ଥିଲା । ଡିଫୋ ବିନା ଦ୍ୱିଧାରେ ଗୁପ୍ତଚର କାମ କରି ପାରୁଥିଲେ । ମାତ୍ର ବୀରେଶଲିଙ୍ଗମ୍ ଥିଲେ ଜଣେ ଚରିତ୍ରବାନ୍ ବ୍ୟକ୍ତି—ଜଣେ ଧର୍ମଶୀଳ ଓ ଆଦର୍ଶବାନ୍

ପୁରୁଷ । ସାମ୍ବାଦିକ ଭାବରେ ତାଙ୍କର ଥିଲା ଉଇଲିୟମ୍ କବେଟଙ୍କ ଭଳି ଉଚ୍ଚକୋଟୀର ସାହସ; ଡବ୍ଲ୍ୟୁ.ଟି. ଷ୍ଟିଡ଼୍ଙ୍କ ଭଳି ଦୈନିକର ଉତ୍ସାହ; ଏଚ୍. ଡବ୍ଲ୍ୟୁ. ମାସିଂହାମ୍ଙ୍କ ଭଳି ସାଧୁତା; ଜେ.ଏ. ସ୍ପେନ୍ଡ଼ରଙ୍କ ଭଳି ଔଚିତ୍ୟ ଓ ବାହ୍ୟ ହସ୍ତକ୍ଷେପ ପ୍ରତି ଅସହନଶୀଳତା, ତଥା ସି.ପି. ସ୍କଟ୍ଙ୍କ ଭଳି ତ୍ୟାଗ । ଲଣ୍ଡନ ଓ ମାଞ୍ଚେଷ୍ଟର ଭଳି ବଡ଼ ବଡ଼ ସହରରେ ରହି ସେ କାମ କରି ନ ଥିଲେ; ସେ କାମ କରିଥିଲେ ରାଜମହେନ୍ଦ୍ରୀ ଭଳି ଗ୍ରେଟ ସହରରେ । ତାଙ୍କର ମୂଳ କାମ କରିବାର ସରଞ୍ଜାମ ପ୍ରଭୃତି ଖୁବ୍ କମ୍ ଥିଲା; ତଥାପି ମଧ୍ୟ ଏସବୁ ଅଭାବ ସତ୍ତ୍ୱେ ସେ ସମ୍ପାଦକ ଭାବରେ ସେତିକି ଅଧିକାରୀ ଓ ପ୍ରଭାବଶାଳୀ ଥିଲେ, ଯେତିକି ବିଶ୍ୱର ସର୍ବୋତ୍ତମ ବ୍ୟକ୍ତି ହୋଇ ପାରନ୍ତି ।

ଯେଉଁପରି ଡିଫୋଙ୍କ ପତ୍ରିକା 'ରିଭ୍ୟୁ' ଇଂରାଜୀର ପ୍ରଥମ ପତ୍ରିକା ନଥିଲା, ସେହିପରି ବୀରେଶଲିଙ୍ଗମ୍ଙ୍କ ପତ୍ରିକା 'ବିବେକ ବର୍ଦ୍ଧିନୀ' ତେଲୁଗୁର ପ୍ରଥମ ପତ୍ରିକା ନ ଥିଲା । କେତେକ ଅନୁସନ୍ଧାନକାରୀଙ୍କ ତଥ୍ୟାନୁସାରେ ପ୍ରଥମ ପତ୍ରିକାର ଗୌରବ 'ସତ୍ୟଦୂତ' ନାମକ ମାସିକ ପତ୍ରିକାର, ଯାହାକୁ ସନ ୧୮୩୫ରେ ଖ୍ରୀଷ୍ଟିୟାନ୍ ପାଦ୍ରୀମାନେ ଆରମ୍ଭ କରିଥିଲେ ଏବଂ ଏହା ବେଲ୍ଲାରୀ ଖ୍ରୀଷ୍ଟିୟାନ୍ ଆସୋସିଏସନ୍ ଦ୍ୱାରା ପ୍ରକାଶିତ ହୋଇଥିଲା । ଅନୁମାନ କରାଯାଇପାରେ ଯେ, ଏହା ମାନ୍ଦ୍ରାଜରେ ହିଁ ମୁଦ୍ରିତ ହେଉଥିଲା, କାରଣ ସେ ପର୍ଯ୍ୟନ୍ତ ମାନ୍ଦ୍ରାଜ ଭିନ୍ନ ଅନ୍ୟତ୍ର ତେଲୁଗୁ ମୁଦ୍ରାଳୟ ନଥିଲା । ଏହା ପରେ ପରେ 'ବୃତ୍ତାନ୍ତିନୀ' (୧୮୪୦) ଓ 'ବର୍ତ୍ତମାନ ତରଙ୍ଗିଣୀ' (୧୮୪୨) ପତ୍ରିକା ପ୍ରକାଶିତ ହେବାକୁ ଲାଗିଲା । ଏଗୁଡ଼ିକର ପ୍ରକାଶନ ସ୍ଥାନ ମଧ୍ୟ ମାନ୍ଦ୍ରାଜ ଥିଲା । ଏ ଗୁଡ଼ିକର ନାମରୁ ଯାହା ଜଣାଯାଏ, ସେ ସବୁ ସମାଚାର ପ୍ରସାରଣ କରିବାର ପ୍ରାଥମିକ ପ୍ରତିକ୍ରିୟା ଥିଲେ । 'ହିତବାଦୀ' (୧୮୬୨), 'ଶ୍ରୀ ଯକ୍ଷିଣୀ' (୧୮୬୩), 'ସୁଜନରଞ୍ଜନୀ' (୧୮୬୪), 'ତତ୍ତ୍ୱବୋଧିନୀ' (୧୮୬୪), 'ଆନ୍ଧ୍ରଭାଷା ସଂଜୀବନୀ' (୧୮୭୧) ଭଳି ପତ୍ରିକାମାନ, ଅକ୍ଟୋବର ୧୮୭୪ ମସିହାରେ 'ବିବେକ ବର୍ଦ୍ଧିନୀ' ପ୍ରକାଶିତ ହେବା ଆଗରୁ ଲୋକଲୋଚନକୁ ଆସି ସାରିଥିଲା । ଏହା ମାସକରେ ଥରେ ଆତ୍ମପ୍ରକାଶ କରୁଥିଲା ଓ ଚାରି ପୃଷ୍ଠାର ହେଉଥିଲା । ସମ୍ପାଦକ ତଥା ପ୍ରକାଶକଙ୍କ 'ଆତ୍ମକଥା'ରେ ଯାହା ଲେଖା ଯାଇଛି—'ପ୍ରତ୍ୟେକଟି ବଡ଼ ପୃଷ୍ଠା ଆକାରର ହେଉଥିଲା', ସରକାରଙ୍କ ଦ୍ୱାରା ପରିଚାଳିତ ଗୋଟିଏ ପ୍ରେସ ଥିବାରୁ ଓ ରାଜମହେନ୍ଦ୍ରୀରେ ମୁଦ୍ରଣର ଆଉ କୌଣସି ବ୍ୟବସ୍ଥା ନ ଥିବା ହେତୁ, ବୀରେଶଲିଙ୍ଗମ୍ ପତ୍ରିକାକୁ ମାନ୍ଦ୍ରାଜରେ କୋକଣ୍ଡାଙ୍କ ସଞ୍ଜୀବନୀ ପ୍ରେସରେ ଛାପିବା ଆରମ୍ଭ କଲେ । ମାତ୍ର ସେ ଯେତେବେଳେ ଦେଖିଲେ ଯେ, ଯଥା ସମୟରେ ଛାପାଖାନା ତାଙ୍କ ପତ୍ରିକା ଛାପିଦେବାରେ ପ୍ରତାରଣ କରୁଛି ସେ ମାନ୍ଦ୍ରାଜର ଅନ୍ୟ ପ୍ରେସ ଶ୍ରୀଧର ପ୍ରେସକୁ ନିଜ ପତ୍ରିକାକୁ ନେଇଗଲେ । ଏହି ନୂତନ ଯୋଜନା ସଙ୍ଗେ ସଙ୍ଗେ ସେ ପତ୍ରିକାର ପୃଷ୍ଠା

ସଂଖ୍ୟାକୁ ମଧ୍ୟ ଅଠରକୁ ବଢ଼ାଇ ଦେଲେ । ତା’ଛଡ଼ା ତା’ଉପରେ ମଲାଟ ଯୋଡ଼ି ତାହାର ବାହ୍ୟ ରୂପକୁ ବି ବଦଳାଇ ଦେଲେ । ଆଦର୍ଶଭାବରେ ସେ ତେଲୁଗୁ ‘ମହାଭାରତ’ର ପ୍ରଚ୍ଛଦ ପଂକ୍ତିରେ ଛାପିଥ ଦେଲେ, ଯାହାକି ଅଦ୍ଭୁତ ଯୋଗାଯୋଗ ଭଳି କନ୍‌ଫୁସିୟସ୍‌ଙ୍କ ବକ୍ତବ୍ୟ ସହିତ ପ୍ରାୟ ସମାନ—‘ଯାହା ତୁମେ ନିଜପାଇଁ କରିବାକୁ ଚାହଁ ନାହିଁ, ତାହା ଅନ୍ୟପାଇଁ କର ନାହିଁ ।’

ଜଣେ ଗାଆଁ ସ୍କୁଲ ମାଷ୍ଟର ପାଇଁ (ସେ ପର୍ଯ୍ୟନ୍ତ ସେ ଧବଲେଶ୍ୱରମ୍‌ରେ ପଢ଼ାଉଥିଲେ) ଗୋଟିଏ ମାସିକ ପତ୍ରିକା ଚଳାଇବା ନିଶ୍ଚିତ ଭାବରେ ସାହସିକ କାର୍ଯ୍ୟଥିଲା । ଆତ୍ମବିଶ୍ୱାସ ତଥା ନିଜ ଲକ୍ଷ୍ୟ ବିଷୟରେ ନବ ଜାଗରିତ ଚେତନା, ଯାହା କେତେକ ପରିମାଣରେ ସେ ପର୍ଯ୍ୟନ୍ତ ବି ଅସ୍ପଷ୍ଟ ଥିଲା, ତାଙ୍କୁ ଆଗେଇ ନେଉଥିଲା । କିନ୍ତୁ ସାମ୍ବାଦିକତାରେ ତାଙ୍କର ପୂର୍ବ ଅନୁଭୂତି ବିଶେଷ ଲାଭ-ଦାୟକ ହୋଇନାହିଁ । ଏଥିରେ କୌଣସି ସନ୍ଦେହ ନଥିଲା ଯେ, ସେ ସ୍କୁଲ ଜୀବନରୁ ହିଁ ପତ୍ରପତ୍ରିକା ପାଇଁ ଲେଖା ଆରମ୍ଭ କରିଥିଲେ । ମାତ୍ର ଗୋଦାବରୀର ‘ବିଦ୍ୟାପ୍ରବୋଧିନୀ’, ‘ପୁରୁଷାର୍ଥ ପ୍ରଦାୟିନୀ’, ଓ ‘ଆନ୍ଧ୍ର-ଭାଷା-ସଞ୍ଜୀବନୀ’ରେ ସେ ଯାହାକିଛି ପ୍ରକାଶ କରିଥିଲେ, ସେଗୁଡ଼ିକ ଥିଲା ତାଙ୍କ ଲେଖନୀ ଚାଳନାର ପ୍ରାରମ୍ଭିକ ପ୍ରଚେଷ୍ଟା । ଗୋଟିଏ ଦୁଇଟିକୁ ଛାଡ଼ିଦେଲେ, ଅନ୍ୟ ଲେଖାଗୁଡ଼ିକ ସାହିତ୍ୟିକ ବିଷୟ ନେଇ ଲେଖା ଯାଇଥିଲା ଓ ସେସବୁର ବିଶେଷ ଗୁରୁତ୍ୱ ନଥିଲା । ସମାଜ ସଂସ୍କାର ପାଇଁ ସଂସ୍କାରକ ହାତରେ ପତ୍ର ପତ୍ରିକାଗୁଡ଼ିକର ତୀକ୍ଷ୍ଣ ଧାରୁଆ ତରବାରିର ଶକ୍ତି ବିଷୟରେ ସେ ଅଜ୍ଞ ଥିବାରୁ ‘ବିବେକ ବର୍ଦ୍ଧିନୀ’ ଆରମ୍ଭ କରିବା ସମୟରେ ସେ ନିଜ ଦୃଷ୍ଟିକୋଣକୁ ଉଚ୍ଚ ବା ଧ୍ୟେୟକୁ ସୁଦୂରପ୍ରସାରି କରିପାରି ନଥିଲେ । ନିଜ ପତ୍ରିକାର ଚତୁର୍ଥ ଖଣ୍ଡର ସମ୍ପାଦକୀୟରେ ନିଜର ଉଦ୍ଦେଶ୍ୟକୁ ବ୍ୟାଖ୍ୟାନ କରି ସେପରିକି ସେ କ୍ଷମା ପ୍ରାର୍ଥନା କରିଥିଲେ । ନିଜର ଜାତି ଓ ଯୋଗ୍ୟତା ବିଷୟରୁ ଆରମ୍ଭ କରି ସେ ଲେଖିଥିଲେ ଯେ, ସରଳ ଓ ସ୍ପଷ୍ଟ ତେଲୁଗୁରେ ଉପଯୋଗୀ ଜ୍ଞାନର ପ୍ରସାର ଲାଗି ତଥା ନୈତିକ ବାତାବରଣ ସୃଷ୍ଟି କରିବା ପାଇଁ ସେ ନିଷ୍ଠାପୂ ପ୍ରଯତ୍ନ କରିବେ । ଏକଥାକୁ ଗଦ୍ୟ ଆକାରରେ ପ୍ରକାଶ ନ କରି ସେ ଯେ ପଦ୍ୟରେ ବର୍ଣ୍ଣନା କରିଥିଲେ ସେଥିରୁ ବୁଝାଯାଏ ଯେ ଏପରିକି ଏହି ସ୍ତରରେ ମଧ୍ୟ ପ୍ରେସ୍‌ର ଶକ୍ତି ଓ କାର୍ଯ୍ୟ ବିଷୟରେ ତାଙ୍କର ବିଶେଷ ଜ୍ଞାନ ନଥିଲା । କିନ୍ତୁ ଏସବୁର ଶୀଘ୍ର ପରିବର୍ତ୍ତନ ହେଲା ।

ସଂସ୍କାରକୁ ସମର୍ଥନ କରୁଥିବା ପତ୍ରିକା ‘ବିବେକ ବର୍ଦ୍ଧିନୀ’ରେ ପ୍ରକାଶିତ ହୋଇଥିବା ତାଙ୍କର ପ୍ରଥମ ଲେଖା ଗୁଡ଼ିକ ପ୍ରତି ଅନୁକୂଳ ପ୍ରତିକ୍ରିୟା କେତେକ ଲୋକଙ୍କ ଠାରୁ ପାଇବା ପରେ, ଉତ୍ସାହିତ ହୋଇ ବୀରେଶଲିଙ୍ଗମ୍ ନିଜର ନୂତନ ବିଶ୍ୱାସ ଓ ଚିନ୍ତାଧାରା ଘୋଷଣା କଲେ । ଏହି ଘୋଷଣା ଖୁବ୍ ଦୃଢ଼, ସଂସ୍କାରଧର୍ମୀ

ଓ ବ୍ୟାପକ ଥିଲା । ସାମାଜିକ କୁ-ରୀତି ଓ ଅତ୍ୟାଚାରର ସମ୍ମୁଖୀନ ହେବାପାଇଁ ଏହା ଥିଲା ଏକ ବଳିଷ୍ଠ ଆହ୍ୱାନ; ଯାହାଦ୍ୱାରା ତାଙ୍କ ମତକୁ ସମର୍ଥନ କରୁଥିବା ବ୍ୟକ୍ତିଗଣ ତାଙ୍କର ଏହି ନୂତନ ବିଶ୍ୱାସର ପତାକା ତଳେ ଏକାଠି ହୋଇ ପୂର୍ଣ୍ଣ ଭାବରେ ନୂତନ ନୈତିକତା ଓ ନୂତନ ସମାଜ-ବ୍ୟବସ୍ଥାର ଆହ୍ୱାନ ଦେଇପାରିବେ ।

ଏହାପରେ ସେ ତାଙ୍କର ସବୁ ଅଭିଯାନ ଦୃଢ଼ତା ଓ ସ୍ୱଚ୍ଛନ୍ଦତାର ସହିତ ଆରମ୍ଭ କଲେ, ଯାହା ଆମକୁ ଷ୍ଟିଲ୍‌ଙ୍କର 'ଦି ମେଡ଼ନ୍ ଟ୍ରିବ୍ୟୁଟ ଅଫ ମଡ଼ର୍ଣ୍ଣ ବେବିଲୋନ୍'ର ବିରୁଦ୍ଧରେ ହୋଇଥିବା ଆନ୍ଦୋଳନକୁ ସ୍ମରଣ କରାଇ ଦିଏ । ଲୁଚିଛପି ଆଘାତ କରିବା, ଦେଖେଇ ଶିଖେଇ ଉଦାହରଣ ଦେବା କିମ୍ବା ଅସ୍ପଷ୍ଟ ବ୍ୟଙ୍ଗକାରୀଙ୍କ ଭିତରେ ସେ ନଥିଲେ । ତାଙ୍କର ଆକ୍ରମଣ ସାମନାରୁ ଥିଲା ଏବଂ ଓଜନଦାର ଥିଲା । ପୁନଶ୍ଚ ତାଙ୍କର ଲକ୍ଷ୍ୟ ଏପରି ବ୍ୟକ୍ତି ନଥିଲେ ଯେଉଁମାନେ କି ତାଙ୍କର ସମାଲୋଚନା ବିଷୟରେ ହୁଏତ ଅବହିତ ହୋଇପାରିବେ ନାହିଁ କିମ୍ବା କୌଣସି ପ୍ରତିକ୍ରିୟା ପ୍ରକାଶ କରିପାରିବେ ନାହିଁ । ସେ ତତ୍କାଳୀନ ସାମନାସାମନି ଲୋକଙ୍କୁ ଧରୁଥିଲେ । ଦୂରରେ ଥିବା ସମସ୍ୟା ସବୁକୁ ସେ ଛାଡ଼ି ଦେଉଥିଲେ, କିନ୍ତୁ ସ୍ଥାନୀୟ ସମସ୍ୟା ଉପରେ ସେ ଗୁରୁତ୍ୱ ଦେଉଥିଲେ । ଯଦି ଗୋଟିଏ ସ୍ଥାନରେ ଅନ୍ୟାୟକୁ ପ୍ରତିରୋଧ କରାଯାଏ, ଗୋଟିଏ କୁପ୍ରଥା ସୁଧୁରିଯାଏ, ତେବେ ତାହାର ମହତ୍ତ୍ୱ ସ୍ଥାନୀୟ ହୋଇ ରହେ ନାହିଁ । କେବେ ନା କେବେ ତାହାର ସୁ ପ୍ରଭାବ ଦୂର ଦୂରାନ୍ତରକୁ ଅବଶ୍ୟ ବ୍ୟାପ୍ତ ହେବ । ଏଭଳି ମୀତର ବିପଦ ବିଷୟରେ ମଧ୍ୟ ସେ ଭଲଭାବେ ସଚେତନ ଥିଲେ । 'ବିବେକବର୍ଦ୍ଧିନୀ'ର ଏକ ପ୍ରାରମ୍ଭିକ ସଂଖ୍ୟାରେ ସେ ଲେଖିଥିଲେ :—

> ଯଦି ଲାଞ୍ଚଖୋରକୁ ନିନ୍ଦା କରାଯାଏ, ତେବେ ସ୍ଥାନୀୟ ସରକାରୀ କର୍ମଚାରୀ ଅସନ୍ତୁଷ୍ଟ ହୋଇ ଉଠିବେ; ଯଦି ରକ୍ଷିତା-ପ୍ରଥାକୁ ଭର୍ତ୍ସନା କରାଯାଏ, ତେବେ ସହରର ଦୁଶ୍ଚରିତ୍ର ଲମ୍ପଟମାନେ କ୍ରୁଦ୍ଧ ହୋଇଯିବେ; ଯଦି ମୃତ ପରମ୍ପରା, ରୀତି ଓ ପ୍ରଥାଗୁଡ଼ିକୁ ଆଘାତ କରାଯାଏ, ତେବେ ଅଜ୍ଞ ଓ ପ୍ରାଚୀନପନ୍ଥୀ ଆମ ଜୀବନକୁ ଦୁର୍ବିସହ କରିଦେବେ; ଯଦି କେବଳ ଧର୍ମର ବାହ୍ୟରୂପକୁ ଗ୍ରହଣ କରି ତାହାର ନୈତିକ ସିଦ୍ଧାନ୍ତକୁ ଅସ୍ୱୀକାର କରାଯାଏ, ତେବେ ଧର୍ମର ବଡ଼ପଣ୍ଡାମାନେ ପ୍ରତିଶୋଧ ନେବାପାଇଁ ଶପଥ ଗ୍ରହଣ କରିବେ— ଯଦି ଏହିସବୁ ଉଦ୍ଦେଶ୍ୟର କେବଳ ଗୋଟିଏ ଅଂଶକୁ ମାତ୍ର ପତ୍ରିକା ପୂରଣ କରେ, ତେବେ ଅନେକ ଲୋକଙ୍କ କ୍ରୋଧକୁ ତାକୁ ମୁକାବିଲା କରିବାକୁ ପଡ଼ିବ ।

ବିପଦ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବଗତ ହେଲାପରେ ବି ସେ ବାମ ଡାହାଣ, ଉଚ୍ଚ-ନୀଚ ଆଦି ପ୍ରତ୍ୟେକ ଅସାମଞ୍ଜସ୍ୟ ଓ ପ୍ରତ୍ୟେକ ଅନ୍ୟାୟକୁ ଆଘାତ କରିବାକୁ ଲାଗିଲେ । ସେ ଯଦି କୌଣସି ଇଂରେଜ ଅଫିସରଙ୍କୁ ଉଦ୍ଧତ ଓ ଅନ୍ୟାୟୀ ଦେଖୁଥିଲେ, ସେ ସମୟରେ ହେଉ ବା ପରବର୍ତ୍ତୀ କାଳରେ ସରକାରୀ ଗୃହକାର୍ଯ୍ୟରେ ଥିବା ସମୟରେ ହେଉ, ସେ ସମସ୍ତଙ୍କୁ ନିର୍ମମ ଭାବରେ ଆଘାତ କରିବାକୁ ପଶ୍ଚାତ୍ପଦ ହେଉ ନ ଥିଲେ । 'ବିବେକବର୍ଦ୍ଧିନୀ'ରୁ ଏହିଭଳି ଏକ ଆଘାତର କଥା ପଢ଼ି, ତାଙ୍କର ବନ୍ଧୁ ରାମକୃଷ୍ଣୟ୍ୟା ଏତେ ଚିନ୍ତିତ ଓ ବ୍ୟାକୁଳ ହୋଇ ପଡ଼ିଲେ ଯେ, ସେ ଲେଖିଥିଲେ –

> ମୁଁ ଯେତେବେଳେ ତୁମ ପତ୍ରିକାରୁ ବଡ଼ଲୋକଙ୍କ ଉପରେ ଆକ୍ରମଣ କଲାଭଳି ଲେଖାମାନ ପଢୁଛି, ମୁଁ ଖୁବ୍ ଶଙ୍କିତ ହୋଇ ଉଠୁଛି । ମତେ ଭୟ ଲାଗୁଚି, ଏଭଳି କାର୍ଯ୍ୟପାଇଁ ତୁମେ ସଙ୍କଟରେ ପଡ଼ିଯିବ ନାହିଁ ତ ! ତୁମର ତ' ଅନେକ ଶତ୍ରୁ…ତୁମର ଗତସଂଖ୍ୟା ଲେଖାରେ ଶ୍ରୀ ଜନ୍ସନ୍, ମ୍ୟୁନିସିପାଲ୍ଟି ଓ ଶ୍ରୀ ସ୍ମିଥ୍ଙ୍କ ସମ୍ବନ୍ଧରେ ତୁମ ଟିପ୍ପଣୀକୁ ମୁଁ ବଡ଼ ଦୁଃଖର ସହିତ ପଢ଼ିଲି । ଏଥିରେ ତୁମେ ଲେଖିଛ—'ସେ ଯିଏ ହୁଅନ୍ତୁ ନା କାହିଁକି, ଆମେ ସେଥିପାଇଁ ଚିନ୍ତିତ ନୋହୁ'…ମାଜିଷ୍ଟ୍ରେଟ୍ ଓ ଫୌଜଦାରୀ ମାମଲାର ନ୍ୟାୟାଧୀଶଙ୍କ ସହିତ ଏଭଳି ସଂଘର୍ଷ ନ କରିବାପାଇଁ ମୁଁ ତୁମକୁ କହିବି ।

ବିପଦର ସୂଚନା ଅସାବଧାନ ଲୋକ ବା ଅନ୍ଧ ଲୋକଙ୍କୁ ଦିଆ ଯାଇଥାଏ; ମ୍ୟାରେଣଲିଙ୍ଗମ୍ ସେଥିରୁ କେଉଁ ଗୋଟିଏ ନ ଥିଲେ । ସେ କ'ଣ କରୁଛନ୍ତି, ତାହା ସେ ଭଲଭାବେ ଜାଣିଥିଲେ । ସେଥିରେ ଲୁଚି ରହିଥିବା ବିପଦମାନଙ୍କୁ ସେ ଚିହ୍ନିଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ, ଯେଉଁ ଭୟାଳୁ ଓ ସତର୍କ ସମ୍ପାଦକମାନେ ନ୍ୟାୟ ଓ ନ୍ୟାୟୋଚିତ ବ୍ୟବହାର ନିମିତ୍ତ ଆକ୍ରମଣ କରିବା ପାଇଁ ପଛଘୁଞ୍ଚା ଦିଅନ୍ତି; ସେମାନେ ସେଭଳି ବୃତ୍ତିପାଇଁ ଅଯୋଗ୍ୟ । ସାମ୍ବାଦିକତା ଭୟାଳୁ, ଧୂର୍ତ୍ତ ଓ ତୋଷାମଦକାରୀଙ୍କ ବୃତ୍ତି ନୁହେଁ । ନୀଚ ସ୍ୱାର୍ଥପରଙ୍କ ବିରୁଦ୍ଧରେ, କ୍ଷମତାରେ ଥାଇ ତାହାର ଅପବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଶତ୍ରୁତା ଅର୍ଜନ କରିବା ସଚ୍ଚୋଟ ଓ ବିବେକାତ୍ମକ ସାମ୍ବାଦିକତାରେ ଅନ୍ତର୍ନିହିତ । ସାମ୍ବାଦିକତା ସମ୍ବନ୍ଧରେ ତାଙ୍କର ଏଭଳି ଧାରଣା ହୋଇଥିବା ହେତୁ, ପରିଣାମ ପ୍ରତି ଧ୍ୟାନ ନ ଦେଇ ସେ ଆଘାତ ଉପରେ ଆଘାତ କରିବା ପାଇଁ ପ୍ରସ୍ତୁତ ଥିଲେ ।

ଯାହା ଆଶା କରାଯାଉଥିଲା, ତାହା ହିଁ ଘଟିଲା । ତାଙ୍କୁ ଅନେକ ଫୌଜଦାରୀ ଓ ଦେୱାନୀ ଲିଖିତ ଅଭିଯୋଗର ମୁକାବିଲା କରିବାକୁ ପଡ଼ିଲା । ମାତ୍ର ଏ ସବୁଥିରୁ

ସେ ବିନା କ୍ଲେଶରେ ପାର ହୋଇଗଲେ । ମାତ୍ର କେତେକ ବର୍ଷର ବିଭାଗୀୟ ଲଢ଼ାଇ ବଡ଼ କଷ୍ଟକର ଥିଲା ତାହା ବହୁଦିନ ପର୍ଯ୍ୟନ୍ତ ଚାଲିଲା । ଯଦି ଭାଗ୍ୟ ତାଙ୍କ ପ୍ରତି ସଦୟ ନ ଥାନ୍ତା ତେବେ ନିହାତି ପକ୍ଷେ ଗୋଟିଏ ମକଦ୍ଦମାରେ ତାଙ୍କର ଅନେକ କ୍ଷତି ଘଟିଥାନ୍ତା । ଜିଲ୍ଲା ମୁନ୍‌ସଫ ଓ ତାଙ୍କ ସହଯୋଗୀ ଓ ସରକାରୀ ଓକିଲ ଓ ଅନ୍ୟ ଲୋକ ଦୁଇଟିଙ୍କ ପ୍ରତି ଅଣାଯାଇଥିବା ଲାଞ୍ଚଖୋର ଅଭିଯୋଗକୁ ପ୍ରମାଣ କରିବା ପାଇଁ ଓକିଲଙ୍କ ଅନାବଶ୍ୟକ କାଗଜ ଟୁକୁଡ଼ା ସବୁର ବାସ୍କେଟ୍ ଈଶ୍ୱରଙ୍କ ବରଦାନ ଭଳି କାମ କଲା । ଏସବୁର ସଫଳ ଉପଯୋଗ କରିବା ଆଗରୁ ସେ କେତେ ଦିନ କେତେ ରାତି ସେହି ଛିଣ୍ଡା ଟୁକୁଡ଼ା ଟୁକୁଡ଼ା କାଗଜ ଖଣ୍ଡଗୁଡ଼ିକୁ ସଜାଡ଼ିବାରେ ବିତାଇଥିଲେ, ସତେ ଯେମିତି ସେ ଗୋଟାଏ ଗୋଲକ ଧନ୍ଦା । ଓକିଲଙ୍କ ଅନାବଶ୍ୟକ ଚିରା କାଗଜ ଖଣ୍ଡମାନଙ୍କୁ ଜମା କରି ଗୋଟିକ ସହିତ ଆଉ ଗୋଟିକୁ ଯୋଡ଼ି ଅଠା ଲଗାଇବାକୁ ପଡ଼ିଥିଲା । ଅନେକ ବର୍ଷ ପରେ ଦୁଇଜଣ ପ୍ରସିଦ୍ଧ ଭାରତୀୟ ସମ୍ପାଦକ, 'ଅମୃତ ବଜାର ପତ୍ରିକା'ର ମୋତିଲାଲ ଘୋଷ ଏବଂ 'ଦି ଟ୍ରିବୁନ୍'ର ନଗେନ୍ଦ୍ରନାଥ ଗୁପ୍ତ, ଅନାବଶ୍ୟକ ଛିଣ୍ଡା କାଗଜ ଟୁକୁଡ଼ା ସାହାଯ୍ୟରେ ଚାଞ୍ଚଲ୍ୟକର ସମ୍ବାଦ ବାହାର ଜଗତକୁ ଆଣି ଦେଇଥିଲେ ।

'ବିବେକବର୍ଦ୍ଧିନୀ'ର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଯୋଗୁଁ ନିଜର ଏକ ଛାପାଖାନା ପ୍ରତିଷ୍ଠା କରିବାର ଆବଶ୍ୟକତା ଦେଖାଦେଲା । ଧବଳେଶ୍ୱରମ୍‌ରେ ସମ୍ପାଦକୀୟ କାର୍ଯ୍ୟାଳୟ ଏବଂ ମାନ୍ଦ୍ରାଜଠାରେ ଭଡ଼ାରେ ନିଆଯାଇଥିବା ଛାପାଖାନାର ସମନ୍ୱୟ କାର୍ଯ୍ୟ ଦିନକୁ ଦିନ କଠିନ ହୋଇ ପଡ଼ୁଥିଲା । ତେଣୁ କେତେକ ବନ୍ଧୁଙ୍କର ସହଯୋଗ ଲାଭ କରି ବୀରେଶଲିଙ୍ଗମ୍ ୧୮୭୫ ମସିହାରେ ସ୍ଥିର କଲେ ସମୂହ ପ୍ରଚେଷ୍ଟାରେ ରାଜମହେନ୍ଦ୍ରୀଠାରେ ଏକ ମୁଦ୍ରଣାଳୟ ସ୍ଥାପନ କରିବେ । ଅକ୍ଷର, ମେସିନ୍ ଏବଂ ଅନ୍ୟାନ୍ୟ ଉପକରଣ ଖରିଦ କରିବାପାଇଁ ସେ ଖରା ଛୁଟିରେ ମାନ୍ଦ୍ରାଜ ଯାତ୍ରା କଲେ । ସେ କାଳରେ ରାଜମହେନ୍ଦ୍ରୀକୁ ମାନ୍ଦ୍ରାଜ ସହିତ ରେଳ ସଂଯୋଗ କରାଯାଇ ନ ଥିଲା । କାକିନଡ଼ା ଯାଏ ସ୍ଥଳଭାଗରେ ଯାଇ ସେଠାରୁ ଜାହାଜ ଦ୍ୱାରା ମାନ୍ଦ୍ରାଜ ଯିବାକୁ ପଡୁଥିଲା । ସମୁଦ୍ର ଯାତ୍ରା ଓ ମହାନଗରୀ ଯାତ୍ରା ହିସାବରେ ଏହା ତାଙ୍କର ଥିଲା ପ୍ରଥମ । ତେଣେ ତାଙ୍କର କୀର୍ତ୍ତି ତାଙ୍କଠୁଁ ଆଗରେ ଯାଇ ସେଠାରେ ପହଞ୍ଚି ସାରିଥିଲା । ତେଣୁ ସେ ମାନ୍ଦ୍ରାଜରେ ପହଞ୍ଚିବା ମାତ୍ରେ ତାଙ୍କ ପ୍ରଶଂସାକାରୀଙ୍କ ଦ୍ୱାରା ତାଙ୍କର ହାର୍ଦ୍ଦିକ ସ୍ୱାଗତ କରାଗଲା । ଅନେକ ଭୋଜନ ଦ୍ୱାରା ତାଙ୍କୁ ଆପ୍ୟାୟିତ କରାଗଲା ଓ ସମାବେଶମାନ ଆୟୋଜନ କରାହେଲା । ସେମାନଙ୍କ ଭିତରୁ ଅନେକେ 'ବିବେକବର୍ଦ୍ଧିନୀ' ପାଇଁ ବାର୍ଷିକ ଚାନ୍ଦା ମଧ୍ୟ ଦେଲେ ।

ନିଜର ଛାପାଖାନା ହେବାପରେ ପତ୍ରିକାର ଅନେକ ବିକାଶ ଘଟିଲା । ଜୁଲାଇ ୧୮୭୬ ମସିହାରେ ଏହାକୁ ପାକ୍ଷିକ କରି ଦିଆଗଲା । 'ହାସ୍ୟ ସଞ୍ଜୀବନୀ'

ମାସିକ ପରିଶିଷ୍ଟ ଭାବେ ସଂଯୋଜିତ ହେଲା । ପ୍ରକୃତରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୋକୋଣ୍ଡାଙ୍କର 'ହାସ୍ୟବର୍ଦ୍ଧିନୀ'କୁ କଡ଼ା ଜବାବ ଦେବା; କିନ୍ତୁ ଅନ୍ଧ ପରମ୍ପରା ଓ ଲୋକ ଚଳଣି ପ୍ରତି ବ୍ୟଙ୍ଗ କରିବା ଦିଗରେ ପତ୍ରିକାର 'ମାଲିକ-ସମ୍ପାଦକ' ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ପ୍ରମାଣିତ ହେଲା । ବର୍ଷକରୁ କିଛି ଅଧିକ ସମୟ ପରେ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ଭୁଲି ଏହା 'ବିବେକବର୍ଦ୍ଧିନୀ'ର ଅଙ୍ଗ ତ ହୋଇଗଲା; କିନ୍ତୁ ଏହା ଥିଲା ସର୍ବାଧିକ ପ୍ରଶଂସିତ ଅଙ୍ଗ । ବ୍ୟଙ୍ଗ କବିତା, ପ୍ରହସନ, ବ୍ୟଙ୍ଗଲେଖା, ସୁଆଙ୍ଗ ଓ ହାସ୍ୟ-ବ୍ୟଙ୍ଗର ଭରପୂର ସାମଗ୍ରୀ ଏଥିରେ ରହୁଥିଲା । 'ବିବେକବର୍ଦ୍ଧିନୀ'ରେ କିଛି ବର୍ଷ ପର୍ଯ୍ୟନ୍ତ ଇଂରାଜୀ ବିଭାଗ ବି ରହୁଥିଲା, ଯେଉଁଥିରେ ଅଧିକାଂଶ ଲେଖାଥିଲା ତାଙ୍କ ବନ୍ଧୁ ଓ ସହଯୋଗୀମାନଙ୍କର । କିନ୍ତୁ ଏହାର ପ୍ରଭାବ ଥିଲା ଅତି ନଗଣ୍ୟ । ବୀରେଶଲିଙ୍ଗମ୍‌ଙ୍କ ସହଯୋଗୀମାନଙ୍କ ଭିତରୁ ତିନିଜଣ ବ୍ୟକ୍ତି ତାଙ୍କର ଅତ୍ୟନ୍ତ ଘନିଷ୍ଠ ଥିଲେ । ସେମାନେ ଥିଲେ ତାଙ୍କର ଛାତ୍ର । ସେମାନଙ୍କ ସହିତ ସେ ଖୋଲା-ଖୋଲି ଆନ୍ତରିକ ଯୁକ୍ତିତର୍କ କରୁଥିଲେ, ସମ୍ଭବତଃ ଯୁବା ପିଢ଼ିର ବିଚାରଧାରା ସହ ସମ୍ପର୍କ ରକ୍ଷିବାନିମିତ୍ତ ସେ ଏହା କରୁଥିଲେ । ଏହି ଚାରିଜଣ ଅଧିକାଂଶ ସମୟ ଗୁପ୍ତ ସଭାମାନ କରୁଥିବା ଦେଖି କେତେକ ଈର୍ଷାପରାୟଣ ବ୍ୟକ୍ତି ସେମାନଙ୍କୁ 'ଦୁଷ୍ଟ ଚତୁଷ୍ଟୟ' (ମହାଭାରତର 'ଦୁଷ୍ଟ ଚତୁଷ୍ଟୟ' ପ୍ରସଙ୍ଗ ଆଧାରିତ) ନାମ ଦେଇଥିଲେ । ବୀରେଶଲିଙ୍ଗମ୍‌ଙ୍କୁ ଏହି ଉପନାମ ବହୁତ ଭଲ ଲାଗୁଥିବା କଥା ଜଣାପଡ଼େ, କାରଣ ସେ ନିଜ 'ଆତ୍ମକଥା'ରେ ବହୁତ ଖୁସିରେ ଏହାକୁ ଉଲ୍ଲେଖ କରିଛନ୍ତି ।

'ବିବେକବର୍ଦ୍ଧିନୀ'ରୁ ଭଲ ଆୟ ହେଉ ନ ଥିଲା, ତଥାପି ବଢ଼ୁଥିବା କ୍ଷତି ପ୍ରତି ଧ୍ୟାନ ନ ଦେଇ ସେ କିଛି ବର୍ଷ ଯାଏ ଏହାକୁ ଚଳାଇଲେ । ଶେଷ ବେଳକୁ ସେ ଏହାକୁ ସାପ୍ତାହିକ କରିଦେଲେ । ମାତ୍ର ଅନ୍ୟାନ୍ୟ କାର୍ଯ୍ୟକଳାପ ଲାଗି ଅଧିକ ସମୟର ଆବଶ୍ୟକତା ପଡ଼ୁଥିବା ହେତୁ, ଏଣିକି ସେ ଆରମ୍ଭ କାଳ ଭଳି ସମୟ ଦେଇ ପାରିଲେ ନାହିଁ । ଏହାର ପ୍ରକାଶନ ମଧ୍ୟ ଅନିୟମିତ ହୋଇଗଲା । ଶେଷକୁ ୧୮୯୦ ସାଲରେ ଏହାକୁ ବନ୍ଦ କରିଦେବାକୁ ପଡ଼ିଲା । ନିଜର ପନ୍ଦରରୁ କିଛି ଅଧିକ ବର୍ଷର ତୋଫାନୀ ତଥା ବହୁମୁଖୀ ଜୀବନକାଳ ଭିତରେ, ଏହା ପୂର୍ବବର୍ତ୍ତୀ କିମ୍ବା ପରେ ପ୍ରକାଶିତ ଯେ କୌଣସି ପତ୍ରିକା ଅପେକ୍ଷା ତେଲୁଗୁ ସାମ୍ବାଦିକତା କ୍ଷେତ୍ରରେ ଐତିହାସିକ କାର୍ଯ୍ୟ କରିଥିଲା । ଯେପରି ସାର୍ ରଘୁପତି ଭେଙ୍କଟରତ୍ନମ୍ ଉଲ୍ଲେଖ କରିଛନ୍ତି :—

> ଏହା ଏଭଳି ଏକ ଉତ୍ସାରିତ ସ୍ରୋତ ଥିଲା, ଯହିଁରେ ଏହି ହର୍କୁଲିସ୍ ନିଜ ସମୟର ଭାରତୀୟ ଜୀବନ-ରୂପୀ-ଘୋଡ଼ାଶାଳକୁ ଧୋଇ ଦେଇଥିଲେ । ଏହା ଆଲୋକର ଏଭଳି ଏକ ଝଲକ ଥିଲା ଏବଂ ଆଶାର ଏଭଳି ଏକ ସ୍ୱର ଥିଲା, ଯଦ୍ୱାରା ଏହି ଧର୍ମ ପରାୟଣ

ବ୍ୟକ୍ତି ଅଜ୍ଞାନ ଓ ନିରାଶାଭରା ଉଦାସୀନ ଜୀବନ ନିକଟରେ ଓ ଅନ୍ଧକାର ରାସ୍ତା ଉପରେ ପଡ଼ିଥିଲେ ।

'ବିବେକବର୍ଦ୍ଧିନୀ' ତାଙ୍କର ଏକମାତ୍ର ପତ୍ରିକା ନ ଥିଲା । ନାରୀମାନଙ୍କ ପତ୍ରିକା ହିସାବରେ 'ସତୀହିତ-ବୋଧିନୀ' ସମ୍ବନ୍ଧରେ ଆଗରୁ ଉଲ୍ଲେଖ କରାଯାଇଛି । ସେ ଏହାକୁ ୧୮୮୩ ସାଲରେ ଆରମ୍ଭକରି ତିନି ବର୍ଷ ଯାଏ ପ୍ରକାଶ କରିଥିଲେ । ଈଶ୍ୱରବାଦୀ ଧାର୍ମିକ ପତ୍ରିକା 'ସତ୍ୟସମ୍ବର୍ଦ୍ଧିନୀ'କୁ ସେ ୧୮୯୧ରେ ମୁଦ୍ରଣ କରିଥିଲେ । ସନ ୧୯୦୫ରେ 'ସତ୍ୟବାଦିନୀ' ନାମରେ ସେ ଏକ ନୂତନ ସାପ୍ତାହିକ ପତ୍ରିକା ଆରମ୍ଭ କଲେ । ଏହା ମଧ୍ୟ ଏକ ଉଦ୍ଦେଶ୍ୟ ସଦୃଶ୍ୟ ଥିଲା; ମାତ୍ର ଏହାର ଗର୍ଜନ 'ବିବେକବର୍ଦ୍ଧିନୀ' ଅପେକ୍ଷା ଦୁର୍ବଳ ଓ କମ୍ ପ୍ରଭାବଶାଳୀ ଥିଲା । ନିଜ ପତ୍ରିକା ଗୁଡ଼ିକୁ ସମ୍ପାଦନ କରିବା ସଙ୍ଗେ ସଙ୍ଗେ, ନିଜର ଦୁଇ ବନ୍ଧୁଙ୍କ ସହଯୋଗରେ ସେ ଆଉ ଦୁଇଟି ପତ୍ରିକା ସମ୍ପାଦନ କରିବାକୁ ଲାଗିଲେ । ତାହା ହେଲା—ନ୍ୟାୟପତି ସୁବାରାଓଙ୍କ ସହିତ ତାଙ୍କ ପତ୍ରିକା 'ଚନ୍ଦ୍ରାମଣି', ଏବଂ ଆର୍. ଭେଙ୍କଟ ଶିବୁଡ଼ୁଙ୍କ ସହିତ ତାଙ୍କ ପତ୍ରିକା 'ତେଲୁଗୁ ଜନନ' ।

ବୀରେଶଲିଙ୍ଗମ୍ ହୁଏତ ତାଙ୍କ ପତ୍ରିକାକୁ ସ୍ଥାନୀୟ ସମସ୍ୟାମାନଙ୍କ ସହିତ ସଂଘର୍ଷ କରିବା ଦିଗରେ ଉପଯୋଗ କରିଥିଲେ; ତଥାପି ତାଙ୍କର ବାସ୍ତବ ଉଦ୍ଦେଶ୍ୟ ଥିଲା ପୁରାତନ ଓ ପାରମ୍ପରିକ ଜୀବନଧାରା ତଥା ବିଗ୍ରହ ପଦ୍ଧତିଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଯିବା । ତାଙ୍କର ସମଗ୍ର ଲେଖାର ଅନ୍ତର୍ଧାରା ଥିଲା ଯୁକ୍ତିସିଦ୍ଧତା ଓ ଆଧୁନିକତାର ଆବେଦନ । ତାଙ୍କର ବିଶ୍ୱାସ ଥିଲା—ଯେ ପର୍ଯ୍ୟନ୍ତ ପୁରାତନ ପନ୍ଥୀ ତଥା ପାରମ୍ପରିକ ରୀତିମାନଙ୍କର ବିଷାକ୍ତ ଘାସପତ୍ର ସଫା କରା ନ ଯାଇଛି, ସେ ଯାଏ ଯୁକ୍ତିସିଦ୍ଧତା ଓ ଆଧୁନିକତା ଭିତରୁ କୌଣସିଟି ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ତେଣୁ ସେ ନିଜର ପତ୍ରିକାମାନଙ୍କୁ ଦାଆ ପରି ତୀକ୍ଷ୍ଣ କରି ଦେଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଧର୍ମଯୁଦ୍ଧ କରୁଥିବା ନିଜର ଦୁଇଟିଯାକ ପତ୍ରିକାର ନାମ ବୀରେଶଲିଙ୍ଗମ୍ 'ବିବେକବର୍ଦ୍ଧିନୀ' (ଯାହା ଔଚିତ୍ୟ ଶକ୍ତିକୁ ବର୍ଦ୍ଧନ କରେ) ଓ 'ସତ୍ୟବାଦିନୀ' (ସତ୍ୟର ପ୍ରବର୍ତ୍ତିକ) ରଖିଥିଲେ । ଯୁକ୍ତିବାଦିତାର ଅନ୍ୟ-ନାମ ଠିକ୍ ବିଗ୍ରହଧାରା ସୃଷ୍ଟି କରିବା ବୋଲି ସେ ଭାବୁଥିଲେ, ଓ ଆଧୁନିକ ବୈଜ୍ଞାନିକତା, ମାନବତାବାଦ ଓ ପ୍ରଗତିଶୀଳତାକୁ ସେ ସତ୍ୟର ସମକକ୍ଷ ବୋଲି ମନେ କରୁଥିଲେ । ଅନେକ ସ୍ଥଳରେ ସେ ନିଜ ବନ୍ଧୁ ଓ ନିଜକୁ "ଆମେ ନବ-ସଭ୍ୟତା ଲୋକ" ବୋଲି କହୁଥିଲେ । 'ବିବେକବର୍ଦ୍ଧିନୀ'ର ଏକ ସମ୍ପାଦକୀୟ ଲେଖାରେ ସେ ଯାହା ଉଲ୍ଲେଖ କରିଥିଲେ, ତାହାର ସ୍ୱଚ୍ଛନ୍ଦ ରୂପାନ୍ତର ହେଲା—

ଆଧୁନିକ ବିଜ୍ଞାନ ହେଲା ଗୋଟିଏ ରୂପସୀ ଯୁବତୀ, ଯାହାକୁ ପାଶ୍ଚାତ୍ତ୍ୟ ବିଦ୍ୱାନ୍‌ମାନେ ଏଠାକୁ ନେଇ ଆସିଛନ୍ତି । ନିଜ ହାତରେ ନୂତନ

ଜ୍ଞାନର ଦୀପାଳି ଧରି ସେ ଯୁଗ ଯୁଗର ଅନ୍ଧକାରକୁ ଦୂର କରୁଅଛି । ଅନ୍ଧବିଶ୍ୱାସ ଓ ଭ୍ରମ ଧାରଣା-ରୂପୀ ରାକ୍ଷସ ଏବେ ପଳାୟିତ । ଏବେ ଯେଉଁ ସଂଗ୍ରାମ ଚାଲିଛି, ତାହା ହେଲା ସତ୍ୟ ଓ ମିଥ୍ୟା ମଧ୍ୟରେ, ଜ୍ଞାନ ଓ ଅଜ୍ଞାନ ମଧ୍ୟରେ, ନୂଆ ଓ ପୁରୁଣା ଦୁନିଆ ମଧ୍ୟରେ । ଏ ଯୁଦ୍ଧରେ ନିରପେକ୍ଷ ହୋଇ ରହିବା ସମ୍ଭବ ନୁହେଁ; ଯେ କୌଣସି ଗୋଟିଏ ପକ୍ଷ ବାଛିନେବାକୁ ପଡ଼ିବ । ଜ୍ଞାନୀଲୋକମାନଙ୍କ ବିଚାରଧାରା ବା ଏ ଯୁଦ୍ଧର ଶେଷ ପରିଣାମ ବିଷୟରେ ଆମର କୌଣସି ସନ୍ଦେହ ନାହିଁ । ଏହି ଯୁଦ୍ଧର ଦୀର୍ଘକାଳ ଧରି ଚାଲିବାରେ ବା ବେଶି ତିକ୍ତ ହୋଇପାରେ, କିନ୍ତୁ ପରିଶେଷରେ ନିଶ୍ଚିତଭାବେ ଅଜ୍ଞାନ ଓ ମିଥ୍ୟା ଉପରେ ଜ୍ଞାନ ଓ ସତ୍ୟର ବିଜୟ ହେବ ।

□ □ □

ତେଲୁଗୁ ଉପନ୍ୟାସର ଜନ୍ମଦାତା

କବିତା ଯଦି ସାହିତ୍ୟର ସର୍ବପ୍ରାଚୀନ ବିଭାଗ ହୁଏ, ତେବେ ଉପନ୍ୟାସ ହେବ ସବୁଠାରୁ ନବୀନ ବିଭାଗ । ନୀତିକଥା, ପରୀ କାହାଣୀ, ରୂପ କଥା, ବୀରଗାଥା, ପ୍ରଣୟ ଗାଥା ଓ ଅଭିଲେଖ ଆଦିରୁ ଏହି ରୂପ ପରିଗ୍ରହଣ କରିବାକୁ ଉପନ୍ୟାସକୁ ହଜାର ବର୍ଷ ଲାଗିଲା । ଉପନ୍ୟାସ ହୁଏତ ଏହି ସବୁ ଶାଖା-ପ୍ରଶାଖା ନିକଟରେ ଋଣୀ ହୋଇପାରେ; ତଥାପି ତାହାର ନିଜସ୍ୱ ଅଙ୍ଗ ଓ ନିଜସ୍ୱ ପ୍ରାଣ ରହିଛି । ଉପନ୍ୟାସ ଦୀର୍ଘ କାହାଣୀ ନୁହେଁ; ଏହା ଏକ ସ୍ୱତନ୍ତ୍ର ପ୍ରକାରର ବସ୍ତୁ । ଏହା ଗଦ୍ୟରେ ରଚିତ ହୋଇଥିବା ପ୍ରଣୟ ଗାଥା ନୁହେଁ, ବରଂ ଏହା ହେଉଛି କମ୍ କଳ୍ପନାଶ୍ରୟୀ ଏବଂ ଅଧିକ ବାସ୍ତବବାଦୀ ।

ପାଶ୍ଚାତ୍ୟ ଉପନ୍ୟାସକୁ ଆଜି ଆମେ ଯେଉଁ ରୂପରେ ଦେଖୁଛୁ, ତାହା ପ୍ରଥମେ ସପ୍ତଦଶ ଶତାବ୍ଦୀରେ ସ୍ପେନ୍‌ରେ, ଅଷ୍ଟାଦଶ ଶତାବ୍ଦୀରେ ବ୍ରିଟେନରେ ଏବଂ ଊନବିଂଶ ଶତାବ୍ଦୀରେ ଭାରତରେ ପରିଦୃଷ୍ଟ ହୋଇଥିଲା । 'ଡନ୍‌କୁଇକ୍‌ସୋଟ୍'ର ସ୍ରଷ୍ଟା ସର୍ଭାଣ୍ଟିସ ସ୍ପେନ୍‌ର ତଥା ୟୁରୋପର ପ୍ରଥମ ଉପନ୍ୟାସକାର ଥିଲେ । 'ରବିନ୍‌ସନ୍ କ୍ରୁଶୋ'ର ରଚୟିତା ଡିଫୋ ବ୍ରିଟେନ୍‌ର ଏବଂ 'ଦୁର୍ଗେଶନନ୍ଦିନୀ'ର ଲେଖକ ବଙ୍କିମ ଚନ୍ଦ୍ର ଚଟ୍ଟର୍ଜୀ ଭାରତର ପ୍ରଥମ ଉପନ୍ୟାସକାର ଥିଲେ । ଏହି ସବୁ ଜଣା ଶୁଣା ତଥା ପୁରୁଣା କଥା ଏଠାରେ ଉଲ୍ଲେଖ କରାଯିବାର ଉଦ୍ଦେଶ୍ୟ ହେଉଛି, ବୀରେଶଲିଙ୍ଗମ୍ ଓ ତାଙ୍କ ରାଜଶେଖର ଆଡ଼କୁ ଘଟଣାକୁ ନେଇଯିବା ।

'ବଙ୍ଗ ଦର୍ଶନ' ନାମକ ନିଜର ସାହିତ୍ୟ-ପତ୍ରିକାରେ ୧୮୭୫ରେ ବଙ୍କିମ-ଚନ୍ଦ୍ର ତାଙ୍କର ସୃଷ୍ଟି 'ଦୁର୍ଗେଶନନ୍ଦିନୀ'କୁ ଧାରାବାହିକ ଭାବରେ ପ୍ରକାଶ କରୁଥିଲେ । ଠିକ୍ ତା'ର ତିନି ବର୍ଷ ପରେ ନିଜ ପତ୍ରିକା 'ବିବେକ ବର୍ଦ୍ଧିନୀ'ରେ ବୀରେଶଲିଙ୍ଗମ୍ 'ରାଜଶେଖର ଚରିତ' ପ୍ରକାଶ କରିବା ଆରମ୍ଭ କରିଥିଲେ । ଦୁହିଁଙ୍କ ଭିତରେ ଏତେ କମ୍ ବ୍ୟବଧାନ ଥିବା ହେତୁ ଆମେ କ'ଣ ବୀରେଶଲିଙ୍ଗମ୍‌ଙ୍କୁ ଭାରତର ଦ୍ୱିତୀୟ ଉପନ୍ୟାସକାର ରୂପେ ମାନି ପାରିବା କି ? ଏ ବିଷୟରେ ଆହୁରି ଅଧିକ ଗବେଷଣା ନିଶ୍ଚୟ ଦରକାର; କିନ୍ତୁ ସେ ନିର୍ବିବାଦରେ ତେଲୁଗୁର ପ୍ରଥମ ଉପନ୍ୟାସକାର ଥିଲେ । ତେଲୁଗୁ ଉପନ୍ୟାସର ଜନକ ହୋଇ ସୁଦ୍ଧା ସେ ବଙ୍ଗଳାର ନିଜର ସମଧର୍ମୀ ଲେଖକଙ୍କ ନିକଟରେ ଋଣୀ ନ ଥିଲେ । ପ୍ରଥମ କଥା, ସେ ବଙ୍ଗଳା ଜାଣି ନ ଥିଲେ; ଦ୍ୱିତୀୟତଃ ୧୮୭୫ରୁ ୧୮୭୮ ମସିହା ମଧ୍ୟରେ 'ଦୁର୍ଗେଶନନ୍ଦିନୀ'ର ଇଂରାଜୀ କିମ୍ବା ଅନ୍ୟ କୌଣସି ଭାରତୀୟ ଭାଷାରେ ଅନୁବାଦ ପ୍ରକାଶିତ ହୋଇ ନ ଥିଲା । ବଙ୍କିମ

ଚନ୍ଦ୍ରଙ୍କ ଭଳି ସେ ଇଂରାଜୀ ଉପନ୍ୟାସରୁ ପ୍ରେରଣା ଗ୍ରହଣ କରିଥିଲେ । ତା'ଛଡ଼ା ଦୁହିଁଙ୍କ ପାଇଁ ସମୟ ମଧ୍ୟ ଖୁବ୍ ଅନୁକୂଳ ଥିଲା ।

ପାଶ୍ଚାତ୍ୟ ଦେଶରେ ମଧ୍ୟମବର୍ଗଙ୍କ ସହିତ ଉପନ୍ୟାସର ବିକାଶକୁ ସଂଯୁକ୍ତ କରାଯାଏ । ଭାବ ଓ ଶୈଳୀ ଦୃଷ୍ଟିରୁ ଉପନ୍ୟାସ ମଧ୍ୟବିତ୍ତ ସମ୍ପ୍ରଦାୟର ଏବଂ ଏହା ଗଣତାନ୍ତ୍ରିକ କଳା । ସେଇଥିପାଇଁ ଗଣତାନ୍ତ୍ରିକ ସାମର୍ଥ୍ୟ ଓ ମଧ୍ୟବିତ୍ତଙ୍କ ଉନ୍ନତି ସହିତ ଗୋଟିଏ ଗୋଟିଏ ପାହୁଣ୍ଡ ଆଗକୁ ପକାଇ ଏହା ଆଜି ପର୍ଯ୍ୟନ୍ତ ଆସି ପହଞ୍ଚିଛି । ଆମେ ଦେଖିବାକୁ ପାଉ ଯେ ବର୍ତ୍ତମାନ କାଳରେ ସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ଲୋକପ୍ରିୟତା କ୍ଷେତ୍ରରେ ଏହା ସବୁଠାରୁ ଆଗରେ ରହି ପାରିଛି । ଊନବିଂଶ ଶତାବ୍ଦୀର ଅନ୍ତିମ ପାଦ (ଚତୁର୍ଥାଂଶ) ବେଳକୁ ଭାରତରେ ସାମନ୍ତବାଦବର୍ଗ ନିଜର ଚରମ ସୀମା ଅତିକ୍ରମ କରି ସାରିଥିଲା ଏବଂ ମଧ୍ୟମ ବର୍ଗ ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଥିଲା । ଏହା ନିଜ ଶକ୍ତି ଓ ନିଜ ଐତିହାସିକ ମହତ୍ତ୍ୱ ପ୍ରତି ଅଧିକ ସଚେତନ ହେବା ସଙ୍ଗେ ସଙ୍ଗେ ଅଧିକ ସୋଚ୍ଚାର ହୋଇ ଉଠିଥିଲା । ତେଣୁ ଭାରତୀୟ ଉପନ୍ୟାସର ପଦାର୍ପଣ ପାଇଁ ମଞ୍ଚ ଠିକ୍ ଭାବରେ ସଜ୍ଜିତ ହୋଇ ସାରିଥିଲା ।

'ଦୁର୍ଗେଶନନ୍ଦିନୀ' ପାଇଁ ବଙ୍କିମଚନ୍ଦ୍ର ସ୍କଟ୍‌ଙ୍କର 'ଆଇଭାନ୍‌ହୋ'ରୁ ନିଜ କାହାଣୀର ଭାବବିନ୍ଦୁ ଚୟନ କରିଥିଲେ । ଠିକ୍ ସେହିଭଳି ବୀରେଶଲିଙ୍ଗମ୍ ତାଙ୍କ 'ରାଜଶେଖର ଚରିତ' ପାଇଁ ଗୋଲ୍ଡ଼ସ୍ମିଥ୍‌ଙ୍କର 'ଭିକାର୍ ଅଫ୍ ୱେକ୍‌ଫିଲଡ଼'କୁ ବାଛିଥିଲେ । ସ୍କଟ୍‌ଙ୍କ ଭଳି ବଙ୍କିମଚନ୍ଦ୍ରଙ୍କର ବି ମଧ୍ୟଯୁଗୀୟ ଜମିଦାର ଏବଂ ସେମାନଙ୍କର ଦୁର୍ଗ ପ୍ରତି କିଛି କିଛି ମୋହ ଥିଲା । ସ୍କଟ୍‌ଙ୍କ ଭଳି ତାଙ୍କର ମଧ୍ୟ ମନେ ହେଉଥିଲା, ମଧ୍ୟଯୁଗ ଶୌର୍ଯ୍ୟ ଓ ଗୌରବରେ ପରିପୂର୍ଣ୍ଣ ଥିଲା । ପରବର୍ତ୍ତୀ ସମୟରେ ବଙ୍କିମଚନ୍ଦ୍ର ସଂସ୍କାର-ବିରୋଧୀ ପାଲଟି ଗଲେ ଏବଂ ହିନ୍ଦୁ ପୁନରୁତ୍‌ଥାନ ଅଭିଯାନର ଅଗ୍ରଣୀ ସାଜିଥିଲେ । ଏଭଳି ଧାରଣା ଥିବା ହେତୁ ମଧ୍ୟ ସ୍କଟ୍ ଓ ତାଙ୍କର 'ଆଇଭାନ୍‌ହୋ'କୁ ବାଛିବା ତଥା ଦୁର୍ଗାଧିପତିଙ୍କର କନ୍ୟା (ଦୁର୍ଗେଶ ନନ୍ଦିନୀ)ଙ୍କ ଘଟଣାକୁ ନିଜର ପ୍ରଥମ ଉପନ୍ୟାସରେ ଗ୍ରହଣ କରିନେବା ତାଙ୍କ ପାଇଁ ସ୍ୱାଭାବିକ ଥିଲା । କିନ୍ତୁ ବଙ୍କିମଚନ୍ଦ୍ରଙ୍କ ପରି ବୀରେଶଲିଙ୍ଗମ୍ ମଧ୍ୟଯୁଗର ଐତିହ୍ୟ, ତାର ସାମାଜିକ ବ୍ୟବସ୍ଥା ଅଥବା ଜୀବନ-ସମ୍ବନ୍ଧୀୟ ମୂଲ୍ୟବୋଧ ପ୍ରତି ଆଗ୍ରହୀ ନ ଥିଲେ । ନବ୍ୟ-ମଧ୍ୟବିତ୍ତ ଜନସମାଜ ଓ ତାର ଲୋକତାନ୍ତ୍ରିକ ପ୍ରବୃତ୍ତି ଏବଂ ସମ-ପ୍ରବୃତ୍ତିଗୁଡ଼ିକୁ ସେ ଏକାନ୍ତ ଭାବେ ସ୍ୱୀକାର କରୁଥିଲେ । ସେଥିପାଇଁ 'ଭିକାର ଅଫ୍ ୱେକ୍‌ଫିଲଡ଼' ପ୍ରତି ସେ ଆକର୍ଷିତ ହୋଇଥିଲେ, ଯେଉଁଥିରେ ମଧ୍ୟମ ବର୍ଗ ଜନସମାଜର ଦୈନ୍ୟ ଓ ଅଭିମାନ ପ୍ରତିଧ୍ୱନିତ ହୋଇଥିଲା ।

ବୀରେଶଲିଙ୍ଗମ୍‌ଙ୍କର ମୂଳ ଲକ୍ଷ୍ୟଥିଲା 'ଗୋଲ୍‌ଡସ୍ମିଥ୍‌'ଙ୍କ ଉପନ୍ୟାସର ଅନୁବାଦ କରିବା; କିନ୍ତୁ ଦୁଇ ତିନି ଅଧ୍ୟାୟ ପୂରା କରିବା ପରେ ତାଙ୍କର ମନେ ହେଲା, ଉପନ୍ୟାସଟିର ବିଦେଶୀ ବାତାବରଣ ତାଙ୍କର ସାଦାସିଧା ସାଧାରଣ ପାଠକଙ୍କୁ ତା ପ୍ରତି ଆକର୍ଷିତ କରାଇବା ପରିବର୍ତ୍ତେ ଦୂରେଇ ଦେବ । ଏଣୁ ସେ ନିଜ ଅନୁବାଦକୁ ଛାଡ଼ିଦେଲେ ଏବଂ ନିଜ କୃତି 'ରାଜଶେଖର ଚରିତ୍ର'ର ଲେଖା ଆରମ୍ଭ କଲେ । ଫଳ ସ୍ୱରୂପ ଦେଖାଗଲା, ସେ ଗୋଲ୍‌ଡ଼ସ୍ମିଥ୍‌ଙ୍କ ନିକଟରେ ନାମ-ମାତ୍ର ଋଣୀ ରହିଲେ । କାହାଣୀର କିଛି ଅଂଶ ଓ ତିନି ବା ଚାରୋଟି ଚରିତ୍ରକୁ ସେ ନେଇଥିଲେ; ବାକି ସମସ୍ତ ଗଠନ ପରିପାଟୀ ତାଙ୍କର ନିଜସ୍ୱ । 'ଇଂରାଜୀ ସାହିତ୍ୟର ଇତିହାସ'ର ଲେଖକ ଦ୍ୱୟ ଲିଗୁଇ ଓ କାଜାମିଆନଙ୍କ ମତାନୁସାରେ 'ଦି ଭିକାର୍ ଅଫ୍ ୱେକଫିଲଡ୍' ଗୋଟିଏ ପରିବାର ତଥା ଗୋଟିଏ ଘରକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଉପନ୍ୟାସ । ଠିକ୍ ସେଇମିତି ହେଉଛି 'ରାଜଶେଖର ଚରିତ୍ର' । ମାତ୍ର ତଫାତ୍ ଏତିକି ଯେ, ଏହା ମଧ୍ୟବିତ୍ତ ଆନ୍ଧ୍ର ପରିବାରର ପ୍ରତିବିମ୍ବ ତଥା ଏହାର କାହାଣୀ ଗୋଦାବରୀ ଉପତ୍ୟକାର ଗୋଟିଏ ପରିବାରର ଚାରିପଟେ ଘୂରି ବୁଲୁଥିବା କାହାଣୀ ।

କଥାବସ୍ତୁ ଦୃଷ୍ଟିରୁ 'ରାଜଶେଖର ଚରିତ୍ର' କିଛିଟା ଦୁର୍ବଳ ମନେହୁଏ । କିଛି ଧାର କରାଯାଇ ଓ କିଛି କଳ୍ପନାରେ ଗଢ଼ା ଯାଇଥିବା କଥାବସ୍ତୁ ଅନେକ ପରିମାଣରେ ଦୁର୍ବଳ ଓ ଅସଂଲଗ୍ନ । ଏହା ଉପକଥା ମଧ୍ୟରେ ଘୂରି ବୁଲୁଛି ଓ ମୁଖ୍ୟ ସଙ୍ଗଠନ ଉପକଥା ଜରିଆରେ ହୋଇଛି । ଏଥିରେ ଅନ୍ୟ କେତେକ ତ୍ରୁଟି ମଧ୍ୟ ରହିଛି ଏବଂ ସେଗୁଡ଼ିକର ମୂଳସୂତ୍ର ଲେଖକଙ୍କ ସ୍ୱଭାବରୁ ସନ୍ଧାନ କରାଯାଇ ପାରେ । ସେ କଳାକାର ଯେତେ ନୁହେଁ ସେତେ ନୈତିକତାବାଦୀ, କବି ଯେତେ ନୁହେଁ ସେତେ ଉପଦେଷ୍ଟା ଓ ନିର୍ମାତାଠାରୁ ଅଧିକ ପ୍ରବକ୍ତା ଥିଲେ । କାହାଣୀରେ ନିହିତ ନୈତିକ ତତ୍ତ୍ୱ ଓ ସନ୍ଦେଶକୁ, କାହାଣୀ ମାଧ୍ୟମରେ ପ୍ରକଟ ହେବାକୁ ଦେଇ ସେ ସନ୍ତୁଷ୍ଟ ହୋଇ ରହି ନାହାନ୍ତି, ବରଂ ନିଜେ ବେଦୀ ଉପରକୁ ଉଠି ଆସିଛନ୍ତି । ନିଜ ବିଚାରଧାରା ଓ ଆଦର୍ଶକୁ ପ୍ରକାଶିତ କରିବାର ଉତ୍ସାହଜନକ ଅବସରରେ ସେ ନିଜ ପାତ୍ରପାତ୍ରୀଙ୍କ ମୁଖରେ ଏପରି କଥା କୁହାଇଛନ୍ତି, ଯାହା ତାଙ୍କର ଚରିତ୍ର ଗଠନ ଓ କାହାଣୀ ଗଠନଠାରୁ ସ୍ୱତନ୍ତ୍ର ମନେହୁଏ ! ଯଦି ସେ ଗୋଲଡ଼ସ୍ମିଥ୍‌ଙ୍କ ପରି ଉପନ୍ୟାସର ନାୟକକୁ ପ୍ରଥମ ପୁରୁଷ ଏକବଚନରେ କାହାଣୀ ବୟାନ କରିବାକୁ ଦେଇଥାନ୍ତେ, ତେବେ ହୁଏତ ସ୍ୱାଭାବିକ ଶୈଳୀରେ ତଥା ଯଥେଷ୍ଟ ସମୟ ପର୍ଯ୍ୟନ୍ତ ସତ୍ୟ-ପ୍ରକାଶଦ୍ୱାରା ନୈତିକ ଶିକ୍ଷା ଦେଇପାରିଥାନ୍ତେ; ମାତ୍ର ସେ ପୂରା କାହାଣୀକୁ ନୈର୍ବ୍ୟକ୍ତିକ ବହୁବଚନରେ ବର୍ଣ୍ଣନା କରନ୍ତି । ଏହି କାରଣରୁ ତାଙ୍କର ଉପଦେଶ-ସବୁ ଅସ୍ୱାଭାବିକ ମନେହୁଏ ଏବଂ ପାଠକ ମନରେ ବିରକ୍ତି ସୃଷ୍ଟି କରେ ।

ଏହା ବ୍ୟତୀତ, ନିଜର ନୈତିକତା ପ୍ରଚାର କରିବାର ମନୋଭାବ ହେତୁ ଚରିତ୍ରମାନଙ୍କୁ କେତେବେଳେ ପବିତ୍ରତାର ଶ୍ୱେତ ବର୍ଣ୍ଣରେ ରୂପାୟିତ କରିଛନ୍ତି ତ କେତେବେଳେ ଗଢ଼ିଛନ୍ତି ସମ୍ପୂର୍ଣ୍ଣ ଆବିଳକରି । ମାତ୍ର ଏହାର କୌଣସି ମଧ୍ୟବର୍ତ୍ତୀ ରୂପଚିତ୍ର ତାଙ୍କ ସୃଷ୍ଟିରେ ଦେଖିବାକୁ ମିଳେ ନାହିଁ । କେତେବେଳେ ସେ ପେଦ୍ଦା-ପୁରମ୍‌ର ରାଜା କୃଷ୍ଣ ଗଜପତିଙ୍କ ଭଳି ସଦାଚାରର ପ୍ରତିମୂର୍ତ୍ତି ହୋଇଛନ୍ତି ତ, କେତେ ବେଳେ ସେ ହୋଇଛନ୍ତି ଶୋଭନାଦ୍ରି ରାଜୁ, ନୀଳାଦ୍ରି ରାଜୁ ଓ ନାରାୟଣ ମୂର୍ତ୍ତିପରି ଗୁଣ୍ଡା ବଦମାସ୍; ପୁଣି ରାଜଶେଖର ମଧ୍ୟ ଦୁର୍ବଳ ଓ କୋମଳମତି । ତ ପ୍ରତି ଯେ କୌଣସି ସ୍ତରରେ ମଧ୍ୟ ଆମର ବାସ୍ତବରେ ଦୁଃଖ ହୁଏ ନାହିଁ; ବରଂ ତାଙ୍ ଦୁର୍ଭାଗ୍ୟଜନକ ପରିସ୍ଥିତି ତାର ନିଜର ସୃଷ୍ଟି ଭଳି ମନେ ହୁଏ ।

ବୀରେଶଲିଙ୍ଗମ୍‌ଙ୍କ ଭଳି ଗୋଲଡ଼ସ୍ମିଥ ମଧ୍ୟ ଥିଲେ ମଙ୍ଗଳମୟତା ଓ ମାନବିକତାର ପ୍ରବର୍ତ୍ତକ । ତାଙ୍କ ଉପନ୍ୟାସରେ ସେ ମଲ୍ଲିଯୁଦ୍ଧ ଓ ସମକାଳୀନ ଶାସ୍ତି-ବିଧାନର ନିଷ୍ଠୁରତା ତଥା ଅନ୍ୟାନ୍ୟ ଘଟଣାର ନିନ୍ଦା କରିଛନ୍ତି । ସେ କଏଦ ଜୀବନ ଧାରାର ସଂସ୍କାର ଓ ନିମ୍ନବର୍ଗ ଲୋକଙ୍କ ଜୀବନଧାରାର ଉନ୍ନୟନ ନିମିତ୍ତ ସ୍ୱର ଉତ୍ତୋଳନ କରିଥିଲେ । ତଥାପି ଲିଗୁଇ ଓ କାଜାମିଆଁଙ୍କ ଭାଷାରେ, "ତାଙ୍କ ସମ୍ପୂର୍ଣ୍ଣତା, ଦୂରଦୃଷ୍ଟି, ଆତ୍ମନିଷ୍ଠା, ଭାରସାମ୍ୟତା, ଓ ତାଙ୍କର ହସ କୌତୁକ ଭିତରେ ଥିବା ପ୍ରେରଣା କାଳଜୟୀ ।" ଏହି କାଳଜୟୀ ପ୍ରେରଣା ପୂର୍ଣ୍ଣାଙ୍ଗ ନ ହେବା ହେତୁ ନିଜ ସନ୍ଦେଶ ଓ ନିଜ କଳାର ସମ୍ମିଶ୍ରଣରେ ବୀରେଶଲିଙ୍ଗମ୍ ସଫଳ ହୋଇ ନାହାନ୍ତି ।

କଳାତ୍ମକ ଶକ୍ତି ଓ ସମ୍ବେଦନାଶୀଳତାରେ ହୁଏତ ବୀରେଶଲିଙ୍ଗମ୍ ଗୋଲଡ଼ସ୍ମିଥଙ୍କ ସମକକ୍ଷ ହୋଇ ନ ଥାଇ ପାରନ୍ତି, ମାତ୍ର ଗୋଟିଏ ବିଷୟରେ ସେ ଅବଶ୍ୟ ସଫଳ ହୋଇଥିଲେ । ଗୋଲଡସ୍ମିଥଙ୍କ ଭଳି ସେ ନିଜ ଜୀବନର ସମୃଦ୍ଧ ଭଣ୍ଡାର ଓ ଅନୁଭୂତିରୁ ଅନେକ ସାମଗ୍ରୀ ଚୟନ କରିଛନ୍ତି । କେବଳ ତିନୋଟି ଉଦାହରଣ ଏଠାରେ ଉପସ୍ଥାପନା କରାଯାଉଛି - ପ୍ରାଚୀନ ପଦ୍ଧତି ଅନୁସାରେ ନିଷ୍ଠୁର ତଥା ଅର୍ଦ୍ଧଶିକ୍ଷିତ ଶିକ୍ଷକଙ୍କଠାରୁ ପ୍ରାପ୍ତ ନିଜର ପ୍ରାରମ୍ଭିକ ଶିକ୍ଷା ସମ୍ବନ୍ଧରେ ତାଙ୍କର ଅସନ୍ତୋଷ; ଦାରିଦ୍ର୍ୟରେ ଅତିବାହିତ ନିଜ ପ୍ରାଥମିକ ଜୀବନର ଅପମାନ ଓ ତିରସ୍କାରର ଅନୁଭୂତି; ତଥା ଜାତିରୁ ବହିଷ୍କୃତ ହେବା ପରେ ସେ ନିଜେ ଭୋଗ କରିଥିବା ଦୁଃଖଦ ଓ କଷ୍ଟକର ପରିସ୍ଥିତି ସବୁ ।

ସାମାଜିକ ଯଥାର୍ଥତା ଆଣିବା ପାଇଁ ବୀରେଶଲିଙ୍ଗମ୍ ନିଜର କେତେକ ଚରିତ୍ରକୁ ନିଜ ପରିବାର କିମ୍ବା ନିଜର ନିକଟତମ ଲୋକମାନଙ୍କ ଭିତରୁ ବାଛିଛନ୍ତି । ଉପନ୍ୟାସର ନାୟକ ରାଜଶେଖରର ଚରିତ୍ର ବୀରେଶଲିଙ୍ଗମ୍‌ଙ୍କ ପିତାମହଙ୍କୁ ନେଇ ଆଧାରିତ ହୋଇଛି ଯେ କି ଯାହା ଆଗରୁ କୁହା ଯାଇଛି, ନିଜର ସମସ୍ତ ପୈତୃକ

ସମ୍ପତ୍ତି ବିନା ଚିନ୍ତା-ବିଚାରରେ ଦାନ ଓ ଉପହାରରେ ବିନିଯୋଗ କରି ଦେଇଥିଲେ । ଏହି ପୂର୍ବପୁରୁଷଙ୍କର ବିଭିନ୍ନ ଦୁର୍ବଳତା ଓ ଅହମିକା, ସରଳତା ଓ ପ୍ରଶଂସା ପ୍ରତି ଲାଳସା, ବ୍ୟକ୍ତିଗତ ସମ୍ମାନ ଓ ପାରିବାରିକ ଦମ୍ଭ ସମ୍ବନ୍ଧୀୟ ସମସ୍ତ ଭ୍ରାନ୍ତଧାରଣା ସବୁକୁ ସେ ରାଜଶେଖରଙ୍କଠାରେ ଆଣିଥିଲେ । ପାରିବାରିକ ପୁରୋହିତ, ଜ୍ୟୋତିଷ, ବୈଦ୍ୟ, ତୋଷାମଦକାରୀ ଲୋକ, ଆଶ୍ରିତ ତଥା ଲୋକ ପର ରକ୍ତ ଶୋଷଣକାରୀ ବ୍ୟକ୍ତି—ସବୁ ତଳ ବିଚିତ୍ର ଭୟାନକ ଗୁଣଧାରୀ ଲୋକଙ୍କ ଦ୍ୱାରା ଏହା ପରିପୂର୍ଣ୍ଣ, ଯାହା ସ୍ଥାନେ-ସ୍ଥାନେ ଗୌଣ ପାତ୍ରମାନଙ୍କ ଚରିତ୍ରରେ ଚିତ୍ରିତ ହୋଇଅଛି । ଅଲୌକିକ ଶକ୍ତି ଲାଭ କରିବା ଇଚ୍ଛାରେ ତପସ୍ୟା କରିବାକୁ ହିମାଳୟକୁ ଯାଇ, କିଛି କଷ୍ଟ ସହିବାପରେ ଅଧାରୁ ପଳାଇ ଆସିଥିବା ବୀରେଶଲିଙ୍ଗମ୍‌ଙ୍କର ଦୁଇଜଣ ସହଯୋଗୀଙ୍କ ମଧ୍ୟରୁ ଜଣେ ଏହି ଉପନ୍ୟାସରେ ରାଜଶେଖରର ଜୋଇଁ ରୂପରେ ପୁଣି ଆମ୍ଭମାନଙ୍କ ସମ୍ମୁଖକୁ ଆସିଅଛି । ଯେଉଁ ଗୁଣିଆ ନିଜର କଳା ବିଦ୍ୟାଦ୍ୱାରା ବୀରେଶଲିଙ୍ଗମ୍‌ଙ୍କୁ ଶେଷ କରିବାକୁ ଧମକ ଦେଇଥିଲା ଓ ପରେ ନିଜେ କଷ୍ଟ ପାଇଲା, ସେ ଏହି ଉପନ୍ୟାସରେ ରାଜଶେଖରର ଶଳାରୂପରେ ଦେଖାଯାଇଛି ।

ବୀରେଶଲିଙ୍ଗମ୍‌ଙ୍କ ବର୍ଣ୍ଣନାରେ ଏହି ବାସ୍ତବ ଜୀବନର ଚିତ୍ର ରହିଛି । ଏହାକୁ ଠିକ୍‌ରୂପେ ବୁଝି ନ ପାରିବାରୁ ପ୍ରାଚୀନତାର ପକ୍ଷପାତୀ ଓ ବୀରେଶଲିଙ୍ଗମ୍‌ଙ୍କର ଜଣେ କଟ୍ଟର ସମାଲୋଚକ କାଶିଭଟ୍ଟଲ ବ୍ରହ୍ମୟ୍ୟା ଶାସ୍ତ୍ରିଙ୍କୁ ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ରାଜଶେଖରର ଘରର ବର୍ଣ୍ଣନା ପଢ଼ିସାରି ଶାସ୍ତ୍ରୀଜୀ ଦୃଢ଼ଭାବରେ ବିରୋଧ କରିଥିଲେ ଯେ ଗୃହନିର୍ମାଣର ହିନ୍ଦୁଶାସ୍ତ୍ର ଓ ବାସ୍ତୁଶାସ୍ତ୍ରର ସିଦ୍ଧାନ୍ତ ଅନୁସାରେ ଏପରି ଘରହେବା କେବେହେଲେ ସମ୍ଭବ ନୁହେଁ । ଶାସ୍ତ୍ରୀଙ୍କ ଏପରି ମନ୍ତବ୍ୟରେ ବୀରେଶଲିଙ୍ଗମ୍‌ଙ୍କର କେବଳ ମାତ୍ର ଗୋଟିଏ ଉତ୍ତର ଥିଲା ଯେ, ସେ ନିଜେ ଆସି ତାଙ୍କର ପାରିବାରିକ ପ୍ରାଚୀନ ଘର ଦେଖି ନିଅନ୍ତୁ ।

'ରାଜଶେଖର ଚରିତ୍ର'ର ବାସ୍ତବବାଦିତା ହିଁ ଏହାର ବିଶିଷ୍ଟ ଗୁଣ । ଯଦିଓ ଏହା ଏକ ପ୍ରଥମ ଶ୍ରେଣୀୟ ଉପନ୍ୟାସ ନୁହେଁ, ତଥାପି ଏହା ଏକ ଉତ୍ତମ ସାମାଜିକ ଉପନ୍ୟାସ ।

ଊନବିଂଶ ଶତାବ୍ଦୀର ମଧ୍ୟକାଳୀନ ତେଲୁଗୁ ଜୀବନର ସ୍ପଷ୍ଟ ଚିତ୍ର ଏଥିରୁ ମିଳିଥାଏ । ତଥାପି ଏଥିରେ ଏକ ତ୍ରୁଟି ରହିଯାଇଛି । ଊନବିଂଶ ଶତାବ୍ଦୀର ମଧ୍ୟ କାଳରେ ପେଦ୍ଦାପୁରମ୍‌ର ରାଜା କୃଷ୍ଣ-ଗଜପତିଙ୍କର ଏପରି କିଛି ଆଇନ ଓ ନ୍ୟାୟାଳୟଗତ କ୍ଷମତା ନ ଥିଲା ଯାହାକି ବିନିଯୋଗ କରିବା ତାଙ୍କ ପକ୍ଷରେ ସମ୍ଭବ ଥିଲା । ଏହି ଅସଙ୍ଗତିକୁ ସୁଧାରିବା ପାଇଁ ବୀରେଶଲିଙ୍ଗମ୍ କହନ୍ତି, ରାଜଶେଖର ସପ୍ତଦଶ ଶତାବ୍ଦୀର ଲୋକ । ତେବେ ଆମେ ଏହି ମନ୍ତବ୍ୟକୁ ଗୁରୁତ୍ୱର ସହ ବିଚାର

କରିବା ଉଚିତ ନୁହେଁ । ପରେ ଚନ୍ଦ୍ରାକଲପଶ ସେ ଏହାକୁ ଲେଖିଛନ୍ତି । ଉପନ୍ୟାସର ଶେଷରେ ସର୍ବଶେଷ ବାକ୍ୟର ପୂର୍ବବର୍ତ୍ତୀ ବାକ୍ୟରେ ଏକଥା କୁହାଯାଇଛି ।

ପ୍ରକାଶନର ପରେ ପରେ 'ରାଜଶେଖର ଚରିତ'କୁ ପତ୍ର ପତ୍ରିକା ସବୁ ସ୍ୱାଗତ କଲେ; ମାତ୍ର ଲୋକମାନଙ୍କଠାରୁ କିଛି ହେଲେ ପ୍ରୋତ୍ସାହନ ମିଳିଲା ନାହିଁ । ହଜାରେ କପି ଛପାହୋଇଥିବା ପ୍ରଥମ ସଂସ୍କରଣଟି ବିକ୍ରୀହେବାପାଇଁ ଅନେକ ବର୍ଷ ଲାଗିଗଲା । ଏହାର ଗୋଟିଏ କାରଣ, ସମ୍ଭବତଃ ଉପନ୍ୟାସରେ ସ୍ୱଭାବଗତ ଦୁର୍ବଳତା, ଆଉ ଦ୍ୱିତୀୟ କାରଣ ହୁଏତ ଯେହେତୁ ଅତି ସ୍ପଷ୍ଟତାର ସହିତ ଏହା ସମକାଳୀନ ସମାଜର କୁତ୍ସିତ ଘଟଣାବଳୀକୁ ପ୍ରତିବିମ୍ବିତ କରିଥିଲା । ଜନତାର ଏହି ନିରୁତ୍ସାହତା ବୀରେଶଲିଙ୍ଗମ୍‌ଙ୍କ ଲେଖନୀକୁ ଶିଥିଳ କରିଦେଲା ; କାରଣ ତାଙ୍କର ଅନ୍ୟ ପୁସ୍ତକଗୁଡ଼ିକ ଶୀଘ୍ର ବିକ୍ରୀ ହୋଇ ଯାଉଥିଲା । ସେ ଆଉ ଉପନ୍ୟାସ ଲେଖିଲେ ନାହିଁ । ଏ କଥା ଅନୁମାନ କଲେ ଅଯୁକ୍ତ ହେବନାହିଁ । ତେଣୁ ସେ ଉପନ୍ୟାସ ଲେଖା ବନ୍ଦକରି ନ ଥିଲେ ଭାରତବର୍ଷର ଏକ ପ୍ରମୁଖ ଉପନ୍ୟାସକାର ହୋଇ ଥାନ୍ତେ କି ନାହିଁ ସେ କେବଳ ଅନୁମାନର ବିଷୟ ବସ୍ତୁ ହୋଇଗଲା । ବୋଧହୁଏ ନୁହେଁ । ଉପନ୍ୟାସ ତାଙ୍କର ସୃଜନୀ ଶକ୍ତିର କେନ୍ଦ୍ରବିନ୍ଦୁ ନ ଥିଲା ଓ ସେ ନିଜ ଆଦର୍ଶ ପ୍ରତି ଏତେ ନିଷ୍ଠାବାନ୍ ଥିଲେ ଯେ କଳା ନିକଟରେ ନିଜର ଲକ୍ଷ୍ୟକୁ ନଇଁବାକୁ ଦେଇ ନ ଥାନ୍ତେ । କିନ୍ତୁ ସାମାଜିକ ଇତିହାସ ହିସାବରେ ଏହାର ମହତ୍ତ୍ୱ-ପୂର୍ଣ୍ଣ ମୂଲ୍ୟ 'ରାଜଶେଖର ଚରିତ'କୁ ଅଧିକ ସ୍ୱୀକୃତି ଦେଇଥିଲା । 'ଫର୍‌ଚ୍ୟୁନ୍‌ସ୍ ହ୍ୱିଲ୍' ନାମରେ ଇଂରେଜୀରେ ଏହା ଅନୂଦିତ ହେବା ପରେ, ପତ୍ର-ପତ୍ରିକାଗୁଡ଼ିକ ଏହାକୁ ପ୍ରଶଂସା କରିଥିଲେ । ୩୦ ସେପ୍‌ଟେମ୍ବର ୧୮୮୭ରେ ଏହାର ସମୀକ୍ଷା କରିବାକୁ ଯାଇ, 'ଦି ଟାଇମସ୍' (ଲଣ୍ଡନ) ଲେଖିଥିଲା—

> 'ଫରଚ୍ୟୁନ୍‌ସ ହ୍ୱିଲ୍' ହିନ୍ଦୁ ଉପନ୍ୟାସର ମୋଟ ଉପରେ ଏକ ଅପୂର୍ବ ଉଦାହରଣ । ଏହାର ଲେଖକ କେ. ବୀରେଶଲିଙ୍ଗମ୍‌ଙ୍କ ବିଷୟରେ ଅନୁବାଦକ କହିଅଛନ୍ତି ଯେ, ସେ ଜଣେ ଉତ୍ସାହୀ ସମାଜ ସଂସ୍କାରକ । କିଛି ପରିମାଣରେ ଇଂରେଜୀ ଜ୍ଞାନ ଥିବାରୁ ସେ ଗୋଟିଏ କାଳ୍ପନିକ କଥା ମାଧ୍ୟମରେ ହିନ୍ଦୁଜାତି ଓ ତା'ର ଅନ୍ତ-ର୍ନିହିତ ଭାବନାକୁ ନିଜ ପାଠକମାନଙ୍କ ପାଖରେ ପହଞ୍ଚାଇବାର ପ୍ରଯତ୍ନ କରିଅଛନ୍ତି । ୟୁରୋପୀୟ ଲୋକଙ୍କ ପାଇଁ ଜାତି-ପ୍ରଥା ହେତୁ ଉତ୍ପନ୍ନ ହୋଇଥିବା ପୃଥକତାରୁ ଏହାର ମୂଳ ଅନୁସନ୍ଧାନ କରିବା ଅତି କଠିନ । କାହାଣୀଟି ଅତି ସରଳ ଏବଂ ୟୁରୋପୀୟ ଦୃଷ୍ଟିକୋଣରୁ ସେପରି କିଛି ଆକର୍ଷଣୀୟ ବି ନୁହେଁ । ମାତ୍ର ହିନ୍ଦୁ ପାରିବାରିକ ଜୀବନ, ଧାର୍ମିକବିଶ୍ୱାସ, ପୂଜାବିଧି ଓ ଅନ୍ଧ ବିଶ୍ୱାସ,

ନାରୀମାନଙ୍କର ଅବସ୍ଥା, ଯେଉଁମାନେ କି ନିଜର ବିବାହ ବିଷୟରେ ନିଜର ମତାମତ ଦେବା ଅଧିକାରରୁ ବଞ୍ଚିତା—ଏ ସମସ୍ତ ଏତେ ସୁନ୍ଦର ଭାବରେ ଚିତ୍ରିତ ଓ ଉଦାହରଣ ଦ୍ୱାରା ପରିଶୋଭିତ ଯେ, ଏହି ପୁସ୍ତକଟି ସବୁ ପ୍ରକାର ପାଠକଙ୍କ ପାଇଁ ଆକର୍ଷଣୀୟ ହେବ । ମୋଟ ଉପରେ, ଭାରତୀୟ ଜାତିର ସାମାଜିକ ସ୍ଥିତିରେ ସଂସ୍କାର ଆଣିବାପାଇଁ ଲେଖକଙ୍କ ସହିତ ପାଠକ ଏକମତ ହେବ । ମୂଳ ତେଲୁଗୁରୁ ଅନୁବାଦ କରିବା ବ୍ୟକ୍ତି ହେଉଛନ୍ତି ଶ୍ରୀ ଜେ. ଆର୍. ହଚିନ୍‌ସନ୍, ଏବଂ ଭୂମିକା ଲେଖକ ହେଉଛନ୍ତି ଜେନେରାଲ ମ୍ୟାକ୍‌ଡୋନାଲ, ଯିଏକି ମାଡ୍ରାଜ ରାଜ୍ୟର ଭୂତପୂର୍ବ ଶିକ୍ଷା ନିର୍ଦ୍ଦେଶକ ଥିଲେ, ଏବଂ ସେ ଇଂରାଜୀ ପାଠକଙ୍କ ଜାଣିବା ନିମିତ୍ତ ଏହି ପୁସ୍ତକକୁ ବିଶେଷରୂପେ ସୁପାରିଶ କରିଛନ୍ତି ।

'ରାଜଶେଖର ଚରିତ' କନ୍ନଡ଼ ଭାଷାରେ ମଧ୍ୟ ଅନୂଦିତ ହୋଇଥିଲା । ସମୟ ଯିବା ସାଙ୍ଗେ ସାଙ୍ଗେ ତେଲୁଗୁ ଲୋକେ ବି ଏହାକୁ ଉପନ୍ୟାସ ପରିଧାନରେ ସଜ୍ଜିତ ସାମାଜିକ ଇତିହାସର ମାନ୍ୟତା ଦେବା ଆରମ୍ଭ କଲେ ଏବଂ ଏବେ ମଧ୍ୟ ଏହା ମୁଦ୍ରିତ ହେଉଛି ।

ପରେ ନୀତି କଥା ଗୁଡ଼ିକ ପ୍ରତି ବୀରେଶଲିଙ୍ଗମ୍ ଯେତେବେଳେ ଧ୍ୟାନ ଦେଲେ, ସେ ଯେପରି ନିଜର ସ୍ୱାଭାବିକ କ୍ଷେତ୍ରକୁ ଫେରି ଆସିଲେ । 'ସତ୍ୟବତୀ ଚରିତ' ସେ ୧୮୮୩ରେ ଲେଖିଲେ ଏବଂ ସେହିବର୍ଷ ଏହା ପ୍ରକାଶିତ ହେଲା । ଏହାର କାହାଣୀ ତାଙ୍କ କଳ୍ପନା ଜଗତର ଏକ ଆଦର୍ଶ ଗୃହିଣୀର କାହାଣୀ । ଏହା ଯଥେଷ୍ଟ ଲୋକପ୍ରିୟ ହେଲା । ଏହାର ତାମିଲ, କନ୍ନଡ଼ ଓ ଇଂରେଜୀ ଅନୁବାଦ ଗୋଟିଏ ପରେ ଗୋଟିଏ ଖୁବ୍ ଶୀଘ୍ର ପ୍ରକାଶିତ ହୋଇଥିଲା । ଏହା ଲୋକଙ୍କର କଳ୍ପନାକୁ ଏତେ ଅଧିକ ପ୍ରଭାବିତ କଲାଯେ, ଅନେକ ବ୍ୟକ୍ତି ନିଜର ନବଜାତ କନ୍ୟାର ନାମ 'ସତ୍ୟବତୀ' ଦେବାକୁ ଆରମ୍ଭ କଲେ ।

ଏହା ପରେ ପରେ ସେ ଖୁବ୍‌ଶୀଘ୍ର ଦୁଇଟି ନୀତିକଥା ଲେଖିଲେ— 'ଚନ୍ଦ୍ରମଣୀ ଚରିତ' ଓ 'ସତ୍ୟ ସଞ୍ଜୀବନୀ' । ପ୍ରଥମଟି ହିନ୍ଦୁ ପୌରାଣିକ କଥାରୁ ଗୃହୀତ, ଏବଂ ଦ୍ୱିତୀୟଟି ତାଙ୍କର ନିଜସ୍ୱ ସୃଷ୍ଟି ଯାହା ସତତାକୁ ପ୍ରତିପାଦନ କରିବାକୁ ଚେଷ୍ଟା କରିଛି ।

ନିଜ ସମୟର ବିଚାରଧାରାର ଯଥାର୍ଥ ପ୍ରତିନିଧି ରୂପେ ବୀରେଶଲିଙ୍ଗମ୍ ବୁଝି ପାରିଥିଲେ ଯେ ଆଗାମୀ ଯୁଗ ହେଉଛି ଉପନ୍ୟାସର ଯୁଗ । ତେଣୁ ଯେତେଦୂର

ସମ୍ଭବ ଅନ୍ୟମାନଙ୍କୁ ଉପନ୍ୟାସ ଲେଖିବାପାଇଁ ପ୍ରୋତ୍ସାହନ ଦେଉଥିଲେ । ନ୍ୟାୟମୂର୍ତ୍ତି ସୁବାରାଓଙ୍କ ସହଯୋଗରେ ସେ ପ୍ରତିବର୍ଷ ସର୍ବୋତ୍ତମ ଉପନ୍ୟାସ ପାଇଁ ଗୋଟିଏ ପୁରସ୍କାର ପ୍ରତିଷ୍ଠା କଲେ । ଏହି ପୁରସ୍କାରକୁ ବହୁବାର ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଥିଲେ ଲକ୍ଷ୍ମୀ ନରସିଂହମ୍, ଯିଏକି ପରବର୍ତ୍ତୀ କାଳରେ ପ୍ରମୁଖ ଉପନ୍ୟାସକାର ହୋଇ ପାରିଥିଲେ ।

□□□

ପ୍ରଥମ ତେଲୁଗୁ ନାଟ୍ୟକାର

ଉପନ୍ୟାସ ଠାରୁ ନାଟକ ସାହିତ୍ୟର ଅଧିକତର ପୁରାତନ ଶାଖା ଓ ଏ ଦିଗରୁ କବିତା ପରେ ନାଟକର ସ୍ଥାନ । କବିତା ଭଳି ଏହା ମଧ୍ୟ ଧର୍ମରୁ ପ୍ରେରଣା ଲାଭ କରିଥିଲା । ପ୍ରଥମେ ପ୍ରଥମେ କବିତା ଓ ନାଟକ ବାସ୍ତବରେ ଧର୍ମଗତ ଥିଲା, ଏବଂ ସର୍ବ ପ୍ରଥମ ନାଟକ କାବ୍ୟ-ନାଟକ ହିଁ ଥିଲା ।

ନାଟ୍ୟ-ଶାସ୍ତ୍ରରେ ଉଲ୍ଲିଖିତ ଭାରତୀୟ ପରମ୍ପରା ଅନୁସାରେ ନାଟକର ଉଦ୍‌ଭବ ଐଶ୍ୱରିକ, ଓ ଋଗ୍‌ ବେଦ ସହିତ ଏହାର ଘନିଷ୍ଠ ସମ୍ପର୍କ ଥିଲା । ବିଶେଷ କରି ଋଗ୍‌ବେଦରେ ଏହାର ପ୍ରାରମ୍ଭିକ ରୂପର ସନ୍ଧାନ ମିଳେ । କେତେକ ସ୍ୱୀକାର କରନ୍ତି ଯେ, ଯମ ଓ ଯମୀ, ଏହି ଆଦିମ ଯୁଗଳ ପ୍ରାଣୀଙ୍କ କଥାବାର୍ତ୍ତା ହିଁ ନାଟକର ଶ୍ରେଷ୍ଠ ରୂପ । ତେବେ ଆଉ କିଛିକୁ ସ୍ୱୀକାର ନ କଲେବି, ନାଟକ ସେତିକି ପ୍ରାଚୀନ ଯେତେ ପ୍ରାଚୀନ ଅଶ୍ୱଘୋଷ । ସେ ମହାନ୍ କବି ତଥା ପ୍ରଥମ କାବ୍ୟ-ସ୍ରଷ୍ଟା ତ ଥିଲେ, ତତ୍ ସଙ୍ଗେ ସଙ୍ଗେ ଥିଲେ ଉଲ୍ଲେଖନୀୟ ନାଟ୍ୟକାର । ପରବର୍ତ୍ତୀ କାଳରେ ସଂସ୍କୃତ ନାଟ୍ୟକାର ଭାବରେ ଭାସ ଓ କାଳିଦାସ, ଭବଭୂତି ଓ ଶ୍ରୀହର୍ଷ, ଭଟ୍ଟନାରାୟଣ ଓ ଶୂଦ୍ରକ ବିଶ୍ୱପ୍ରସିଦ୍ଧ ହେଲେ । ଗ୍ରୀସ୍‌କୁ ଛାଡ଼ିଦେଲେ ଅନ୍ୟ କୌଣସି ପ୍ରାଚୀନ ଦେଶରେ ଭାରତ ଭଳି ଉଚ୍ଚକୋଟିର ନାଟ୍ୟ-ସାହିତ୍ୟ ସୃଷ୍ଟି ହୋଇନାହିଁ । ଏହା ପ୍ରକୃତରେ ବଡ଼ ଆଶ୍ଚର୍ଯ୍ୟର କଥା ଯେ, ସଂସ୍କୃତରେ ନାଟକର ଏତେ ସମୃଦ୍ଧ ଐତିହ୍ୟ ଥିଲେ ମଧ୍ୟ ଭାରତୀୟ ଭାଷା ମାନଙ୍କର ନାଟ୍ୟକାର ମାନଙ୍କୁ ପ୍ରେରଣା ଦେବାରେ ଏହା ଅସଫଳ ହୋଇଛି ।

କାରଣ ଯାହା ହେଉନା କାହିଁକି, ବର୍ତ୍ତମାନ କାଳ ପର୍ଯ୍ୟନ୍ତ ସଂସ୍କୃତ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ଭାଷାରେ ନାଟ୍ୟ-ସାହିତ୍ୟ ନଥିଲା । ହୁଏତ କିଛି ଲୋକ-ନାଟକ ଓ ବାସନା (ରହସ୍ୟ)-ପ୍ରଧାନ ନାଟକ ଥିଲା । ଆନ୍ଧ୍ରରେ 'ଯକ୍ଷଗାନ' ଓ 'ବୀଥିନାଟକମ୍', କର୍ଣ୍ଣାଟକରେ 'ବାୟଲତା', କେରଳରେ 'କଥାକଳି', ମହାରାଷ୍ଟ୍ରରେ 'କୀର୍ତ୍ତନ' ଓ 'ଲଳିତା', ଗୁଜୁରାଟରେ 'ଭବାଇ', ବଙ୍ଗଳାରେ 'ଯାତ୍ରା', ଆସାମରେ 'ଓଜପାଲି', ଓ ହିନ୍ଦୀ ଭାଷୀ କ୍ଷେତ୍ର ଗୁଡ଼ିକରେ ରାମଲୀଳା ଓ କୃଷ୍ଣଲୀଳା ପ୍ରଭୃତି । କିନ୍ତୁ ଏଥିମଧ୍ୟରୁ କେଉଁଟି ହେଲେ ଭରତଙ୍କ ଶ୍ରେଣୀ ବିଭାଗ ଅନୁସାରେ ଦଶପ୍ରକାର ନାଟକ ମଧ୍ୟରୁ ଗୋଟିଏ ପ୍ରକାରର ବି ନ ଥିଲା ଅବା ଆରିଷ୍ଟୋଟଲଙ୍କ ପରିଭାଷା ନିକଟକୁ ମଧ୍ୟ ଆସିପାରି ନଥିଲା । ନିଜର ବାସ୍ତବ ତଥା ପାରିଭାଷିକ ଅର୍ଥରେ, ପାଶ୍ଚାତ୍ୟ ପ୍ରଭାବ ପରେ ପରେ ହିଁ ସଂସ୍କୃତ ବ୍ୟତୀତ ତେଲୁଗୁ ସହ ଅନ୍ୟାନ୍ୟ ଭାରତୀୟ ଭାଷା ମାନଙ୍କରେ ନାଟକର ବିକାଶ ହେବାକୁ ଲାଗିଲା ।

ଅନ୍ୟକ୍ଷେତ୍ର ମାନଙ୍କ ପରି, ଏହି କ୍ଷେତ୍ରରେ ମଧ୍ୟ ବୀରେଶଲିଙ୍ଗମ୍ ହିଁ ପ୍ରଥମ ଥିଲେ । ଏହାଙ୍କ ପୂର୍ବବର୍ତ୍ତୀ ଭାବରେ କୋରାଡ଼ା ରାମଚନ୍ଦ୍ର ଶାସ୍ତ୍ରୀଙ୍କୁ କେତେକ ଲୋକ ମାନନ୍ତି କାରଣ ତାଙ୍କର 'ମଞ୍ଜରୀ-ମଧୁକରୀୟମ୍' ୧୮୬୯ରେ ପ୍ରକାଶ ପାଇଥିଲା । କିନ୍ତୁ ଏହି ନାଟକ ଭାରତୀୟ କିମ୍ବା ପାଶ୍ଚାତ୍ୟ କୌଣସି ନାଟ୍ୟ ଶାସ୍ତ୍ରର ବିଚାରରେ ସିଦ୍ଧ ନୁହେଁ । ଏଥିରେ ଏପରିକି ଅଙ୍କ ଓ ଦୃଶ୍ୟର ବିଭାଗ ସୁଦ୍ଧା ହୋଇନାହିଁ ଓ ଏହା ଅଭିନୟର ଉପଯୋଗୀ ନୁହେଁ । କେବଳ ଏହାକୁ ଗୋଟିଏ ନାଟକ ଭାବରେ ହୁଏତ କଳନା ହିଁ କରାଯାଇପାରେ ।

ବୀରେଶଲିଙ୍ଗମଙ୍କର ପ୍ରଥମ ନାଟକ 'ବ୍ରହ୍ମ ବିବାହମ୍', ଯାହା ୧୮୭୬ରେ ତାଙ୍କର 'ହାସ୍ୟ ସଞ୍ଜୀବନୀ'ରେ ଧାରାବାହିକ ଭାବରେ ପ୍ରକାଶ ପାଇଥିଲା । ଏହା ମଧ୍ୟ ଏକ ସାମାଜିକ ସୁଖାନ୍ତକ ନାଟକ ଓ ରାମନାରାୟଣଙ୍କର 'କୁଳୀନକୁଳ ସର୍ବସ୍ୱ ପରି ଉତ୍କୃଷ୍ଟ ବଙ୍ଗଳା ନାଟକ ସହିତ ଏହାକୁ ତୁଳନା କରାଯାଇପାରେ । 'ବ୍ରହ୍ମ ବିବାହମ୍'ର ମୁଖ୍ୟ ଚରିତ୍ର ହେଲା ପେଦ୍ଦାୟ୍ୟା (ଯାହାର ଶାବ୍ଦିକ ଅର୍ଥ ହେଉଛି ବୟସ୍କ ବା ବୃଦ୍ଧ ବ୍ୟକ୍ତି), ଯିଏ ନିଜର ତୃତୀୟ ପତ୍ନୀର ମୃତ୍ୟୁ ପରେ ପରେ ତିନି ବର୍ଷର ଗୋଟିଏ ବାଳିକାକୁ ବିବାହ କରିଛି । ଏହି ନାଟକର ଆଉ କେତେକ ବିଶିଷ୍ଟ ଚରିତ୍ର ହେଲେ—ଲୋଭୀ ମାତା ପିତା, ଯେଉଁମାନେ ହଜାରେ ଟଙ୍କାପାଇଁ ନିଜର ଶିଶୁ କନ୍ୟାକୁ ବିକ୍ରୟ କରନ୍ତି; ବଦମାସ ଦଲାଲ, ଯିଏ ଏହି ବିବାହର ବ୍ୟବସ୍ଥା କରେ; ସିଦ୍ଧାନ୍ତହୀନ ଜ୍ୟୋତିଷ, ଯିଏ ପେଦ୍ଦାୟ୍ୟାର ପ୍ରକୃତ ଆୟୁରୁ ତିରିଶ ବର୍ଷ କମ୍ ଦେଖାଇବା ପାଇଁ ସାକ୍ଷୀ ପ୍ରସ୍ତୁତ କରେ । ଏଇ ପରିବେଶର କ୍ଷୁଦ୍ର ଜନତା ବି ବଡ଼ ନୀଚ ଓ ସ୍ୱାର୍ଥପର, ଏପରିକି ଅମାନୁଷିକ ମଧ୍ୟ । କାହାରିଠି ସଦ୍‌ଗୁଣର ନାମ

ସୁଦ୍ଧା ନାହିଁ ଯାହା ଫଳରେ ସେମାନଙ୍କୁ ଭଲ କନ୍ୟାଦାନ ପାରିବ । ଏ ନାଟକ ଏତେ ଲୋକପ୍ରିୟ ହେଲା ଯେ, ଦୁଇବର୍ଷ ପରେ ଲେଖକ ଯେତେବେଳେ ମଛଲି-ପଟ୍ଟନମ୍ ଭ୍ରମଣରେ ଯାଇଥିଲେ, ଆଶ୍ଚର୍ଯ୍ୟର କଥା ଯେ ସେଠି ଗୋଟିଏ ଗ୍ରୁପ୍ ଝିଅ ସ୍ମରଣ କରି ପୂରା ନାଟକଟି ଏ ମୁଣ୍ଡରୁ ସେ ମୁଣ୍ଡ କହିଦେଇ ପାରିଲା । ଲୋକମାନେ ଏହାର ଅଲଗା ନାମ ଦେଲେ ଯଥା 'ପେଦ୍ଦାୟ୍ୟାଗାରି ପେଲ୍ଲି' (ପେଦ୍ଦାୟ୍ୟାର ବିବାହ) । ଯେତେଦୂର ଜଣାଅଛି, 'କୁଳୀନକୁଳ ସର୍ବସ୍ୱ' ବଙ୍ଗଳାରେ ବହୁ-ବିବାହ ପ୍ରଥା ଉପରେ ନିର୍ମମ ଆଘାତ କରିଥିଲା । ସେହିଭଳି 'ବ୍ରହ୍ମ ବିବାହମ୍' ଆନ୍ଧ୍ରରେ ବୃଦ୍ଧଙ୍କର ବାଳ-ପତ୍ନୀ ସହ ବିବାହ ପ୍ରଥା ଉପରେ ସାଙ୍ଘାତିକ ଆଘାତ କଲା ।

ତାଙ୍କର ଅନ୍ୟତମ ପ୍ରଭାବଶାଳୀ ସାମାଜିକ ସୁଖାନ୍ତକ ନାଟକ ହେଲା 'ବ୍ୟବହାର-ଧର୍ମ-ବୋଧିନୀ', ପ୍ରକାଶିତ ହୋଇଥିଲା ୧୮୭୨ରେ । ପ୍ରଶଂସାକାରୀ ଜନତା ଏହାର ଲୋକପ୍ରିୟ ନାମ ରଖିଥିଲେ—'ପ୍ଲିଡ଼ର ନାଟକମ୍' (ଓକିଲଙ୍କ ନାଟକ) । ନାଟକଟିର ଲୋକପ୍ରିୟ ନାଁରୁ ଏହାର ବିଷୟବସ୍ତୁ ବିଷୟରେ ସୂଚନା ମିଳେ । ଏହା ଓକିଲମାନଙ୍କର ନିମ୍ନଶ୍ରେଣୀର ନୈତିକତା ବିଷୟରେ । ଓକିଲଙ୍କ ବ୍ୟତୀତ ଏହାର ଅଭିଯୋଗ ବର୍ଣ୍ଣନା ଗୁଡ଼ିକରେ ନ୍ୟାୟାଳୟର ତଳସ୍ତର, ତାହାର ଅନୁଜୀବୀ ଓ ମକଦ୍ଦମା ଲଢ଼ୁଥିବା ବ୍ୟକ୍ତିଙ୍କ ବିଷୟରେ ଅନେକ କଥା ଲେଖାଯାଇଛି । ସ୍ଥାନୀୟ ସ୍କୁଲରେ ସନ ୧୮୮୦ରେ ବୀରେଶଲିଙ୍ଗମ୍‌ଙ୍କ ବନ୍ଧୁ ଓ ଗ୍ରାହମାନେ ଏହାକୁ ଅଭିନୟ କରିଥିଲେ । ନାଟକଟି ଖୁବ୍ ସଫଳତା ଲାଭ କରିଥିଲା । ବ୍ୟବସାୟିକ ସ୍ତରରେ ହେଉ କିମ୍ବା ସୌଖିନ୍ ସ୍ତରରେ ହେଉ, ଆନ୍ଧ୍ରରେ ଅଭିନୀତ ହୋଇଥିବା ନାଟକମାନଙ୍କ ଭିତରେ ଏହାଥିଲା ପ୍ରଥମ ଆଧୁନିକ ନାଟକ ।

ତାଙ୍କର ତୃତୀୟ ସୁଖାନ୍ତକ ନାଟକ ହେଲା 'ବିବେକ ଦୀପିକା' । ଏହାକୁ ସେ ଅସମ୍ପୂର୍ଣ୍ଣ କରି ଛାଡ଼ିଦେଲେ । ଏଥିରେ ଥିବା ବିଧବା ମାନଙ୍କର ପୁନର୍ବିବାହ ସମ୍ବନ୍ଧୀୟ ଦୀର୍ଘ ଆଲୋଚନାପୂର୍ଣ୍ଣ କଥୋପକଥନ ହେତୁ ନିଜେ ବୀରେଶଲିଙ୍ଗମ୍ ବୋଧହୁଏ ଚିନ୍ତା କଲେ ଯେ, ଏହା ନାଟକ ଅପେକ୍ଷା ଅଧିକ ଭାବରେ ପ୍ରଚାର ପୁସ୍ତିକା ହୋଇ ଯାଉଛି ।

ତାଙ୍କ ସମୟର ହିନ୍ଦୁ ସମାଜ ଅଧଃପତନର ଏତେ ନିମ୍ନ ସ୍ତରକୁ ଯାଇ ପହଞ୍ଚିଥିଲା ଯେ, ସେ ତାହାକୁ ଏକ 'ପଶୁଶାଳା' ରୂପେ ଭାବିବାକୁ ବାଧ୍ୟ ହୋଇ-ଥିଲେ । ଏହି ପ୍ରକାରର ଚିନ୍ତନ କରି ସେ ଆଉ ତିନୋଟି ଶ୍ରେଷ୍ଠ ନାଟକ ଲେଖିଲେ—ପଶୁ ଓ ମାଂସହାରୀ ପକ୍ଷୀକୁ ଧୂର୍ତ୍ତ ଓ ନିର୍ଦ୍ଦୟ ମଣିଷର ପ୍ରତୀକ ରୂପେ ନେଇ । ଏ ମଧ୍ୟରୁ ଗୋଟିଏ ନାଟକ ଲେଖିବାର ତୁରନ୍ତ ପ୍ରେରଣା ଗୋଟିଏ ଅତ୍ୟନ୍ତ ଦୁଃଖଦାୟକ ଘଟଣାରୁ ଆସିଥିଲା । ଏହା ତାଙ୍କର ପ୍ରିୟ ମିତ୍ର ତଥା ଯୁବାସଙ୍ଗୀ ବାସବରାଜୁ

ଗଭର୍ଣ୍ଣରଙ୍କ ଆକସ୍ମିକ ମୃତ୍ୟୁପରେ ଘଟିଥିଲା । ତାଙ୍କର କେତେକ ନିକଟତମ ବନ୍ଧୁ-ବାନ୍ଧବ ଯେଉଁମାନେ ରାଜୁଙ୍କ ସମାଜ ସଂସ୍କାର କାର୍ଯ୍ୟର ବିରୋଧ କରୁଥିଲେ, ସେମାନେ ରାଜୁଙ୍କର ଅସହାୟ ପତ୍ନୀଙ୍କୁ ପତିର ଦାହକ୍ରିୟା କରିବାପାଇଁ ସାହାଯ୍ୟ କରିବା ନିମନ୍ତେ ମନା କରିଦେଲେ । ବ୍ୟବସାୟୀ ଶବବାହକମାନେ ପରିସ୍ଥିତିରୁ ଲାଭ ଉଠାଇବା ପାଇଁ ଅଧିକ ଅର୍ଥ ଦାବୀ କଲେ । ଏହି ଦୁଷ୍ଟବୁଦ୍ଧିପୂର୍ଣ୍ଣ ଅଧମ କାର୍ଯ୍ୟରେ କ୍ଷୁବ୍ଧ ହୋଇ ବୀରେଶଲିଙ୍ଗମ୍ ତୀବ୍ରଭାବେ ସମାଲୋଚନା କରିବା ପାଇଁ ଲେଖନୀ ଚାଳନା କଲେ ଏବଂ 'ଧରସ୍ଥାଗ-ବିଦ୍ୱାନ-ମହାସଭା' (ଜ୍ଞାନୀ ପଶୁ ଓ ଶିକାରୀ ପକ୍ଷୀ-ମାନଙ୍କର ମହାସଭା) ନାମରେ ଏହାକୁ ନାମିତ କଲେ । ସେ ଅଳ୍ପ କେତେ ଘଣ୍ଟା ଭିତରେ ଏହାକୁ ଛପାଇ, ପ୍ରକାଶ କରି, ବଣ୍ଟନ କରିଦେଲେ । ତାଙ୍କ ବିରୁଦ୍ଧରେ ହୋଇଥିବା ବିଭିନ୍ନ ମାନହାନୀ କେଶ୍‌ରେ ଏହି ରଚନା ଓ ଆଉ ଗୋଟିଏ ଲେଖା 'ମୂଷିକାସୁର ବିଜୟମ୍' ବିଶେଷଭାବେ ଉଲ୍ଲେଖନୀୟ ।

ତାଙ୍କ ନିଜ ମତ ଅନୁସାରେ, ତାଙ୍କ ନାଟକର ଦ୍ୱିତୀୟ ପର୍ଯ୍ୟାୟର ଲେଖା ଥିଲା 'ପ୍ରହସନ' । ସି. ପି. ବ୍ରାଉନଙ୍କ ବହୁ-ଜନଗ୍ରାହ୍ୟ 'ତେଲୁଗୁ-ଇଂରାଜୀ-ଶବ୍ଦକୋଷ' ଅନୁସାରେ 'ପ୍ରହସନ'ର ଇଂରାଜୀ ଅର୍ଥ ହେଲା ଫାର୍ସ ବା 'ବର୍ଲେସ୍କ' । ତାଙ୍କ ଲେଖା ଶ୍ରେଷ୍ଠ ବଡ଼ ପ୍ରାପ୍ତ ଚଉଦଟି ପ୍ରହସନ ମଧ୍ୟରୁ ଦଶଟି ବିଷୟରେ ଏତିକି କୁହାଯାଇପାରେ ଯେ, ସେଗୁଡ଼ିକ ଇଂରାଜୀ କାହାଣୀର ଗ୍ରସ୍ଥାରେ ରଚିତ । ଏହା ଛଡ଼ା ସେ ୪୭ଟି ହାସ୍ୟ-ପ୍ରଧାନ 'ବଚନିକା' ମଧ୍ୟ ଲେଖିଥିଲେ । ଏଗୁଡ଼ିକୁ ସେ 'ହାସ୍ୟ-ସଞ୍ଜୀବନୀ' ଶିରୋନାମାରେ ତିନିଭାଗରେ ପ୍ରକାଶ କରିଥିଲେ ।

ତାଙ୍କର ହାସ୍ୟଧାରା ହାଲୁକା ଓ ଶାଳୀନ ବୋଲି କୁହାଯାଇ ନପାରେ, ବରଂ ଏହା ବ୍ୟାପକ ବିଦ୍ରୂପଧର୍ମୀ ଓ ଆଘାତ ପରିପୂର୍ଣ୍ଣ । ଏଥିରେ ହାସ୍ୟ ଅପେକ୍ଷା ବ୍ୟଙ୍ଗର ସ୍ୱର ଅଧିକ ଦେଖାଯାଏ । ଭିକ୍ଟୋରିଆ ଯୁଗର ପତ୍ରିକା 'ପଞ୍ଚ' ଓ ଆଜିର 'ପଞ୍ଚ' ସମାନ ନୁହେଁ । ପ୍ରତି ଯୁଗର ହାସ୍ୟ-ବିନୋଦ ଧାରାରେ ପରିବର୍ତ୍ତନ ଆସେ । ବୀରେଶଲିଙ୍ଗମ୍‌ଙ୍କ 'ପ୍ରହସନ' ଓ 'ବଚନିକା' ଗୁଡ଼ିକରୁ ବର୍ତ୍ତମାନ କାଳ ଅପେକ୍ଷା ତାଙ୍କ ସମକାଳର ଲୋକେ ଅଧିକ ରସ ଗ୍ରହଣ କରୁଥିବା କଥାରେ ତେଣୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ତାଙ୍କର ଭାବଗମ୍ଭୀର ନାଟକ ଗୁଡ଼ିକରେ ସେ ଗ୍ରାନ୍ଥିକ ଭାଷା (ସାହିତ୍ୟିକ ଗଦ୍ୟଶୈଳୀ) ବ୍ୟବହାର କରୁଥିଲେ; କିନ୍ତୁ ନିଜର ସାମାଜିକ ହାସ୍ୟରସାତ୍ମକ ଲେଖା ବା ଫାର୍ସ ଇତ୍ୟାଦିରେ ସେ 'ବ୍ୟବହାରିକ ଭାଷା' (ପ୍ରଚଳିତ ଭାଷା) ବ୍ୟବହାର କରୁଥିଲେ । ତେଣୁ ନିଜର ସୀମିତ କ୍ଷେତ୍ରରେ ନିଜର ସାହିତ୍ୟିକ ରଚନା ଗୁଡ଼ିକରେ 'ବ୍ୟବହାରିକ ଶୈଳୀ' ପ୍ରୟୋଗ କରିବାରେ ସିଏ ହିଁ ପ୍ରଥମ

ଲେଖକ ଥିଲେ । ଏଠାରେ ପୁଣି ଥରେ ଆମକୁ ପ୍ରବର୍ତ୍ତକଙ୍କର ଦକ୍ଷତାର ସ୍ୱର୍ଣ୍ଣ ମିଳେ । ନିଜର ସ୍ୱାଭାବିକତା ଓ ସହଜତା, ଲାସ୍ୟ ଓ ଉଲ୍ଲାସରେ ଭରା ପ୍ରଚଳିତ ତେଲୁଗୁ ହିଁ ତାଙ୍କ ସାମାଜିକ ସୁଖାନ୍ତକ ନାଟକ ଓ ସୁଆଙ୍ଗ (ଫାର୍ସ)କୁ ଶକ୍ତିପ୍ରଦାନ କରିଛି । ଉପର ଠାଉରିଆ ମତାମତକୁ ବାଦଦେଲେ ଲକ୍ଷ୍ୟ କରିବାର କଥା ତାଙ୍କର ସଂଳାପ ଗୁଡ଼ିକ ସ୍ଥାନୀୟ ସାଧାରଣ ଲୋକଙ୍କର ମୌଳିକ ବୁଦ୍ଧି ଓ ଭାଷାରେ ପରିପୂର୍ଣ୍ଣ ।

ରାଜମହେନ୍ଦ୍ରୀର ଏକ ନାଟ୍ୟ ସଙ୍ଘର ଅନୁରୋଧକ୍ରମେ ବୀରେଶଲିଙ୍ଗମ୍ ୧୮୮୫ ସାଲରେ ପ୍ରହ୍ଲାଦ ଜୀବନ ଉପରେ ଆଧାରିତ ପ୍ରଥମ ପୌରାଣିକ ନାଟକ ଲେଖିଥିଲେ । ପାଞ୍ଚ ଅଙ୍କ ଯୁକ୍ତ ଏହି ପୂର୍ଣ୍ଣାଙ୍ଗ ନାଟକଟି ଖୁବ୍ ଶୀଘ୍ର ପ୍ରକାଶ ପାଇଥିଲା; ମାତ୍ର କେତେକ କାରଣ ଯୋଗୁଁ ଏହା ମଞ୍ଚସ୍ଥ ହୋଇ ପାରି ନ ଥିଲା । ଏହା ପରେ ସେ ତୁରନ୍ତ 'ମହାଭାଗବତ'ରୁ ଫେରିପନ୍ତି 'ମହାଭାରତ'ରୁ କୌରବ ରାଜକୁମାରଙ୍କ ଦ୍ୱାରା ଗୋଧନ-ହରଣ ପ୍ରସଙ୍ଗକୁ ନେଇ ନାଟକୀୟ ରୂପ ଦେଲେ । 'ଦକ୍ଷିଣ ଗୋ-ଗ୍ରହଣାମୁ' ନାମକ ଏହି ନାଟକଟି ମଧ୍ୟ ପୁରା ପାଞ୍ଚ ଅଙ୍କ ବିଶିଷ୍ଟ । ଦୁଇଟି ଯାକ ନାଟକ ସଂସ୍କୃତ ଶାସ୍ତ୍ରୋକ୍ତ ନାଟକର ଧର୍ମକୁ ଅନୁସରଣ କରିଛି । ଦୁଇଟି ଯାକ ନାଟକରେ ଗଦ୍ୟାତ୍ମକ ସଂଳାପ ମଝିରେ ମଝିରେ ପଦ୍ୟର ସମାବେଶ କରାଯାଇଛି । 'ଗ୍ରାନ୍ଥିକ' ଶୈଳୀର ପ୍ରୟୋଗ କରାଯାଇଥିଲେ ମଧ୍ୟ ଏହା ଖୁବ୍ ପାଣ୍ଡିତ୍ୟପୂର୍ଣ୍ଣ ହୋଇନାହିଁ, କିମ୍ବା କଠିନ ଶବ୍ଦଯୁକ୍ତ ହୋଇନାହିଁ; ବରଂ ହୋଇଛି ସରଳ ଓ ସ୍ପଷ୍ଟ । ଏହି ନାଟକ ଦୁଇଟି ଦ୍ୱାରା ବୀରେଶଲିଙ୍ଗମ୍ ପରବର୍ତ୍ତୀ କାଳରେ ତେଲୁଗୁ ପୌରାଣିକ ନାଟକ ନିମିତ୍ତ ଏକ ଆଦର୍ଶ ପ୍ରସ୍ତୁତ କରି ଦେଇଗଲେ । ଆଜିକାଲି ବହୁ ପରିମାଣରେ ଏହି ଶୈଳୀକୁ ଅନୁସରଣ କରାଯାଉଛି ।

ସେହି ନାଟ୍ୟସଂଘ ୧୮୮୬ ସାଲରେ ପୁଣି ତାଙ୍କୁ ଅନୁରୋଧ କଲେ ଯେ, ଶଙ୍କର କବିଙ୍କ 'ହରିଶ୍ଚନ୍ଦ୍ର ଉପାଖ୍ୟାନମ୍' ତେଲୁଗୁ କାବ୍ୟରୁ ନାଟ୍ୟ-ରୂପାନ୍ତର କରନ୍ତୁ । ନିଜର ସ୍ୱାଭାବିକ ତତ୍ପରତାରେ ବୀରେଶଲିଙ୍ଗମ୍ ପନ୍ଦର ଦିନ ଭିତରେ ଚାରୋଟି ଅଙ୍କ ପ୍ରସ୍ତୁତ କରିଦେଲେ । ନାଟ୍ୟସଂଘ ଯେତେବେଳେ ଦ୍ୱିତୀୟ ଥରପାଇଁ ତାଙ୍କୁ ପ୍ରତାରିତ କଲା, ବୀରେଶଲିଙ୍ଗମ୍ ସେଥିପାଇଁ କିଛିଦିନ ଏହାକୁ ଅସମ୍ପୂର୍ଣ୍ଣ ରଖିଦେଲେ । କିଛିଦିନ ପରେ କାକିନଡ଼ାର ଅନ୍ୟ ଏକ ନାଟ୍ୟସଂଘର ନିବେଦନ କ୍ରମେ ସେ ପଞ୍ଚମ ଅଙ୍କଟି ଲେଖିଲେ । ତାହା ଅଭିନୀତ ମଧ୍ୟ ହେଲା । ଖୁବ୍ ସଫଳତା ବି ମିଳିଲା । ବଲିଜେପଲ୍ଲୀ ଲକ୍ଷ୍ମୀକାନ୍ତମ୍‌ଙ୍କ 'ସତ୍ୟ ହରିଶ୍ଚନ୍ଦ୍ର' ଯେ ପର୍ଯ୍ୟନ୍ତ ଏ ନାଟକ ସହିତ ମୁକାବିଲା କରିବାପାଇଁ ଆଗେଇ ଆସି ନ ଥିଲା, ସେ ଯାଏ ବୀରେଶଲିଙ୍ଗମ୍‌ଙ୍କର ମୌଳିକ ନାଟକ ଭିତରୁ ଏହା ଥିଲା ସବୁଠାରୁ ଅଧିକ ଲୋକପ୍ରିୟ ।

ତାଙ୍କର ସାମାଜିକ ସୁଖାନ୍ତକ ନାଟକ ଭଳି ଏହି ତିନୋଟି ପୌରାଣିକ ନାଟକରେ ମଧ୍ୟ ବୀରେଶଲିଙ୍ଗମ୍ ନୈତିକ ଉପଦେଶ ଦେବାର ନିଜର ସ୍ୱାଭାବିକ ପ୍ରବୃତ୍ତିକୁ ମୁକ୍ତଭାବେ ପ୍ରୟୋଗ କରିଛନ୍ତି । ସେ ସେସବୁକୁ ଲୁଚାଇବାପାଇଁ ପ୍ରଯତ୍ନ କରିନାହାନ୍ତି, କିମ୍ବା ଏଥିପାଇଁ ଲଜ୍ଜିତ ହୋଇ ନାହାନ୍ତି; ଓଲଟି, ଏହା ସତ୍ୟ ଯେ, ସେ ସେଥିପାଇଁ ଖୁବ୍ ଗର୍ବିତ ଥିଲେ । ନିଜର 'ଆତ୍ମକଥା'ରେ ସେ କହିଛନ୍ତି— ଯେଉଁଠି ନିଜ ପୌରାଣିକ ନାଟକରେ ତାଙ୍କୁ ସୁଯୋଗ ମିଳିଛି, ସେଠି ସେ ନୈତିକ ଶିକ୍ଷା ଦେବାପାଇଁ ତାର ପୂର୍ଣ୍ଣ ଉପଯୋଗ କରିଛନ୍ତି । ମୂର୍ତ୍ତିପୂଜାର ତୀବ୍ର ବିରୋଧକାରୀ ବୀରେଶଲିଙ୍ଗମ୍ ଭଳି ବ୍ୟକ୍ତି, ଯିଏ ପୁରାଣର କଳ୍ପିତ କଥାମାନଙ୍କୁ ଓ ଚମତ୍କାରତାକୁ ପୂର୍ଣ୍ଣରୂପେ ଅସ୍ୱୀକାର କରୁଥିଲେ, ଏହି ପୌରାଣିକ କାହାଣୀ ଗୁଡ଼ିକୁ ଯୁକ୍ତିସଙ୍ଗତ ତଥା ଆଧୁନିକ ବ୍ୟାଖ୍ୟା କରିବାର ଉପଯୁକ୍ତ ସୁଯୋଗ ପାଇଥିଲେ । ସେ ଯଦି ଏହିଭଳି ଲେଖା ଲେଖି ଚାଲିଥାଆନ୍ତେ, ତେବେ ସେ ୟୁଜିନ୍ ଓ'ନିଲ, ଜାଁ ଅନର୍ଓ୍ୱିଲ ଓ ଜାଁ ଗିରାଦୋ ଭଳି ଆଧୁନିକ ନାଟ୍ୟକାରଙ୍କଠାରୁ କାହିଁ କେତେ ଅଧିକ ଅଗ୍ରସର ହୋଇଥାଆନ୍ତେ, ଯେଭଳି ସେମାନେ ପ୍ରତିଷ୍ଠିତ ହୋଇ ପାରିଥିଲେ ଗ୍ରୀକ୍ ପୁରାଣ କଥାକୁ ଅତି ବିଦ୍‌ବତ୍ତା ପୂର୍ଣ୍ଣ ବ୍ୟାଖ୍ୟା କରି । ବଡ଼ ଦୁଃଖର କଥା ଯେ, ପୌରାଣିକ କଥାର କେତେକ ଅଂଶରେ ମାତ୍ର ଏଠି ସେଠି ନିଜର ସଂସ୍କାରବାଦୀ ସ୍ୱାକ୍ଷର ଆଙ୍କି ବୀରେଶଲିଙ୍ଗମ୍ ସନ୍ତୁଷ୍ଟ ହୋଇଗଲେ ।

ସାରା ଜୀବନ ବୀରେଶଲିଙ୍ଗମ୍ ସେକ୍ସପିଅର ଓ କାଳିଦାସଙ୍କ ଲେଖାକୁ ଆଗ୍ରହର ସହିତ ଅଧ୍ୟୟନ କରୁଥିଲେ । ସେମାନଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ସୀମାତିରିକ୍ତ ଆଦର ହେତୁ ତାଙ୍କ ଭିତରେ ଏହି ଦୁଇ ନାଟ୍ୟକାରଙ୍କ ସର୍ବୋତ୍ତମ ରଚନାକୁ ଅନୁବାଦ କରିବାର ମହତ୍ତ୍ୱ ଆକାଂକ୍ଷା ଜାଗ୍ରତ ହେଲା । ସେକ୍ସପିଅରଙ୍କ 'ଦି କମେଡ଼ି ଅଫ୍ ଏରରର୍ସ' (ଭୁଲ୍‌ମାନଙ୍କର ସୁଖାନ୍ତିକା)ର ଅନୁବାଦ ୧୮୭୫ ମସିହାର ପ୍ରଥମ ଭାଗରେ ସେ ଆରମ୍ଭ କଲେ; ମାତ୍ର ଦ୍ୱିତୀୟ ଅଙ୍କର ମଧ୍ୟଭାଗରୁ ଅଧିକ ଅଗ୍ରସର ହୋଇପାରିଲେ ନାହିଁ । ସେକ୍ସପିଅରଙ୍କ ଅନୁବାଦ କରିବା ୟୁରୋପୀୟ ଭାଷାରେ ମଧ୍ୟ କଠିନ କାର୍ଯ୍ୟ । ଖୁବ୍ କମ୍ ଲୋକଙ୍କୁ ଏ ଦିଗରେ ସଫଳତା ମିଳିଛି । ସଂପୂର୍ଣ୍ଣ ଅନ୍ୟ ଏକ ବାତାବରଣ ଓ ଅନ୍ୟ ସଂସ୍କୃତିରେ ପରିପୁଷ୍ଟ ଭାରତୀୟ ଭାଷା ଯାହାର ସଂଗଠନ ଓ ମୌଳିକ ଗୁଣ ଭିନ୍ନ, ସେଥିରେ ଅନୁବାଦ କରିବା ନିଃସନ୍ଦେହରେ ଅଧିକ କଠିନ କାମ । ଏହାର ଆଭାସ ପାଇବାପରେ ବୀରେଶଲିଙ୍ଗମ୍‌ଙ୍କୁ 'ଦି କମେଡ଼ି ଅଫ୍ ଏରରର୍ସ'ର ଅନୁବାଦ କାର୍ଯ୍ୟ ପରିତ୍ୟାଗ କରିବାକୁ ହେଲା । ମାତ୍ର କିଛି ବର୍ଷ ପରେ ସେ ପୁଣି ଏହି ନାଟକ ଆଡ଼କୁ ମୁହାଁଇଲେ । ଏଥର ସଂପୂର୍ଣ୍ଣ ଆକ୍ଷରିକ ଅନୁବାଦ କରିବା ଲାଗି ନୁହେଁ—ତାହାର ବାତାବରଣ ଓ ପାତ୍ରମାନଙ୍କୁ ପୂର୍ଣ୍ଣରୂପେ ଭାରତୀୟ କରି ରୂପାନ୍ତରଣ କରିବାପାଇଁ । ଏହାର ନାମ 'ଚମତ୍କାର ରତ୍ନାବଳୀ' ରଖାଗଲା ଏବଂ ସଂପୂର୍ଣ୍ଣ ହେବାପରେ ଏହା ଅଭିନୀତ ମଧ୍ୟ ହେଲା ।

ଅସଫଳତାକୁ ସହଜରେ ସ୍ୱୀକାର ନ କରି, ସେ ପୁଣି ସେକ୍‌ସପିଅରଙ୍କ ଆଡ଼କୁ ଧ୍ୟାନ ଦେଲେ । ଏଥରକ ସେ ବାଛିଲେ 'ଭେନିସ୍‌ର ସୌଦାଗର' ('ଦି ମର୍ଚ୍ଚେଣ୍ଟ ଅଫ୍ ଭେନିସ୍') । ଏହି ଅନୁବାଦରେ ସେ ତେଲୁଗୁର ଦ୍ୱିପଦ ଛନ୍ଦ ପ୍ରୟୋଗ କଲେ । ସଂସ୍କୃତରେ ଏହାର ସମାନ୍ତରାଳ ଛନ୍ଦ ନାହିଁ । କିନ୍ତୁ ପୂର୍ଣ୍ଣତଃ ନ ହେଲେ ବି ମୁକ୍ତଛନ୍ଦର କେତେକ ସ୍ୱାଧୀନତା ଏଥିରେ ରହିଛି । ସେ ଏହାକୁ ପ୍ରୟୋଗ କଲେ ମଧ୍ୟ ଅଧା ବାଟରେ ଏହି କାମକୁ ଛାଡ଼ି ଦେଇଥିଲେ । ପରେ ସେ 'ଚମତ୍କାର ରତ୍ନାବଳୀ' ଭଳି ଛାୟାନୁବାଦ କାର୍ଯ୍ୟରେ ନିଜକୁ ନିୟୋଗ କରି ରଖିଲେ । ଏହିଭଳି ରୂପାନ୍ତରିତ କୃତି ଥିଲା – 'ରାଗ ମଞ୍ଜୁଷା', ଓ କଲ୍ୟାଣ କଳ୍ପବଲ୍ଲୀ',—ସେରିଡ଼ାନ୍‌ଙ୍କ ନାଟକ 'ଦି ଡୁଏନ୍ନା' ଓ 'ଦି ରାଇଭାଲ୍'ର ଅନୁସରଣରେ ଏ ଉଭୟ ଲିଖିତ ହୋଇଥିଲା ।

ସେକ୍‌ସପିଅରଙ୍କ ରଚନାବଳୀ ଅନୁବାଦ କଲାବେଳେ ବୀରେଶଲିଙ୍ଗମ୍‌ଙ୍କୁ ସଫଳତା ନ ମିଳିଲେ ବି କାଳିଦାସଙ୍କ ଲେଖା ଅନୁବାଦରେ ତାଙ୍କୁ ପର୍ଯ୍ୟାପ୍ତ ସଫଳତା ମିଳିଲା । 'ଶକୁନ୍ତଳା'ର ତେଲୁଗୁ ରୂପାନ୍ତର, ଯାହାକୁ ସେ ୧୮୭୬ ସାଲରେ ଆରମ୍ଭ କରି କିଛି ବର୍ଷପାଇଁ ପରିତ୍ୟାଗ କରିଥିଲେ, ପୁଣି ୧୮୮୩ ସାଲରେ ପୂର୍ଣ୍ଣ କରିଥିଲେ; ତାହା ଅନ୍ୟ ଅନୁବାଦଠାରୁ ଅତ୍ୟଧିକ ସଫଳ ହୋଇଥିଲା । ଏହା ପୂର୍ବରୁ ଓ ପରେ ଅନେକେ ଏହାର ଅନୁବାଦ କରିଛନ୍ତି, ମାତ୍ର କେହିହେଲେ ବୀରେଶଲିଙ୍ଗମ୍‌ଙ୍କ ଅନୁବାଦର ନିକଟବର୍ତ୍ତୀ ହୋଇପାରି ନାହାନ୍ତି । ସେ ମୂଳ ଭାବଧାରାକୁ ଭଲଭାବେ ହୃଦୟଙ୍ଗମ କରି, ପ୍ରତ୍ୟେକ ଧାଡ଼ିକୁ ଅତି ସୁନ୍ଦର ଭାବରେ ରୂପାନ୍ତର କରିଛନ୍ତି । ରାଜବଂଶୀୟ ସ୍ୱାମୀ ଘରକୁ ଯାତ୍ରା କଲାବେଳେ ନିଜର ପାଳିତା କନ୍ୟା ଶକୁନ୍ତଳାକୁ ଯେତେବେଳେ କଣ୍ୱ ବିଦାୟ ଦେଉଛନ୍ତି, ସେତେବେଳର ଶୋକାକୁଳ ଦୃଶ୍ୟର ବର୍ଣ୍ଣନାରେ ବୀରେଶଲିଙ୍ଗମ୍‌ଙ୍କୁ ସର୍ବାଧିକ ସଫଳତା ମିଳିଛି । କଣ୍ୱମୁନିଙ୍କ ଭଳି ବୀରେଶଲିଙ୍ଗମ୍‌ଙ୍କର ପାଳିତା କନ୍ୟାମାନେ ଥିଲେ ଓ ବିବାହ ପରେ ପ୍ରତ୍ୟେକେ ଯେତେବେଳେ ନିଜ ସ୍ୱାମୀଘରକୁ ଯାତ୍ରା କରୁଥିଲେ, ସମ୍ଭବତଃ ବୀରେଶଲିଙ୍ଗମ୍‌ଙ୍କ ହୃଦୟରେ ସେହିଭଳି ବ୍ୟଥାପ୍ରଦ ଅନୁଭୂତି ଦେଖା ଦେଇଥିବ । ପ୍ରକାଶନର ୮୦ ବର୍ଷ ପରେ, ଆଜି ମଧ୍ୟ ତେଲୁଗୁ ରଙ୍ଗମଞ୍ଚରେ ଯେଉଁଠି ଯେଉଁଠି 'ଶକୁନ୍ତଳା'ର ଅଭିନୟ କରାଯାଉଛି, ସେହି ବୀରେଶଲିଙ୍ଗମ୍‌ଙ୍କଦ୍ୱାରା ଅନୂଦିତ ଗ୍ରନ୍ଥକୁ ନିର୍ବାଚନ କରାଯାଉଛି ।

ସଂସ୍କୃତ ନାଟକ ଭିତରୁ ତାଙ୍କର ଅନ୍ୟାନ୍ୟ ଅନୁବାଦ ହେଲା— କାଳିଦାସଙ୍କର 'ମାଳବିକାଗ୍ନିମିତ୍ରମ୍', କୃଷ୍ଣ ମିଶ୍ରଙ୍କର 'ପ୍ରବୋଧ ଚନ୍ଦ୍ରୋଦୟ' ଓ ହର୍ଷ କୃତ'ରତ୍ନାବଳୀ' । ଏସବୁ ସୁନ୍ଦର; କିନ୍ତୁ 'ଶକୁନ୍ତଳା' ଭଳି ଅତୁଳନୀୟ ନୁହେଁ ।

ବୀରେଶଲିଙ୍ଗମ୍ ତେଲୁଗୁର କେବଳ ପ୍ରଥମ ନାଟ୍ୟକାର ନଥିଲେ, ସେ ଥିଲେ ତେଲୁଗୁ ନାଟକର ପ୍ରଥମ ପ୍ରଯୋଜକ । ଆଗରୁ କୁହାଯାଇଛି ସେ କିପରି ୧୮୮୦ରେ ନିର୍ବାଚିତ ଦର୍ଶକଙ୍କ ଆଗରେ ନିଜର ସାମାଜିକ ସୁଖାନ୍ତକ ନାଟକ 'ବ୍ୟବହାର-ଧର୍ମ-ବୋଧିନୀ'କୁ ଅଭିନୟ କରାଇଥିଲେ । ଏହି ବର୍ଷର ଶେଷ ଆଡ଼କୁ (କିମ୍ବା ୧୮୮୧ ସାଲ ଆରମ୍ଭରେ) ସେ ସର୍ବସାଧାରଣଙ୍କ ପାଇଁ ଦୁଇଟି ନାଟକର ଉପସ୍ଥାପନା କଲେ । ସେ ସମୟରେ 'ଧାରୱାଡ଼୍ କମ୍ପାନୀ' ନିଜର ଭ୍ରାମ୍ୟମାଣ ଅଭିନେତାଙ୍କ ସହ ରାଜମହେନ୍ଦ୍ରୀ ଆସିଥିଲେ । ଏଥିପାଇଁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ମଞ୍ଚକୁ ଭଙ୍ଗାଯିବା ଆଗରୁ ବୀରେଶଲିଙ୍ଗମ୍ ତତ୍ପରତାର ସହିତ 'ଦି କମେଡ଼ି ଅଫ୍ ଏରରସ୍' ଓ ହର୍ଷ-କୃତ 'ରତ୍ନାବଳୀ'ର ଅନୁବାଦ ସଂପୂର୍ଣ୍ଣ କରି ଆଗ୍ରହୀ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅଭିନୀତ କରାଇଲେ । ଅଭିନେତା ଓ ସଙ୍ଗୀତକାରଙ୍କୁ ଯେ ଦୁଷ୍ଟଚରିତ ଲୋକର ଶ୍ରେଣୀଭୁକ୍ତ କରାଯାଇପାରେ ଏ ଧାରଣାକୁ ସେ ସମର୍ଥନ କରୁ ନ ଥିଲେ । ରଙ୍ଗମଞ୍ଚର ସାଂସ୍କୃତିକ ଓ ଶିକ୍ଷଣୀୟ ବିଭବ ସମ୍ବନ୍ଧରେ ତାଙ୍କର ଧାରଣା ସ୍ପଷ୍ଟ ଥିଲା । ସେଥିପାଇଁ ଯେତେବେଳେ କେତେକ ଅଭିଭାବକ ଆଇନର ସହାୟ ନେବେ ବୋଲି ଧମକ ଦେଲେ ଯେ ସେ ତାଙ୍କ ପିଲାମାନଙ୍କୁ ନାଟକ କରିବା ଢଗରେ ଉତ୍ସାହିତ କରୁଛନ୍ତି, ସେତେବେଳେ ବୀରେଶଲିଙ୍ଗମ୍ ନ ଶୁଣିଲା ଭଳି ହୋଇ ଚୁପ ରହିଲେ । ମାତ୍ର ସେ ଯେତେବେଳେ ଜାଣିଲେ ଯେ, ମଞ୍ଚରେ ନାଟକଅଭିନୟ କରିବାକୁ ଆକର୍ଷିତ ହୋଇ ଆସି, ପିଲାମାନେ ଆଉ ପଢ଼ାପଢ଼ି କରୁନାହାନ୍ତି, ସେତେବେଳେ ସେ ନିଜ ନିର୍ଦ୍ଦେଶନାରେ ନାଟକ ପ୍ରସ୍ତୁତ କରିବା ବନ୍ଦ କରିଦେଲେ । ଏ ଏକ ଦୁଃଖାତ୍ମକ କାର୍ଯ୍ୟ କାରଣ ସେ ଯଦି ଏ କାର୍ଯ୍ୟକୁ ଅବ୍ୟାହତ ରଖି କଳାତ୍ମକ ଅଭିବ୍ୟକ୍ତି ଓ ନବ ବିଚାରଧାରାକୁ ବିତରଣ କରିବାର ମାଧ୍ୟମ ରୂପେ ମଞ୍ଚର ସାମର୍ଥ୍ୟକୁ ପରୀକ୍ଷା କରିପାରି ଥାଆନ୍ତେ, ତେବେ ସେ ଆହୁରି ଭଲ ଓ ଉଚ୍ଚକୋଟିର ନାଟକ ଲେଖିପାରି ଥାଆନ୍ତେ ।

□□□

ଅନ୍ୟ ମାର୍ଗଦର୍ଶକ କୃତି

ବୀରେଶଲିଙ୍ଗମ୍‌ଙ୍କର ମାର୍ଗଦର୍ଶକ ସାହିତ୍ୟିକ କୃତିମାନ ଆଉ ଛଅଟି କ୍ଷେତ୍ରରେ ଦେଖିବାକୁ ମିଳେ ଓ ଏହି ପ୍ରତ୍ୟେକଟି ପାଇଁ ଆଲୋଚନା କରିବା ପାଇଁ ଗୋଟିଏ ଗୋଟିଏ ଅଧ୍ୟାୟ ଆବଶ୍ୟକ । ମାତ୍ର ସ୍ଥାନାଭାବରୁ ଏ ସବୁର ସମୀକ୍ଷା ଗୋଟିଏ ଅଧ୍ୟାୟରେ ସୀମିତ କରିବାକୁ ହେବ ।

ତେଲୁଗୁର ପ୍ରଥମ ବ୍ୟଙ୍ଗରଚନା ତାଙ୍କର ଲେଖନୀରୁ ନିଃସୃତ ହୋଇଥିଲା । ମାନବର ପ୍ରବଞ୍ଚନାକୁ ବ୍ୟଙ୍ଗ କରିବା, ନାରୀଜାତି ଉପରେ ନିଜର ବଡ଼ପଣ ଲଦି-ଥିବା ପ୍ରଚାରକଙ୍କୁ ଥଟ୍ଟା କରିବା, ସମାଜ ଉପରେ ପ୍ରାଧାନ୍ୟ ଜାରି କରୁଥିବା ବିଭିନ୍ନ ସାମାଜିକ ବିଧିନିୟମର ଅସାମଞ୍ଜସ୍ୟ ସ୍ପଷ୍ଟ କରିବା, ମୋଟକଥା ମଣିଷ ନିଜେ ତିଆରି କରିଥିବା ସଂସାରର ଦୃଷ୍ଟିଶକ୍ତି ବିଭାଗ ସ୍ପଷ୍ଟ କରିବା ପାଇଁ ବୀରେଶଲିଙ୍ଗମ୍ ନିଜର 'ଗଲିଭର୍ସ ଟ୍ରାଭଲସ୍' ଲେଖିଥିଲେ । ସତ୍ୟରାଜାପୂର୍ବ ହିଁ ତାଙ୍କର ଗଲିଭର । ସତ୍ୟରାଜ ପ୍ରଥମେ ଯେଉଁ ବିଚିତ୍ର ଦେଶକୁ ଯାତ୍ରା କଲା, ତାହା ଲିଲିପୁଟିଙ୍କ ରାଜ୍ୟ ନୁହେଁ, ବରଂ ପୁରୁଷୋଚିତ ଆଚରଣ କରୁଥିବା ନାରୀଙ୍କର ଦେଶ ଆଡ଼ୁମଲୟାଳମ୍ । ଏଠାରେ ନାରୀମାନେ ପ୍ୟାଣ୍ଟ ପିନ୍ଧନ୍ତି, ଏବଂ ପୁରୁଷଙ୍କ ଉପରେ କଡ଼ା ଶାସନ କରନ୍ତି । ସେମାନେ ପୁରୁଷଙ୍କୁ ସେମାନଙ୍କ ସମ୍ପତ୍ତିର ଅଙ୍ଗ ବିବେଚନା କରନ୍ତି । ପୁଣି ସେମାନଙ୍କୁ ଆଜନ୍ମ ଗୋଲାମ ବିବେଚନା କରନ୍ତି ଓ ସେମାନଙ୍କୁ ବିନା ପ୍ରଶ୍ନରେ ନାରୀମାନଙ୍କ ଆଦେଶ ପାଳନ କରିବାକୁ ହୁଏ । ସ୍ତ୍ରୀ ପଛେ କୁରୂପା ହେଉ, ରୋଗିଣୀ ହେଉ କିମ୍ବା ଅପସ୍ମାର ଗ୍ରସ୍ତ ହେଉ, କୌଣସି ପତି ତା'ର ପତ୍ନୀକୁ ଛାଡ଼ପତ୍ର ଦେଇ ପାରିବ ନାହିଁ । ସେ ଅଭିମାନୀ, କ୍ରୋଧୀ ଓ ନିର୍ଦ୍ଦୟ ହେଲେ ସୁଦ୍ଧା ତାକୁ ତାର ସ୍ୱାମୀ ତ୍ୟାଗ କରି ପାରିବ ନାହିଁ । ସେ କଳହପ୍ରିୟା, ଦୁଷ୍ଟା ଓ ନିଷ୍ଠୁର ହେଉ ପଛେ, ପୁରୁଷକୁ ତା'ର ଆଜ୍ଞାକାରୀ ହେବାକୁ ପଡ଼ିବ ଓ ସର୍ବଦା ତାର ସେବାପାଇଁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ, ନଚେତ୍ ତାକୁ ଇହଲୋକ କିମ୍ବା ପରଲୋକରେ ସ୍ଥାନ ମିଳିବ ନାହିଁ । 'ଆଡ଼ୁମଲୟାଳମ୍'ରେ ପ୍ରତ୍ୟେକ ଜିନିଷ ମାନବ ନିର୍ମିତ ଦୁନିଆଠାରୁ ଓଲଟା; ମାତ୍ର ଦୀର୍ଘଦିନ ଧରି ଏହି ଦୁନିଆରେ ଅଭ୍ୟାସ ପଡ଼ିଯାଇଥିବା ହେତୁ ଅଧିକାଂଶ ଏ ସବୁର ଅସାମଞ୍ଜସ୍ୟତା, ଅନ୍ୟାୟ ଓ ଅମାନୁଷିକତାକୁ ଭୁଲି ଯାଆନ୍ତି ।

ତେଲୁଗୁ ଗଲିଭର ତା'ପରେ ଯେଉଁ ନୂଆ ରାଜ୍ୟରେ ପହଞ୍ଚିଛି, ତାହା ହେଉଛି ଲଙ୍କା—ବ୍ରହ୍ମଡଙ୍ଗନାଗ ଭଳି ବିରାଟକାୟ ବ୍ୟକ୍ତିମାନଙ୍କର ରାଜ୍ୟ । ମାତ୍ର ଏଠିକାର ଏହି ବ୍ୟକ୍ତିମାନେ ସ୍ୱିଫ୍ଟ ବର୍ଣ୍ଣିତ ବ୍ୟକ୍ତିମାନଙ୍କଠାରୁ ଭିନ୍ନ । ଏମାନେ

ଭାରତୀୟ ପୌରାଣିକ କାହାଣୀରେ ବର୍ଣ୍ଣିତ ରାକ୍ଷସ ଏବଂ ସେମାନଙ୍କର ଜ୍ୟୋତିଷ ବିଦ୍ୟା ଉପରେ ଅପାର ବିଶ୍ୱାସ । ଜ୍ୟୋତିଷ ସାହାଯ୍ୟ ବିନା ଏମାନେ ଟିକେ ହେଲେ କିଛି କାମ କରନ୍ତି ନାହିଁ । ଏମାନଙ୍କର ବୁଦ୍ଧି ପୂର୍ଣ୍ଣମାତ୍ରାରେ ସେହି କୃତ୍ରିମ ବିଜ୍ଞାନଦ୍ୱାରା ନିୟନ୍ତ୍ରିତ । ଏମାନଙ୍କର ବୃହଦାକାର ମସ୍ତକରେ ବୁଦ୍ଧି ବହୁତ କମ୍ । ନିଜର ଅନ୍ଧବିଶ୍ୱାସକୁ ଜାବୁଡ଼ିଧରି ଏମାନେ ପଡ଼ି ରହନ୍ତି ଏବଂ ନିଜ ଅତୀତର ଗୌରବ ସମ୍ବନ୍ଧରେ ସର୍ବଦା ଢୋଲ ପିଟନ୍ତି । ମୋଟାମୋଟି ଭାବେ କୁହାଯାଇପାରେ ଯେ, ଏମାନଙ୍କର ସଂସାର ପୁରାଣର ସଂସାର—ଯେଉଁଠି ପୁରାଣ ଓ କଳ୍ପିତ କାହାଣୀ ତଥା ଅନ୍ୟସବୁ ଅର୍ଥହୀନ କଥା ପୂରି ରହିଛି ।

ସ୍ୱିଫ୍‌ଟଙ୍କ ଭଳି ବୀରେଶଲିଙ୍ଗମ୍ ଯଦି ଆଉ ଦୁଇଟି ଯାତ୍ରା ଯୋଡ଼ି ଥାଆନ୍ତେ, ତେବେ ତାଙ୍କ 'ସତ୍ୟରାଜ ପୂର୍ବଦେଶ ଯାତ୍ରାଲୁ'ରେ ଅଧିକ ବିବିଧତା ତଥା ବ୍ୟାପକତା ଆସି ପାରି ଥାଆନ୍ତା; ତଥାପି ଏଇଭଳି ଅବସ୍ଥାରେ ବି ଏହା ଖୁବ୍ ପ୍ରଭାବଶାଳୀ ବ୍ୟଙ୍ଗ ରଚନା । ଏଥିରେ 'ଗଲିଭର୍ସ ଟ୍ରାଭଲ୍‌ସ'ର ଅର୍ଦ୍ଧେକ ଚତୁରତା ବା ଏପରିକି ଏକ ଚତୁର୍ଥାଂଶ ବିଚକ୍ଷଣତା ନାହିଁ । ତଥାପି ଏହା ଖୁବ୍ ଆନନ୍ଦଦାୟକ ରଚନା । ସ୍ୱିଫ୍‌ଟଙ୍କ ରଚନାର ବିଦ୍ୱେଷ ଓ ଘୃଣା ଏଥିରେ ନାହିଁ ଓ ସେଥିପାଇଁ ସ୍ଥାନେ ସ୍ଥାନେ ଏହା 'ଗଲିଭର୍ସ ଟ୍ରାଭେଲ୍‌ସ'ଠାରୁ ବି ଅଧିକ ଆନନ୍ଦଦାୟକ ହୋଇଛି । ଏହି ଗ୍ରନ୍ଥର କନ୍ନଡ଼ ଓ ଇଂରାଜୀ ଅନୁବାଦ ହୋଇଥିଲା । 'ସତ୍ୟରାଜ ପୂର୍ବଦେଶ ଯାତ୍ରାଲୁ' ଯେତେବେଳେ ଆତ୍ମପ୍ରକାଶ କଲା, କେତେକ ପାଠକ ତାହାର ଏହି ସରଳ, ପୁରାଣ କଥା ତଥା ଲମ୍ବା ଚୌଡ଼ା କାହାଣୀରେ ଏଭଳି ପ୍ରଭାବିତ ହୋଇଗଲେ ଯେ, ସେମାନେ ସତ୍ୟରାଜର ଡାକ ଠିକଣା ପଠାଇବାପାଇଁ ବୀରେଶଲିଙ୍ଗମ୍‌ଙ୍କୁ ଚିଠି ଲେଖିଥିଲେ ।

ବୀରେଶଲିଙ୍ଗମ୍‌ଙ୍କର ଅନ୍ୟ ଏକ ବ୍ୟଙ୍ଗ ରଚନା ହେଉଛି 'ଅଭାଗ୍ୟୋପାଖ୍ୟାନମ୍' । ଏହା ପଦ୍ୟରେ ଲିଖିତ । ଅବଶ୍ୟ ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ, ଅବକ୍ଷୟ କାଳର ତେଲୁଗୁ କବିତାରେ ଶୃଙ୍ଗାରରସର ପ୍ରାଧାନ୍ୟ ଥିଲା ଓ ଏହି ଶୃଙ୍ଗାର ରସ ଅତି ଅପରିଷ୍କାର ଓ ଅଶ୍ଳୀଳ । ପରବର୍ତ୍ତୀ ପ୍ରବନ୍ଧ କବିମାନଙ୍କର ଯୌନମୁଖ୍ୟ ବର୍ଣ୍ଣନମାନଙ୍କୁ ଏହି ଲେଖାରେ ବ୍ୟଙ୍ଗ କରାଯାଇଛି ।

ତେଲୁଗୁ ସାହିତ୍ୟରେ ବୀରେଶଲିଙ୍ଗମ୍‌ଙ୍କର ଅନ୍ୟ ଦୁଇଟି ନୂତନ ସୃଷ୍ଟି ହେଲା, ଜୀବନୀ ଓ ଆତ୍ମଜୀବନୀ । ସମ୍ପୂର୍ଣ୍ଣ ଜୀବନୀ ଗ୍ରନ୍ଥଗୁଡ଼ିକ ହେଉଛି, ଯିଶୁଖ୍ରୀଷ୍ଟ, ରାଜା ରାମମୋହନ ରାୟ ଓ ମହାରାଣୀ ଭିକ୍ଟୋରିଆଙ୍କ ବିଷୟରେ । ଏ ଗୁଡ଼ିକ ମଧ୍ୟରୁ ସେ ପ୍ରଥମ ଓ ତୃତୀୟକୁ ପୂର୍ଣ୍ଣାଙ୍ଗ କରିଥିଲେ; ମାତ୍ର ଦ୍ୱିତୀୟକୁ ସଂପୂର୍ଣ୍ଣ କରିପାରି ନ ଥିଲେ । ସେ ମଧ୍ୟ ଅନେକଗୁଡ଼ିଏ ଜୀବନୀ ବୃତ୍ତାନ୍ତ ସମ୍ବନ୍ଧୀୟ ରେଖାଚିତ୍ର ରଚନା

କରିଛନ୍ତି । ତାଙ୍କ ରଚନାର କ୍ଷେତ୍ର ଖୁବ୍ ବ୍ୟାପକ । ଶଙ୍କରାଚାର୍ଯ୍ୟଙ୍କଠାରୁ ବିଦ୍ୟାସାଗରଙ୍କ ପର୍ଯ୍ୟନ୍ତ, ଏବଂ ଜୋଆନ୍ ଅଫ ଆର୍କଙ୍କଠାରୁ ଆନି ବେଶାନ୍ତଙ୍କ ପର୍ଯ୍ୟନ୍ତ ତାହା ବ୍ୟାପ୍ତ । ସମଗ୍ର ଭାବରେ ତାଙ୍କର ଜୀବନୀ-ରଚନା ପର୍ଯ୍ୟାପ୍ତ; ମାତ୍ର ସେ ଜୀବନୀ ଲିଖନ-କଳା ଉପରେ ପୂର୍ଣ୍ଣ ଦକ୍ଷତା ପାଇପାରି ନ ଥିଲେ । ଲିଟନ ଷ୍ଟ୍ରାଚି ଯାହା କହିଛନ୍ତି— "ଲିଖନ-କଳାର ସବୁ ଶାଖାମାନଙ୍କ ମଧ୍ୟରୁ ଏହା ସବୁଠାରୁ ବେଶି ଲଳିତ ଓ ମାନବୀୟ ଅଟେ" । ଷ୍ଟ୍ରାଚି ଆହୁରି ମଧ୍ୟ କହିଛନ୍ତି—"ସାଧୁଜୀବନ ଭଲଭାବେ ବଞ୍ଚି ରହିବା ଯେପରି କଠିନ, ସେହିପରି ଭଲ ଜୀବନୀ ଲିପିବଦ୍ଧ କରିବା କଠିନ" । ବୀରେଶଲିଙ୍ଗମ୍ ଜୀବନକୁ ଭଲ ଭାବରେ କଟାଇଛନ୍ତି; ମାତ୍ର ଭଲ ଜୀବନୀ ଲେଖିବାରେ ସଫଳ ହୋଇପାରି ନାହାନ୍ତି । ତଥାପି ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ଆଣ୍ଡ୍ରେ ମରୁଆ ଉଲ୍ଲେଖ କରିଛନ୍ତି—"ସୁସଂଯତ ଭାବେ ଲିଖିତ ଜୀବନୀ, ସୁସଂଯତ ଭାବେ ବ୍ୟୟିତ ଜୀବନଠାରୁ ଅଧିକ ଦୁଷ୍ପ୍ରାପ୍ୟ" । ତଥାପି ଏହି କଷ୍ଟସାଧ୍ୟ କଳାକୃତ କ୍ଷେତ୍ରରେ ନିଜର ପ୍ରବର୍ତ୍ତନକାରୀ ପ୍ରୟାସରେ ବୀରେଶଲିଙ୍ଗମ୍ ଯେ କେତେକ ପରିମାଣରେ ସଫଳ ହୋଇପାରିଥିଲେ ଏ କମ୍ କଥା ନୁହେଁ । କିନ୍ତୁ ଆତ୍ମଜୀବନୀ ଲେଖିବାରେ, ସେ ଅଧିକତର ସଫଳ ହୋଇଥିଲେ । ତାଙ୍କର 'ସ୍ୱୀୟଚରିତମ୍' ଗିବନ୍‌ଙ୍କ 'ଅଟୋବାୟୋଗ୍ରାଫି' (ଆତ୍ମକଥା) ଭଳି ଉଚ୍ଚକୋଟୀର । ଦୁଇଟି ଯାକରେ 'ଏକ ସହଜ ମହାନତା' ରହିଛି । ଆମକୁ ନିଜ କାହାଣୀ କହୁଥିଲା ବେଳେ, ବୀରେଶଲିଙ୍ଗମ୍ ଦେଖାଣିଆ ଭାବରେ ସଂକୋଚଶୀଳ ନୁହଁନ୍ତି, କିମ୍ବା ଗର୍ବିତ ନୁହଁନ୍ତି । ଯେଉଁଠି ତାଙ୍କୁ ବାସ୍ତବତାରେ ଶ୍ରେୟ ମିଳିବାର ସମ୍ଭାବନା, ସେଇଠି ସେ ତାକୁ ଗ୍ରହଣ କରିଛନ୍ତି; ଯେଉଁଠି ନିଜ ଭୁଲ୍ ଦୁର୍ବଳତାକୁ ସ୍ୱୀକାର କରିବାର ଅବସର ଆସିଛି, ସେ ତାହାକୁ ସ୍ୱୀକାର କରି ନେଇଛନ୍ତି । ମାନବୀୟ ସୀମା ଭିତରେ ସେ କିଛି ଲୁଚାଇ ରଖି ନାହାନ୍ତି; ପୁଣି କାହାର ପ୍ରତି ସେ ଅଧିକ ଭାବ ପ୍ରକାଶ କରିନାହାନ୍ତି । ଗୋଟାଏ ଦିଗରୁ କୁହାଯାଇପାରେ ଯେ ତାଙ୍କର ଗରିବ ପରିବାର, ଶିକ୍ଷାକ୍ଷେତ୍ରରେ ସୀମିତ ପରିସ୍ଥିତି, ଓ ଦୁର୍ବଳ କ୍ଷୀଣ ଶାରୀରିକ ସ୍ଥିତି ସତ୍ତ୍ୱେ, ବିଳାସୀ ଜୀବନ ନ ହେଲେ ବି, ପୂର୍ଣ୍ଣ ଉଲ୍ଲେଖନୀୟ, ସଂପନ୍ନ ଜୀବନ ସେ ଅତି ବାହିତ କରିପାରିଥିଲେ । ମାତ୍ର ଅନ୍ୟ ଦିଗରୁ ଦେଖିଲେ ଦୁଃଖର ସହିତ କହିବାକୁ ହୁଏ ଯେ, ଅସହିଷ୍ଣୁତା, ତୁର୍ତ୍ତରୁଣିଆପଣ, ଶୀଘ୍ର ରାଗିଯିବା ଓ ବିଭିନ୍ନ ଭାବରେ ନିଜ ଶକ୍ତିର ଅପବ୍ୟୟିତା ଯୋଗୁଁ ଉଚ୍ଚକୋଟିର ଅଧିକ କାର୍ଯ୍ୟ ସେ କରି ପାରି ନ ଥିଲେ । 'ଆତ୍ମ କଥା'ରେ ତଥା ଅନ୍ୟ ରଚନାରେ ମଧ୍ୟ ସେ ସତ୍ୟ-ନିଷ୍ଠ, ବିଶ୍ୱସ୍ତ ଓ ସ୍ପଷ୍ଟ ଅଟନ୍ତି । ପ୍ରଥମେ ସେ 'ଆତ୍ମକଥା' ଲେଖିବାକୁ ଦୋ-ଦୋପାଞ୍ଚ ହେଉଥିଲେ; ମାତ୍ର ବନ୍ଧୁମାନେ ସେଥିପାଇଁ ଜୋର୍ ଦେବାରୁ ସେ ଚିନ୍ତାକଲେ ଯେ, ତାଙ୍କୁ କେବଳ ନିଜ ଜୀବନୀ ନୁହେଁ ବରଂ ତାଙ୍କ ସମୟର ଇତିହାସ କହିବାକୁ

ପଡ଼ିବ । ବାସ୍ତବରେ ସେ ଏହାକୁ ନିଜ ପ୍ରତି ଆସ୍ଥାର ପ୍ରମାଣ-ଗ୍ରନ୍ଥ, ନୂତନ ଆଲୋକର ଜ୍ଞାପନ-ପତ୍ର ଏବଂ ଆତ୍ମୋତ୍ସର୍ଗର ଆହ୍ୱାନ ଭାବେ ରଚନା କରିଗଲେ ।

ସାହିତ୍ୟର ଅନ୍ୟ ଯେଉଁ କ୍ଷେତ୍ରରେ ସେ ମାର୍ଗ ଦର୍ଶନ କରିଛନ୍ତି, ତାହା ହେଲା ସାହିତ୍ୟର ଇତିହାସ ! ନାଟକ ରଚନା ଭଳି ଏ କ୍ଷେତ୍ରରେ ମଧ୍ୟ ତାଙ୍କ ଆଗରୁ ଆଉ ଜଣେ ବ୍ୟକ୍ତି ଥିଲେ । ସନ ୧୮୮୭ରେ 'ବିବେକ ବର୍ଦ୍ଧିନୀ'ରେ ତାଙ୍କର 'ଆନ୍ଧ୍ର କବୁଲୁ ଚରିତ୍ର' (ଆନ୍ଧ୍ର କବିଙ୍କ ଚରିତ)ର ପ୍ରାରମ୍ଭିକ ଅଧ୍ୟାୟ ପ୍ରକାଶ ପାଇବା ଆଗରୁ ପେଦ୍ଦାପୁରମ୍‌ର ଗୁରଜାଡ଼ା ଶ୍ରୀରାମ ମୂର୍ତ୍ତି ଏକ ପୁସ୍ତକମାଳା ରଚନା କରିଥିଲେ । ପ୍ରତି ପୁସ୍ତକରେ ସେ ଜଣେ ଜଣେ ତେଲୁଗୁ କବିଙ୍କ ଜୀବନୀ ଲେଖିଥିଲେ । ସେ କେବଳ କେତେକ ବିଶିଷ୍ଟ କବିଙ୍କୁ ବାଛିଥିଲେ ଏବଂ ଲିଖିତ ପ୍ରତ୍ୟେକ ଜୀବନବୃତ୍ତାନ୍ତପାଇଁ ଐତିହାସିକ ସତ୍ୟତାକୁ ଆଧାର କରି ନ ଥିଲେ । କବିମାନଙ୍କ ଜୀବନର ଚାରିପଟେ ଘୂରି ବୁଲୁଥିବା କିମ୍ବଦନ୍ତୀର ସାହାଯ୍ୟ ନେଇ ସେ ଏସବୁ ଲେଖିଥିଲେ । ଏହା ଦେଖି, ବିଦ୍ୱାନ୍ ବୀରେଶଲିଙ୍ଗମ୍ ବିରକ୍ତ ହେଲେ । ତାଙ୍କର ମନେହେଲା, ଏହା ସାହିତ୍ୟିକ କର୍ମ ନୁହେଁ । ବାସ୍ତବ ଓ ଐତିହାସିକ ପ୍ରାମାଣିକତାର ମାପକାଠିରେ ମାପି କବିମାନଙ୍କ ଜୀବନୀ ଲେଖିବାର ଦାୟିତ୍ୱ ସେ ନିଜେ ବହନ କଲେ ।

ଆଜିକାଲି ପରି ସେ ସମୟରେ ଶିଳାଲେଖ, ତାମ୍ର ଫଳକ ତଥା ଅନ୍ୟ ପ୍ରାମାଣିକ ଐତିହାସିକ ସାମଗ୍ରୀର ସନ୍ଧାନ ସବୁ ମିଳି ନଥିଲା ଓ ଯାହା ଅଳ୍ପ କିଛି ମିଳୁଥିଲା ସେ ସବୁର ଅଧିକାଂଶ ଭାଗ ସଠିକ୍ ବର୍ଗୀକରଣ ହୋଇ ନଥିଲା । କିମ୍ବା ସେ ସବୁ ଯଥାର୍ଥ ଅଧ୍ୟୟନ ହୋଇ ନ ଥିଲା ବା ପ୍ରକାଶିତ ହୋଇ ନ ଥିଲା । ଅଧିକାଂଶ ପ୍ରାଚୀନ ପଦ୍ୟରଚନା ତାଳପତ୍ରର ହସ୍ତଲିଖିତ ପ୍ରତିଲିପି ହିଁ ଥିଲା ଏବଂ ତାହା କେବଳ 'ପ୍ରାଚ୍ୟ ହସ୍ତଲିଖିତ ପାଠାଗାର' (ଓରିଏଣ୍ଟାଲ୍ ମାନୁସ୍କ୍ରିପ୍ଟ ଲାଇବ୍ରେରୀ) ମାଡ୍ରାସ, 'ସରସ୍ୱତୀ ମହଲ ଲାଇବ୍ରେରୀ' ତାଞ୍ଜୋର, କିମ୍ବା ବ୍ୟକ୍ତିଗତ ସଂକଳନରେ ହିଁ ରହିଥିଲା । ଏତେ ବ୍ୟାପକ ପ୍ରତିବନ୍ଧକ ଥିଲେ ସୁଦ୍ଧା ବୀରେଶଲିଙ୍ଗମ୍ ଅବିଚଳିତ ରହି ନିଜର ଚିରନ୍ତନ ଆତ୍ମବିଶ୍ୱାସ ସହିତ ସେ କାମ କରିବାକୁ ଆଗେଇ ଆସିଥିଲେ । ସେ ବହୁ ସ୍ଥାନ ଭ୍ରମଣ କରି ପାଣ୍ଡୁଲିପି ମାନ ଉଧାରରେ ଆଣିଲେ । ଯେଉଁଠି ଧାର ଦେବାକୁ କେହି ରାଜି ହେଉ ନଥିଲେ, ସେଇଠି ସେ ନିଜେ ବସି ପାଣ୍ଡୁଲିପିର କପି ଉତାରୁଥିଲେ; ନତୁବା ପଇସା ଦେଇ କପି ଉତାରି ନେଉଥିଲେ । ଶିଳାଲେଖ ମାନଙ୍କର ପ୍ରତିଲିପି ଉତାରିବାପାଇଁ ସେ ସଂଗ୍ରହାଳୟମାନଙ୍କୁ ଯାଇ ଏବଂ ପାଠାଗାରମାନଙ୍କୁ ଯାଇ ପୁସ୍ତକ ତଥା ମୂଳ ଲେଖାମାନଙ୍କରୁ ବିବରଣୀ ସଂଗ୍ରହ କରିବାରେ ମାସ ମାସ ବିତାଇଥିଲେ ।

ଏହିଭଳି ଭାବରେ ଖର୍ଚ୍ଚ ଓ ଶ୍ରମ ପ୍ରତି ଚିନ୍ତା ନ କରି ତାଙ୍କର ମୂଳ ତଥ୍ୟ ସେ ଯତ୍ନ ସହକାରେ ସଂଗ୍ରହ କରିଥିଲେ । ତା' ସହିତ ସେ ବିରୋଧି ମତ ପଛରେ

ଥିବା ସତ୍ୟକୁ ଅନୁସନ୍ଧାନ କରି ତଥା ନିଜର ଉପସ୍ଥାପିତ ତଥ୍ୟକୁ ବାରମ୍ବାର ପରୀକ୍ଷା କରି, ପରିଶେଷରେ ୧୮୯୪ ସାଲରେ 'ଆନ୍ଧ୍ରକବୁଲ ଚରିତ'ର ପ୍ରଥମଭାଗ ପ୍ରକାଶ କଲେ । ଜ୍ଞାତ ତେଲୁଗୁ କବିମାନଙ୍କ ମଧ୍ୟରୁ ପ୍ରଥମ ନନ୍ନାୟାଙ୍କଠାରୁ ଆରମ୍ଭ କରି ଗୋପୀନାଥ ଭେଙ୍କଟ କବିଙ୍କ ପର୍ଯ୍ୟନ୍ତ, ୨୨୦ ଜଣ ପ୍ରତିଷ୍ଠିତ ତଥା ଅଳ୍ପ ପ୍ରତିଷ୍ଠିତ ସ୍ରଷ୍ଟାଙ୍କ ଜୀବନୀ ଏଥିରେ ସ୍ଥାନ ପାଇଛି । ଏଥିରେ ଏକାଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ମଧ୍ୟରେ ସଙ୍ଘଟିତ ସମସ୍ତ କବିଙ୍କ ସମ୍ବନ୍ଧରେ ସବୁ ପ୍ରକାର ସୂଚନା ସଂଗୃହୀତ ହୋଇଛି । ବୀରେଶଲିଙ୍ଗମ୍ ଏହାର ପ୍ରାୟ ଅଧାଭାଗ ପୁନଃମାର୍ଜନ କରି ୧୯୧୭ ସାଲରେ ନୂତନ ଭୂମିକା ସହ ପ୍ରକାଶ କରିଥିଲେ । ତତ୍ପରେ ତାଙ୍କର ଦେହାନ୍ତ ହେବାରୁ ସେ ଦ୍ୱିତୀୟ ଭାଗକୁ ପୁନଃ ପ୍ରକାଶ କରି ପାରି ନ ଥିଲେ ।

ତାଙ୍କର କେତେକ ସିଦ୍ଧାନ୍ତ ଓ କେତେକ କବି ସମ୍ବନ୍ଧୀୟ ତଥ୍ୟ ଓ ବାର ପରବର୍ତ୍ତୀ କାଳରେ ଭ୍ରମ ପ୍ରତିପାଦିତ ହୋଇଛି; ମାତ୍ର ଅଧିକାଂଶ ଭାଗର ଲେଖାକୁ ଏବେ ବି ଯଥାର୍ଥ କାର୍ଯ୍ୟ ବୋଲି ବିବେଚନା କରାଯାଏ । ସେ ତେଲୁଗୁରେ ଐତିହାସିକ ପ୍ରବନ୍ଧ ପାଇଁ ବହୁ ଉଚ୍ଚ ସ୍ତରର ପ୍ରସ୍ତୁତି କରିଥିଲେ । କବିମାନଙ୍କ ଜୀବନୀ ରୂପେ ଏହା ପ୍ରସ୍ତୁତ ହୋଇଥିଲେ ମଧ୍ୟ ବାସ୍ତବରେ ଏହା ତେଲୁଗୁ ସାହିତ୍ୟର ପ୍ରଥମ ଇତିହାସ ଗ୍ରନ୍ଥ । ଲେଖକଙ୍କ ମତାନୁସାରେ ଏହା ତାଙ୍କର ସର୍ବୋତ୍ତମ ରଚନା । ବୋଧହୁଏ ସେଥିପାଇଁ ସେ ଯେତେ ଶ୍ରମ କରିଥିଲେ, ତାହାହିଁ ତାଙ୍କୁ ପକ୍ଷପାତ ମତ ଦେବାକୁ ବାଧ୍ୟ କରିଥିଲା । ମାତ୍ର ତାହା ସର୍ବୋତ୍ତମ ନ ହେଲେ ବି ନିଃସନ୍ଦେହରେ ଉଚ୍ଚ ସ୍ତରର ପୁସ୍ତକ ।

'ତେଲୁଗୁ କବିଙ୍କ ଜୀବନୀ'ର ସହ-ପ୍ରକାଶନ ଭାବେ ସେ ପ୍ରାୟ ୨୦ ଜଣ ପୁରାତନ କବିଙ୍କ କୃତିଗୁଡ଼ିକୁ ଶୁଦ୍ଧ ସଂସ୍କରଣ କରି ପ୍ରକାଶ କରିଥିଲେ । ସେ ସେଗୁଡ଼ିକୁ ସଂଗ୍ରହ କରି ତଥା ବିଭିନ୍ନ ତାଳପତ୍ରର ମୂଳଲେଖାସବୁକୁ ଗୋଟିଏ ସ୍ଥାନରେ ରଖି ବଡ଼ ଯତ୍ନ ସହକାରେ ସମ୍ପାଦନ କରିଥିଲେ । ଏହି କୋଡ଼ିଏଟି ଗ୍ରନ୍ଥର ଅଧାରୁ ଅଧିକ ପୋଥିକୁ ସେ ନିଜେ ଖୋଜି ବାହାର କରିଥିଲେ ଏବଂ ଅଠରଟିର ପ୍ରଥମ ଥର ସେ ପ୍ରକାଶନ ଆରମ୍ଭ କରିଥିଲେ । ବାକି ଯାହା ପୁସ୍ତକ ଆକାରରେ ଆଗରୁ ପ୍ରକାଶିତ ହୋଇ ସାରିଥିଲା, ସେ ସବୁ ବହୁ ପ୍ରମାଦପୂର୍ଣ୍ଣ ସଙ୍କଳନ ହୋଇ-ଥିଲା । ପାଠ୍ୟାଂଶ ମଧ୍ୟ ଭ୍ରମାତ୍ମକ ଥିଲା । ତାଙ୍କ ଆଗରୁ କେବଳ ସି. ପି. ବ୍ରାଉନ୍ ଏଭଳି କାମ ଏହିଭଳି ଯତ୍ନ ଓ ସାବଧାନତାର ସହ କରିଥିଲେ ।

ନିସ୍ପୃମିତ ପଦ୍ଧତି ଅନୁସାରେ ବିଜ୍ଞାନ-ପ୍ରଶିକ୍ଷଣ-ବିହୀନ ତେଲୁଗୁ ବିଦ୍ୱାନଙ୍କ ପାଇଁ ବିଜ୍ଞାନ ସମ୍ବନ୍ଧୀୟ ଲେଖା ଲେଖିବା ସମ୍ଭବତଃ ଅବିବେକତା ମନେ ହୋଇ ପାରେ । ଯଦି ଏ କାମ କରିବା ପାଇଁ ଅନ୍ୟ କେହି ଥାଆନ୍ତେ, ତେବେ ନିଶ୍ଚୟ ବୀରେଶଲିଙ୍ଗମ୍ ଏହାର ଦାୟିତ୍ୱ ନିଜ ଉପରକୁ ନେଇ ନ ଥାଆନ୍ତେ । ସେଥିପାଇଁ

ତେଲୁଗୁ ସାହିତ୍ୟର ଅନ୍ୟ ଏକ ଶୂନ୍ୟତାର ପରିପୂରଣ ପାଇଁ ତାଙ୍କୁ ପାଦ ବଢ଼ାଇବାକୁ ପଡ଼ିଥିଲା ।

ଅନେକ ବର୍ଷର ଅଧ୍ୟୟନ ପରେ ସେ ଶରୀର ଶାସ୍ତ୍ର ଓ ଜ୍ୟୋତିଷ ଶାସ୍ତ୍ର ଉପରେ ଦୁଇଟି ପ୍ରାଥମିକ ପୁସ୍ତକ ପ୍ରକାଶ କଲେ । ଏହାକୁ ଉଦାହରଣଯୁକ୍ତ କରିବା ପାଇଁ କଲିକତା ଓ ଲଣ୍ଡନରୁ ବହୁ ଅର୍ଥ ବ୍ୟୟରେ ବ୍ଲକସବୁ ସେ ଅର୍ଡର ଦେଲେ । ତାଙ୍କର ବିଜ୍ଞାନ ବିଷୟକ ପୁସ୍ତକ ଗୁଡ଼ିକ ତେଲୁଗୁରେ ପ୍ରଥମ ଏ କଥା ସ୍ମରଣରେ ରଖିଲେ କହିବାକୁ ହେବ ଯେ ସେଗୁଡ଼ିକ ବେଶ୍ ଭଲ । ଶରୀର-ଶାସ୍ତ୍ର ପୁସ୍ତକଟି କେତେ ବର୍ଷ ପର୍ଯ୍ୟନ୍ତ ପାଠ୍ୟ-ପୁସ୍ତକ ରୂପେ ଉପଯୋଗ ହୋଇଥିଲା ଏବଂ ଏହାର ଚାରି ପାଞ୍ଚଟି ସଂସ୍କରଣ ମଧ୍ୟ ହୋଇଥିଲା । ସବୁଠୁ ଉଲ୍ଲେଖନୀୟ କଥା ହେଉଛି, ପ୍ରତ୍ୟେକ ସଂସ୍କରଣ ପୂର୍ବ ସଂସ୍କରଣର ସଂଶୋଧିତ ରୂପ ଥିଲା । କିଛି ବର୍ଷ ପରେ ସେ ଆଉ ଗୋଟିଏ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ଲେଖିଲେ । ଏହାକୁ ସମ୍ପୂର୍ଣ୍ଣ ରୂପେ ଜୀବଶାସ୍ତ୍ରର ପୁସ୍ତକ କୁହାଯାଇ ନ ପାରେ, କିନ୍ତୁ ଏଥିରେ ଷାଠିଏଟି ସ୍ତନ୍ୟପାୟୀ ପ୍ରାଣୀଙ୍କ ଶାରୀରିକ ଢାଞ୍ଚା ଓ ପ୍ରକୃତିର ବର୍ଣ୍ଣନା କରାଯାଇଛି । ସେ ଭୌତିକ ଶାସ୍ତ୍ର ଓ ଭୂଗୋଳ ବିଷୟକ ପୁସ୍ତକ ଲେଖିବାର ପ୍ରଯତ୍ନ କରିଥିଲେ, ମାତ୍ର ସେସବୁକୁ ପୂରା କରି ପାରି ନ ଥିଲେ ।

ବିଜ୍ଞାନ-ବିଷୟକ ଲେଖାର ସ୍ୱୟଂ ନିର୍ଦ୍ଧାରିତ କାର୍ଯ୍ୟ ବୀରେଶଲିଙ୍ଗମ୍ ସୁରୁଚିରୂପେ ସମ୍ପାଦନ କରିଥିଲେ । ଜାତିରେ ବ୍ରାହ୍ମଣ ଓ ସମ୍ପୂର୍ଣ୍ଣ ଶାକାହାରୀ ହୋଇମଧ୍ୟ, ହୃତ୍ପିଣ୍ଡ (ହାର୍ଟ) ଓ ଶ୍ୱାସନଳୀର କାର୍ଯ୍ୟକୁ ଭଲଭାବେ ଜାଣିବା ପାଇଁ ସେ କଂସେଇଖାନାକୁ ଯାଇଥିଲେ, ଯଦ୍ୱାରା ସେ ଛେଳି କାଟିବା ଓ ସଫା କରିବା ସମୟରେ ତାହା ଦେଖି ପାରିବେ । ମାନବ ଶବର କଟାକଟି (ବ୍ୟବଚ୍ଛେଦ) ସେ ଦେଖିବାକୁ ପ୍ରସ୍ତୁତ ହେଲେ, ମାତ୍ର ମୂର୍ଚ୍ଛିତ ହୋଇଯିବା ହେତୁ ତାଙ୍କୁ କଟାକଟି ଘରୁ ବାହାରକୁ ଉଠାଇ ଆଣିବାକୁ ପଡ଼ିଥିଲା । ସେ ଉତ୍ତମ ରୂପେ ଶରୀର ସମ୍ବନ୍ଧୀୟ ଶିକ୍ଷା ଲାଭ କରିବା ପାଇଁ ଗୋଟିଏ ନର-କଙ୍କାଳ କିଣିଥିଲେ । ଅନ୍ତରୀକ୍ଷ ପଦାର୍ଥମାନଙ୍କର ଉତ୍ତମ ନିରୀକ୍ଷଣ କରିବା ନିମିତ୍ତ ସେ ମାଡ୍ରାଜର ମାନମନ୍ଦିରକୁ ଯାଇଥିଲେ । ପ୍ରାଚୀନ ଭାରତର ବୈଜ୍ଞାନିକ ଶିକ୍ଷା ସମ୍ବନ୍ଧରେ ଭଲ ଜ୍ଞାନ ଲାଭକରିବା ଏବଂ ଯେଉଁଠି ସମ୍ଭବ, ପ୍ରାଚୀନ ପୁସ୍ତକରୁ ଶବ୍ଦାବଳୀ ଉଦ୍ଧାର କରିବା ପାଇଁ ସେ ଚରକ, ସୁଶ୍ରୁତ ଭାବ ମିଶ୍ର, ଶାଲୀହୋତ୍ର, ଗର୍ଗ, ଆର୍ଯ୍ୟଭଟ୍ଟ, ବରାହ ମିହିର ଓ ଅନ୍ୟାନ୍ୟ ବିଦ୍ୱାନଙ୍କ ଶାସ୍ତ୍ର ଅଧ୍ୟୟନ କଲେ ।

ବିଗତ କାଳର ଅଜ୍ଞତାଠାରୁ ବୁଦ୍ଧିକୁ ମୁକ୍ତ କରିପାରିବାର ଅନ୍ତର୍ନିହିତ ଶକ୍ତିଯୁକ୍ତ ଜ୍ଞାନର ନବୀନତମ ଶାଖା ରୂପେ ସେ ଆଧୁନିକ ବିଜ୍ଞାନକୁ ସ୍ୱାଗତ କରି-

ଥିଲେ । ସେ ସ୍ୱୀକାର କରୁଥିଲେ ଯେ, ଯେ ପର୍ଯ୍ୟନ୍ତ ଭାରତ ପାଶ୍ଚାତ୍ୟ ଜ୍ଞାନ-ବିଜ୍ଞାନ ସହିତ ପରିଚିତ ନ ହୋଇଛି, ସେ ଯାବତ୍ ସେ ଆଧୁନିକ, ପ୍ରଗତିଶୀଳ ଓ ଶକ୍ତିଶାଳୀ ହୋଇ ପାରିବ ନାହିଁ । ତାଙ୍କ ମତାନୁସାରେ, ବିଜ୍ଞାନର ଶ୍ରେଣୀ ଜ୍ୟୋତିର୍ବିଦ୍ୟାକୁ ତାହାର ଜାରଜ ସନ୍ତାନ ଫଳିତ ଜ୍ୟୋତିଷ ଠାରୁ ପୃଥକ କରିବାର ପ୍ରବୃତ୍ତିରୁ ଜ୍ୟୋତିର୍ବିଦ୍ୟାରେ ତାଙ୍କୁ ବିଶେଷ ଅନୁପ୍ରେରଣା ମିଳିଲା । ଆନ୍ଧ୍ର ପ୍ରଦେଶର ଏହି ନୂଆ ଏକଲା ମଣିଷଟିର କାର୍ଯ୍ୟ ସହ ତୁଳନା, ବ୍ୟାପକତାରେ ନୁହେଁ ବରଂ ପ୍ରଭାବ ଦୃଷ୍ଟିରୁ, ଫ୍ରାନ୍ସର ବିଶ୍ୱକୋଷ ପ୍ରଣେତା ଦଳ ସହିତ କରି ଯାଇପାରେ, ଯାହାର ନେତୃତ୍ୱ ଦିଦେରୋଁ, ଦ ଅଲମ୍ବର୍ଟ୍, ଭଲ୍ଟେୟାର୍ ଓ ରୁଶୋ ଆଦି ନେଇଥିଲେ ।

ବୀରେଶଲିଙ୍ଗମ୍ ମଧ୍ୟ ଶିଶୁ ସାହିତ୍ୟର ପ୍ରବର୍ତ୍ତକ ଥିଲେ । ଅତୀତ ଓ ବର୍ତ୍ତମାନ ଠାରୁ ଉନ୍ନତ ଭବିଷ୍ୟତର କାମନା ଏବଂ ସେଥିପାଇଁ ପ୍ରୟନ୍ତ କରିବା ସଙ୍ଗେ ସଙ୍ଗେ ଶିଶୁର ସୁସ୍ଥ ବିକାଶରେ ତାଙ୍କର ରୁଚି ବାସ୍ତବିକ ଅଧିକ ପ୍ରଭାବଶାଳୀ ଥିଲା । ଇସପ୍ କାହାଣୀ ଉପରେ ଆଧାରିତ ତାଙ୍କ ରଚନା 'ନୀତିକଥା-ମଞ୍ଜରୀ' ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ । ଭିଲ ଭିଲ ଚିତ୍ର ସହିତ ସେ ଏହାକୁ ଦୁଇଟି ଭାଗରେ ପ୍ରକାଶ କରିଥିଲେ । 'ନୀତି ଦୀପିକା' ଶୀର୍ଷକ ୧୦୧ଟି ପଦ୍ୟଯୁକ୍ତ ପୁସ୍ତକଟିକୁ ସେ ମଧ୍ୟ ପିଲାଙ୍କପାଇଁ ଲେଖିଥିଲେ । ଶିଶୁଙ୍କପାଇଁ ସେ କେତେକ ପାଠ୍ୟପୁସ୍ତକ ବି ରଚନା କରିଥିଲେ ।

ତାଙ୍କର ଅବଶିଷ୍ଟ ମହତ୍ତ୍ୱପୂର୍ଣ୍ଣ ପୁସ୍ତକ ସମ୍ବନ୍ଧରେ ବିହଙ୍ଗମ ଦୃଷ୍ଟି ସଞ୍ଚାର କରିଯାଇପାରେ । ଏଥିରୁ ଦୁଇଟି ପାରମ୍ପରିକ ପୁସ୍ତକ — 'ସଂଗ୍ରହ ବ୍ୟାକରଣମ୍' (ବ୍ୟାକରଣର ରୂପରେଖ) ଏବଂ 'ଅଳଙ୍କାର ସଂଗ୍ରହମ୍' (କାବ୍ୟଶାସ୍ତ୍ରର ରୂପରେଖ) । ବାକି ପୁସ୍ତକ ଭିତରୁ, ଦୁଇଟି କୁପରଙ୍କ 'ଜନ୍ ଗିଲପିନ୍' ଓ ଗୋଲ୍ଡ୍ ସ୍ମିଥଙ୍କ 'ଟ୍ରାଭେଲର୍'ର ଅନୁବାଦ । ଗୋଟିଏ ପୁସ୍ତକରେ ସେ ଲ୍ୟାମ୍ବଙ୍କର 'ଟେଲ୍ସ ଫ୍ରମ୍ ସେକ୍ସପିଅର'ର ରୂପାନ୍ତର କରିଛନ୍ତି । 'ବିଗ୍ରହତନ୍ତ୍ର'ର ଅନୁବାଦ ପୂର୍ଣ୍ଣାଙ୍ଗ ହେବା ମାତ୍ରେ ସେ 'ସନ୍ଧି'ର ତେଲୁଗୁ ରୂପାନ୍ତର ଶେଷ କରିବାରେ ଲାଗିଥିଲେ ।

ବିଭିନ୍ନ କ୍ଷେତ୍ରରେ ବୀରେଶଲିଙ୍ଗମଙ୍କ ରଚନାବଳୀର ଅନୁପାତିକ ଗୁଣରେ ମୂଲ୍ୟାଙ୍କନ ଅଲଗା ଅଲଗା ହେଲେ ବି, କିଏ ଅସ୍ୱୀକାର କରି ପାରିବ ଯେ ପରିମାଣ, ବିଭିନ୍ନତା ଓ ବିସ୍ତାରରେ ତାଙ୍କ କାର୍ଯ୍ୟ ଆଶ୍ଚର୍ଯ୍ୟଜନକ ଅଟେ । ସ୍ମରଣ ରଖିବା ଉଚିତ ଯେ, ଲେଖାଲେଖି କରିବା ତାଙ୍କ ବହୁମୁଖୀ କାର୍ଯ୍ୟ-କଳାପର କେବଳ ଏକ ଅଂଶମାତ୍ର ।

□ □ □

ପରବର୍ତ୍ତୀ ଜୀବନ ଓ ସମ୍ମାନ

ବୀରେଶଲିଙ୍ଗମ୍‌ଙ୍କ ଜୀବନରେ 1876-77 ଓ 1896-97 ର ମଧ୍ୟବର୍ତ୍ତୀ ଦୁଇ ଦଶକ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା । ସ୍ମରଣ କରାଯାଇପାରେ ଯେ 1876ରେ ଲୋକସେବା ପାଇଁ ପୂରା ସମୟ ଦେବା ଇଚ୍ଛାରେ ଧବଳେଶ୍ୱରମ୍‌ରେ ହେଡ୍‌ମାଷ୍ଟର ଚାକିରୀରୁ ଇସ୍ତଫା ଦେଇ ସେ ରାଜମହେନ୍ଦ୍ରୀ ଫେରି ଆସିଥିଲେ । ପରବର୍ତ୍ତୀ କୋଡ଼ିଏ ବର୍ଷରୁ ଅଧିକାଂଶ ସମୟ ସେ ଲେଖାଲେଖି କାର୍ଯ୍ୟରେ ଓ ସମାଜସଂସ୍କାରମୂଳକ କାର୍ଯ୍ୟରେ ବିତାଇ ଥିଲେ । ତାଙ୍କ ପ୍ରତି ବିଦ୍ୱେଷ, ମିଥ୍ୟା ଅଭିଯୋଗ, ବିରୋଧ, ସାମାଜିକ ବାସନ୍ଦ ଓ ପ୍ରତାରଣା ସତ୍ତ୍ୱେ ତାଙ୍କ କାର୍ଯ୍ୟ ଅଗ୍ରଗତି କରିଥିଲା ଓ ତାଙ୍କ ପ୍ରତି ସମ୍ମାନ ଆଣି ଦେଇଥିଲା । ବଙ୍ଗଳାରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଶିବନାଥ ଶାସ୍ତ୍ରୀ, ହେମଚନ୍ଦ୍ର ସରକାର ଓ ଅନ୍ୟମାନେ, ବମ୍ବେରେ ମହାଦେବ ଗୋବିନ୍ଦ ରାଣାଡ଼େ, ଏନ.ଜି. ଚନ୍ଦ୍ରାବରକର ଓ ମହର୍ଷି କାର୍ଭେ ଆଦି ତଥା ଦେଶର ବିଭିନ୍ନ ସ୍ଥାନର ଧର୍ମ ଓ ସମାଜ ସଂସ୍କାରର ନେତାମାନେ ତାଙ୍କର କାର୍ଯ୍ୟାବଳୀ ଲକ୍ଷ୍ୟ କରିଥିଲେ ଓ ତାଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ରାଣାଡ଼େ ତାଙ୍କସହ ନିୟମିତ ପତ୍ର ବିନିମୟ କରୁଥିଲେ । ଯେତେବେଳେ ରାଜମହେନ୍ଦ୍ରୀର ତୃତୀୟ ବିଧବା-ବିବାହ ବିଷୟରେ ଖବର ମିଳିଲା ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବୀରେଶଲିଙ୍ଗମଙ୍କ ପାଖକୁ ଅଭିନନ୍ଦନ ଜଣାଇ ଟେଲିଗ୍ରାମ ପଠାଇଥିଲେ । ତାଙ୍କର ଖ୍ୟାତି ବିଦେଶରେ ମଧ୍ୟ ବ୍ୟାପିଗଲା । ରାଜା ରାମମୋହନ ରାୟଙ୍କ ଏକ ପ୍ରଶଂସକ, ମିସ୍ କାର୍ପେଣ୍ଟର, ରାୟଙ୍କ ବାଳର ଏକ ଗୁଚ୍ଛ ବୀରେଶଲିଙ୍ଗମଙ୍କୁ ଉପହାର ଦେଇଥିଲେ ଓ ମିସ ମାନଙ୍ଗ ତାଙ୍କ ଉଇଲ (ଇଚ୍ଛାପତ୍ର) ରେ ତାଙ୍କୁ ୫୦ ପାଉଣ୍ଡ ଦେଇଥିଲେ । ସରକାରୀ ସମ୍ମାନ ମଧ୍ୟ ତାଙ୍କୁ କମ୍ ମିଳି ନ ଥିଲା । ୧୯୮୩ ମସିହାରେ ତାଙ୍କୁ 'ରାୟବାହାଦୂର' ଉପାଧି ଦିଆ ଯାଇଥିଲା । ତାଙ୍କ ପୁସ୍ତକ ସବୁ ଖୁବ୍ ଭଲ ବିକ୍ରି ହେଉଥିଲା । କେତେକ ପାଠ୍ୟପୁସ୍ତକ ରୂପେ ସ୍ୱୀକୃତ ହୋଇଥିଲା ଏବଂ ସେଥିରୁ ଭଲ ଆୟ ହେଉଥିଲା । ତାଙ୍କ ଉପନ୍ୟାସ, ନାଟକ, ଜୀବନୀ ଓ ପାଠ୍ୟପୁସ୍ତକ ଗୁଡ଼ିକୁ ଏବଂ ତାଙ୍କ ଭାଷଣ ମାନଙ୍କୁ ଆଦର୍ଶ ରୂପେ ଗ୍ରହଣ କରାଯାଉଥିଲା । ତିକ୍କାନାଙ୍କ କବିତା ଭଳି ତାଙ୍କ ଗଦ୍ୟକୁ ଅତୁଳନୀୟ ବିବେଚନା କରାଯାଉଥିଲା ଓ ସାହିତ୍ୟ ଜଗତର 'ଗଦ୍ୟ-ତିକ୍କାନା' ରୂପେ ତାଙ୍କୁ ସମ୍ମାନ ଦିଆଯାଉଥିଲା ।

ଏତେ ମହତ୍ତ୍ୱପୂର୍ଣ୍ଣ ପ୍ରଶସ୍ତିମାନ ପାଇବାପରେ ଅନ୍ୟ କୌଣସି ବ୍ୟକ୍ତି ହୋଇଥିଲେ ଭାବି ଥାଆନ୍ତେ, ଏବେ ଏସବୁ ପାଇଁ ଆରାମ କରିବାର ସମୟ ଆସିଗଲା;

ମାତ୍ର ବୀରେଶଲିଙ୍ଗମ୍ ସେଭଳି ଉପାଦାନରେ ଗଢ଼ା ହୋଇ ନଥିଲେ । ତାଙ୍କପାଇଁ କାର୍ଯ୍ୟ ଥିଲା ଉପାସନାର ବିଷୟ । ସେ ନିୟମିତରୂପେ କଲେଜରେ ପାଠ ପଢ଼ାଉଥିଲେ; ନିଜ ପତ୍ରିକା ଗୁଡ଼ିକର ସମ୍ପାଦନା ଓ ପ୍ରକାଶନ କରୁଥିଲେ; ଏବଂ ଯେଉଁ ତିନୋଟି ପ୍ରଶିକ୍ଷଣ ସଂସ୍ଥା ସହିତ ତାଙ୍କର ନିକଟତମ ସମ୍ବନ୍ଧ ଥିଲା, ତାହାର କାର୍ଯ୍ୟ ସେ ସୁଚାରୁରୂପେ ସମ୍ଭାଳୁଥିଲେ । ସେ ପୁସ୍ତକ ରଚନା କରୁଥିଲେ; ୧୮୭୮ରୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାର୍ଥନା ସମାଜରେ ସେ ସପ୍ତାହକୁ ଥରେ ପ୍ରବଚନ ଦେଉଥିଲେ; ସମାଜ-ସଂସ୍କାର କାର୍ଯ୍ୟକୁ ଦିଗ ଦର୍ଶନ ଦେଉଥିଲେ ଏବଂ ଲୋକ ସେବାପାଇଁ ନ୍ୟାୟାଳୟରେ ଚାଲିଥିବା ସଂଗ୍ରାମକୁ ଚାଲୁ ରଖିଥିଲେ । ତଥାପି ସେ ଭାବୁଥିଲେ ଯେ, ସେ ଯଥେଷ୍ଟ କାର୍ଯ୍ୟକରି ପାରୁନାହାନ୍ତି । ସେଇଥିପାଇଁ, ଏହି କୋଡ଼ିଏ ବର୍ଷ ମଧ୍ୟରେ ଦୀର୍ଘଦିନ ଧରି ସେ ତାଲୁକ ବୋର୍ଡ, ଜିଲ୍ଲାବୋର୍ଡ ଓ ମ୍ୟୁନିସିପାଲିଟିର ଜନ-ସ୍ୱାସ୍ଥ୍ୟ-କମିଟିର ସଦସ୍ୟରୂପେ କାର୍ଯ୍ୟ କରିଥିଲେ । ସଦସ୍ୟ ରୂପେ ସେ ଗୁରୁତ୍ୱର ସହିତ ଏହିସବୁ କାର୍ଯ୍ୟ ତୁଲାଇଥିଲେ । ପ୍ରତ୍ୟେକ ବୈଠକରେ ସେ ଉପସ୍ଥିତ ରହୁଥିଲେ, ପ୍ରତ୍ୟେକ କାର୍ଯ୍ୟରେ ସେ ଭାଗ ନେଉଥିଲେ ଏବଂ ଯେତେବେଳେ ତାଙ୍କର ହୃଦ୍‌ବୋଧ ହେଉଥିଲା ଯେ ସେହିସବୁ ସଂସ୍ଥାର ଅଧିକାରୀ ଗଣ, (ସେମାନେ ଦେଶୀ ବା ବିଦେଶୀ ହୁଅନ୍ତୁ ପଛକେ) ଭୁଲ୍ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେ ଖୋଲାଖୋଲି ଭାବରେ ତାଙ୍କର ବିରୋଧ କରୁଥିଲେ । ଯେତେ ଅଧିକ କାର୍ଯ୍ୟ ହେଉଥିଲା ଏବଂ ସେଥିପାଇଁ ଯେତେ ଅଧିକ ତାଙ୍କୁ ପରିଶ୍ରମ କରିବାକୁ ପଡ଼ୁଥିଲା, ସେତେ ସେତେ ସେ ଉନ୍ନତି କରି ଚାଲିଥିଲେ । ୧୮୯୭ରେ ଦୁଇବର୍ଷ ପାଇଁ କଲେଜ ଅଧ୍ୟାପନାରୁ ସେ ବିନାବେତନରେ ଛୁଟି ନେଇଥିଲେ । ଏହା କାର୍ଯ୍ୟ କମାଇଦେବା ପାଇଁ ନୁହେଁ, ବରଂ ମାଡ୍ରାଜ ଯାଇ କାର୍ଯ୍ୟର ପରିଧି ବଢ଼ାଇବା ତାଙ୍କର ଉଦ୍ଦେଶ୍ୟ ଥିଲା । ତାଙ୍କର ପ୍ରଥମ କାର୍ଯ୍ୟର ଲକ୍ଷ୍ୟଥିଲା ନିଜ ରଚନା ଗୁଡ଼ିକର ସଂକଳିତ-ସଂସ୍କରଣ ପ୍ରକାଶ କରିବା, ତଥା ଏହା ସହିତ କିଛି ଅନ୍ୟଯୋଜନା ମଧ୍ୟ ଥିଲା । ସମ୍ଭବତ ଏହି ଯୋଜନା ଗୁଡ଼ିକ ଅସ୍ଥାୟୀ ପ୍ରକୃତିର ନଥିଲା । ସେ ତାଙ୍କର ଚାକିରି ଛାଡ଼ି ନଥିଲେ । ସେତେବେଳକୁ ସେ 'ପ୍ରଥମ ତେଲୁଗୁ ପଣ୍ଡିତ' ପଦବୀ ପର୍ଯ୍ୟନ୍ତ ଯାଇଥିଲେ । କିନ୍ତୁ ରାଜମହେନ୍ଦ୍ରୀ ଫେରିବା ଯଦି ତାଙ୍କର ଉଦ୍ଦେଶ୍ୟ ହୋଇଥାଆନ୍ତା ତେବେ ତିନିବର୍ଷ ପୂର୍ବରୁ ସେ ମାଡ୍ରାଜରେ ଘର କିଣି ନଥାନ୍ତେ କି ଘରର ମରାମତି ପାଇଁ ଗୁଡ଼ାଏ ଟଙ୍କା ଖର୍ଚ୍ଚ କରି ନଥାନ୍ତେ ବା ରାଜମହେନ୍ଦ୍ରୀର ସଂସ୍ଥାନକୁ ଉଠେଇ ଦେଇ ନଥାନ୍ତେ ।

ମାଡ୍ରାଜରେ ନୂଆ ଘରେ ଘରକରଣା ଆରମ୍ଭକଲାମାତ୍ରେ ତାର ଗୋଟିଏ ଅଂଶରେ ସେ ନିଜର 'ଚିନ୍ତାମଣି ମୁଦ୍ରଣାଳୟ' ଖୋଲିଥିଲେ ଓ ନିଜର ରଚନାର ସଙ୍କଳିତ ସଂସ୍କରଣ ଛାପିବା ଆରମ୍ଭ କରିଥିଲେ । ସେ ନିଜେ ନିଜର ସଙ୍କଳକ

ଥିଲେ ଓ ତା ସହିତ ନିଜେ ନିଜର ସମ୍ପାଦକ, ପ୍ରୁଫରିଡ଼ର ମଧ୍ୟ ଥିଲେ । ଆରମ୍ଭରୁ ଶେଷଯାଏ ତାହା କେବଳ ଜଣେ ବ୍ୟକ୍ତିର କାର୍ଯ୍ୟଥିଲା । ଅକ୍ଳାନ୍ତ ପରିଶ୍ରମ କରି ବଡ଼ ବଡ଼ ଦଶ ଭାଗର ମୁଦ୍ରଣ ଓ ପ୍ରକାଶନ କାର୍ଯ୍ୟ ସେ ଦୁଇବର୍ଷ ଭିତରେ ସମ୍ପୂର୍ଣ୍ଣ କରିଥିଲେ । 'ତେଲୁଗୁ କବିମାନଙ୍କର ଜୀବନୀ'କୁ ଦୁଇଭାଗରେ ବିଭକ୍ତ କରି ଓ ତହିଁରେ 'ଆତ୍ମକଥା' ମିଶାଇବାରୁ ତାଙ୍କ ସଂକଳିତ ସଂସ୍କରଣ ବାରଟି ଖଣ୍ଡରେ ପ୍ରକାଶ ପାଇଲା ଓ ସବୁ ମିଶାଇ ପ୍ରାୟ ଦଶହଜାର ପୃଷ୍ଠା ହେଲା ।

ଘରର ଗୋଟିଏ ଅଂଶରେ ମୁଦ୍ରଣାଳୟ ଖୋଲିବା ପରେ, ଦ୍ୱିତୀୟ ଅଂଶରେ ସେ ବିଧବାଗୃହ ଖୋଲିଥିଲେ । ପରବର୍ତ୍ତୀ ସାତବର୍ଷ ମଧ୍ୟରେ ସେ ଦଶଟି ବିଧବାଙ୍କର ବିବାହର ଆୟୋଜନ କରିଥିଲେ । ସେମାନେ ସମସ୍ତେ ଅନ୍ଧ୍ରବାସିନୀ ଥିଲେ । ସେମାନଙ୍କୁ ପାରମ୍ଭିକ ସାହାଯ୍ୟ କରିବା ଠାରୁ ସେମାନଙ୍କର ବିବାହ ପର୍ଯ୍ୟନ୍ତ ସେମାନଙ୍କର ରହିବା ଓ ଖିବାହର ସମସ୍ତ ଖର୍ଚ୍ଚ ସେ ନିଜେ, ନିଜ ଅର୍ଥରୁ ତୁଳାଇ ଥିଲେ । ସ୍ଥାନୀୟ ନାଗରିକ ମାନଙ୍କଠାରୁ ଯେଉଁ ନୈତିକ ଓ ଆର୍ଥିକ ସହାୟତା ତାଙ୍କୁ ମିଳିଥିଲା, ତାହା ଅତି ନଗଣ୍ୟ ଥିଲା । ନାଗରିକମାନଙ୍କର ଏହି ଉଦାସୀନତା ତାଙ୍କୁ ନିରୁତ୍ସାହିତ କରିବା ଅପେକ୍ଷା ଅଧିକ କାର୍ଯ୍ୟଦକ୍ଷ ହେବାପାଇଁ ପ୍ରେରଣା ଦେଇଥିଲା । ସେ 'ଦକ୍ଷିଣ ଭାରତୀୟ ବ୍ରାହ୍ମ ସମାଜ' ତଥା 'ଦକ୍ଷିଣ ଭାରତୀୟ ସମାଜ ସଂସ୍କାର ସଙ୍ଘ'ର ନେତୃତ୍ୱ ନେଇଥିଲେ । ବିଶେଷ ଜୋର ଦେବା ଫଳରେ ୧୮୯୮ରେ ସେ ମାନ୍ଦ୍ରାଜରେ ହୋଇଥିବା 'ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ' (ଇଣ୍ଡିଆନ ନ୍ୟାସନାଲ କଂଗ୍ରେସର)ର ବାର୍ଷିକ ଅଧିବେଶନ ସହିତ ସମ୍ପନ୍ନ ହୋଇଥିବା 'ଭାରତୀୟ ସମାଜ-ସଂସ୍କାର କଂଗ୍ରେସ'ର ସଭାପତିତ୍ୱ କରିଥିଲେ । ଦୁଇବର୍ଷ ପରେ କାକିନାଡ଼ାରେ ହୋଇଥିବା ମାନ୍ଦ୍ରାଜ୍ ସମାଜ-ସଂସ୍କାର ସମ୍ମେଳନ'ର ସେ ସଭାପତି ଥିଲେ । ସେ ପରବର୍ତ୍ତୀ ବର୍ଷ ମାନ୍ଦ୍ରାଜରେ ଅୟୋଜିତ ଭାରତୀୟ ରାଷ୍ଟ୍ରୀୟ ଈଶ୍ୱରବାଦୀ ସମ୍ମେଳନର ସଭାପତି ରୂପେ ମନୋନୀତ ହେଲେ । ସେ ଆହୁ କେତୋଟି ସମାଜ-ସଂସ୍କାରକାରୀ ଓ ଈଶ୍ୱରବାଦୀ ସମ୍ମିଳନୀର ସଭାରେ ନେତୃତ୍ୱ ନେଇଥିଲେ ଓ ପୂର୍ବରୁ ମଧ୍ୟ ଅନେକ ସଂସ୍ଥାର ନେତୃତ୍ୱ ନେବାର ଥିଲା ।

ମାନ୍ଦ୍ରାଜରେ ରହଣି ସମୟରେ ସେ ଜାଣିବାକୁ ପାଇଲେ ଯେ, ସ୍ଥାନୀୟ ବ୍ରାହ୍ମସମାଜ ଗୋଟିଏ ଅର୍ଦ୍ଧଭଗ୍ନ ଘରେ ଚାଲିଛି । ତାହାର ଭଡ଼ା ମଧ୍ୟ ବାକୀ ରହିଛି । ଏହି ମନ୍ଦ ଅବସ୍ଥାକୁ ସୁଧାରିବା ପାଇଁ ସେ ନିଜେ ପଇସା ଖର୍ଚ୍ଚ କରି, ଭଲ ଘରଟିଏ ତିଆରି କରି ତାକୁ ଏ ସଂସ୍ଥାକୁ ଦାନ କରିଦେଲେ । ଆଲଙ୍କାରିକ ଅର୍ଥରେ ହେଉ ବା ବାସ୍ତବ କ୍ଷେତ୍ରରେ ହେଉ, ସେ ଜଣେ କୁଶଳୀ ନିର୍ମାତା ଥିଲେ । ମାନ୍ଦ୍ରାଜର ବ୍ରାହ୍ମ ସମାଜ ଭବନ ଏହାର ପ୍ରଥମ ବା ଅନ୍ତିମ ଉଦାହରଣ ନ ଥିଲା, ଯାହା ପାଇଁ ସେ ମୁଖ୍ୟ ରୂପରେ ଦାୟୀଥିଲେ । ମାନ୍ଦ୍ରାଜ ଯାତ୍ରା କରିବା ପୂର୍ବରୁ ରାଜମହେନ୍ଦ୍ରୀ ଟାଉନ-

ହଲ୍‌କୁ ସେ ଅଧିକାଂଶତଃ ନିଜ ଖର୍ଚ୍ଚରେ ନିର୍ମାଣ କରିଥିଲେ । ସେହିଭଳି ସମ୍ପୂର୍ଣ୍ଣ ନିଜସ୍ୱ ବ୍ୟୟରେ ସେ ବାଙ୍ଗାଲୋରଠାରେ ଗୋଟିଏ ପ୍ରାର୍ଥନା ଭବନ ନିର୍ମାଣ କରିଥିଲେ । ଆଗରୁ କୁହାଯାଇଛି ସେ କପର ପିଠାପୁରମ୍‌ର ମହାରାଜାଙ୍କ ସହାୟତାରେ ରାଜମହେନ୍ଦ୍ରୀ ଥେଇଷ୍ଟିକ୍ ହାଇସ୍କୁଲ ପାଇଁ ବିରାଟ ଗୃହ ନିର୍ମାଣ କରାଇଥିଲେ । ରାଜମହେନ୍ଦ୍ରୀରେ ମଧ୍ୟ ସେ ବିଧବାଗୃହ, ରେସକ୍ୟୁ ହୋମ, ଟାଉନହଲର କିଛି ଅଂଶ ବଢ଼ାଇ ତହିଁରେ ଏକ ପ୍ରାର୍ଥନା ଘର ଏବଂ ନାରୀମାନଙ୍କର ପ୍ରାର୍ଥନା ସମାଜ ପାଇଁ ଗୋଟିଏ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଇଥିଲେ । ଏହି କୁଶଳୀ ନିର୍ମାତା ମଧ୍ୟ ଜଣେ କୁଶଳୀ ଉଦ୍ୟାନବିତ ଥିଲେ । ନିଜ ଜୀବନର ଶେଷ ଆଡ଼କୁ ଅତ୍ୟଧିକ ଗରମ ସମୟ ସେ ପ୍ରାୟ ବାଙ୍ଗାଲୋରରେ କଟାଉଥିଲେ । ଏଠାରେ ସେ ନିଜ ପାଇଁ ଏକ ଗ୍ରୀଷ୍ମ ନିବାସ କିଣିଥିଲେ ଏବଂ ସେହି ଜମିରେ ଗୋଟିଏ ସୁନ୍ଦର ବଗିଚା ତିଆରି କରିଥିଲେ । ଏହି ସମୟରେ ସେ ରାଜମହେନ୍ଦ୍ରୀରେ ସୁନ୍ଦର ଏବଂ ବିଶାଳ 'ରାଜଲକ୍ଷ୍ମୀ ଗାର୍ଡ଼ନସ'ର ଯୋଜନା ପ୍ରସ୍ତୁତ କରିଥିଲେ ।

ମାନ୍ଦ୍ରାଜରେ ରହୁଥିବା ସମୟରେ ଅଗ୍ରଜଙ୍କ ତାଙ୍କୁ ପ୍ରେସିଡ଼େନ୍‌ସି କଲେଜର 'ପ୍ରଥମ ତେଲୁଗୁ ପଣ୍ଡିତ' ପଦବୀରେ ଯୋଗଦେବା ପାଇଁ ନିମନ୍ତ୍ରଣ ଆସିଲା । ସେ ଉତ୍ତର ଦେଲେ ଯେ ଛୁଟି ଶେଷବେଳକୁ ସେ ଏ ବିଷୟ ବିଚାର କରି ଦେଖିବେ । ମାତ୍ର ତତ୍‌କାଳୀନ ଶିକ୍ଷା ନିର୍ଦ୍ଦେଶକ ମିଃ ଡନକାନ୍ ଜୋର ଦେଲେ ଯେ, ସେ ତୁରନ୍ତ ଆସି କାର୍ଯ୍ୟଭାର ସମ୍ଭାଳନ୍ତୁ ଓ ସେଥିପାଇଁ ସେ କୋକ୍‌କୋଣ୍ଡା ଭେଙ୍କଟରତ୍ନମ୍‌ଙ୍କୁ ପ୍ରେସିଡ଼େନ୍‌ସି କଲେଜରୁ ରାଜମହେନ୍ଦ୍ରୀ ଆର୍ଟସ କଲେଜକୁ ସ୍ଥାନାନ୍ତରିତ କରି ଦେଇଥିଲେ । ଯଦିଓ ନିଜର ନିଯୁକ୍ତି ଓ ତତ୍ ସହିତ କୋକ୍‌କୋଣ୍ଡାଙ୍କ ସ୍ଥାନାନ୍ତରଣ ପାଇଁ ବୀରେଶଲିଙ୍ଗମ୍ କୌଣସି ଚେଷ୍ଟା କରି ନ ଥିଲେ, ତଥାପି ତାଙ୍କର ଆଜୀବନ ବିରୋଧୀ କୋକ୍‌କୋଣ୍ଡା ଏହାକୁ ଭୁଲ୍ ବୁଝିଲେ । ରାଜମହେନ୍ଦ୍ରୀରେ ଗୋଟିଏ ସେଣ୍ଟ୍ରାଲ୍ ଜେଲ୍ ଥିଲା ଏବଂ ତା' ନିକଟ ଦେଇ ବହି ଯାଉଥିଲା ସୁବିଶାଳ ଗୋଦାବରୀ ନଦୀ । ସେଥିପାଇଁ 'ଗୋଦାବରୀ-ସ୍ନାନ'ର ସେତେବେଳେ ପ୍ରୟୋଗାତ୍ମକ ଅର୍ଥ ଥିଲା 'କାରାବାସ' । ରାଜମହେନ୍ଦ୍ରୀରେ ପହଞ୍ଚିବା ମାତ୍ରେ କୋକ୍‌କୋଣ୍ଡା ବୀରେଶଲିଙ୍ଗମ୍‌ଙ୍କୁ ଖୁବ୍ ଗୋଟିଏ କଡ଼ା ଚିଠି ଲେଖିଥିଲେ, ଯାହାର ଶେଷକୁ ସେ ଲେଖିଥିଲେ—"ତମ ଦୟାରୁ ମତେ 'ଗୋଦାବରୀ-ସ୍ନାନ' କରିବାର ସୌଭାଗ୍ୟ ମିଳି ପାରିଛି" ।

ଆଞ୍ଚଳିକ ଶିକ୍ଷା ବିଭାଗ ବୀରେଶଲିଙ୍ଗମ୍‌ଙ୍କ ପ୍ରତି ବହୁତ ଭଦ୍ରତା ପ୍ରଦର୍ଶନ କରିଥିଲା । ଏହି ବିଭାଗ ତାଙ୍କୁ 'ପାଠ୍ୟ-ପୁସ୍ତକ-କମିଟି'ର ସଦସ୍ୟ, 'ଦ୍ରାବିଡ଼ ଭାଷା ନିମିତ୍ତ ପାଠ୍ୟ-ପ୍ରଣୟନ କମିଟି'ର ସଦସ୍ୟ ଏବଂ ସବ୍-କଲେକ୍ଟରଙ୍କ ଭାଷା-ପରୀକ୍ଷା ନିମିତ୍ତ ତେଲୁଗୁ ପରୀକ୍ଷକ ଭାବେ ନିଯୁକ୍ତ କଲା । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟ ମଧ୍ୟ ତାଙ୍କୁ

ଖୁବ୍ ସମ୍ମାନ ଦେଲା । ଏହି ବିଶ୍ୱବିଦ୍ୟାଳୟ ତାଙ୍କୁ 'ଫେଲୋ' (Fellow) କଲା ତଥା ଅନେକ ବର୍ଷ ଯାଏ ପ୍ରଧାନ ତେଲୁଗୁ ପରୀକ୍ଷକ ଭାବେ ନିଯୁକ୍ତ କଲା ।

ତାଙ୍କର ମାନ୍ଦ୍ରାଜ ବିଷୟରେ କିଛି ଅଭିଯୋଗ ନ ଥିଲା; କେବଳ ଏତିକି ଯେ, ରାଜମହେନ୍ଦ୍ରୀରେ ଯେତେ ଶୀଘ୍ର ତାଙ୍କର ସମାଜ-ସେବା ଗତିବିଧିର ପ୍ରଗତି ହେଉଥିଲା, ସେତେ ପରିମାଣରେ ମାନ୍ଦ୍ରାଜରେ ହୋଇ ପାରୁ ନ ଥିଲା । ତଥାପି ତାଙ୍କ ପାଖରେ ଅନେକ କାମ ଥିଲା ଏବଂ ଏଠାରେ ତାଙ୍କୁ ଖୁବ୍ ଆଦର କରି ଯାଉଥିଲା । ତା' ସତ୍ତ୍ୱେ ବି ସେ ଏଠି ନିଃସଙ୍ଗ ବୋଧ କରୁଥିଲେ । ପିଲାଦିନେ କରୁଥିବା ଦୁଷ୍ଟାମି, ଯୁବାବସ୍ଥାରେ ନିଜ ପାଦରେ ଠିଆ ହେବାପାଇଁ କରିଥିବା ସଂଘର୍ଷ, ନିଜର ସାମର୍ଥ୍ୟଭରା ପୌରୁଷେୟ ଜୀବନର ଆରମ୍ଭରେ କରିଥିବା କଡ଼ା-ମିଠା ସଂଘର୍ଷ ତଥା ସହସ୍ର ମଧୁର ସ୍ମୃତି ତାଙ୍କୁ ତାଙ୍କ ନିଜ ସହରର ଆଡ଼କୁ ହାତଠାରି ଡାକୁଥିଲା । ଏଣୁ ବିଧି ଅନୁସାରେ ନିଜ ଚାକିରି ସମୟର ବର୍ଷେ ଆଗରୁ ସେ ଅବସର ଗ୍ରହଣ କରିବା ପାଇଁ ଆବେଦନ କଲେ । ଉଚ୍ଚ ଅଧିକାରୀଙ୍କ ଅନିଚ୍ଛା ସତ୍ତ୍ୱେ କିଛି ବିଳମ୍ବରେ ତାଙ୍କୁ ଅନୁମତି ମିଳିଲା । ମାନ୍ଦ୍ରାଜରେ ଥିବା ନିଜ ଘର ତଥା ଅନ୍ୟାନ୍ୟ ସମ୍ପତ୍ତି ବନ୍ଦୋବସ୍ତ କରିବାପାଇଁ ତାଙ୍କୁ ନଅ ମାସ ଲାଗିଲା ଓ ତା'ପରେ ସେ ରାଜମହେନ୍ଦ୍ରୀ ଫେରିଲେ । ତାଙ୍କର ମାସିକ ଚବିଶ ଟଙ୍କା ପେନ୍‌ସନ ମଞ୍ଜୁର ହୋଇଥିଲା ।

୧୯୦୫ ମସିହାର ପ୍ରାରମ୍ଭରେ ରାଜମହେନ୍ଦ୍ରୀ ଫେରିବା ପରେ ବୀରେଶଲିଙ୍ଗମ୍ ନିଜ କାର୍ଯ୍ୟର ଛିଣ୍ଡି ଯାଇଥିବା ସୂତାକୁ ସଜାଡ଼ିବା ଆରମ୍ଭ କଲେ । କିନ୍ତୁ ଏ କାର୍ଯ୍ୟ ଏତେ ସହଜ ନ ଥିଲା । ତାଙ୍କର ଅଧିକାଂଶ ପୁରୁଣା ବନ୍ଧୁ ଓ ସହଯୋଗୀ ମରି ଯାଇଥିଲେ, ନଚେତ୍ ସେ ସ୍ଥାନ ଛାଡ଼ି ଚାଲି ଯାଇଥିଲେ । ସାତ ବର୍ଷ ଧରି ତାଙ୍କର ଅନୁପସ୍ଥିତି ପରେ ସହରରେ କେତେ ନୂଆ ମୁହଁ ଦେଖା ଦେଇଥିଲା । ଯୁବକମାନଙ୍କ ସହିତ ସେ ଏବେ ଘନିଷ୍ଠ ସମ୍ବନ୍ଧ ସ୍ଥାପନ କରି ପାରୁ ନ ଥିଲେ । ତା'ଛଡ଼ା ତାଙ୍କର ପରମାୟୁ ଉତ୍ତୀର୍ଣ୍ଣ ଯୌବନର ଷଷ୍ଠ ଦଶକର ଉତ୍ତରାର୍ଦ୍ଧରେ ପହଞ୍ଚି ସାରିଥିବାରୁ ନିଜର ଶାରୀରିକ ଶକ୍ତି ଓ ବୟସକୁ ଅବହେଳା କରାଯାଇ ପାରୁ ନ ଥିଲା । ତଥାପି ନିଜ କାର୍ଯ୍ୟକୁ ପୁଣି ଥରେ ସକ୍ରିୟ କରାଇବାକୁ ତାଙ୍କୁ ବେଶି ଡ଼େରି ଲାଗି ନ ଥିଲା ।

ପୁନରୁତ୍‌ଥାନ-ଶକ୍ତି ତାଙ୍କ ଭିତରେ ଏଭଳି ଥିଲା ଯେ, ଫେରିବାର କେତୋଟି ମାସ ଭିତରେ ବାଳିକା ପାଠଶାଳା, ସାପ୍ତାହିକ ପତ୍ରିକା, ବିଧବାଗୃହ, ନାରୀନିକେତନ, ରେସକ୍ୟୁ ହୋମ ଓ ଅନାଥାଶ୍ରମ ଆଦି ସେ ସ୍ଥାପନ କରି ପାରିଲେ । ନିଜର ମୃତ୍ୟୁ ପରେ ମଧ୍ୟ କାର୍ଯ୍ୟ ସୁରୁଖୁରୁ ରୂପେ ହେବା ପାଇଁ ସେ ୧୨ଡିସେମ୍ବର ୧୯୦୬ ମସିହାରେ ୩୭ ଜଣ ସଦସ୍ୟ ବିଶିଷ୍ଟ 'ହିତକାରିଣୀ ସମାଜ'ର ସ୍ଥାପନା କଲେ ଏବଂ ଏହି ସଂସ୍ଥାକୁ ନିଜର ସମସ୍ତ ଅଚଳାଚଳ ସମ୍ପତ୍ତି, ହାତରେ ଥିବା ଟଙ୍କା, ନିଜ ଲେଖାର ସମସ୍ତ ସତ୍ତ୍ୱ, ପୁସ୍ତକାଳୟ ଓ ବୀମା ପଲିସିର ଉତ୍ତରାଧିକାରୀ କରି

ଦେଇଗଲେ । ଏହି ଦାନର ସାମଗ୍ରିକ ମୂଲ୍ୟ ଥିଲା ୫୪୧,୫୦୦ । ଏହାର ପ୍ରତ୍ୟେକଟି ପଇସା ତାଙ୍କର ଝାଳବୁହା ଧନ ଥିଲା । ଜୀବନର ଶେଷକାଳ ପର୍ଯ୍ୟନ୍ତ ସେ ନିଜ ଖର୍ଚ୍ଚ ପାଇଁ କେବେ କାହାଠୁଁ ଆର୍ଥିକ ସାହାଯ୍ୟ ନେଇ ନ ଥିଲେ କିମ୍ବା ମୂଲ୍ୟବାନ୍ ଉପହାର ଗ୍ରହଣ କରି ନ ଥିଲେ । ବିଜୟନଗରମ୍ ଓ ପିଠାପୁରମ୍ ମହାରାଜାଙ୍କର ପର୍ଯ୍ୟାପ୍ତ ଅର୍ଥଦାନକୁ ସେ ସମସ୍ତ ସୌଜନ୍ୟତାର ସହିତ ମନା କରି ଦେଇଥିଲେ । ଦିନକର କଥା, ବିଜୟନଗରମ୍‌ର ମହାରାଜାଙ୍କର ସେ ଅତିଥି ହୋଇ ଯାଇଥିଲେ । ମାତ୍ର ସେ ନିଜ ନିମନ୍ତ୍ରଣକାରୀଙ୍କ ଅଜାଣତରେ ଜାଣିଶୁଣି ରେଳ-ଗାଡ଼ିରେ ରାଜମହେନ୍ଦ୍ରୀ ଲେଉଟି ଆସିଥିଲେ, କାରଣ ତା' ପରଦିନ ବିଶେଷ ଦରବାରରେ ତାଙ୍କୁ ଭେଟି ଦିଆଯିବାକୁ ଥିବା ଅର୍ଥକୁ ସମସ୍ତଙ୍କ ସାମ୍ନାରେ ଅସ୍ୱୀକାର କରିବାର ଅପ୍ରୀତିକର ପରିସ୍ଥିତିରୁ ରକ୍ଷା ପାଇବାକୁ ଇଚ୍ଛା କରିଥିଲେ ।

ଅଧିକ ସମୟ ପର୍ଯ୍ୟନ୍ତ ସର୍ବଦା କାର୍ଯ୍ୟକରିବା ହେତୁ ତଥା ଗ୍ରୀଷ୍ମାଗମ ଜନିତ ଗରମ ହେତୁ ସେ ୧୯୦୭ ମସିହାରେ ବେହୋସ ହୋଇଗଲେ, ଏବଂ ଅନେକ ସପ୍ତାହ ପର୍ଯ୍ୟନ୍ତ ବିଛଣାରେ ଶୋଇ ରହିଲେ । ସେହି ସମୟରେ ପରିଭ୍ରମଣରେ ଆସିଥିବା ଶିବନାଥ ଶାସ୍ତ୍ରୀ ତାଙ୍କ ପାଖରେ ଆସି ରହିଥିଲେ । ବୀରେଶଲିଙ୍ଗମ୍ କଲିକତା ଯିବାକୁ ଇଚ୍ଛା ପ୍ରକାଶ କରିଥିଲେ, ମାତ୍ର ଶାସ୍ତ୍ରୀ ମହାଶୟ ତାଙ୍କୁ କିଛିଦିନ ପାଇଁ ଏ କାର୍ଯ୍ୟରୁ ନିବୃତ୍ତ ହେବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ବୀରେଶଲିଙ୍ଗମ୍‌ଙ୍କ ପାଇଁ ଚିନ୍ତା କରିବାର ଅର୍ଥ ଥିଲା କାର୍ଯ୍ୟରେ ପରିଣତ କରିବା । ତେଣୁ ଶାସ୍ତ୍ରୀଙ୍କ ସହିତ ବୀରେଶଲିଙ୍ଗମ୍ ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ଧରି ଏପ୍ରିଲ୍ ମାସରେ କଲିକତା ଯାତ୍ରା କରିଥିଲେ । ସେମାନେ ଭୁବନେଶ୍ୱରରେ ତାଙ୍କ ଯାତ୍ରା ସ୍ଥଗିତ କରି ସହର ତଥା ଆଖପାଖରେ ଥିବ ସବୁ ଦର୍ଶନୀୟ ସ୍ଥାନ ଦେଖିଥିଲେ । କଲିକତାରେ ସେମାନେ ଶାସ୍ତ୍ରୀଙ୍କ ଅତିଥି ହୋଇଥିଲେ । ଏଠି ତାଙ୍କୁ ପ୍ରଭୂତ ସମ୍ମାନ ମିଳିଥିଲା । ସାଧାରଣ ବ୍ରାହ୍ମ ସମାଜ ଯାହାର ମୂଳାଧାର ଥିଲେ ଶାସ୍ତ୍ରୀ ମହାଶୟ ଓ ଆଦି ବ୍ରାହ୍ମ ସମାଜ ଓ ନବବିଧାନ ସମାଜ ପକ୍ଷରୁ ତାଙ୍କୁ ମାନପତ୍ର ଦିଆ ଯାଇଥିଲା । ନିଜ ବନ୍ଧୁ ତଥା ପ୍ରଶଂସକଙ୍କ ଗହଣରେ ଗୋଟିଏ ଅତି ବ୍ୟସ୍ତ ସପ୍ତାହ ବିତାଇ ସେ ଫେରିଲେ । ଏଥରକ ସେ କଟକରେ ଯାତ୍ରା ସ୍ଥଗିତ କଲେ । ଏଠାରେ ମଧ୍ୟ କେତେକ ସାର୍ବଜନୀନ ସଭାରେ ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରା ଯାଇଥିଲା ।

ଏହା ପରେ ପରେ ସେ ତୁରନ୍ତ ପତ୍ନୀଙ୍କ ସହ ବାଙ୍ଗାଲୋର ଗଲେ ଏବଂ ସେଠାରେ ଗ୍ରୀଷ୍ମମାସ ଗୁଡ଼ିକ ଅତିବାହିତ କଲେ । ଏ ସହରକୁ ଏହା ତାଙ୍କର ପ୍ରଥମ ଯାତ୍ରା ଥିଲା । ପରବର୍ତ୍ତୀ କେତେ ବର୍ଷ ସେ ପ୍ରତ୍ୟେକ ଗ୍ରୀଷ୍ମକାଳ କଟାଇବା ପାଇଁ ଏଠାକୁ ଆସିଥିଲେ । କର୍ଣ୍ଣାଟକକୁ ପ୍ରଥମ ଯାତ୍ରା କାଳରେ ସେ ମହୀଶୂର,

କୋଲାର, ଶିବସମୁଦ୍ରମ୍ ତଥା ଅନ୍ୟ କେତେକ ସ୍ଥାନ ଭ୍ରମଣ କରିଥିଲେ ଓ ପ୍ରତ୍ୟେକ ସ୍ଥାନରେ ତାଙ୍କ ଉପରେ ସମ୍ମାନ ବୃଷ୍ଟି ହୋଇଥିଲା ।

ତାଙ୍କର ପରବର୍ତ୍ତୀ ଲମ୍ବା ଯାତ୍ରା ୧୯୦୯ରେ ଆରମ୍ଭ ହୋଇଥିଲା—ଯେତେବେଳେ ସେ 'ହିତକାରିଣୀ ସମାଜ' ପାଇଁ ଅର୍ଥ ସଂଗ୍ରହ କରିବାଲାଗି ସିକନ୍ଦରାବାଦ, ବମ୍ବେ, ପୁନା ଓ ବେଙ୍ଗାଲୋର ଯାଇଥିଲେ । ଏଥରକ ମଧ୍ୟ ତାଙ୍କ ପତ୍ନୀ ତାଙ୍କ ସହିତ ଥିଲେ । ଅନ୍ୟ ସ୍ଥାନ ଭଳି ଏସବୁ ଜାଗାରେ ମଧ୍ୟ ତାଙ୍କର ଭବ୍ୟ ସ୍ୱାଗତ କରାଯାଇଥିଲା । ବମ୍ବେଠାରେ ସେ 'ଇଣ୍ଡିଆନ୍ ସୋସିଆଲ ରିଫର୍ମର' (ଭାରତୀୟ ସମାଜ ସଂସ୍କାରକ) ପତ୍ରିକାର ପ୍ରସିଦ୍ଧ ସମ୍ପାଦକ କେ. ନଟରାଜନଙ୍କ ଅତିଥି ହୋଇଥିଲେ । ତାଙ୍କ ସମ୍ମାନ ପାଇଁ ହୋଇଥିବା ସମାରୋହର ସଭାପତି ପଦ ନ୍ୟାୟାଧୀଶ ଚନ୍ଦାବରକର ଗ୍ରହଣ କରିଥିଲେ । କେ. ନାଗେଶ୍ୱର ରାଓ, ଯିଏ ପରବର୍ତ୍ତୀ କାଳରେ ଆନ୍ଧ୍ର ପ୍ରଦେଶର ପ୍ରମୁଖ ନେତା ମଧ୍ୟରୁ ଜଣେ ଥିଲେ, 'ହିତକାରିଣୀ ସମାଜ' ପାଇଁ ୧୦୦ ଟଙ୍କା ସଂଗ୍ରହ କରିବାରେ ନଟରାଜନଙ୍କୁ ସାହାଯ୍ୟ କରିଥିଲେ । ପୁନାରେ ସେ ମହର୍ଷି କର୍ଭେଙ୍କ ଅତିଥି ହୋଇଥିଲେ । ମହର୍ଷିଙ୍କ ଦ୍ୱାରା ସଂସ୍ଥାପିତ 'ବିଧବାଶ୍ରମ'ର କାର୍ଯ୍ୟ ଅନୁଧ୍ୟାନ କରିବା ପାଇଁ ସେ ଗୋଟିଏ ଦିନ ହାତରେ ରଖିଥିଲେ । ଯାତ୍ରାର ପ୍ରଥମ ଭାଗରେ ସିକନ୍ଦରାବାଦରେ ଡାଃ ଏମ୍. ଗୋବିନ୍ଦରାଜୁଲୁ ନାଇଡୁ ଓ ତାଙ୍କ ପତ୍ନୀ ସରୋଜିନୀ ନାଇଡୁ ବୀରେଶଲିଙ୍ଗମଙ୍କର ଅଭ୍ୟର୍ଥନା କରିଥିଲେ । ସରୋଜିନୀ ବେମାର ଥିଲେ, ତଥାପି ସେ ନିଜ ବିଛଣା ପାଖକୁ ନିଜ ପିଲାମାନଙ୍କୁ ଡାକି ବୀରେଶଲିଙ୍ଗମ୍‌ଙ୍କୁ 'ପ୍ରିୟ ଅଜା' ବୋଲି କହି ପରିଚିତ କରାଇ ଦେଇଥିଲେ । ସେ ବୀରେଶଲିଙ୍ଗମ୍‌ଙ୍କ ନିକଟରେ ଗଭୀରଭାବେ ଋଣୀ ଥିଲେ । କାରଣ ତାଙ୍କ ବିବାହ କାଳରେ ବୀରେଶଲିଙ୍ଗମ୍ ପୁରୋହିତର କର୍ମ ସ୍ୱୀକାର କରି ନେଇଥିଲେ ।

ଏହାର ପରବର୍ତ୍ତୀ ବର୍ଷଟି ବୀରେଶଲିଙ୍ଗମ୍‌ଙ୍କ ପାଇଁ ଅତ୍ୟନ୍ତ ଅନ୍ଧକାରପୂର୍ଣ୍ଣ ଥିଲା । ଅଗଷ୍ଟ ୧୧ ତାରିଖରେ ଶୋଇଥିଲାବେଳେ ତାଙ୍କ ପତ୍ନୀ ପ୍ରାଣତ୍ୟାଗ କରିଥିଲେ । ସବୁଦିନ ପରି ସେ ଶୋଇବାକୁ ଯାଇଥିଲେ, ମାତ୍ର ତାହା ତାଙ୍କର ଚିରନିଦ୍ରାରେ ପରିଣତ ହୋଇଥିଲା । ସାଧାରଣତଃ ତାଙ୍କର ସ୍ୱାସ୍ଥ୍ୟ ଉତ୍ତମ ଥିଲା, କିନ୍ତୁ ତାଙ୍କର ଅନ୍ତିମ କ୍ଷଣ ହଠାତ୍ ଆସିଯାଇଥିଲା । ବୀରେଶଲିଙ୍ଗମ୍ ଏପରି ଏକ ଅଭାବନୀୟ ଘଟଣାକୁ ଆଶା କରି ନଥିଲେ; ତେଣୁ ସକାଳ ହେବାପରେ ତାଙ୍କ ପତ୍ନୀ କାହିଁକି ଡେରିଯାଏ ଶୋଇ ରହିଛନ୍ତି ବୋଲି ସେ ଆଶ୍ଚର୍ଯ୍ୟ ହୋଇଥିଲେ । ଡାକ୍ତରଙ୍କୁ ଡାକି ସ୍ତ୍ରୀଙ୍କର ମୃତ୍ୟୁ ସମ୍ବାଦ ଜାଣିବାପରେ ମଧ୍ୟ ସେ ଏକଥା ବିଶ୍ୱାସ କରି ପାରି ନଥିଲେ । ସେଦିନର ଡାଏରୀରେ ସେ ଲେଖିଥିଲେ—

"କୌଣସି ପୁରୁଷ ଉପରେ ସବୁଠାରୁ ଯେଉଁ ବଡ଼ ଦୁର୍ଭାଗ୍ୟ ପଡ଼ିପାରେ ତାହା ମୋ ଉପରେ ସେଦିନ ରାତି ଗୋଟାଏବେଳେ ପଡ଼ିଥିଲା । ମୋର ପ୍ରିୟତମା

ପତ୍ନୀ ରାଜଲକ୍ଷ୍ମୀ, ହୃଦୟର ଗତି ବନ୍ଦ ହୋଇଯିବାରୁ ଶେଷ ନିଃଶ୍ୱାସ ତ୍ୟାଗକଲେ··· ତାଙ୍କ ଆତ୍ମାର ସଦ୍‌ଗତି ହେଉ ।"

ପତ୍ନୀଙ୍କ ମୃତ୍ୟୁ ପରେ ବୀରେଶଲିଙ୍ଗମ୍‌ଙ୍କର ଆଉ ପୂର୍ବର ବ୍ୟକ୍ତିତ୍ୱ ରହି-ନଥିଲା । ତାଙ୍କର ସେହି ଚିର ଉତ୍ଫୁଲ୍ଲତା ହଜିଯାଇଥିଲା ଏବଂ ତା' ସହିତ ସଂଘର୍ଷ କରିବାର ଭାବନାକୁ ମଧ୍ୟ ସେ ହରାଇ ଦେଇଥିଲେ । ଜୀବନ ପ୍ରତି ତାଙ୍କର ପୂର୍ବର ଅନୁରାଗ ମଧ୍ୟ ନଥିଲା । ପତ୍ନୀଙ୍କ ଦେହାନ୍ତ ପରେ ସେ ନଅବର୍ଷ ଜୀବିତ ରହିଥିଲେ, କିନ୍ତୁ ସେହି ବର୍ଷଗୁଡ଼ିକ ତାଙ୍କପାଇଁ ଦୁଃଖ, ବେଦନା ଓ ନିରାଶମୟ ଥିଲା । ସ୍ତ୍ରୀ ପାଖରେ ଥିଲାବେଳେ ସେ ବିନା ଦ୍ୱନ୍ଦରେ ପ୍ରତ୍ୟେକ ଅଭାବନୀୟ ଘଟଣା, ନିନ୍ଦା ବା ବିଫଳତାର ସମ୍ମୁଖୀନ ହୋଇ ପାରୁଥିଲେ । ସ୍ତ୍ରୀଙ୍କ ଅନୁପସ୍ଥିତିରେ ସେ ନିଜକୁ ଏକୁଟିଆ, ଦୁର୍ବଳ ଓ ନିଃସଙ୍ଗ ଅନୁଭବ କରିଥିଲେ । ତାଙ୍କର ବୃଦ୍ଧାବସ୍ଥାରେ ତାଙ୍କର ଶତ୍ରୁଙ୍କ ସଂଖ୍ୟା ନ କମି ବରଂ ବଢ଼ିଚାଲିଲା । ସେମାନେ ନୀଚ ଓ ପ୍ରତିହିଂସା ପରାୟଣ ଥିଲେ ଏବଂ ଅତି ନିର୍ଦ୍ଦୟ ଭାବରେ ତାଙ୍କୁ ଆକ୍ରମଣ କରିବାକୁ ପଛାଉ ନଥିଲେ । ନିଜର କୁ-ଭାବନା ଓ କୁ-ଭାଷାରେ ସେମାନେ ବୀରେଶଲିଙ୍ଗମ୍‌ଙ୍କର ଜୀବନର ଅନ୍ତିମ ବର୍ଷଗୁଡ଼ିକୁ ଅନ୍ଧକାରମୟ କରିଦେଇଥିଲେ । ଶେଷ ପର୍ଯ୍ୟନ୍ତ ବୀରେଶଲିଙ୍ଗମ୍ ସେମାନଙ୍କ ସହିତ ଲଢ଼ାଇ କରିଥିଲେ, ଯଦିଓ ପୂର୍ବପରି ସେ ସାହସ ସଞ୍ଚୟ କରି ପାରୁ ନଥିଲେ । ଦାସବରାଜୁ ଗବର ରାଜୁଙ୍କ ପରେ ତାଙ୍କର ନିକଟତମ ସହଯୋଗୀମାନଙ୍କ ମଧ୍ୟରୁ ଜଣେ, ଦେସିରାଜୁ ପେଦା ବାପ୍ପାୟାଙ୍କ ୧୯୦୯ ମସିହାରେ ମୃତ୍ୟୁ ସମ୍ବାଦ ତାଙ୍କ ମନର ନିଃସଙ୍ଗତାକୁ ଆହୁରି ବଢ଼ାଇ ଦେଇଥିଲା ।

ସାରାଜୀବନ କାର୍ଯ୍ୟରତ ବ୍ୟକ୍ତିଙ୍କ ପରି, ବୀରେଶଲିଙ୍ଗମ୍‌ଙ୍କ ଅନ୍ତିମ କ୍ଷଣ ମଧ୍ୟ ନିଜ ହାତରେ କଲମଧରି ଲେଖୁଥିବା ସମୟରେ ଆସିଥିଲା । "ବିଜ୍ଞାନ ଚନ୍ଦ୍ରିକା ଗ୍ରନ୍ଥମଣ୍ଡଳୀ" ନାମକ ତେଲୁଗୁର ପ୍ରସିଦ୍ଧ ଘରୋଇ ପୁସ୍ତକାଳୟ ଯୋଜନାର ଉଦ୍ୟୋକ୍ତା କେ· ଵି. ଲକ୍ଷ୍ମଣ ରାଓଙ୍କ ସହିତ ବୀରେଶଲିଙ୍ଗମ୍ ମାନ୍ଦ୍ରାଜରେ ଗ୍ରୀଷ୍ମ ଅବକାଶ ବିତାଉଥିଲେ । ସେହି ବ୍ୟକ୍ତି ହିଁ ବୀରେଶଲିଙ୍ଗମ୍‌ଙ୍କୁ ଆତ୍ମକଥା ଲେଖିବା' ପାଇଁ ଜୋର ଦେଇଥିଲେ । ନିଜର ଦୃଢ଼ତା ଯୋଗୁଁ ସେ ବୀରେଶଲିଙ୍ଗମ୍‌ଙ୍କୁ ରାଜି କରାଇ ପାରିଥିଲେ ଯେ ତିନି ଖଣ୍ଡରେ ତାଙ୍କର 'ଆତ୍ମକଥା'କୁ ସମ୍ପୂର୍ଣ୍ଣ କରି ଯାଇପାରେ । ଲକ୍ଷ୍ମଣ ରାଓଙ୍କର ମାନ୍ଦ୍ରାଜସ୍ଥିତ ଘର 'ବେଦ ବିଲାସ'ରେ ରହିବା ସମୟରେ ବୀରେଶଲିଙ୍ଗମ୍ ଆତ୍ମକଥାର ସୂତ୍ର ସେହିଠାରୁ ଧରି ପାରିଥିଲେ ଯେଉଁଠାରୁ ସେ ପ୍ରଥମେ ଛାଡ଼ି ଦେଇଥିଲେ । ତାଙ୍କର ହାତ ଥରୁଥିଲା, ଦୃଷ୍ଟି ଶକ୍ତି କ୍ଷୀଣ ଥିଲା, ତଥାପି ଅଳ୍ପ କେତେଦିନ ମଧ୍ୟରେ ପ୍ରାୟ ଚାଳିଶ ପୃଷ୍ଠା ଲେଖି ପକାଇଥିଲେ । ମେ ମାସ ୨୭ ତାରିଖରେ ସେ ୪୫ ପୃଷ୍ଠା ଲେଖୁଥିଲା ବେଳେ ହଠାତ୍ ଗୋଟିଏ ବାକ୍ୟ ମଝିରେ ତାଙ୍କ ହାତରୁ କଲମ ଖସି ପଡ଼ିଥିଲା । ତାଙ୍କ ପରି ଜଣେ ଆଜନ୍ମ ଲେଖକ

ପାଇଁ ଏହି ଘଟଣାଟି ଅତି ପ୍ରତୀକାତ୍ମକ ଥିଲା । ସେହି କ୍ଷଣରେ ସେ ବୁଝିପାରିଥିଲେ ଯେ, ସେ ଯାତ୍ରାର ଶେଷରେ ପହଞ୍ଚି ଯାଇଛନ୍ତି । ଘରଟି ଅସ୍ୱାଭାବିକ ଭାବରେ ନିଥର ଶାନ୍ତଥିଲା । ଲକ୍ଷ୍ମଣ ରାଓ ବାହାରକୁ ଯାଇଥିଲେ, କିନ୍ତୁ ତାଙ୍କର ଯୁବକ ବନ୍ଧୁ ଓ ସାଥୀ ଡାଃ ଏ. ଲକ୍ଷ୍ମୀପତି ତ ଘରେ କେଉଁଠି ଥିଲେ । ବୀରେଶଲିଙ୍ଗମ୍ ତାଙ୍କୁ ଡକେଇଲେ ଏବଂ ଏହି ଯୁବ ଡାକ୍ତରଙ୍କୁ 'ଆତ୍ମକଥା'ର ଲେଖା ଯାଇଥିବା ପୃଷ୍ଠାଗୁଡ଼ିକ ଦେଲେ ଓ ନିଜ ବିଦାୟୀ ସମ୍ବାଦ ଲେଖାଇଲେ । ତାହା ଥିଲା ଏହିଭଳି—

> ନିଜ ଜୀବନରେ ହାତକୁ ନେଇଥିବା ଅନେକ କାମକୁ ପୂର୍ଣ୍ଣ ନ କରିପାରି ମୁଁ ଯାଉଛି । ମୁଁ ଆଶା କରୁଛି ଏବଂ ବିଶ୍ୱାସ ରଖୁଛି ଯେ, ମୋର ବନ୍ଧୁ ଓ ସାଥୀଗଣ ତଥା ସଂସ୍କାରପ୍ରେମୀମାନେ ମୋର ଅସମ୍ପୂର୍ଣ୍ଣ କାମକୁ ଚାଲୁ ରଖିବେ । ଆମ ଲୋକଙ୍କ ଭିତରୁ ଅନେକେ ଅଜ୍ଞତା ଓ ଅନ୍ଧବିଶ୍ୱାସ ଭାବରେ ଅବନତ ଏବଂ ସେମାନେ ଜୀବନର ସବୁ ଭଲ ଜିନିଷରୁ ବଞ୍ଚିତ । ଏହା ଆପଣମାନଙ୍କର କର୍ତ୍ତବ୍ୟ ଯେ, ଆପଣମାନେ ତାଙ୍କୁ ଶିକ୍ଷା ଓ ଜ୍ଞାନାଲୋକ, ସ୍ୱଚ୍ଛନ୍ଦ ଓ ସ୍ୱାଧୀନତା, ସମାନତା ତଥା ନ୍ୟାୟ ଦିଅନ୍ତୁ । ମୁଁ ଆପଣମାନଙ୍କୁ ପ୍ରାର୍ଥନା କରୁଛି, ଭିକ୍ଷା ମାଗୁଛି ଯେ, ଏଇ ଲକ୍ଷ ଲକ୍ଷ ମୂକ ଜନତା ପାଇଁ ଯାହା କିଛି ସମ୍ଭବ କରନ୍ତୁ ।

ଶେଷ ନିଃଶ୍ୱାସ ସହିତ ସେ ନିଜର ଶେଷ ସମ୍ବାଦ ପୂରା କରିଥିଲେ । ସେଇ-ଅନ୍ଧକାର ଦିନଟିରେ ଗୋଟିଏ ମହାନ୍ ଜୀବନର ଦୀପ ଲିଭିଗଲା ଏବଂ ଭାରତ ମାତା ତାଙ୍କର ଗୋଟିଏ ବୀର ମହାପୁରୁଷ ଓ ମହାନ୍ ପୁତ୍ରକୁ ହରାଇ ବସିଲା ।

□□□

ବ୍ୟକ୍ତି ଓ ତାଙ୍କ ସାଫଲ୍ୟ

ବୀରେଶଲିଙ୍ଗମ୍‌ଙ୍କ ପ୍ରତି ପ୍ରକୃତି ବିଶେଷ ଦୟାଳୁ ନ ଥିଲା । ସେ ତାଙ୍କୁ ସୁନ୍ଦର ଶରୀର ଦେଇ ନ ଥିଲା, କି ଖୁବ୍ ସ୍ୱାସ୍ଥ୍ୟବାନ୍ କରି ନ ଥିଲା, କିମ୍ବା ଦେଇ ନ ଥିଲା ଧୈର୍ଯ୍ୟଶୀଳ ସ୍ୱଭାବ । ତାଙ୍କର ଅନେକ ଶାରୀରିକ ଅସୁସ୍ଥତାକୁ ତଥା ସ୍ୱଭାବଗତ ଦୋଷକୁ, ଇଚ୍ଛାଶକ୍ତିର ସର୍ବୋତ୍ତମ ପ୍ରୟାସ ଦ୍ୱାରା ବହୁ ମଙ୍ଗଳକାରୀ କାର୍ଯ୍ୟରେ ରୂପାନ୍ତରିତ କରିବାରେ ହିଁ ତାଙ୍କ ବଡ଼ପଣ ନିହିତ ଥିଲା । ନିଜ ଶାରୀରିକ ଦୁର୍ବଳତା ହେତୁ ସୃଷ୍ଟି ହେଉଥିବା ଅସହିଷ୍ଣୁତାକୁ ସେ ସବୁପ୍ରକାର ଅନ୍ଧବିଶ୍ୱାସ ଜନିତ ଆଚରଣ ଓ ଭୟ ପ୍ରତି ନିଜର ଅସହିଷ୍ଣୁତାରେ ରୂପାନ୍ତରିତ କରି ଦେଇଥିଲେ । ସେ ଶ୍ୱାସରୋଗ ଜନିତ ନିଜର ନିଦ୍ରାହୀନ ଦୀର୍ଘ ରାତିସବୁକୁ ବିଭିନ୍ନ ଗୁରୁତର କାର୍ଯ୍ୟର ଦୀର୍ଘ ଅଧିବେଶନରେ ପରିଣତ କରି ଦେଇଥିଲେ । ପ୍ରତ୍ୟେକ କାର୍ଯ୍ୟରେ ନିଜର ମନୋନୀତ ରାସ୍ତା ବାଛି ନେବାର ତାଙ୍କର ଯେଉଁ ମନୋଭାବ, ସେ ତାକୁ କଠିନତମ କାର୍ଯ୍ୟ ମଧ୍ୟରୁ ସଫଳ ମାର୍ଗ ବାଛି ନେବା ପାଇଁ ପଦ୍ଧତିରେ ପରିବର୍ତ୍ତିତ କରିଥିଲେ । ନିଜର କ୍ରୋଧାଗ୍ନିର ସୁଉଚ୍ଚ ଲେଲିହାନ ଶିଖାକୁ ସେ ଶାଣିତ ତରବାରୀ ପରି କରି ଦେଇଥିଲେ, ଯଦ୍ୱାରା ସେ, ଭଦ୍ର ନ୍ୟାୟଶୀଳ ଓ ରୁଚିଶୀଳ ବିଚାରକୁ ପରିହାସ କରୁଥିବା ଅନ୍ୟାୟ ଓ ଅମାନୁଷିକ ବ୍ୟବହାର ସହ ସଂଗ୍ରାମ କରି ପାରୁଥିଲେ । ପରିଶେଷରେ ସେ ନିଜର ଦୃଢ଼ ତଥା ନିଷ୍ଠାପର ଉତ୍ସାହ ଓ କାର୍ଯ୍ୟରୁ ଏପରି ଅମାନୁଷିକ ଶକ୍ତି ପାଉଥିଲେ ଯେ, ତାହାର ସାହାଯ୍ୟରେ ସେ ନିଜ ଚଲାପଥର ସମସ୍ତ ପ୍ରତିବନ୍ଧକକୁ ଦୂର କରି ପାରୁଥିଲେ ।

ତାଙ୍କର ଶାରୀରିକ ଗଠନ ଓ ବେଶଭୂଷା ଚିତ୍ତାକର୍ଷକ ନ ଥିଲା । ତାଙ୍କ ଗଠନ ଶ୍ଲେଟ ଓ ଶରୀର ଥିଲା କ୍ଷୀଣ । ଅଧିକାଂଶ ସମୟ ସେ ଧୋତି ଓ ବନ୍ଦ କଲର୍‌ବାଲା କୋର୍ଟ ପିନ୍ଧୁଥିଲେ ଓ ପଗଡ଼ି ବାନ୍ଧୁଥିଲେ । ଶୀତ ଦିନମାନଙ୍କରେ ସେ ବେକରେ ମଫଲର୍ ଗୁଡ଼ାଇ ଦେଉଥିଲେ । ତାଙ୍କର ଧୋତି ସର୍ବଦା ସାଦାସିଧା ଓ ସଫାସୁତୁରା ଥିଲା । କୋର୍ଟର ରଙ୍ଗ ଫିକା ଏବଂ କଟିଂ ନୋଗ୍ୟକୋଗ୍ୟ । ପଗଡ଼ି ବିନା ଯତ୍ନରେ ବନ୍ଧା ହେଲା ଭଳି ଦିଶୁଥିଲା । ମାତ୍ର ଏ ସବୁ ପଛରେ ସେହି ବ୍ୟକ୍ତିଟିର ଅଭ୍ରାନ୍ତ ମହତ୍ତ୍ୱ ରହିଥିଲା, ଯିଏ ଜଗତର ଦୁଃଖ ସବୁକୁ ନିଜର କରି ନେଇଥିଲା ।

ତାଙ୍କର ଜୀବନ ଥିଲା ନିର୍ଭୀକ ଏବଂ ତାଙ୍କର ଆବଶ୍ୟକତା ଥିଲା ଅତି ଅଳ୍ପ । ବ୍ୟକ୍ତିଗତ ଖର୍ଚ୍ଚ ବାବଦରେ ସେ ଥିଲେ ମିତବ୍ୟୟୀ, ପ୍ରାୟତଃ କୃପଣ । ଯଦି ଆସକ୍ତି

ବୋଲି କହି ହୁଏ, ତେବେ ତାଙ୍କର ଆସକ୍ତି ଥିଲା ବଗିଚା କରିବା । ବାଙ୍ଗାଲୋରରେ ନିଜ ବଗିଚା ପାଇଁ ତଥା ତାହାଠାରୁ ଅଧିକ ରାଜମହେନ୍ଦ୍ରୀର ବଗିଚାପାଇଁ (ଏହାର ନାମକରଣ ସେ ନିଜ ପତ୍ନୀଙ୍କ ନାମାନୁସାରେ କରିଥିଲେ) ଧନ ବ୍ୟୟର ଚିନ୍ତା ନ କରି ଦୁଷ୍ପ୍ରାପ୍ୟ ଓ ବିଦେଶୀ ଗଛଗଛାଳିକୁ ଭାରତର ପ୍ରତିଟି ଅଞ୍ଚଳରୁ ମଗାଇଥିଲେ ଏବଂ ପିତା ସଦୃଶ ସ୍ନେହକରି ସେ ସବୁକୁ ଦେଖାଶୁଣା କରୁଥିଲେ । ନିଜର ବୃଦ୍ଧାବସ୍ଥାରେ ସେ ପ୍ରତିଦିନ ଉଦ୍ୟାନରେ ଅନେକ ସମୟ କଟାଉଥିଲେ । ସେ ଉଦ୍ୟାନର ଲହରାୟିତ ସୌନ୍ଦର୍ଯ୍ୟର ନୂଆର-ଜିନ୍ଥା, ସତେଜତା ଓ ସମ୍ପନ୍ନତାକୁ ଦେଖୁଥିଲେ ଏବଂ ଆନନ୍ଦିତ ହେଉଥିଲେ । ସମ୍ଭବତଃ ତାଙ୍କପାଇଁ ଉଦ୍ୟାନ ତାଙ୍କ ଆଦର୍ଶ ସମାଜର ପ୍ରତୀକ ଥିଲା; ତାହା ସର୍ବଦା ସୁଗନ୍ଧପୂର୍ଣ୍ଣ ଥିଲା ଓ ନୂତନ ଭାବରେ ନିଜକୁ ସଜାଉ ଥିଲା ।

ସେ ଜଣେ ଦକ୍ଷ ଓ ସଜ୍ଜିସ୍ଥ ସଂଗଠକ ଥିଲେ । ଜନସାଧାରଣଙ୍କ ଅର୍ଥ ସମ୍ବନ୍ଧରେ ସେ ଖୁବ୍ ସଚେତନ ଥିଲେ । ତାଙ୍କର ହସ୍ତଗତ ହେଉଥିବା ପ୍ରତିଟି ପଇସାର ସେ ହିସାବ ଦେଉଥିଲେ । ଅଳ୍ପ ଅର୍ଥରେ ଦୀର୍ଘକାଳ ଚଳାଇ ନେବାର ଦକ୍ଷତା ତାଙ୍କର ଥିଲା । ସେ ଖୁବ୍ ନିଷ୍ଠାବାନ ଓ ଅନୁଶାସନଯୁକ୍ତ ବ୍ୟକ୍ତି ଥିଲେ । ଆଳସ୍ୟ ଓ ଅବ୍ୟବସ୍ଥାକୁ ସେ ସହି ପାରୁ ନଥିଲେ । ଯାହା ଆଜି ହୋଇପାରିବ, ତାକୁ କାଲିପାଇଁ ପକାଇ ରଖିବା ଲାଗି ସେ କାହାରିକୁ ଅନୁମତି ଦେଉ ନଥିଲେ । ସଦାଚାର ଓ କାର୍ଯ୍ୟ କ୍ଷମତାକୁ ସେ ନିଜର ପରିମାପକ ନିର୍ଦ୍ଧାରଣ କରିଥିଲେ, ଏବଂ ସେ ଅପେକ୍ଷା ରଖୁଥିଲେ ଯେପରି ତାଙ୍କ ସହଯୋଗୀମାନେ ସେଇ ସ୍ତରରେ ପହଞ୍ଚି ଯାଆନ୍ତୁ । ଯେତେବେଳେ କୋଣ୍ଡା ଭେଙ୍କଟପପୟ୍ୟା ପୁନାରେ ଥିବା ଶ୍ରୀମତୀ ରମାବାଈ ରାଣାଡ଼େଙ୍କର ବିଧବାଗୃହ ଦେଖିବାପରେ ତାର ଭୂୟସୀ ପ୍ରଶଂସା କଲେ, ଶ୍ରୀମତୀ ରାଣାଡ଼େ ଏପରି ପ୍ରଶଂସାକୁ ନାପସନ୍ଦ କରି ସଂଗଠକ ହିସାବରେ ୱାରେଣଲିଙ୍ଗମ୍‌ଙ୍କର ପ୍ରଶଂସା କରିଥିଲେ ଓ କହିଥିଲେ—"ୱାରେଣଲିଙ୍ଗମ୍‌ଙ୍କ ଆନ୍ଧ୍ରରୁ ଆସି ଆମ ଏଠିକାର ସଂସ୍ଥାମାନଙ୍କର ପ୍ରଂଶସା କରିବା, ବାସ୍ତବରେ ବଡ଼ ବିଚିତ୍ର ମନେହୁଏ ।"

ୱାରେଣଲିଙ୍ଗମ୍‌ଙ୍କର ଧ୍ୟେୟ ଥିଲା କର୍ମ, ଧର୍ମ ନୁହେଁ । ତା'ମାନେ ଏ କଥା ନୁହେଁ ଯେ, ତାଙ୍କର କୌଣସି ଧର୍ମ ନ ଥିଲା । ତାଙ୍କର ଧର୍ମ ଥିଲା ଏବଂ ସେ ତାକୁ ବଡ଼ ନିଷ୍ଠା ଓ ଦୃଢ଼ତାର ସହିତ ପାଳନ କରୁଥିଲେ । ମାତ୍ର ତାଙ୍କର ସାରା ସାମର୍ଥ୍ୟ କର୍ମ ଉପରେ ନ୍ୟସ୍ତ ଥିଲା । ଧାର୍ମିକ ହୋଇଥିବା ହେତୁ ସେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । ନିଜ ସମୟର ଅନ୍ୟମାନଙ୍କ ତୁଳନାରେ ସେ ଅଧିକ ପ୍ରାର୍ଥନା-ଭବନ ନିର୍ମାଣ କରିଥିଲେ । ତଥାପି ସେ ଦୀର୍ଘ ପ୍ରାର୍ଥନାକୁ ସହ୍ୟ କରିପାରୁ ନ ଥିଲେ । କୁହାଯାଏ, ଯେତେବେଳେ ରାଜମହେନ୍ଦ୍ରୀରେ 'ପ୍ରାର୍ଥନା ସମାଜ'ରେ ପ୍ରାର୍ଥନା ଲମ୍ବା ହୋଇ ଯାଉଥିଲା, ସେତେବେଳେ ସେ ମଝିରେ 'ମଙ୍ଗଳମ୍' (ଦକ୍ଷିଣ ଭାରତର

ସଙ୍ଗୀତ ଗୋଷ୍ଠୀମାନଙ୍କର ଅନ୍ତିମ ସମାପନ ଗୀତ) ଗାଇ ଉଠୁଥିଲେ । ତାଙ୍କ ପାଇଁ ସବୁଠାରୁ ଭଲ ପ୍ରାର୍ଥନା ଥିଲା କାର୍ଯ୍ୟ—ଅଧିକ କାର୍ଯ୍ୟ, ଯାହା ନିଃସ୍ୱାର୍ଥପର ଭାବେ ଏବଂ ସଚ୍ଚୋଟତାର ସହିତ କରାଯାଇ ପାରିବ ।

ଜୀବନ ଓ ତା'ର ସମସ୍ୟାବଳୀ ପ୍ରତି ତାଙ୍କର ଦୃଷ୍ଟିକୋଣ ହିଁ ବୀରେଶ-ଲିଙ୍ଗମ୍‌ଙ୍କ ସାହିତ୍ୟିକ କାର୍ଯ୍ୟର ରୂପରେଖ ଓ ତାହାର ବିସ୍ତାରକୁ ନିର୍ଦ୍ଧାରଣ କରିଥିଲା । କେବଳ ଆତ୍ମ ପ୍ରକାଶନ ଓ କଳାତ୍ମକ ପରିତୋଷଣ ପାଇଁ ସେ ଲେଖୁ ନ ଥିଲେ, ବରଂ ତାଙ୍କ ଲେଖାବଳୀ ତାଙ୍କୁ ଅଧିକ ଭଲ ତଥା ଅଧିକ ବ୍ୟାପକ କ୍ରିୟାଶୀଳ ବ୍ୟକ୍ତି ହେବାରେ ସାହାଯ୍ୟ କରିଥିଲା । ଲେଖକ ଜୀବନର ପ୍ରାରମ୍ଭିକ ସମୟରେ, ଯାହା ଆଗରୁ କୁହାଯାଇଛି, ସେ ନିଜ ଜୀବନ-ଦର୍ଶନ ସ୍ଥିର କରି ନେଇ-ଥିଲେ । ଏହାର ଅର୍ଥ, ସେ ବିଗତ ଜୀବନଠାରୁ ଏକଦମ୍ ଅଲଗା ହୋଇଯିବାକୁ ଚାହୁଁଥିଲେ । ଯେପରିକି ସି. ଆର୍. ରେଡ୍‌ଡ଼ୀ ଲେଖିଛନ୍ତି —

> ସାହିତ୍ୟ କ୍ଷେତ୍ରରେ ସେ ପ୍ରଥମେ ପଣ୍ଡିତିଆ ଶୈଳୀରେ ଲେଖା ଆରମ୍ଭ କଲେ; ମାତ୍ର ପରେ ସେ ସ୍ପଷ୍ଟ ସରଳ ଗଦ୍ୟ, ସୌନ୍ଦର୍ଯ୍ୟ ଓ ତର୍କ ପରିପୂର୍ଣ୍ଣ, ସହଜ ବୁଦ୍ଧିଯୁକ୍ତ, ସବୁଠୁଁ ସୁନ୍ଦର ଏବଂ ସବୁଠୁଁ ସମ୍ଭାବ୍ୟ ଶୈଳୀକାର ଭାବେ ସାମ୍ନାରେ ଆସି ଉଭା ହେଲେ । ଶ୍ଳେଷ, ଚିତ୍ର-କବିତା ଓ ପ୍ରତ୍ୟେକ ପ୍ରକାରର ନିକୃଷ୍ଟ କୃତ୍ରିମତାରେ ଭରପୂର 'ପ୍ରବନ୍ଧ'ରୁ ଲେଖା ଆରମ୍ଭ କରି ତେଲୁଗୁ ଉପନ୍ୟାସ, ତେଲୁଗୁ ସାମାଜିକ ବ୍ୟଙ୍ଗ, ତେଲୁଗୁ ନାଟକ, ବିଶେଷ କରି ସାମାଜିକ ଢଙ୍ଗରେ ବିଜ୍ଞାନ ଓ ବୈଜ୍ଞାନିକ ଜୀବନୀ ତଥା ତେଲୁଗୁରେ ଆତ୍ମକଥା ଲେଖକ ରୂପରେ ସେ ଆବିର୍ଭୂତ ହୋଇ ପାରିଥିଲେ ।

ଏହା ସତ୍ୟ ଯେ, ବୀରେଶଲିଙ୍ଗମ୍‌ଙ୍କ ସାହିତ୍ୟ ବର୍ତ୍ତମାନ କେତେକ ପରିମାଣରେ ପୁରାତନ ହୋଇ ଗଲାଣି । ପ୍ରଥମ ପ୍ରକାଶନ ସମୟର ଏହାର ନୂତନତା ଆଉ ନାହିଁ । ଲେଖିବା ସମୟର ତତ୍‌କ୍ଷଣାତ୍ ଦାବୀ ଓ ତୀବ୍ରତାର ଛାପ ତାଙ୍କ ଲେଖାରେ ଦେଖିବାକୁ ମିଳେ । ସେ କେବେହେଲେ ନିଜ ଲେଖାକୁ ପରିମାର୍ଜନ କରି ପାରୁ ନ ଥିଲେ । ତାଙ୍କ ଲେଖାର ପ୍ରଥମ ରୂପ ହିଁ ଅନ୍ତିମ ରୂପ । ଶେଷ ଶବ୍ଦ ଲେଖି ସାରିବା ମାତ୍ରେ ସେ ସମ୍ପୂର୍ଣ୍ଣ ଲେଖାକୁ ତୁରନ୍ତ ଛାପାଖାନାକୁ ପଠାଇ ଦେଉଥିଲେ । ସେ ଲେଖାଲେଖି କରିବା ଘରର ଚଟାଣରେ ଗୋଟିଏ ଗ୍ରେଟ କଣା ଥିଲା ଯାହା ଭିତର ଦେଇ ଲେଖା ସରିବା ସାଙ୍ଗେ ସାଙ୍ଗେ ସେ ତଳ ମହଲରେ ଚାଲୁଥିବା ପ୍ରେସକୁ ଗଳେଇ ପକେଇ ଦେଉଥିଲେ । ଯେଉଁଠି ମୁହୂର୍ତ୍ତେ ବିଶ୍ରାମ ପାଇଁ ବେଳ ନାହିଁ, ପରିମାର୍ଜନ କରିବା ବା ଦ୍ୱିତୀୟ ଥର ଦେଖିବାର ସମ୍ଭାବନା ନାହିଁ, ସେଠି ଗୁଣର ଅସମାନତା ରହିବା ଅବଶ୍ୟମ୍ଭାବୀ । ବୀରେଶଲିଙ୍ଗମ୍ ନିଜେ ଏକଥା ଜାଣି ନ ଥିଲେ ତା ନୁହେଁ । ଲେଖକ ଭାବରେ ନିଜ ଭୂମିକା ସମ୍ବନ୍ଧରେ ଲେଖିବାକୁ ଯାଇ 'ଆତ୍ମ-

କଥା'ରେ ସେ ଉଲ୍ଲେଖ କରିଛନ୍ତି ଯେ, ଯଦି ସେ ନିଜ ଲେଖାମାନଙ୍କ ପ୍ରତି ଅଧିକ ସମୟ ଦେଇପାରି ଥାଆନ୍ତେ ଓ ସେଗୁଡ଼ିକ ପ୍ରତି ଅଧିକ ଧ୍ୟାନ ଦେଇ ଥାଆନ୍ତେ, ତେବେ ସେ ସମ୍ଭବତଃ ଆହୁରି ଭଲ ଲେଖା ଲେଖି ପାରିଥାଆନ୍ତେ । ତାଙ୍କ ମତରେ,

> ମୁଁ ଯେତେବେଳେ ଲେଖା ଆରମ୍ଭ କଲି, ସେତେବେଳେ ତେଲୁଗୁ ସାହିତ୍ୟର ବେଶି ବିଭାଗ ନ ଥିଲା । 'ବେଶି' କ'ଣ, ସେତେବେଳକୁ ଗଦ୍ୟର ଲେଖା ଆରମ୍ଭ ହୋଇ ନ ଥିଲା । ତେଣୁ ପ୍ରଥମକରି ସବୁ କଥା ତିଆରି କରିବାକୁ ହେଲା । ମୋ ସମୟର ଲେଖକମାନଙ୍କ ପାଇଁ ଏ ଠିକ୍ ପାହାଡ଼ ଚଢ଼ିବା ପରି କାମ ଥିଲା । ···ପ୍ରଥମ ପ୍ରୟାସ କେବେ ପରିପୂର୍ଣ୍ଣ ହୋଇ ନ ଥାଏ । ସ୍ୱାଭାବିକ ଭାବେ କେତେ ପ୍ରକାର ଦୋଷ ଠେଲିକରି ପଶିଆସେ । କେଉଁଠି ଭୁଲ କରିବିନି ବୋଲି ଭାବି ଭୟରେ ଆଗେଇଲେ କୌଣସି ନୂଆ ବାଟରେ ଅଗ୍ରସର ହୋଇ ପାରିବନି । ପ୍ରଗତି ବା କରିପାରିବା କେମିତି ? ମୋର ପ୍ରଥମ ପ୍ରୟାସ, ଯେତେ ଦୋଷଯୁକ୍ତ ଓ ଅସମ୍ପୂର୍ଣ୍ଣ ହେଉ ନା କାହିଁକି—ନୂତନ ଯୁଗର ଲେଖକମାନଙ୍କ ପାଇଁ ଭଲ ଲେଖା ଓ ଅଧିକ ଭଲ ପୁସ୍ତକ ପ୍ରସ୍ତୁତ କରିବା ପାଇଁ ସମ୍ଭବତଃ ପ୍ରେରଣା ଦେବ ।

ଆଜି ଯେଉଁମାନେ ନିଜକୁ ଅଗ୍ରଗାମୀ ଲେଖକ ଭାବି ଗର୍ବ କରୁଛନ୍ତି ତଥା ଉପର ଠାଉରିଆ ଓ ମୌଳିକତାହୀନ କହି ବୀରେଶଲିଙ୍ଗମ୍‌ଙ୍କୁ ଗୋଟାଏ ପଟକୁ ଘୁଞ୍ଚାଇ ଦେଉଛନ୍ତି, ସେମାନଙ୍କୁ ମନେ ରଖିବାକୁ ହେବ ଯେ, ଏହି ବ୍ୟକ୍ତି ପଥହୀନ ଜଙ୍ଗଲରେ ଅନେକ ନୂତନ ପଥ ଆବିଷ୍କାର କରି ମାର୍ଗ-ଦର୍ଶନ ପାଇଁ ମାର୍ଗଦର୍ଶୀ ଫଳକ ସେମାନଙ୍କ ଲାଗି ଲଗାଇ ଦେଇ ଯାଇଛନ୍ତି । ଲେଖକ ତଥା ସଂସ୍କାରକ ଭାବେ ସେ ଥିଲେ ପଥପ୍ରଦର୍ଶକ । ଡଃ ବି· ରାମକୃଷ୍ଣ ରାଓଙ୍କ ଭାଷାରେ--"ଶ୍ୱାସରୁଦ୍ଧ-କାରୀ ବିଷବୃକ୍ଷକୁ ଉତ୍ପାଟନ କରିବା, ଅନାବନା ଆବର୍ଜନାକୁ ଜଳାଇ ଦେବା, କାମୁଡ଼ା ପଶୁମାନଙ୍କୁ ଶିକାର କରିବା, ବିଷଧର ସର୍ପଙ୍କୁ ବିନାଶ କରିବା, ଅଲଂଘ୍ୟ ପର୍ବତକୁ ଭେଦିକରି ପଥ ନିର୍ମାଣ କରିବା, ଓ କଣ୍ଟାବୁଦାକୁ କାଟି ଦେବା ଆଦି ତାଙ୍କର ବିଶିଷ୍ଟ କାର୍ଯ୍ୟ ଥିଲା ଏବଂ ସର୍ବୋତ୍ତମ ସଫଳତା ଥିଲା ।"

ନିଜର ଅଧିକାଂଶ ଲେଖାରେ ଯେଉଁ କ୍ଷିପ୍ରତା ଓ ତୀବ୍ରତା, ଗତି ଓ ଉନ୍ମାଦନାର ଉଷ୍ଣତା କାମ କରିଥିଲା, ତାହା ବୋଧହୁଏ ସୃଜନଶୀଳ ଲେଖକ ବୀରେଶ-ଲିଙ୍ଗମ୍‌ଙ୍କର ଦୋଷ ହୋଇପାରେ; ମାତ୍ର ଆନ୍ଦୋଳନକାରୀ ବୀରେଶଲିଙ୍ଗମ୍‌ଙ୍କ ପାଇଁ ନିଶ୍ଚିତ ରୂପେ ସହାୟକ ଥିଲା । ଏହି ଦ୍ୱିତୀୟ କାର୍ଯ୍ୟ ପାଇଁ ବ୍ୟଗ୍ରତା, ସଦା ତତ୍ପରତା, ସଦା ସଜାଗତା, ଆହ୍ୱାନ ଓ ଦଣ୍ଡ ଦେବା ପରି କଲମଧାରୀ ବ୍ୟକ୍ତିର ଆବଶ୍ୟକତା ରହିଛି । ତା'ପାଇଁ ଭାବ ପ୍ରକାଶନର କୋମଳ ପରିଚର୍ଚ୍ଚାର ଆବଶ୍ୟକ ନାହିଁ କିମ୍ବା ଦରକାର ନାହିଁ ଭାବନାର କୋମଳତା । ସେ ଶାଣିତ ତରବାରୀ ଭଳି

କାଟି ଚାଲିବା ଦରକାର; ସେ କେବଳ ଆଘାତ କରିବା ପାଇଁ ଭୟଶୂନ୍ୟ ହେବା ଯଥେଷ୍ଟ ନୁହେଁ, ସେ ମଧ୍ୟ ଷଡ଼ାକ୍ତି କରିବା ଉଚିତ୍ । ଦରକାର ହେଲେ ଶତ୍ରୁ ମୁଣ୍ଡ-ଗୁଡ଼ିକୁ ଫଟାଇବା ପାଇଁ ଦୃଢ଼ ହାତୁଡ଼ି ହେବା ଦରକାର । ବୀରେଶଲିଙ୍ଗମ୍‌ଙ୍କ ଲେଖାମାନରେ ଏହି ସମସ୍ତ ଗୁଣ ଥିଲା । ସି. ଆର. ରେଡ଼୍ଡ଼ୀ ମତ ଦେଇଥିଲେ— "ବୀରେଶଲିଙ୍ଗମ୍‌ଙ୍କ ସମାଧି ଉପରେ ଗୋଟିଏ ତରବାରି ରଖିଲେ ବାସ୍ତବ ପ୍ରତୀକ ହେବ; ତା' ସହିତ ହାତୁଡ଼ି ମଧ୍ୟ ଯୋଡ଼ି ଦେବା ଉଚିତ୍ ।"

ବିଦ୍ୟାସାଗର, ରାନାଡ଼େ ଏବଂ ନିଜ ସମୟର ଅନ୍ୟ କେତେକ ସମାଜ ସଂସ୍କାରକଙ୍କ ଭଳି ବୀରେଶଲିଙ୍ଗମ୍ ରାଜନୈତିକ ଦୃଷ୍ଟିକୋଣ ନିମିତ୍ତ ମଧ୍ୟମ ପନ୍ଥାକୁ ଆଦର ନେଇଥିଲେ । ସେ ଦେଶଭକ୍ତ ଥିଲେ ଏବଂ ରାଜନୈତିକ ସ୍ୱାଧୀନତାର ଆଦର୍ଶକୁ ସଞ୍ଜୀବିତ କରିଥିଲେ । ମାତ୍ର ତାଙ୍କର ବିଶ୍ୱାସ ଜନ୍ମିଥିଲା ଯାହାହେଲେ ବି, ଇଂରେଜମାନଙ୍କ ସମ୍ପର୍କରେ ଆସିବାପରେହିଁ ଭାରତୀୟ ଜନତାର ଜୀବନ ଉପରେ ଉଦାର ପ୍ରଭାବ ପଡ଼ିଥିଲା । ସେ ସ୍ୱୀକାର କରୁଥିଲେ ଯେ, ଶ୍ୱାସରୁଦ୍ଧକାରୀ ଓ ପ୍ରଭାବହୀନ ସଭ୍ୟତା ତଥା ସଂସ୍କୃତିରେ ଏ ସ୍ୱତନ୍ତ୍ରତାର ପବନ ଯୁକ୍ତିସିଦ୍ଧ ବିଚାର-ଧାରା ଆଣି ପାରିଥିଲା । ସେ ନିଶ୍ଚିତ ଭାବେ କହି ପାରୁଥିଲେ— ଆମେ ରାଜନୈତିକ ସ୍ୱତନ୍ତ୍ରତାରୁ ପୂରା ଲାଭ ଉଠାଇବାକୁ ଯଦି ଚାହୁଁ, ତେବେ ତା' ପୂର୍ବରୁ ଧାର୍ମିକ, ସାମାଜିକ ଓ ଶିକ୍ଷାଗତ ସଂସ୍କାର ଆଣିବା ଦରକାର । ତାଙ୍କ ମତରେ, ଅଜ୍ଞାନ ଓ ଅନ୍ଧ ବିଶ୍ୱାସରେ ସିକ୍ତ ଜନତା ନିଜ ପାଇଁ ଓ ନିଜ ଦ୍ୱାରା ବିଜ୍ଞ ସରକାର ଚଳାଇ ପାରିବେ ନାହିଁ, କିମ୍ବା ବହୁମୁଖୀ ପ୍ରଗତି ଆଣି ପାରିବେ ନାହିଁ । ଏଠାରେ ତାଙ୍କ ସହକର୍ମୀଙ୍କୁ ଲେଖିଥିବା ପତ୍ରରୁ ତାଙ୍କ ରାଜନୈତିକ ବିଶ୍ୱାସ ସମ୍ବନ୍ଧରେ ଉଦାହରଣ ଦିଆ ଯାଇପାରେ—

> ତୁମେ ଭାବୁଚ, ମୁଁ ରାଜନୈତିକ କାର୍ଯ୍ୟର ବିରୋଧୀ । ଧାର୍ମିକ ଓ ସାମାଜିକ କ୍ଷେତ୍ର ଭଳି ରାଜନୈତିକ କ୍ଷେତ୍ରରେ ମଧ୍ୟ ମୁଁ ସ୍ୱାଧୀନତା ଚାହେଁ । ଯେ ପର୍ଯ୍ୟନ୍ତ ଆମେ ଆମର ଧାର୍ମିକ ଓ ସାମାଜିକ ପରିସ୍ଥିତିକୁ ସୁଧାରି ପାରି ନାହୁଁ, ସେ ଯାଏ ରାଜନୈତିକ ସ୍ୱାଧୀନତାର ଫଳର ସ୍ୱାଦ ଆମେ ଆସ୍ୱାଦନ କରି ପାରିବା ନାହିଁ । ସମାଜ-ସଂସ୍କାରକ ରୂପେ ଆମେ ଆମ ଦେଶର ବହୁ ସେବା କରିପାରିବା ।

ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ସେ ଜଣେ ପ୍ରାଥମିକ ସଦସ୍ୟ ଥିଲେ । ସରକାରୀ କଲେଜରେ କାମ କରୁଥିଲେ ମଧ୍ୟ ୧୮୮୭ ସାଲରେ ମାନ୍ଦ୍ରାଜରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ତୃତୀୟ ବାର୍ଷିକ ଅଧିବେଶନରେ ସେ ପ୍ରତିନିଧି ରୂପେ ଯୋଗ ଦେଇଥିଲେ । ପ୍ରଥମଥର ପାଇଁ ମାନ୍ଦ୍ରାଜରେ ଏହି ଅଧି-

ବେଶନ ଅନୁଷ୍ଠିତ ହେଉଥିଲା । ଏହାର ଦୁଇବର୍ଷ ପୂର୍ବରୁ ସେ ରାଜମହେନ୍ଦ୍ରୀ ଠାରେ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଏକ ବିଶେଷ ଭାଷଣ ପ୍ରଦାନ କରିଥିଲେ । ସେ ଏ ସମ୍ବନ୍ଧରେ ଯାହା କହିଥିଲେ, ସେଥିରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । ତେଣୁ ସେ ଏହାକୁ ତାଙ୍କ ସଙ୍କଳନରେ ସନ୍ନିବିଷ୍ଟ କରିଥିଲେ । କିନ୍ତୁ ଯାହାଙ୍କର ଆହ୍ୱାନ ଥିଲା—'ପ୍ରଥମେ ସ୍ୱାଧୀନତା, ଆଉ ସବୁ ପରେ'—ତାଙ୍କ ସହିତ ସେ ଏକମତ ହୋଇପାରି ନ ଥିଲେ । ସେ ମଧ୍ୟ 'ବନ୍ଦେ ମାତରମ୍' ଆନ୍ଦୋଳନକୁ ସ୍ୱାଗତ କରି ନ ଥିଲେ । ଏହା ବୀରେଶଲିଙ୍ଗମ୍‌ଙ୍କୁ ବହୁତ ଅପ୍ରିୟ କରି ପକାଇଥିଲା । ବିଶେଷ କରି 'ବନ୍ଦେ ମାତରମ୍' ଆନ୍ଦୋଳନର ବିପ୍ଳବୀ ସେନାନୀ ବିପିନଚନ୍ଦ୍ର ପାଲଙ୍କର ଆନ୍ଧ୍ର ଦେଶ ଯାତ୍ରା ଏବଂ ତାହାର ପରବର୍ତ୍ତୀ କାଳରେ ସେ ଅପ୍ରିୟ ହୋଇ ଉଠିଥିଲେ । ୧୯୦୭ରେ ପାଲ୍‌ଙ୍କର ରାଜମହେନ୍ଦ୍ରୀ ଯାତ୍ରାପରେ ତଥା ତାଙ୍କର ଅଗ୍ନିଗର୍ଭ ଭାଷଣ ଶୁଣିବା ପରେ କେତେକ ପଥଭ୍ରଷ୍ଟ ଯୁବକ ବୀରେଶଲିଙ୍ଗମ୍‌ଙ୍କୁ ପରିହାସ କରିଥିଲେ ଏବଂ ତାଙ୍କୁ 'ଭୀରୁ' ବୋଲି କହିଥିଲେ । ଏଥିରେ ତାଙ୍କ ମନରେ ଗଭୀର ଆଘାତ ଲାଗିଥିଲା । ସେ ଅନ୍ୟ ଯେ କୌଣସି ଗାଳି ଆଡ଼କୁ କାନ ଦେଇ ନ ଥାନ୍ତେ, କିନ୍ତୁ ଏ ଗାଳିକୁ ନୁହେଁ । ଯେଉଁ ଗୁଣଟିପାଇଁ ତାଙ୍କୁ ସବୁବେଳେ ପ୍ରଶଂସା ମିଳି ଆସିଥିଲା ତାହା ଥିଲା ନିର୍ଭୀକତା । 'ଭୀରୁ' କହି ତାଙ୍କୁ ଆଘାତ କରିବା ଫଳରେ ତାଙ୍କ ହୃଦୟର କ୍ଷତ ଅନେକ ବର୍ଷ ଯାଏ ରହିଲା । ତଥାପି ସେ ତାଙ୍କ ରାଜନୈତିକ ଧାରଣାକୁ ବଦଳାଇ ନ ଥିଲେ, କିମ୍ବା ଲୋକଙ୍କ ଇଚ୍ଛା ଅନୁଯାୟୀ ନାଚି ନ ଥିଲେ । ଦ୍ୱିଗୁଣ ଉତ୍ସାହରେ ସେ ନିଜର ନିର୍ବାଚିତ ଧ୍ୟେୟ ପଥରେ ଅଗ୍ରସର ହେଲେ । ନିଜ ପ୍ରତି ବିଶ୍ୱସ୍ତ ରହି, ଯାହାକୁ ନିଜ ଜୀବନର କାର୍ଯ୍ୟ ବୋଲି ମନେ କରୁଥିଲେ, ତାହାକୁ ମର୍ଯ୍ୟାଦା ଓ ସାହସର ସହିତ ସମ୍ପୂର୍ଣ୍ଣକରି ବୀରେଶଲିଙ୍ଗମ୍ ଯୁଗପ୍ରବର୍ତ୍ତକ ହୋଇଥିଲେ । ସି. ଆର୍. ରେଡ୍‌ଡ଼ୀ ଲେଖିଛନ୍ତି—

> ସବୁ କଥାକୁ ଏକାଠି କରି କୁହାଯାଇ ପାରେ, ବୀରେଶଲିଙ୍ଗମ୍ ଆଧୁନିକ କାଳର ଜଣେ ମହାନ୍ ଆନ୍ଧ୍ରବାସୀ । ଗୋଟିଏ ଯୁଗର ସକଳ ବିବର୍ତ୍ତନ ତାଙ୍କ ବ୍ୟକ୍ତିଗତ ଇତିହାସରେ ନିହିତ । ଅଧିକାଂଶ ଲୋକ, ଯେଉଁ ସମୟରେ ସେମାନେ ବଞ୍ଚିଥାଆନ୍ତି, ସେ ସମୟକୁ ଆଲୋକିତ କରି ପାରନ୍ତି ନାହିଁ । ସେମାନେ ଆଲୋକ ଦେଇ ପାରନ୍ତି ନାହିଁ, କିମ୍ବା ଆଲୋକ ଗ୍ରହଣ କରନ୍ତି ନାହିଁ । ନାୟକ ସେଇ ହୁଏ, ଯିଏ ନୂତନ ଭାବଧାରାକୁ ଗ୍ରହଣ କରେ ଏବଂ ନୂତନ ଆଲୋକ ପ୍ରଦାନ କରେ—ଯିଏ ପ୍ରଗତି ଓ ପରିବର୍ତ୍ତନର ଫଳପ୍ରଦ ସିଦ୍ଧାନ୍ତ ହୋଇଥାଏ—ଯାହା ବିନା ଜୀବନ ଗତିହୀନ ଓ ଦୁଃଖଦାୟକ ହୋଇଯାଏ । ବୀରେଶଲିଙ୍ଗମ୍ ନବଯୁଗକୁ ପ୍ରତିବିମ୍ବିତ କରିଥିଲେ, କାରଣ ସେ ତାହାର ସଫଳ

ନିର୍ମାତାଙ୍କ ମଧ୍ୟରୁ ଜଣେ ଥିଲେ । ସେ ସଫଳ ନିର୍ମାତା ହେବାର ଆଂଶିକ କାରଣ ହେଉଛି, ସେ ତାହାର କୋଳର ଏକ ପ୍ରାଣୀ ଥିଲେ । ପ୍ରକୃତରେ ସେଇ କେବଳ ନିର୍ମାଣ କରିପାରେ, ଯିଏ ସମକାଳୀନ ଭାବଧାରାକୁ ଆତ୍ମସ୍ଥ କରିପାରେ ।

ରେଡ୍‌ଡ଼ୀଙ୍କଠାରୁ ପାଦେ ଆଗକୁ ବଢ଼ିଯାଇ କହି ହେବ ଯେ, ବୀରେଶଲିଙ୍ଗମ୍ କେବଳ ଆନ୍ଧ୍ରର ଗୋଟିଏ ଯୁଗର 'ସଫଳ ନିର୍ମାତା' ନଥିଲେ, ସେ ଥିଲେ ଏହାର ଏକକ ସଫଳ ସ୍ଥପତି । ରବୀନ୍ଦ୍ରନାଥ ଠାକୁର ଯେପରି ରାଜା ରାମମୋହନ ରାୟଙ୍କୁ 'ଭାରତର ପ୍ରଥମ ଆଧୁନିକ ବ୍ୟକ୍ତି' ବୋଲି କହିଛନ୍ତି, ସେହିପରି କୁହାଯାଇ ପାରେ ଯେ ବୀରେଶଲିଙ୍ଗମ୍ ଦକ୍ଷିଣ ଭାରତର ପ୍ରଥମ ଆଧୁନିକ ବ୍ୟକ୍ତି । ସେ ଥିଲେ ତାଙ୍କ ଶତ୍ରୁମାନଙ୍କର ଆତଙ୍କ, ଅନେକ ଭୀଷଣ ସଂଘର୍ଷର ନାୟକ, ମୁକ୍ତ ବିଚାର ଓ ଓ ନିର୍ଭୀକ କାର୍ଯ୍ୟର କେନ୍ଦ୍ରବିନ୍ଦୁ, ପ୍ରଗତିର ଧ୍ୱଜାଧାରୀ, ମହାନ୍ ସାହିତ୍ୟିକ, ବିଶିଷ୍ଟ ଶିକ୍ଷାବିତ୍, ମହାନ୍ ସଂସ୍କାରକ, ଏବଂ ସର୍ବୋପରି ଥିଲେ ଜଣେ ମହା-ମାନବ ।

□□□

ବିଶେଷ ରଚନାବଳୀର ସୂଚୀ

ମାର୍କଣ୍ଡେୟ ଶତକମ୍ ଓ ଗୋପାଳ ଶତକମ୍—୧୮୬୮-୬୯
ରସିକ ଜନ ମନୋରଞ୍ଜନମ୍—୧୮୭୦-୭୧
ଶୁଦ୍ଧାନ୍ଧ୍ର ନିରୋଷ୍ଠ୍ୟ ନିର୍ବଚନ ନୈଷଧମୁ—୧୮୭୧
ଶୁଦ୍ଧ ଆନ୍ଧ୍ର ଉତ୍ତର ରାମାୟଣମୁ—୧୮୭୨
ନୀତି ଚନ୍ଦ୍ରିକା, ବିଗ୍ରହମୁ (ପଞ୍ଚତନ୍ତ୍ର)—୧୮୭୪
ନୀତି ଦୀପିକା, (ଶତକ ପଦ୍ୟର ସଂଗ୍ରହ)—୧୮୭୫
ଜନ୍ ଗିଲ୍‌ପିନ୍ (କୁପରଙ୍କ କବିତାର ଅନୁବାଦ)—୧୮୭୫
ସଂଗ୍ରହ ବ୍ୟାକରଣମୁ (ତେଲୁଗୁ ବ୍ୟାକରଣର ରୂପରେଖ)—୧୮୭୫
ଦି କମେଡ଼ି ଅଫ୍ ଏରର୍ସ (ସେକ୍ସପିଅରଙ୍କ ନାଟକର ଅର୍ଦ୍ଧାଂଶ, ପଦ୍ୟ ରୂପାନ୍ତର)—୧୮୭୫
ଅଭଗୋପାଖ୍ୟାନମୁ (ବ୍ୟଙ୍ଗ)—୧୮୭୬
ପଦାର୍ଥ ବିବେଚକ ଶାସ୍ତ୍ରମୁ (ରସାୟନ ଶାସ୍ତ୍ର, କେତେକ ପ୍ରଶ୍ନୋତ୍ତର)—୧୮୭୭-୭୮
ବ୍ରହ୍ମ ବିବାହମୁ (ସାମାଜିକ ନାଟକ)—୧୮୭୮
ନୀତି ଚନ୍ଦ୍ରିକା—ସନ୍ଧି (ପଞ୍ଚତନ୍ତ୍ରର ଅନୁବାଦ)—୧୮୭୮
ଶୁଦ୍ଧ ଆନ୍ଧ୍ର ଭାରତ ସଂଗ୍ରହମ୍—୧୮୭୯
ବ୍ୟବହାର ଧର୍ମ ବୋଧିନୀ (ସାମାଜିକ ନାଟକ)—୧୮୭୯
ରତ୍ନାବଳୀ (ହର୍ଷଙ୍କ ନାଟକର ଅନୁବାଦ)—୧୮୮୦
ବିବେକ ଦୀପିକା (ନାଟକ)—୧୮୮୦
ଭେନିସ୍ ବଣିକ ଚରିତମୁ ('ମର୍ଚ୍ଚେଣ୍ଟ ଅଫ୍ ଭେନିସ୍'ର ଅର୍ଦ୍ଧାଂଶ ଅନୁବାଦ)—୧୮୮୦
ରାଜଶେଖର ଚରିତ (ଉପନ୍ୟାସ)—୧୮୮୦
ଚମତ୍କାର ରତ୍ନାବଳୀ ('ଦି କମେଡ଼ି ଅଫ୍ ଏରର୍ସ'ର ଗଦ୍ୟ ରୂପାନ୍ତର)—୧୮୮୦
ସତ୍ୟବତୀ ଚରିତ (ନୀତିକଥା)—୧୮୮୩
ଶାକୁନ୍ତଳମୁ ('ଅଭିଜ୍ଞାନ ଶକୁନ୍ତଳମ୍'ର ଅନୁବାଦ)—୧୮୮୩
ସତ୍ୟ-ଦ୍ରୌପଦୀ ସମ୍ବାଦମୁ (ପଦ୍ୟରେ ବାର୍ତ୍ତାଳାପ)—୧୮୮୩

ଚନ୍ଦ୍ରମତୀ ଚରିତମ୍ (ନାରୀମାନଙ୍କ ପାଇଁ ଗଦ୍ୟ କଥା)—୧୮୮୪
ସ୍ତ୍ରୀ ନୀତି ଦୀପିକା (ବାଳିକା ସ୍କୁଲ ପାଇଁ ଶହେ ପଦ୍ୟ ସଂକଳନ)—୧୮୮
ପ୍ରହ୍ଲାଦ ନାଟକମ୍ (ପୌରାଣିକ ନାଟକ)—୧୮୮୫
ପ୍ରବୋଧ ଚନ୍ଦ୍ରୋଦୟମ୍ (କୃଷ୍ଣ ମିଶ୍ରଙ୍କ ନାଟକର ଅନୁବାଦ)—୧୮୮୫
ମାଳବିକାଗ୍ନିମିତ୍ରମ୍ (କାଳିଦାସଙ୍କ ନାଟକର ଅନୁବାଦ)—୧୮୮୫
ଦକ୍ଷିଣ ଗୋଗ୍ରହଣମ୍ (ପୌରାଣିକ ନାଟକ)—୧୮୮୫
ରାଗ ମଞ୍ଜରୀ (ଶେରଡନ୍‌ଙ୍କ 'ଡୁଏନ୍ନା'ର ଅନୁବାଦ)—୧୮୮୫
ସତ୍ୟ ହରିଶ୍ଚନ୍ଦ୍ର ନାଟକମ୍ (ପୌରାଣିକ ନାଟକ)—୧୮୮୬
ଦମ୍ଭାଚାର୍ଯ୍ୟ ବିଳାସନମ୍ (ବ୍ୟଙ୍ଗ)—୧୮୮୬
ଅପୂର୍ବ ବ୍ରହ୍ମାଚାର୍ଯ୍ୟ ପ୍ରହସନମ୍ (ପ୍ରହସନ)—୧୮୮୬
ତର୍କ ସଂଗ୍ରହମ୍ (ତର୍କଶାସ୍ତ୍ରର ରୂପରେଖ)—୧୮୮୬
ଆନ୍ଧ୍ର କବୁଲ ଚରିତ (ତେଲୁଗୁ କବିମାନଙ୍କ ଜୀବନୀ)—୧୮୮୭
ସତ୍ୟ ସଂଜୀବନୀ (ନୀତି କଥା)—୧୮୮୭
ଶରୀର ଶାସ୍ତ୍ର ସଂଗ୍ରହମ୍ (ଶରୀରଶାସ୍ତ୍ର ରୂପରେଖ)—୧୮୮୭
ହାସ୍ୟ ସଞ୍ଜୀବନୀ , ୧ ଭାଗ (୧୯ଟି ପ୍ରହସନର ସଂଗ୍ରହ)—୧୮୮୮
ଦେହ ଆରୋଗ୍ୟ ଧର୍ମ ବୋଧିନୀ (ସ୍ୱାସ୍ଥ୍ୟ ଗାଇଡ୍)—୧୮୮୯
ସତୀ ହିତବୋଧିନୀ (ନାରୀଙ୍କ ପାଇଁ ଉପଦେଶ)—୧୮୮୯
ତିର୍ଯ୍ୟଗ-ବିଦ୍ୱାନ୍-ମହାସଭା—୧୮୮୯
ମହା ଅରଣ୍ୟପୁର-ଅଧିପତ୍ୟମ୍ (ବ୍ୟଙ୍ଗ)—୧୮୮୯
ହାସ୍ୟ ସଞ୍ଜିବନୀ, ୨ୟ ଭାଗ (୧୭ଟି ପ୍ରହସନର ସଂଗ୍ରହ)—୧୮୯୧
ସତ୍ୟରାଜ ପୂର୍ବଦେଶ ଯାତ୍ରଲୁ, ୧ମ ଭାଗ (ବ୍ୟଙ୍ଗ)—୧୮୯୧
ଅଳଙ୍କାର ସଂଗ୍ରହମ୍ (ଛନ୍ଦଶାସ୍ତ୍ରର ରୂପରେଖ)—୧୮୯୨
ପଥିକ ବିଳାସମ୍ (ଗୋଲଡ୍‌ସ୍ମିଥଙ୍କ 'ଦ ଟ୍ରାଭଲର୍'ର ଅନୁବାଦ)—୧୮୯୨
ସତ୍ୟରାଜ ପୂର୍ବ ଦେଶ ଯାତ୍ରଲୁ, ୨ୟ ଭାଗ (ବ୍ୟଙ୍ଗ)—୧୮୯୩-୯୪
ନୀତିକଥା ମଞ୍ଜରୀ (ଈଶପଙ୍କ କାହାଣୀମାଳା)—୧୮୯୩-୯୪
କଲ୍ୟାଣ କଳ୍ପବଲ୍ଲୀ (ଶେରଡ଼ନ୍‌ଙ୍କ 'ଦ ରାଇଭାଲସ୍'ର ଅନୁବାଦ)—୧୮୯୪
ଜ୍ୟୋତିଷ ଶାସ୍ତ୍ର ସଂଗ୍ରହମ୍ (ଜ୍ୟୋତିଷ ଶାସ୍ତ୍ରର ରୂପରେଖ)—୧୮୯୫
ସରସ୍ୱତୀ-ନାରଦ-ବିଳାପମ୍ (ପଦ୍ୟରେ ବାର୍ତ୍ତାଳାପ)—୧୮୯୫
ପତ୍ନୀ ହିତ ସୂଚନୀ (ପତ୍ନୀଙ୍କ ପାଇଁ ଗାଇଡ୍) – ୧୮୯୬
ଲକ୍ଷ୍ମୀ ଶନୈଶ୍ଚର ବିଳାସମ୍—୧୮୯୬
ଜନ୍ତୁ ସ୍ୱଭାବ ଚରିତମ୍ (ପଶୁଙ୍କର ଆଚରଣ)—୧୮୯୬
ରାଜା ରାମମୋହନ ରାୟ ଚରିତ—୧୮୯୬

ହାସ୍ୟ ସଞ୍ଜୀବନୀ, ୩ୟ ଭାଗ (ପ୍ରହସନ)—୧୮୯୭
ସ୍ତ୍ରୀ ପୁନର୍ବିବାହ ପ୍ରହସନମୁ (ଅସମ୍ପୂର୍ଣ୍ଣ ହାସ୍ୟ-ନାଟକ) ୧୯୦୦-୦୧
ସାବତ୍ରୀ ସତ୍ୟବତୀ ସମ୍ଭବନମୁ—୧୯୦୪
ସ୍ୱୀୟ ଚରିତ୍ରମୁ (ଆତ୍ମକଥା)—୧୯୧୧
ଯୀଶସ ଚରିତ୍ର (ଯୀଶୁ ଖ୍ରୀଷ୍ଟଙ୍କ ଜୀବନୀ)—୧୯୧୩
ନବ୍ୟାନ୍ଧ୍ର ବ୍ୟାକରଣମୁ (ନୂତନ ତେଲୁଗୁ ବ୍ୟାକରଣ, ଅସମ୍ପୂର୍ଣ୍ଣ)—୧୯୧୯

ଲମ୍ବଙ୍କର 'ଟେଲ୍ସ ଫ୍ରମ୍ ସେକ୍ସପିଅର'ର ତେଲୁଗୁ ରୂପାନ୍ତର ମଧ୍ୟ ବୀରେଶଲିଙ୍ଗମ୍ କରିଛନ୍ତି । ହାଇଦରାବାଦ, ମହୀଶୂର, ତ୍ରିବାଙ୍କୋର, ବରୋଦା, ଗୋଆଲିଅର ଓ କାଶ୍ମୀର ଭଳି ପ୍ରମୁଖ ଭାରତୀୟ ରାଜ୍ୟ ସମ୍ବନ୍ଧରେ ସେ ସଂକ୍ଷିପ୍ତ ଇତିହାସ ମଧ୍ୟ ଲେଖିଛନ୍ତି । ସାମ୍ରାଜ୍ଞୀ ଭିକ୍ଟୋରିଆ ତଥା ମହାରାଣୀ ଆଲେକ୍‌ଜାଣ୍ଡ୍ରାଙ୍କ ଲଘୁ ଜୀବନୀ ସେ ପ୍ରକାଶ କରିଛନ୍ତି । ତା'ଛଡ଼ା ଅନ୍ୟ ପ୍ରସିଦ୍ଧ ମହିଳାଙ୍କ ଜୀବନ-ଚରିତ୍ର ବି ଲେଖିଛନ୍ତି । ପରେ ଏ ସବୁକୁ ତାଙ୍କ ସଂକଳିତ ସଂସ୍କରଣରେ ନିଆଯାଇଛି । ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ଉପରେ ଲିଖିତ ଭାଷଣ, ଓ ସାମାଜିକ ସମସ୍ୟା ଉପରେ ଲେଖା ଯାଇଥିବା ତାଙ୍କ ନିବନ୍ଧାବଳୀ, ଯାହା ମୂଳତଃ ବିବେକ-ବର୍ଦ୍ଧିନୀ ତଥା ତାଙ୍କର ଅନ୍ୟ ପତ୍ରିକାମାନଙ୍କରେ ମୁଦ୍ରିତ ହୋଇଥିଲା, ଏହି ସଂସ୍କରଣରେ ତାହା ଦେଖିବାକୁ ମିଳେ ।

●

117825
21/12/84
SHIMLA

ଭିରେଶଲିଙ୍ଗମ ଥିଲେ ଆଧୁନିକ ଆନ୍ଧ୍ର ପ୍ରଦେଶର ଜନକ, ସାହିତ୍ୟ ଜଗତରେ ପଥିକୃତ୍, ସମାଜ ସଂସ୍କାର ଓ ପ୍ରଗତିର ବାର୍ତ୍ତାବହ । ସର୍ବୋପରି ସେ ଥିଲେ ଜଣେ ବରିଷ୍ଠ ଜନନାୟକ । ରୁଗ୍ଣ ସ୍ୱାସ୍ଥ୍ୟ ସତ୍ତ୍ୱେ ପ୍ରବଳ ଆତ୍ମଶକ୍ତି ଯୋଗୁଁହିଁ ସେ ଜୀବନ ସଂଗ୍ରାମରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ଭିରେଶଲିଙ୍ଗମଙ୍କ ଭଳି ଜଣେ କୃତୀ ସନ୍ତାନଙ୍କର ଯଶ ଦେଶ ଓ ବିଦେଶରେ ପ୍ରଚାରିତ ହେବା ଉଚିତ । ସୁନାମଧନ୍ୟ ଲେଖକ ଓ ସାମ୍ବାଦିକ ଶ୍ରୀ ଭି. ଆର ନାରଲା ଏକ ଶ୍ରମସାଧ୍ୟ ଓ ଗବେଷଣା ପ୍ରସୂତ ଜୀବନୀ ଗ୍ରନ୍ଥ ପାଠକମାନଙ୍କ ହାତରେ ଦେଇ ଏହି ଅଭାବ ପୂରଣ କରିଛନ୍ତି । ଏଥିରେ ଲେଖକ ଭିରେଶ ଲିଙ୍ଗମଙ୍କୁ ଆଧୁନିକ ଭାରତୀୟ ସାହିତ୍ୟ ଓ ସାମ୍ବାଦିକତାର ନିର୍ମାତା ଭାବରେ ମୁଖ୍ୟତଃ ପ୍ରତିପାଦନ କରିଥିଲେହେଁ ତାଙ୍କ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିବାକୁ କୁଣ୍ଠିତ ହୋଇ ନାହାନ୍ତି । ଅଧିକନ୍ତୁ ଭାରତର ଏହି ଅସାଧାରଣ ଓ ମହାନ୍ ପୁରୁଷଙ୍କୁ କେନ୍ଦ୍ର କରି ସମସାମୟିକ ବିଭିନ୍ନ ଘଟଣାର ନିଖୁଣ ଚିତ୍ର ସେ ପ୍ରଦାନ କରିଛନ୍ତି ।

ଏତଦ୍ ବ୍ୟତୀତ ଶ୍ରୀ ନାରଲାଙ୍କର ଏହି ଗ୍ରନ୍ଥରେ ସଂଯୋଜିତ ପରିଭାଷା ତାଲିକା ଓ ଟୀକାରୁ ଦେଶର ଗୁଣୀମାନେ ବହୁ ଉପାଦେୟ ତଥ୍ୟ ପାଇ ପାରିବେ ।

ପ୍ରଚ୍ଛଦ : ସତ୍ୟଜିତ୍ ରାୟ

SAHITYA AKADEMI
REVISED PRICE Rs. 15.00

Library IIAS, Shimla
OR 891.482 4 V 519 N
00117825